ବିଶେଷାଙ୍କ

ISSN-0971-8397

# ଯୋଜନା

ଜାନୁୟାରୀ ୨୦୧୬ | ବିକାଶମୂଳକ ମାସିକ ପତ୍ରିକା | ₹ ୨୦

## ଶିକ୍ଷା : ସଫଳତାର ଚାବିକାଠି

ଭାରତୀୟ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ରୂପାନ୍ତରଣ : ନୀତି ଉପରେ ଅଗ୍ରାଧିକାର
ଆର୍. ଗୋବିନ୍ଦ

ଶିକ୍ଷା ପାଇଁ ଅର୍ଥ ବ୍ୟବସ୍ଥା
ଜେ.ବି.ଜି. ତିଲକ

ଶିକ୍ଷାରେ ପ୍ରଯୁକ୍ତି ବିଦ୍ୟା : ଅଧୀର ପିଢ଼ୀ ପାଇଁ ଏକ ଆଶା
ରାଜାରାମ ଶର୍ମା

ବାଳିକା ଓ ନାରୀ ଶିକ୍ଷା : କେତୋଟି ପ୍ରସଙ୍ଗ
ବିମଳା ରାମଚନ୍ଦ୍ରମ

ଫୋକସ୍
ଏକ ମୂଲ୍ୟବୋଧ ଭିତ୍ତିକ ସମାଜ ଆଡ଼କୁ : ଏକାଠି ରହିବାର ଶିକ୍ଷା
ଜେ.ଏସ୍.ରାଜପୁତ

ବିଶେଷ ପ୍ରବନ୍ଧ
ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ ପାଇଁ ପନ୍ଥା ନିର୍ଦ୍ଧାରଣ
ଅନୁପ୍ରିୟା ଚଢ଼ା



# ଗ୍ୟାନ (Gian):-ଶିକ୍ଷା ବିସ୍ତାର ପାଇଁ ବୈଶ୍ୱିକ ପ୍ରୟାସ

କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ତରଫରୁ ନିକଟ ଅତୀତରେ Gian ନାମକ କାର୍ଯ୍ୟକ୍ରମ, ଆରମ୍ଭ କରାଯାଇଛି। ଦେଶରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱସ୍ତରରେ ସ୍ୱିକୃତିପ୍ରାପ୍ତ ଅନ୍ୟାନ୍ୟ ଦେଶର ଉଚ୍ଚଶିକ୍ଷା ସଂସ୍ଥାଗୁଡ଼ିକ ମଧ୍ୟରେ ପରସ୍ପର ସମ୍ପର୍କ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଅଧୀନରେ, ବିଦେଶର ବିକଶିତ ଶିକ୍ଷାନୁଷ୍ଠାନର ଶିକ୍ଷାବିତ୍‌ମାନେ ଭାରତ ଆସି, ଏଠାକାର ଉଚ୍ଚଶିକ୍ଷାନୁଷ୍ଠାନ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ସହିତ ଭାବ ବିନିମୟ କରିବେ। ଆସନ୍ତାବର୍ଷରୁ ଏହି ଶିକ୍ଷାନୁଷ୍ଠାନର ଗୁଡ଼ିକ ଦ୍ୱାରା ସହଭାଗୀ ଭିତ୍ତିରେ ବିଶେଷ ପାଠ୍ୟକ୍ରମ ପ୍ରଦାନ ପାଇଁ ମଧ୍ୟ ଯୋଜନା ରହିଛି।

ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାର ୪୬ଜଣ, ଇଂଲଣ୍ଡର ୯ଜଣ, ଜର୍ମାନୀ ଓ ଅଷ୍ଟ୍ରେଲିଆର ୬ଜଣ ଲେଖାଏଁ ଏବଂ ଇସ୍ରାଏଲର ଦୁଇଜଣ ଶିକ୍ଷାବିତ୍‌ଙ୍କ ସମେତ ମୋଟ୍ ୩୮ଟି ଦେଶର ଶିକ୍ଷାବିତ୍‌ମାନେ ଦେଶର ୬୮ଟି ଜାତୀୟ ଶିକ୍ଷାନୁଷ୍ଠାନରେ ୧୩ଟି ବିଷୟରେ ୩୫୨ଟି ପାଠ୍ୟକ୍ରମ ଉପରେ ବକ୍ତୃତା ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଅଂଶଗ୍ରହଣ କରୁଥିବା ଅନ୍ୟାନ୍ୟ ଦେଶଗୁଡ଼ିକ ହେଉଛି ରୁଷିଆ, ଜାପାନ୍, ସିଙ୍ଗାପୁର, ସ୍ୱିଡେନ, ସ୍ୱିଜରଲାଣ୍ଡ, ପର୍ତ୍ତୁଗାଲ୍, ନେଦରଲ୍ୟାଣ୍ଡ, ମାଲେସିଆ ଏବଂ ଦକ୍ଷିଣକୋରିଆ।

ଏହି ପାଠ୍ୟକ୍ରମ ଗୁଡ଼ିକର ସମୟାବଧି ୧ରୁ ୩ ସପ୍ତାହ ପର୍ଯ୍ୟନ୍ତ ରହିଛି। ଏହି ପାଠ୍ୟକ୍ରମଗୁଡ଼ିକୁ ୱେବକାଷ୍ଟ କରାଯିବା ସହିତ, ଆୟୋଜକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଏହି ପାଠ୍ୟକ୍ରମରେ ନିଃଶୁଳ୍କ ଭାଗ ନେଇ ପାରିବେ। ଅନ୍ୟମାନଙ୍କ ପାଇଁ ନାମକୁ ମାତ୍ର ଶୁଳ୍କ ନିର୍ଦ୍ଧାରିତ ହୋଇଛି। ସିଧାସଳଖ ୱେବ କାଷ୍ଟିଂ ଦ୍ୱାରା, ଦେଶର ବିଭିନ୍ନ ପ୍ରାନ୍ତରର ବିଦ୍ୟାର୍ଥୀମାନେ ବିଶେଷଭାବେ ଉପକୃତ ହୋଇପାରିବେ। ଏହାକୁ ସଂପୃକ୍ତ ଶିକ୍ଷାନୁଷ୍ଠାନର ୱେବସାଇଟ୍‌ରେ ମଧ୍ୟ ସ୍ଥାନୀତ କରାଯିବ।

ଏଭଳି ବକ୍ତୃତାଗୁଡ଼ିକୁ ପରବର୍ତ୍ତୀ ପର୍ଯ୍ୟାୟରେ, SWAYAM, MOOC, (Massive Open Online Courses) ଏବଂ ଜାତୀୟ ଡିଜିଟାଲ ଲାଇବ୍ରେରୀ ମାଧ୍ୟମରେ ଉପଲବ୍ଧ କରାଯିବ। ଏହିଭଳି ପାଠ୍ୟକ୍ରମ ଗୁଡ଼ିକରେ ଭାଗନେବାପାଇଁ, IIT ଖଡ଼ଗପୁର ଦ୍ୱାରା ଛାତ୍ର/ଛାତ୍ରୀଙ୍କ ପଞ୍ଜିକରଣ ସକାଶେ gian.iitkgp.ac.in ନାମରେ ଏକ ୱେବସାଇଟ୍ ପୋର୍ଟାଲ ବିକଶିତ କରାଯାଇଛି।

# ଯୋଜନା

ତ୍ରୟୋବିଂଶ ବର୍ଷ : ଚତୁର୍ଥ ସଂଖ୍ୟା : ଜାନୁୟାରୀ ୨୦୧୬


## ଏ ସଂଖ୍ୟାରେ...


| ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|
| ସମ୍ପାଦକୀୟ | | ୪ |
| ଭାରତୀୟ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ରୂପାନ୍ତରଣ: | | |
| ନୀତି ଉପରେ ଅଗ୍ରାଧିକାର | ଆର. ଗୋବିନ୍ଦ | ୫ |
| ଶିକ୍ଷା ପାଇଁ ଅର୍ଥ ବ୍ୟବସ୍ଥା | ଜେ. ବି.ଜି. ତିଲକ | ୧୧ |
| ଶିକ୍ଷାରେ ପ୍ରଯୁକ୍ତିବିଦ୍ୟା : ଅଧିର ପୀଢ଼ି ପାଇଁ ଏକ ଆଶା | ରାଜାରାମ ଏସ୍. ଶର୍ମା | ୧୪ |
| ବାଳିକା ଓ ନାରୀ ଶିକ୍ଷା : କେତୋଟି ପ୍ରସଙ୍ଗ | ବିମଳା ରାମଚନ୍ଦ୍ରନ | ୧୭ |
| ଏକ ମୂଲ୍ୟବୋଧଭିତ୍ତିକ ସମାଜ ଆଡ଼କୁ : | | |
| ଏକାଠି ରହିବାର ଶିକ୍ଷା | ଜେ.ଏସ୍.ରାଜପୁତ | ୨୧ |
| ଶୈକ୍ଷିକ ଅନ୍ତର୍ଭୁକ୍ତିକରଣପାଇଁ ପନ୍ଥା ନିର୍ଦ୍ଧାରଣ | ଡା. ଅନୁପ୍ରିୟା ଚଧା | ୨୬ |
| ଭାରତରେ ବୃତ୍ତିଗତ ଶିକ୍ଷା | ଅମିତ କୌଶିକ ଓ ରାଧିକା ରଏ | ୩୦ |
| ଗୁଣାତ୍ମକ ଶିକ୍ଷା ପାଇଁ ଏକ ଆଭିମୁଖ୍ୟ | କିରଣ ଭଟ୍ଟୀ | ୩୩ |
| ପ୍ରାଚୀନ ଭାରତରେ ଶିକ୍ଷା ବ୍ୟବସ୍ଥା | ଦିଲ୍ଲିପ କେ. ଚକ୍ରବର୍ତ୍ତୀ | ୩୬ |
| ଅବହେଳିତଙ୍କ ପାଇଁ ଶିକ୍ଷା, ସମସ୍ୟା ଓ ସମ୍ଭାବନା | ଏସ୍. ଶ୍ରୀନିବାସ ରାଓ | ୩୯ |
| ଏକ ଭଲ ମୂଲ୍ୟାୟନ ବ୍ୟାବସ୍ଥାର ଆବଶ୍ୟକତା | ପ୍ରଫେସର ଅବତାର ସିଂ | ୪୨ |
| ପରୀକ୍ଷା ସଂସ୍କାର ପାଇଁ | | |
| ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦର ପ୍ରୟାସ | ପ୍ରଫେସର(ଡଃ)ଦକ୍ଷପ୍ରସାଦନନ୍ଦ | ୪୭ |
| କୈଶୋରାବସ୍ଥାରେ ଶିକ୍ଷା : ଏକ ମନସ୍ତାତ୍ତ୍ୱିକ ଆହ୍ୱାନ | ଡ଼. ଜିତେନ୍ଦ୍ର ନାଗପାଲ | ୫୦ |
| ଓଡ଼ିଶାରେ ଦୂରନ୍ତ ଶିକ୍ଷାବ୍ୟବସ୍ଥା ଓ ତାର ରୂପାୟନ | ଦାମୋଦର ପ୍ରଧାନୀ | ୫୩ |
| ଓଡ଼ିଶାରେ ତଫସିଲଭୁକ୍ତ ଜାତି ଓ ଜନଜାତିଙ୍କ | | |
| ଶିକ୍ଷା ସମସ୍ୟା- ଏକ ବିହଙ୍ଗାବଲୋକନ | ଡଃ ପଦ୍ମଚରଣ ଧଳ | ୫୭ |
| ଜାତୀୟ ସାକ୍ଷରତା ଅଭିଯାନ; | | |
| ସାମଗ୍ରିକ ବିକାଶର ଏକ ବଳିଷ୍ଠ ମାଧ୍ୟମ | ଡଃ. ପରୀକ୍ଷିତ ସାହୁ | ୬୦ |
| ପାଠ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ | | |
| ଜୀବନ-କଳାକୌଶଳ ବିକାଶ | ପ୍ରଫେସର ଅମୂଲ୍ୟ କୁମାର ପଣ୍ଡା | ୬୩ |
| ସହଜ : ଓଡ଼ିଶାରେ ପ୍ରାଥମିକ ଶିକ୍ଷାର | | |
| ଗୁଣାତ୍ମକ ବିକାଶ ପାଇଁ ଏକ ପ୍ରୟାସ | ଡଃ ନନ୍ଦିତା ମଞ୍ଜରୀ ରଥ | ୬୭ |
| ନାରୀଶିକ୍ଷା : ଦେଶ ଗଢ଼ିବାର ଅବ୍ୟର୍ଥ ଅସ୍ତ୍ର | ବାସୁଦେବ ସାହୁ | ୭୧ |
| ଆପଣ ଜାଣିଛନ୍ତି କି ? | | ୭୪ |



| | |
|---|---|
| ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ | : ଦୀପିକା କଛଲ |
| ସଂପାଦକ ଓ ସହ ନିର୍ଦ୍ଦେଶକ | : ଡକ୍ଟର ଗିରୀଶ ଚନ୍ଦ୍ର ଦାଶ |
| ସଂପାଦକ (ସମନ୍ୱୟ) | : ଜୟ ସିଂହ |

| | |
|---|---|
| ଯୁଗ୍ମ ନିର୍ଦ୍ଦେଶକ (ଉତ୍ପାଦନ) | : ଭି. କେ. ମିନା |
| ବ୍ୟବସାୟ ପରିଚାଳନା | : ସୂର୍ଯ୍ୟକାନ୍ତ ଶର୍ମା |
| ପ୍ରଚ୍ଛଦପଟ ଶିଳ୍ପୀ | : ଜି. ପି. ଧୋପେ |


'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।


ସମ୍ପାଦକୀୟ କାର୍ଯ୍ୟାଳୟ :

Editor
YOJANA (ODIA)
East Block 4, Level 7, R.K. Puram,
New Delhi -110066
Phone : 9437073438
Website :
www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@yahoo.co.in
Ph. : 011-26100207



ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । ଏହା ଜରୁରୀ ନୁହେଁ ଯେ ଲେଖକ ଭାରତ ସରକାରଙ୍କ ସେହି ମନ୍ତ୍ରଣାଳୟ, ବିଭାଗ ତଥା ସଙ୍ଗଠନଗୁଡ଼ିକ ସହ ସମ୍ବନ୍ଧ ବା ତାଙ୍କର ବି ଏହି ଦୃଷ୍ଟିକୋଣ ରହିଛି । ପତ୍ରିକାରେ ପ୍ରକାଶିତ ବିଜ୍ଞାପନଗୁଡ଼ିକର ବିଷୟବସ୍ତୁ ପାଇଁ ଯୋଜନା ଉତ୍ତରଦାୟୀ ନୁହେଁ ।

ସମ୍ପାଦକୀୟ

# ପରିବର୍ତ୍ତନ ପାଇଁ ଶିକ୍ଷା

"ବିଶ୍ୱର ପରିବର୍ତ୍ତନ ପାଇଁ ସର୍ବାପେକ୍ଷା ଶକ୍ତିଶାଳୀ ଅସ୍ତ୍ର ହେଉଛି ଶିକ୍ଷା:- ନେଲ୍‌ସନ୍ ମଣ୍ଡେଲା"। ଏହି ଆପ୍ତବାକ୍ୟ ଦ୍ୱାରା ଶିକ୍ଷାର ଚରମ ମହତ୍ତ୍ୱ ପ୍ରତିପାଦିତ ହୁଏ, ବିଶେଷଭାବେ, ଆମ ଭଳି ଏକ ଦେଶ ପରିପ୍ରେକ୍ଷୀରେ । ଭାରତ ଭଳି ଏକ ଯୁବ-ଗଣତନ୍ତ୍ରରେ, ଶିକ୍ଷାର ଉତ୍ତରୋତ୍ତର ବୃଦ୍ଧି ହୋଇଛି। ଆମ ଦେଶର ପ୍ରତିଷ୍ଠାତାମାନଙ୍କ ଦୂରଦୃଷ୍ଟି ଯୋଗୁଁ ଶୈକ୍ଷିକ କ୍ଷେତ୍ରରେ ଆମେ ସଫଳତାର ସ୍ୱାଦ ଚାଖିବାରେ ସମର୍ଥ ହେଉଛୁ । ଇତିହାସ ଦୃଷ୍ଟିକୋଣରୁ, ଭାରତରେ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଆସିଛି । ପ୍ରାଚୀନ ଭାରତରେ ଜ୍ଞାନ ଆହରଣ ପାଇଁ ପୂଜକ ଗୋଷ୍ଠୀ ଶିକ୍ଷାକୁ ଗୁରୁତ୍ୱ ଦେଇଥିବାବେଳେ, ରାଜନିତୀ ଓ ଯୁଦ୍ଧ ବିଷୟରେ କ୍ଷତ୍ରୀୟ ଓ ବ୍ୟବସାୟ ବିଷୟରେ ବୈଶ୍ୟମାନେ ଶିକ୍ଷାକୁ ପ୍ରାଧାନ୍ୟ ଦେଇଥିଲେ । ଭାରତରେ ପ୍ରାଚୀନ ଶିକ୍ଷା ବ୍ୟବସ୍ଥା ଆନ୍ତର୍ଜାତିକ ପ୍ରସିଦ୍ଧିଲାଭ କରିଥିଲା । ଉଦାହରଣ ସ୍ୱରୂପ ସମସ୍ତ ପ୍ରକାର ବିଦ୍ୟାରେ 'ନାଳନ୍ଦା', ଏକ ସର୍ବଶ୍ରେଷ୍ଠ ଅନୁଷ୍ଠାନ ଭାବେ ନିଜକୁ ପ୍ରତିପାଦିତ କରିପାରିଥିଲା । ଏହାର ସର୍ବୋତ୍କୃଷ୍ଟ ସମୟରେ, ଏଠାରେ ପ୍ରାୟ ୧୦ହଜାର ପର୍ଯ୍ୟନ୍ତ ଶିକ୍ଷାର୍ଥୀ ଶିକ୍ଷାଗ୍ରହଣ କରୁଥିଲେ।

ସ୍ୱାଧୀନୋତ୍ତର ଭାରତରେ, ଦେଶର ନୀତି-ନିର୍ଦ୍ଧାରକ ନେତୃବୃନ୍ଦ, ଶିକ୍ଷାର ସମ୍ଭ୍ରାନ୍ତଧର୍ମୀ ଆଭିମୁଖ୍ୟକୁ ପରିବର୍ତ୍ତନ କରି, ଏହାକୁ ଲୋକାଭିମୁଖୀ କରାଇବା ପାଇଁ ପ୍ରଚଣ୍ଡ ପ୍ରଚେଷ୍ଟା କଲେ । ଏହାର ମୂଳମନ୍ତ୍ର ଥିଲା ସମାନତା ଓ ସାମାଜିକ ନ୍ୟାୟ । ୨୦୦୯ ମସିହାରେ ଶିକ୍ଷା ଅଧିକାରକୁ ଏକ ମୌଳିକ ଅଧିକାର ଭାବେ ସ୍ୱିକୃତୀ ମିଳିଲା। ଏକ ଜାତୀୟ ଶିକ୍ଷାନୀତି ମଧ୍ୟ ଘୋଷିତ ହେଲା । ପରେ ପରେ, ସର୍ବଶିକ୍ଷା ଅଭିଯାନ ଓ ମଧ୍ୟାହ୍ନଭୋଜନ ଯୋଜନା ଭଳି କାର୍ଯ୍ୟକ୍ରମଗୁଡ଼ିକ ମାଧ୍ୟମରେ, ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ନୀତି ନିର୍ଦ୍ଧାରକମାନେ ପ୍ରଚେଷ୍ଟା କଲେ ।

କେବଳ ଏକ ଅର୍ଥନୈତିକ ଶକ୍ତି ଭାବେ ନୁହଁ, ବରଂ ଶିକ୍ଷିତ ଓ ଯୋଗ୍ୟ ବ୍ୟକ୍ତି ସମ୍ବଳିତ ଶକ୍ତିଶାଳୀ ମାନବସମ୍ବଳର ଏକ ରାଷ୍ଟ୍ରଭାବେ ମଧ୍ୟ ଭାରତ ସମଗ୍ର ବିଶ୍ବରେ ଏକ ସମ୍ମାନଜନକ ସ୍ଥାନର ଅଧିକାରୀ । ବିଶ୍ୱର କୋଣ ଅନୁକୋଣରେ ବିଭିନ୍ନ ବୃତ୍ତିରେ ନିୟୋଜିତ ଥିବା ଭାରତର ଶିକ୍ଷିତ, ପ୍ରଯୁକ୍ତିବିଦ୍ୟା ପ୍ରଶିକ୍ଷିତ ପିଢ଼ୀ ଓ ବୈଜ୍ଞାନିକମାନେ ଦେଶକୁ ଗୌରବାନ୍ୱିତ କରୁଛନ୍ତି । ଅଧିକନ୍ତୁ, ଏକ ଉଲ୍ଲେଖନୀୟ ଉପଲବ୍ଧି ହେଉଛି ଦେଶର ବର୍ଦ୍ଧିତ ସାକ୍ଷରତା ହାର । ସ୍ୱାଧୀନତାପ୍ରାପ୍ତି ସମୟରେ ଭାରତର ସାକ୍ଷରତା ହାର ଥିଲା ପ୍ରାୟ ୧୨ ପ୍ରତିଶତ। ୨୦୧୧ ଜନଗଣନା ଅନୁସାରେ ଏହା ୭୪.୪ ପ୍ରତିଶତରେ ପହଞ୍ଚିଛି । ୯୪.୯୧ ପ୍ରତିଶତ ସାକ୍ଷରତା ହାର ସହିତ କେରଳ ଓ ୯୧.୫୮ ହାର ସହିତ ନାଗାଲାଣ୍ଡ, ସାକ୍ଷରତା କ୍ଷେତ୍ରରେ ଅନ୍ୟରାଜ୍ୟ ପାଇଁ ଉଦାହରଣ ସାଜିଛନ୍ତି । ତେବେ ଏହି ରାସ୍ତାରେ ମଧ୍ୟ ଅନେକ ଆହ୍ୱାନ ଓ ଅସୁବିଧା ରହିଛି । ଅନେକଙ୍କ ପାଇଁ ଶିକ୍ଷା ଏବେ ମଧ୍ୟ ଏକ ସ୍ୱପ୍ନ । ବିଶେଷଭାବେ ଦୂରବର୍ତ୍ତୀ ଗ୍ରାମୀଣ ଇଲାକାରେ, ଯେଉଁଠାରେ ବିଦ୍ୟାଳୟ ନାହିଁ କିମ୍ବା ବର୍ଷା ଓ ବରଫପାତରେ ନିକଟସ୍ଥ ବିଦ୍ୟାଳୟକୁ ଯିବାପାଇଁ ସୁବିଧା ମଧ୍ୟ ନାହିଁ । ଦେଶ ନିର୍ମାଣ ପ୍ରକ୍ରିୟାରେ ଆଦିବାସୀ, ଅବହେଳିତ, ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ସାମିଲ କରିବାକୁ ନୀତି ପ୍ରଣୟନକାରୀମାନେ ପ୍ରଚେଷ୍ଟାରତ ଥିବାବେଳେ, ସମସ୍ତଙ୍କ ପାଇଁ ସମାନ ଭାବରେ ଶିକ୍ଷା ଉପଲବ୍ଧ ହୋଇପାରୁନାହିଁ । ବିଦ୍ୟାଳୟକୁ ଗମନା-ଗମନରେ ଅସୁବିଧା ଓ ଗ୍ରାମାଞ୍ଚଳରେ ବାଳିକାମାନଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥାର ଅଭାବ ଯୋଗୁଁ ବିଦ୍ୟାଳୟ ପରିତ୍ୟାଗ କରିବା ହାର ଉଦ୍‌ବେଗଜନକ ଭାବେ ବୃଦ୍ଧିପାଇଛି । ଶିକ୍ଷାକ୍ଷେତ୍ରରେ, ଭିନ୍ନକ୍ଷମମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ । ତେବେ, ଏସବୁ ବିଷୟଗୁଡ଼ିକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ, ଶିକ୍ଷା ବ୍ୟବସ୍ଥାରେ ଏମାନଙ୍କ ଅନ୍ତର୍ଭୁକ୍ତିକରଣ ପାଇଁ, ସରକାର ପ୍ରୟାସ କରୁଛନ୍ତି । Gian, Swayam ଏବଂ Naional District Library ଜରିଆରେ ଶିକ୍ଷାର ଉପଲବ୍ଧତା ବୃଦ୍ଧି ପାଇଁ ବୈଷୟିକ ଜ୍ଞାନକୌଶଳ ଉପରେ ପ୍ରାଧାନ୍ୟ ଦିଆଯାଉଛି । ଉପଯୁକ୍ତ ଆକଳନ ଏବଂ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ବୃତ୍ତିଗତ ଶିକ୍ଷାକୁ ମଧ୍ୟ ଆଜିର ଆହ୍ୱାନ ଭାବେ ଗ୍ରହଣ କରାଯାଇଛି ।

ଅନ୍ୟପକ୍ଷରେ, ଶୈକ୍ଷିକ ଦକ୍ଷତା ଓ ଉପଲବ୍ଧି ହାସଲ ପାଇଁ ଶିକ୍ଷାର୍ଥୀଙ୍କ ଉପରେ ମାତ୍ରାଧିକ ଚାପ ସୃଷ୍ଟି ହେଉଛି । ଯନ୍ତ୍ରଚାଳିତ ବ୍ୟବସ୍ଥା ଅନୁରୂପ ଆମ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷାର୍ଥୀଙ୍କୁ କେବଳ ଏକ ଉତ୍ପାଦ ଭାବେ ଗ୍ରହଣ କରାଯାଉଛି । ଫଳସ୍ୱରୂପ, ସେମାନଙ୍କ ବ୍ୟକ୍ତିଗତ ଓ ବ୍ୟକ୍ତିତ୍ୱ ବିକାଶ ଏବଂ ଜୀବନଧାରଣ କୌଶଳ ପ୍ରତି ଅବହେଳା ସୃଷ୍ଟି ହେଉଛି । ଏହି ପ୍ରକ୍ରିୟାରୁ ସୃଷ୍ଟ ବ୍ୟକ୍ତିଙ୍କ ପାଖରେ ଆତ୍ମ-ନିର୍ଭରଶୀଳତା ଓ ସୃଜନଶକ୍ତିର ଅଭାବ ପରିଲକ୍ଷିତ ହେଉଛି । ଜୀବନଧାରଣ କୌଶଳ ସମ୍ବଳିତ ବିଦ୍ୟାଳୟ ପାଠ୍ୟକ୍ରମ ଦ୍ୱାରା ସାମାଜିକ ଆହ୍ୱାନ ଗୁଡ଼ିକର ସଫଳ ମୁକାବିଲା ପାଇଁ ଆମ ଶିକ୍ଷାବ୍ୟବସ୍ଥା, ଶିକ୍ଷାର୍ଥୀକୁ ପ୍ରସ୍ତୁତ କରିବା ଦରକାର । ୨୦୧୨ ମସିହାରେ ୧୦ରୁ ୧୮ ବର୍ଷ ବୟସ୍କ ଛାତ୍ରଛାତ୍ରୀଙ୍କ ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଜୀବନଧାରଣ କୌଶଳ ଶିକ୍ଷା ପାଇଁ ଆରମ୍ଭ କରାଗଲା ନିରନ୍ତର ଓ ସାମଗ୍ରିକ ଆକଳନ (CCE) ବ୍ୟବସ୍ଥା । ସର୍ବଶିକ୍ଷା ଅଭିଯାନ ଅଧୀନରେ ମଧ୍ୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀମାନଙ୍କ ପାଇଁ ଜୀବନ କୌଶଳ ସମ୍ପର୍କିତ ତାଲିମ ପ୍ରଦାନର ବ୍ୟବସ୍ଥା କରାଗଲା । ଦେଶର ନାଗରିକଭାବେ ପ୍ରତ୍ୟେକ ପିଲାର ସର୍ବାଙ୍ଗୀନ ବିକାଶ ଜରୁରୀ । ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ, ସେମାନଙ୍କୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାଦାନ ମଧ୍ୟ କରାଯିବା ଉଚିତ ।

ଶିକ୍ଷାପଥରେ ଏ ଦେଶ ଅନେକ ବାଟ ଆଗେଇଛି । ଏ ଦିଗରେ ସରକାରଙ୍କ ନିରନ୍ତର ପ୍ରୟାସ ଦ୍ୱାରା ସୃଷ୍ଟ ବ୍ୟକ୍ତିମାନେ ଆତ୍ମ-ବିଶ୍ୱାସୀ ହେବା ସହିତ ଭବିଷ୍ୟତ ନିର୍ମାଣ ଓ ଦେଶଗଠନ ଭଳି ଶିକ୍ଷାର ଅସଲ ଉଦ୍ଦେଶ୍ୟ ସାଧନ କରିବାକୁ ସମର୍ଥ ହେବେ ।



Unfiled Notes Page 4

# ଭାରତୀୟ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ରୂପାନ୍ତରଣ: ନୀତି ଉପରେ ଅଗ୍ରାଧିକାର

■ ଆର. ଗୋବିନ୍ଦ



ଛଅ ଦଶନ୍ଧିରୁ ଅଧିକ କାଳ ପୂର୍ବେ ଅତୀତ ଔପନିବେଶିକ ଶାସନ କାଳରେ ରହିଥିବା ଆଭିଜାତ୍ୟମୂଳକ ଶିକ୍ଷା ବ୍ୟବସ୍ଥାକୁ ସମାନତା ଓ ସାମାଜିକ ନ୍ୟାୟ ଭିତ୍ତିରେ ରୂପାନ୍ତରଣ କରିବା ଉପରେ ଭାରତ ଗୁରୁତ୍ୱାରୋପ କରିଥିଲା। ଏହି ଦାୟିତ୍ୱବୋଧ ଥିଲା ଅତ୍ୟନ୍ତ କଠିନ। ଜନସଂଖ୍ୟା ବୃଦ୍ଧିଜନିତ ସମସ୍ୟା ସହ ସମସ୍ତଙ୍କ ପାଇଁ ଗୁଣବତ୍ତାଭିତ୍ତିକ ଶିକ୍ଷାକୁ ନିଶ୍ଚିତ କରିବା ଏବଂ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବା କ୍ଷେତ୍ରରେ ଦେଖାଦେଇଥିବା ପ୍ରତିବନ୍ଧକଗୁଡ଼ିକୁ ଭାରତ ମୁକାବିଲା କରିଥିଲା। ବିଦ୍ୟାଳୟରେ ସାର୍ବଜନୀନ ଭାବେ ପିଲାମାନଙ୍କୁ ସାମିଲ କରିବା ନେଇ ଦୀର୍ଘ ଛଅ ଦଶନ୍ଧିରୁ ଅଧିକ କାଳ ଧରି ଦେଶରେ ଅନେକ ଉଲ୍ଲେଖନୀୟ ନୀତି କାର୍ଯ୍ୟକାରୀ କରାଯାଇଆସିଛି। ଏହି ଅଭିଯାନର ସବୁଠାରୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ପଦକ୍ଷେପ ଥିଲା ୨୦୦୯ରେ ଭାରତୀୟ ସଂସଦରେ ଶିକ୍ଷାକୁ ମୌଳିକ ଅଧିକାରରେ ପରିବର୍ତ୍ତନ କରିବା ଏବଂ ଶିକ୍ଷାଧିକାର ଆଇନ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ସମ୍ବିଧାନ ସଂଶୋଧନ କରିବା। ସେହିପରି ମାଧ୍ୟମିକ ଶିକ୍ଷାକୁ ସାର୍ବଜନୀନ କରିବା ଏବଂ ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷାକୁ ନିଶ୍ଚିତ କରିବା କ୍ଷେତ୍ରରେ ସଫଳତା ହାସଲ ପାଇଁ ପ୍ରୟାସ ଚାଲିଛି। ଏହି ସଫଳତା ଓ ନୀତିଗତ ପଦକ୍ଷେପଗୁଡ଼ିକ ଭବିଷ୍ୟତ ପାଇଁ ନୂଆ ସମ୍ଭାବନା ଓ ଆଶା ସୃଷ୍ଟି କରିଛି।

> ଅନେକ ଚିନ୍ତା କରନ୍ତି ଯେ ଭାରତରେ ସାର୍ବଜନୀନ ପ୍ରାଥମିକ ଶିକ୍ଷାର ସମସ୍ୟା ହେଉଛି ବାସ୍ତବରେ ବାଳିକ ଶିକ୍ଷାର ସମସ୍ୟା। ଯଦିଓ ଗତ କିଛି ବର୍ଷ ମଧ୍ୟରେ ସମସ୍ତ ରାଜ୍ୟରେ ସ୍କୁଲରେ ନାମ ଲେଖାଇବା କ୍ଷେତ୍ରରେ ଲିଙ୍ଗଗତ ପ୍ରଭେଦ କମିବାରେ ଲାଗିଛି ତଥାପି ବାଳିକା ଶିକ୍ଷା ନେଇ ବିଶେଷ କିଛି କରାଯାଇଛି ବୋଲି କହିବା ଠିକ୍ ହେବ ନାହିଁ।

ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ପିଲାମାନଙ୍କ ସାର୍ବଜନୀନ ଅନ୍ତର୍ଭୁକ୍ତୀକରଣ ଆଭିମୁଖ୍ୟ ପ୍ରାୟତଃ ସଫଳ ହୋଇଛି। ପ୍ରାଥମିକ ଶିକ୍ଷାର ପ୍ରସାର ବ୍ୟାପକ ହୋଇଛି। ସେହିପରି ଗୁଣବତ୍ତା ଦୃଷ୍ଟିରୁ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ତେବେ ଏହିସବୁ ପଦକ୍ଷେପ ପାଇଁ ସମ୍ବଳ ନିବେଶ ସହ ନୀତିଗତ ସଂସ୍କାର ଆବଶ୍ୟକ। ଅଧିକନ୍ତୁ ସମାନତା ଆଭିମୁଖ୍ୟକୁ ନ ହଟାଇ ଗୁଣବତ୍ତା କ୍ଷେତ୍ରରେ ଉନ୍ନତି ଆଣିବାର ଆବଶ୍ୟକତାକୁ ନିଶ୍ଚିତ କରିବାକୁ ହୋଇଥାଏ। ଏହି ନିବନ୍ଧରେ ସମସ୍ତଙ୍କ ପାଇଁ ଗୁଣବତ୍ତାଭିତ୍ତିକ ଶିକ୍ଷାକୁ ଅଧିକ ଆଗେଇ ନେବା ପାଇଁ ବିଦ୍ୟାଳୟ ଶିକ୍ଷାରେ ଆବଶ୍ୟକ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରାଯାଇଛି।

ପାରମ୍ପରିକ ଭାବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ସାଧାରଣତଃ ସାମାଜିକ କ୍ଷେତ୍ରରେ ବିଭିନ୍ନ ସୁବିଧା ଯୋଗାଣ ଉପରେ ଗୁରୁତ୍ୱ ପ୍ରଦାନ କରିଥାନ୍ତି। ନିର୍ଦ୍ଦିଷ୍ଟ ଭାବେ ବିଦ୍ୟାଳୟ ସୁବିଧା ଯୋଗାଇଥାନ୍ତି



ବିଦ୍ୟାଳୟଗୁଡ଼ିକରେ ଯେପରି ସମସ୍ତ ପିଲା ଶିକ୍ଷା ଲାଭ କରିପାରିବେ ତାହାକୁ ଦୃଷ୍ଟିରେ ରଖି ଏହା ଆବଶ୍ୟକ ଥିଲା। ତେବେ ଏଥିଯୋଗୁଁ ଉପଲବ୍ଧ ସମ୍ବଳର ଅଯୌକ୍ତିକ ବଣ୍ଟନ ଏବଂ ଶିକ୍ଷାଗତ ବ୍ୟବସ୍ଥାରେ ତଦ୍‌ଜନିତ ଭାରସାମ୍ୟହୀନତା ପରିଲକ୍ଷିତ ହେଲା। ଉପରସ୍ତରରୁ ପ୍ରଦତ୍ତ ସୁବିଧାଗୁଡ଼ିକର ଆନୁପାତିକ ବ୍ୟବହାର ହେଲାନାହିଁ ବା ଆବଶ୍ୟକତାଠାରୁ କମ୍ ବ୍ୟବହାର ହେଲା। ନିକଟ ଅତୀତରେ ଏକ ପ୍ରମୁଖ ସମସ୍ୟା ଦୃଷ୍ଟିଗୋଚର ହୋଇଛି। ତାହା ହେଲା ଅର୍ଥନୈତିକ ଓ ଶିକ୍ଷାଗତ ଭାବେ ଦୁର୍ବଳ ଥିବା ବିଭିନ୍ନ କ୍ଷୁଦ୍ର ବିଦ୍ୟାଳୟରେ ଗୁଣବତ୍ତାଭିତ୍ତିକ ଶିକ୍ଷା ପ୍ରଦାନ କରିବା ନେଇ ଆବଶ୍ୟକୀୟ ଭିତ୍ତିଭୂମି ଯଥା ଲାଇବ୍ରେରୀ ଓ ଲାବରେଟୋରୀ ନାହିଁ। ବାସ୍ତବରେ ଦେଶର ଅଧିକାଂଶ ପ୍ରାଥମିକ ବିଦ୍ୟାଳୟରେ ୧୦୦ରୁ କମ ଛାତ୍ରଛାତ୍ରୀ ପଢୁଛନ୍ତି। ଏପରିକି କେତେକ ବିଦ୍ୟାଳୟରେ ୫୦ ବା ୨୫ରୁ କମ ଛାତ୍ରଛାତ୍ରୀ ପଢୁଛନ୍ତି। ଏହି ସମସ୍ୟା ଅଧିକ ଘନୀଭୂତ ହେଉଥିବାବେଳେ ଏକ ପ୍ରଗତିଶୀଳ ନୀତି ଉପରେ ଗୁରୁତ୍ୱ ଦିଆଯାଉଛି ଯାହାକି ଅଧିକ ଆହ୍ୱାନଶୀଳ। ଦେଶର ଅଧିକାଂଶ ଭାଗରେ ଜନସଂଖ୍ୟାଜନିତ ଅନୁପାତରେ ପରିବର୍ତ୍ତନ ହେଉଥିବାବେଳେ କେତେକ ସ୍ଥାନରେ ଜନ୍ମହାର ହ୍ରାସପାଉଛି। ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ପରିସର ବି ସଂକୁଚିତ ହେବାରେ ଲାଗିଛି। ଆସନ୍ତା ଦିନରେ ଏହି ସମସ୍ୟା ଅଧିକ ହେବ ବୋଲି ଆଶଙ୍କା କରାଯାଉଛି। ଏହି ଦୃଷ୍ଟିରୁ ନୂଆ ବିଦ୍ୟାଳୟ ପ୍ରତିଷ୍ଠା କରିବା ସହ ବର୍ତ୍ତମାନର ବିଦ୍ୟାଳୟଗୁଡ଼ିକୁ ମିଶାଇ ଉତ୍ତମ ଗୁଣବତ୍ତାଭିତ୍ତିକ ବିଦ୍ୟାଳୟ ପ୍ରତିଷ୍ଠା କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ସେହିପରି ପିଲାମାନଙ୍କୁ ନେବା ଆଣିବା ତଥା ଆବାସିକ ବ୍ୟବସ୍ଥା ନେଇ ବିକଳ୍ପ ମାର୍ଗ ଉନ୍ମୋଚନ କରିବାର ଆବଶ୍ୟକତା ଦେଖାଦେବ। ବିଶେଷ କରି ଅନେକ କ୍ଷୁଦ୍ର ବିଦ୍ୟାଳୟ ଗ୍ରାମୀଣ ହୋଇଥିବାବେଳେ ସେହିସବୁ ଗ୍ରାମ ଓ ଅଞ୍ଚଳରେ ଅବହେଳିତ ବର୍ଗ ବାସକରୁଥିବାରୁ ଏହା ଏକ ବଡ଼ ଆହ୍ୱାନ ସୃଷ୍ଟି କରିବ। ଏପରିକି ବିଦ୍ୟାଳୟ ସ୍ତରରେ ଅସମାନତା ପ୍ରସଙ୍ଗକୁ ଅଧିକ ଘନୀଭୂତ କରିବ। ତେଣୁ ଆକାର ଓ ବିଦ୍ୟାଳୟର ଅବସ୍ଥିତି ପରି ବିଭିନ୍ନ ସ୍ଥାନୀୟ ପ୍ରସଙ୍ଗକୁ ବିଚାର କରି ପ୍ରତ୍ୟେକ ବିଦ୍ୟାଳୟକୁ ସମସ୍ତ ପ୍ରକାର ସାମଗ୍ରୀ ଓ ମାନବ ସମ୍ବଳ ଯୋଗାଇବାର ଆବଶ୍ୟକତା ରହିଛି। ଏହା ସହ ଆଖପାଖ ଅଞ୍ଚଳର ପିଲାମାନେ ଯେପରି ଏଥିରେ ସାମିଲ ହୋଇପାରିବେ ସେଥିପାଇଁ ବି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

ପ୍ରାଥମିକ ଶିକ୍ଷା ନେଇ ହାସଲ କରାଯାଇଥିବା ଅଭିଜ୍ଞତାରୁ ସ୍ପଷ୍ଟ ଯେ ସ୍କୁଲ ଯିବା ବୟସ ଆସିବା ସହ ବିଭିନ୍ନ କାରଣରୁ ସ୍କୁଲକୁ ଯାଇପାରୁନଥିବା ପିଲାଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରିବା ସମ୍ଭବ ହୋଇପାରିନଥାଏ। ବାସ୍ତବରେ ସ୍ନାୟୁବିଜ୍ଞାନୀ, ମନସ୍ତତ୍ତ୍ୱବିତ୍ ଏକ୍ଷେତ୍ରରେ ବାଲ୍ୟକାଳରୁ ହିଁ ପଦକ୍ଷେପ ନିଆଯିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥାନ୍ତି। ନିର୍ଦ୍ଦିଷ୍ଟ ଭାବେ କହିବାକୁ ଗଲେ ଏହା ସ୍ପଷ୍ଟ ଯେ, ଦୀର୍ଘକାଳୀନ ଦକ୍ଷତା ବିକାଶ ପାଇଁ ପୁଷ୍ଟି ଆହରଣ ଓ ବିଭିନ୍ନ ବିଷୟରେ ଜାଣିବାର ପ୍ରକୃଷ୍ଟ ବୟସ ହେଉଛି ବାଲ୍ୟକାଳ। ପୁଷ୍ଟିହୀନତାର ଶିକାର ହୋଇଥିବା ପିଲାମାନେ ଅଧିକ ସଂଖ୍ୟାରେ ମୃତ୍ୟୁବରଣ କରୁଥିବାବେଳେ ସେମାନଙ୍କର ଜ୍ଞାନାର୍ଜନ ଶକ୍ତି କମ୍ ହୋଇଥାଏ। ସେହିପରି ସେମାନଙ୍କ କ୍ଷେତ୍ରରେ ଡ୍ରପଆଉଟ୍ ସମସ୍ୟା ଅଧିକ ହୋଇଥାଏ। ପ୍ରାଥମିକ ବିଦ୍ୟାଳୟକୁ ବିଧିବଦ୍ଧ ଭାବେ ପ୍ରବେଶ କରିବାର ବହୁ ପୂର୍ବରୁ ପିଲାମାନଙ୍କ ଜାଣିବା ବିଷୟ ଆରମ୍ଭ ହୋଇଥାଏ। ଅଧିକାଂଶ ଶିକ୍ଷକଙ୍କ ମଧ୍ୟରେ ବଳିଷ୍ଠ ଧାରଣା ରହିଛି ଯେ, ପ୍ରାଥମିକ ଶିକ୍ଷାର ଉପକାରିତା ପ୍ରାଥମିକ ବିଦ୍ୟାଳୟ ପାଇଁ ଉଦ୍ଦିଷ୍ଟ। ନିର୍ଦ୍ଦିଷ୍ଟ ଭାବେ ଏହା ପରିଲକ୍ଷିତ ହୋଇଛି ଯେ, ବିଦ୍ୟାଳୟରେ ପ୍ରବେଶ ବେଳେ ପିଲାମାନଙ୍କ ନିକଟରେ ଶୈକ୍ଷିକ ଦକ୍ଷତାର ଅଭାବ ରହିଛି ବୋଲି ଶିକ୍ଷକମାନେ ଠଉରାଇଥାନ୍ତି ଯାହାକି ବିଦ୍ୟାଳୟରେ ପ୍ରବେଶ



Unfiled Notes Page 6

କ୍ଷେତ୍ରରେ ପିଲାମାନଙ୍କ ପାଇଁ ପ୍ରମୁଖ ପ୍ରତିବନ୍ଧକର କାରଣ ହୋଇଥାଏ। ଏହାସହ ସାମାଜିକକରଣର ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରିବା ଏବଂ ଶ୍ରେଣୀଭିତ୍ତିକ ଶିକ୍ଷା କ୍ଷେତ୍ରରେ ଅଧିକ ଦକ୍ଷତା ପାଇଁ ପ୍ରାକବିଦ୍ୟାଳୟ ଶିକ୍ଷାର ଆବଶ୍ୟକତା ରହିଛି ବୋଲି ଶିକ୍ଷକମାନେ ଧାରଣା ରଖିଥାନ୍ତି।

ଏସବୁ ଦୃଷ୍ଟିରୁ ଦେଖିବାକୁ ଗଲେ, ଗତ କିଛି ବର୍ଷ ଧରି ସ୍କୁଲ ଯିବା ବୟସ ପୂର୍ବରୁ ପିଲାମାନଙ୍କୁ ନାନା ପ୍ରକାର ପ୍ରତିଷ୍ଠାନଭିତ୍ତିକ ସହାୟତା ପ୍ରଦାନ କରାଯାଉଥିବା ଦେଖିବାକୁ ମିଳିଛି। ବିଶେଷ କରି ସ୍ୱାସ୍ଥ୍ୟ ଓ ପୁଷ୍ଟିଗତ କାର୍ଯ୍ୟକ୍ରମ ଜରିଆରେ ଏହା ସମ୍ଭବ ହୋଇଛି। ଘରେ ରହି ସାନ ପିଲାମାନଙ୍କ ଯତ୍ନ ନେବାର ଦାୟିତ୍ୱରୁ ମୁକ୍ତ କରାଯାଇ ବାଳିକାମାନଙ୍କ ପାଇଁ ଶିକ୍ଷା ସୁଯୋଗ ଉନ୍ମୁକ୍ତ କରିବା ନିମନ୍ତେ ବିଦ୍ୟାଳୟ ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି ବା ପ୍ରାଥମିକ ବିଦ୍ୟାଳୟ ସହ ପ୍ରାକ୍ ବିଦ୍ୟାଳୟ କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରାଯାଉଛି। ଦେଶରେ ୦-୬ ବର୍ଷ ବୟସର ଶିଶୁମାନଙ୍କୁ ବିକାଶମୂଳକ ସହାୟତା, ଗର୍ଭବତୀ ଓ ପ୍ରସୂତିମାନଙ୍କ ଉପଯୁକ୍ତ ତତ୍ତ୍ୱାବଧାନ ଲାଗି ସମନ୍ୱିତ ଶିଶୁ ବିକାଶ ଯୋଜନା ଜରିଆରେ ଭାରତରେ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ତଥାପି ଏହି ପ୍ରକ୍ରିୟା ଅତ୍ୟନ୍ତ ଧିମା ରହିଛି ଏବଂ ସମ୍ବଳ ଯଥେଷ୍ଟ ହୋଇପାରୁନାହିଁ। ଏଦୃଷ୍ଟିରୁ ଦେଖିବାକୁ ଗଲେ ପ୍ରାକବିଦ୍ୟାଳୟ ଶିକ୍ଷା ସଂକ୍ରାନ୍ତରେ ଏକ ସ୍ୱାଧୀନ ନୀତି ଗ୍ରହଣ କରିବାର ଆବଶ୍ୟକତା ରହିଛି। ଅଧିକାଂଶ ଗରିବଙ୍କ କ୍ଷେତ୍ରରେ ଦେଖାଯାଇଛି ଯେ, ସେମାନଙ୍କ ଜୀବନ ଚକ୍ର ପିଢ଼ି ପରେ ପିଢ଼ି ଋଣ ଓ ଦାରିଦ୍ର୍ୟର କଷାଘାତ ମଧ୍ୟରେ ଆରମ୍ଭ ହୋଇ ଶେଷ ହୋଇଯାଇଥାଏ। ମୌଳିକ ଶିକ୍ଷାରୁ ବଞ୍ଚିତ ହେବା ସହ ପିଢ଼ିଗତ ଋଣଭାର ମଧ୍ୟରେ ଜଞ୍ଜାଳ ଓ କଷାଘାତରୁ ମୁକ୍ତି ପାଇବା ସେମାନଙ୍କ ପାଇଁ ସମ୍ଭବ ହୋଇନଥାଏ। ଏଥିପାଇଁ ଲୋକମାନେ ସେମାନଙ୍କ ପ୍ରତିକ୍ରିୟା ଭିନ୍ନ ଭାବେ ପ୍ରକାଶ କରିଥାନ୍ତି। ସେମାନେ ସନ୍ତାନସନ୍ତତିମାନଙ୍କୁ ନାମକୁ ମାତ୍ର ମଜୁରିରେ ବିଭିନ୍ନ କାମରେ ନିୟୋଜିତ କରିଥାନ୍ତି ଯାହାକି ସେମାନଙ୍କ କ୍ୟାରିୟର ପାଇଁ ବିଶାଳ ଚାଲେଞ୍ଜ ହୋଇଥାଏ। ଏହି ସମସ୍ତ ସଙ୍କଟରୁ ମୁକ୍ତି ପାଇବା ପାଇଁ ଶିକ୍ଷା ହିଁ ଏକମାତ୍ର ବିକଳ୍ପ। କେତେକ ଅବିବେକୀ ପିତାମାତାଙ୍କ ବ୍ୟତୀତ ଅନେକ ପିତାମାତା ସେମାନଙ୍କ ସନ୍ତାନସନ୍ତତି କର୍ମକ୍ଷେତ୍ରରୁ ଓହରି ଯିବା ପାଇଁ ଚାହିଁଥାନ୍ତି। ଯଦି ପିତାମାତା ଆୟ କରିବାକୁ ସକ୍ଷମ ବୋଲି ବିବେଚନା କରନ୍ତି ତେବେ ସେମାନଙ୍କ ପିଲାଙ୍କୁ କର୍ମକ୍ଷେତ୍ରରୁ ଆଣି ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଚିନ୍ତାକରିଥାନ୍ତି। ତେଣୁ ବିଦ୍ୟାଳୟକୁ ପିଲାମାନଙ୍କୁ ପଠାଇବା ପାଇଁ ଏଭଳି ଏକ ପରିବେଶ ତିଆରି ହେବା ଦରକାର ଯେଉଁଠି ପିତାମାତା ଉପରୋକ୍ତ ନିଷ୍ପତ୍ତି ନେଇପାରିବେ। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, କେବଳ ଶିଶୁ ଶ୍ରମିକ ପ୍ରଥାକୁ ନିଷେଧ କରିବା ଲାଗି ଆହ୍ୱାନ ଦେବା ଯଥେଷ୍ଟ ନୁହେଁ। ଶିକ୍ଷାର ବଳିଷ୍ଠ ବିକଳ୍ପ କାର୍ଯ୍ୟକ୍ରମକୁ ନିଶ୍ଚିତ କରିବା ପାଇଁ ନୀତି ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ଯାହାକି ଶିଶୁମାନଙ୍କୁ କାମ କରିବାର ବାଧ୍ୟବାଧକତାରୁ ମୁକ୍ତ କରିବ।

ଗୁଣବତ୍ତା ସମସ୍ୟାର ମୁକାବିଲା କ୍ଷେତ୍ରରେ ଶିକ୍ଷକ ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି। ତେବେ ଶିକ୍ଷକ ସମ୍ପର୍କିତ ଅନେକ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ଯାହାକି ନୀତିଗତ ପଦକ୍ଷେପ ଉପରେ ନିର୍ଭର କରେ। ଶିକ୍ଷକ ଯୋଗ୍ୟତା ପରୀକ୍ଷାରୁ ଜଣାଯାଇଛି ଯେ, ବିଭିନ୍ନ ଉଚ୍ଚ ଶିକ୍ଷା ଓ ବୃତ୍ତିଗତ ପାଠ୍ୟକ୍ରମ ଶେଷ କରିଥିଲେ ମଧ୍ୟ ଅନେକ ଆଶାୟୀ ଶିକ୍ଷକ ଶିଶୁ ଶିକ୍ଷା ସମ୍ପର୍କିତ ବିଭିନ୍ନ ଯୋଗ୍ୟତା ପୂରଣ କରିପାରନ୍ତି ନାହିଁ। ଏହା ପ୍ରମାଣିତ କରିଥାଏ ଶିକ୍ଷକତା ବୃତ୍ତିରେ ପ୍ରବେଶ କରିବାପାଇଁ ଆଶାୟୀ ଥିବା ଅନେକ ପ୍ରାର୍ଥୀଙ୍କ କ୍ଷେତ୍ରରେ ବିଭିନ୍ନ ଦୁର୍ବଳତା ରହିଛି । ଉନ୍ନତ ପ୍ରାକସେବା ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ଏହାକୁ ଆଂଶିକ ସମାଧାନ କରାଯାଇପାରିଲେ ବି ଧାରାବାହିକ ଭାବେ ଶିକ୍ଷକମାନଙ୍କ ବୃତ୍ତିଗତ ଆବଶ୍ୟକତା ଉପରେ ପ୍ରକୃତ ଉତ୍ତର ନିର୍ଭର କରେ। ସର୍ବଶିକ୍ଷା ଅଭିଯାନ ବା ଆରଏମଏସଏ ଅଧୀନରେ ଚାକିରି କାଳରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜରିଆରେ ଏହି ସମସ୍ୟାର ଉପଯୁକ୍ତ ସମାଧାନ କରାଯାଇପାରିବ ନାହିଁ। ପ୍ରତିବଦଳରେ ଶିକ୍ଷକମାନଙ୍କ ବୃତ୍ତିଗତ ବିକାଶ ନେଇ ଉପଯୁକ୍ତ ନୀତି ତିଆରି କରିବାର ଯଥେଷ୍ଟ ଆବଶ୍ୟକତା ରହିଛି। ଏହି ନୀତି ବିଭିନ୍ନ ଜଟିଳ ବିଷୟ ଯଥା- ବିଷୟଗତ ଉନ୍ନତି ଓ ଆଇସିଟିର ବ୍ୟବହାର ଉପରେ ନିର୍ଭରଶୀଳ ହେବା ଉଚିତ। ଜୀବନବ୍ୟାପୀ ଶିକ୍ଷା ସକାଶେ ଏହି ନୀତି ମଧ୍ୟ ସୁଯୋଗ ସୃଷ୍ଟି କରିବ। ସେହିପରି କ୍ୟାରିୟର ଦୃଷ୍ଟିରୁ ବୃତ୍ତିଗତ ବିକାଶ କାର୍ଯ୍ୟକ୍ରମରେ ଏହି ନୀତି ପ୍ରଭାବଶୀଳ ଭାବେ ପ୍ରସ୍ତୁତ ହେବା ଆବଶ୍ୟକ। ଶିକ୍ଷକଙ୍କ ସମର୍ଥନ ଏବଂ ପର୍ଯ୍ୟବେକ୍ଷଣ ଦୃଷ୍ଟିରୁ ଏକ ସମନ୍ୱିତ ଦୃଷ୍ଟିଭଙ୍ଗୀ ନେଇ ଏହାକୁ ଉପସ୍ଥାପନ କରିବା ଉଚିତ। ଏହି ପଦକ୍ଷେପ ବାଦ୍ ଶିକ୍ଷକମାନଙ୍କ ମଧ୍ୟରେ ମାଲିକାନା ତତ୍ତ୍ୱ ଓ ପ୍ରତିଷ୍ଠାନଭିତ୍ତିକ ଅଙ୍ଗୀକାର ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରିବା ଉଚିତ। ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ନିର୍ଦ୍ଦିଷ୍ଟ ବିଦ୍ୟାଳୟ ପ୍ରତି ଗୁରୁତ୍ୱ ଦିଆ ନଯାଇ କେବଳ ଶିକ୍ଷକ ନିଯୁକ୍ତି ପରି ଚାଲିଆସିଥିବା ଔପନିବେଶିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉତଥାପିତ ହେବା ଦରକାର। ଏହି ପ୍ରସଙ୍ଗ ବାରମ୍ବାର ବିତର୍କିତ ହୋଇଆସିଛି କିନ୍ତୁ ଶିକ୍ଷକ ନିଯୁକ୍ତି ଓ ବଦଳି ନେଇ କେନ୍ଦ୍ରୀୟ ରାଜନୈତିକ ନିୟନ୍ତ୍ରଣ ଏତେ ଅଧିକ ରହିଛି ଯେ କୌଣସି ରାଜ୍ୟ ସରକାର ଏନେଇ କିଛି କରିବାକୁ ପ୍ରସ୍ତୁତ ନୁହନ୍ତି। ଶେଷୋକ୍ତ ଭାବେ

ଶିକ୍ଷକଙ୍କ କେନ୍ଦ୍ରୀୟ ସ୍ୱୀକୃତି ସତ୍ତ୍ୱେ ପାରମ୍ପରିକ ପରିଚାଳନା ଫ୍ରେମଓ୍ୱର୍କରେ ଶିକ୍ଷା କର୍ତ୍ତୃପକ୍ଷ ତଥା ଶିକ୍ଷକ ଏବଂ ଏପରିକି ନାଗରିକମାନେ ଶିକ୍ଷକମାନଙ୍କୁ ପରୋକ୍ଷ ବୋଲି ବିଚାର କରିଥାନ୍ତି ଯାହାଙ୍କ ଭୂମିକା କେବଳ ନିଷ୍ପତ୍ତିଗୁଡ଼ିକୁ ବୃହତ ବ୍ୟବସ୍ଥାରେ କାର୍ଯ୍ୟକାରୀ କରିବା ପର୍ଯ୍ୟନ୍ତ ସୀମିତ। ଶିକ୍ଷା ଉପରେ ଗୁରୁତ୍ୱ ସହ ଶ୍ରେଣୀ ଶିକ୍ଷା ପ୍ରକ୍ରିୟାକୁ ରୂପାନ୍ତର କରିବାକୁ ଶିକ୍ଷକମାନଙ୍କ ଭୂମିକାକୁ ବ୍ୟବହାର କରି ସ୍କୁଲ ପରିଚାଳନା ବ୍ୟବସ୍ଥାରେ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। କିନ୍ତୁ ଏହି ପରିବର୍ତ୍ତନ କିପରି କରାଯାଇପାରିବ ସେନେଇ ରହିଛି ପ୍ରଶ୍ନବାଚୀ। ଏହା ଅଂଶୀଦାରମାନଙ୍କ ମଧ୍ୟରେ ନୂଆ ଦକ୍ଷତା ଓ ଆଭିମୁଖ୍ୟର ଆବଶ୍ୟକତା କରୁଥିବାରୁ ଏହା ଏକ ପ୍ରମୁଖ ଆହ୍ୱାନ ସୃଷ୍ଟି କରିଥାଏ।

ଅନେକ ଚିନ୍ତା କରନ୍ତି ଯେ ଭାରତରେ ସାର୍ବଜନୀନ ପ୍ରାଥମିକ ଶିକ୍ଷାର ସମସ୍ୟା ହେଉଛି ବାସ୍ତବରେ ବାଳିକ ଶିକ୍ଷାର ସମସ୍ୟା। ଯଦିଓ ଗତ କିଛି ବର୍ଷ ମଧ୍ୟରେ ସମସ୍ତ ରାଜ୍ୟରେ ସ୍କୁଲରେ ନାମ ଲେଖାଇବା କ୍ଷେତ୍ରରେ ଲିଙ୍ଗଗତ ପ୍ରଭେଦ କମିବାରେ ଲାଗିଛି ତଥାପି ବାଳିକା ଶିକ୍ଷା ନେଇ ବିଶେଷ କିଛି କରାଯାଇଛି ବୋଲି କହିବା ଠିକ୍ ହେବ ନାହିଁ। ବାଳିକା ଶିକ୍ଷା କ୍ଷେତ୍ରରେ ଅନେକ ପ୍ରତିବନ୍ଧକ ରହିଛି। ଘରେ ଥିବାବେଳେ ସାନ ପିଲାଙ୍କ ଲାଳନପାଳନ କ୍ଷେତ୍ରରେ ବାଳିକାମାନେ ବିଶେଷ ଭାବେ ନିୟୋଜିତ ଥିବାରୁ ସେମାନେ ବାଲ୍ୟକାଳରେ ଉପଯୁକ୍ତ ପ୍ରାଥମିକ ଶିକ୍ଷାରୁ ବଂଚିତ ହୋଇଥାନ୍ତି।

ମାଧ୍ୟମିକ ବିଦ୍ୟାଳୟ ଖୋଲିବା ସକାଶେ ବିଭିନ୍ନ ସର୍ତ୍ତାବଳୀ ସାଧାରଣତଃ ବାଳିକାମାନଙ୍କ ସ୍ୱାର୍ଥ ବିରୋଧରେ କାର୍ଯ୍ୟକରିଥାଏ। କାରଣ ଗ୍ରାମରୁ ବାହାରକୁ ଯାଇ ଶିକ୍ଷାଲାଭ କରିବା ସକାଶେ ସେମାନଙ୍କୁ ଘରେ ଅନୁମତି ଦିଆଯାଇନଥାଏ। ଅଧିକନ୍ତୁ ବିଦ୍ୟାଳୟରେ



ମୌଳିକ ଭିତ୍ତିଭୂମି ଏବଂ ଶିକ୍ଷୟିତ୍ରୀ ଅଭାବ ଏହାକୁ ବିଶେଷ ଭାବେ ପ୍ରଭାବିତ କରିଥାଏ। ବିଭିନ୍ନ ପ୍ରାଥମିକ ଶିକ୍ଷା ପ୍ରକଳ୍ପରେ ଏନେଇ ପଦକ୍ଷେପ ନିଆଯାଇଛି। ବିଦ୍ୟାଳୟରେ ବାଳିକା ନାମ ନ ଲେଖାଇବା, ପ୍ରାଥମିକ ଶିକ୍ଷା ଶେଷ ନ କରି ବିଦ୍ୟାଳୟ ତ୍ୟାଗ କରିବା, ବା ବିଦ୍ୟାଳୟରୁ ଅଧାରୁ ବାଳିକାକୁ ନେଇଯିବା ପାଇଁ ନିଷ୍ପତ୍ତି ନେବା ବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନ ଯିବା ପାଇଁ ନିଷ୍ପତ୍ତି ନେବା ଇତ୍ୟାଦି ବିଷୟ ପରିସଂଖ୍ୟାନ ଦୃଷ୍ଟିରୁ କେବଳ ଘଟଣାବଳୀ ଭାବେ ବ୍ୟବହୃତ ହୋଇଥାଏ। କିନ୍ତୁ ବାସ୍ତବରେ ଶିକ୍ଷାଲାଭରୁ ବାହାରେ ରହିବା କେବଳ ଏକ ଘଟଣା ନୁହେଁ ବା ଏକ ପରିସଂଖ୍ୟାନ ନୁହେଁ; ଏକ ଅକସ୍ମାତ ନିଷ୍ପତ୍ତି ନୁହେଁ। ଏହା ଏକ ଜଟିଳ ପ୍ରକ୍ରିୟା ଯାହାକି ଶିଶୁ ଓ ପରିବାରର ବ୍ୟକ୍ତଗତ ଜୀବନକୁ ପ୍ରଭାବିତ କରିଥାଏ। ଏକ ବାଳିକା ବିଦ୍ୟାଳୟରୁ ବାଦ ପଡ଼ିବା ପରେ ନାନା ଭାବରେ ସେ ପ୍ରଭାବିତ ହୋଇଥାଏ- ପରିବାର ଭିତରେ କିଛି କାରଣ ନିହିତ ଥିବାବେଳେ କେତେକ କାରଣ ଗୋଷ୍ଠୀ ଭିତରେ ରହିଥାଏ। ସେହିପରି ବାଳିକାଟି କେଉଁଠି ପଢ଼ିବ ସେଥିରେ ବି ଅନେକ କାରଣ ନିହିତ ଥାଏ। ଶିକ୍ଷାରୁ ବାଦ ପଡ଼ିବା ପରେ ପାରିପାର୍ଶ୍ୱିକ ପରିବର୍ତ୍ତନ କିଶୋରର ବ୍ୟକ୍ତିଗତ ଜୀବନ ଉପରେ ପ୍ରଭାବ ପକାଇଥାଏ। ପିତାମାତା ବା ଶିକ୍ଷକଙ୍କୁ ପ୍ରଶ୍ନ କରି ବା ଏପରିକି ଖୋଦ ପିଲାମାନଙ୍କୁ ପ୍ରଶ୍ନକରି ଏହି ସମସ୍ୟାର ସମାଧାନ କରାଯାଇପାରିବ ନାହିଁ। ସ୍କୁଲକୁ ଆସିବା ପରେ ବା ବିଦ୍ୟାଳୟ ତ୍ୟାଗ କରିବା ପରେ ସେମାନଙ୍କୁ ବ୍ୟକ୍ତିଗତ ଭାବେ ବା ଗୋଷ୍ଠୀଗତ ଭାବେ ଜଗିବାର ଆବଶ୍ୟକତା ରହିଛି। ଶିକ୍ଷାରୁ ବାହାରିଯିବା ଏବଂ ଏହାକୁ ନେଇ ରହିଥିବା କାରଣଗୁଡ଼ିକୁ ବାହାର କରିବା କ୍ଷେତ୍ରରେ ରହିଥିବା ଜଟିଳ କାରଣଗୁଡ଼ିକୁ ବର୍ଣ୍ଣନା କରିବା କାଠିକର କଥା। ଏହି ପ୍ରକ୍ରିୟାକୁ ଠଉରାଇବା ପାଇଁ ଆବଶ୍ୟକ ନୀତି ସ୍ଥାନୀୟ ଅବସ୍ଥା ସହ ସମ୍ପର୍କିତ ହୋଇଥାଏ ଯାହାକି ଘରେ, ସମାଜରେ ଓ ସ୍କୁଲରେ ବାଳିକାମାନଙ୍କ ଚତୁର୍ପାଶ୍ୱରେ ଘେରି ରହିଥାଏ। ବାଳିକାର ଜୀବନକୁ ଅନୁଶୀଳନ କରି ବାଳିକାକୁ ବିଭିନ୍ନ ସହାୟତା କରିବା ଆବଶ୍ୟକ ଏବଂ ତା'ର ଜୀବନକୁ ପ୍ରଭାବିତ କରୁଥିବା ବିଭିନ୍ନ ଘଟଣାର ରୂପାନ୍ତରଣ କରିବା ଉଚିତ। ଏହାକୁ ବିଚାରକୁ ନେଇ ସମ୍ପ୍ରତି ବେଟି

ବଚାଓ, ବେଟି ପଢ଼ାଓ ଯୋଜନା ଆରମ୍ଭ କରାଯାଇଛି । ଏହାସତ୍ତ୍ୱେ ବାଳିକା ଶିକ୍ଷାର ବିକାଶ ଏବଂ ଲିଙ୍ଗଗତ ଭାରସାମ୍ୟ ଆଣିବା ଲାଗି ଏକ ଅଧିକ ସାମଗ୍ରିକ ନୀତି କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି । ଶିଶୁମାନେ ବିକାଶ ଲାଭ କରିବା ସହ ସେମାନଙ୍କ ସାମାଜିକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବା ପାଇଁ ନୀତିଗୁଡ଼ିକ ନିର୍ଦ୍ଧାରିତ ହେବା ଆବଶ୍ୟକ ।

ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଗୁଣବତ୍ତା ନେଇ ଆଇସିଟିର ଗୁରୁତ୍ୱ ପ୍ରସଙ୍ଗରେ ଅନେକ ବିତର୍କ ଓ ଆଲୋଚନା ହୋଇଆସିଛି । ତେବେ ଯୁବ ପ୍ରଶିକ୍ଷକଙ୍କ ବିଦ୍ୟାଳୟ ସମ୍ପର୍କିତ ଅଭିଜ୍ଞତାର ପ୍ରଭାବଶୀଳ ରୂପାନ୍ତରଣ ନେଇ ନୀତି ଓ କାର୍ଯ୍ୟକ୍ରମ ଅନୁସୃତ ହେବା ଆବଶ୍ୟକ । ବିଦ୍ୟାଳୟଗୁଡ଼ିକୁ ହାର୍ଡୱେର ଓ ସଫ୍ଟୱେର ଯୋଗାଇଦେବା ନେଇ ବର୍ତ୍ତମାନର ନିଷ୍ପତ୍ତି ଏକ ସଫଳ ଉଦାହରଣ ସୃଷ୍ଟ କରିଛି ଯାହାକୁ ବିଦ୍ୟାଳୟ ଜୀବନରେ ପରିବର୍ତ୍ତନ ଆଣିବାକୁ ସକ୍ଷମ ହେବ । ଏହା ସ୍ୱୀକୃତ ଯେ, ଆଇସିଟି ପ୍ରତ୍ୟେକ ଶିଶୁର ଜୀବନ ବିକାଶରେ ଏକ ପ୍ରମୁଖ ଅଙ୍ଗରେ ପରିଣତ ହୋଇପାରିଛି । ବିଦ୍ୟାଳୟରେ ଯଦି ଏହାର ବ୍ୟବହାର କରାନଯିବ ତେବେ ବୃହତ୍ତର ଜୀବନ ଆଭିମୁଖ୍ୟରୁ ଛାତ୍ରଛାତ୍ରୀଙ୍କୁ ସଂକୁଚିତ କରି ରଖିବା ହିଁ ସାର ହେବ ।

ୟୁନେସ୍କୋ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ 'ଆମର ସୃଜନଶୀଳତାରେ ବିଭିନ୍ନତା'ରେ ଦର୍ଶାଯାଇଛି ଯେ, ପ୍ରଯୁକ୍ତିର ଧାରାରୁ ଯେଉଁମାନେ ବଞ୍ଚିତ କରି ରହିଥାନ୍ତି ସେମାନେ ଭବିଷ୍ୟତର ସୂଚନା ସମୃଦ୍ଧ ସମାଜରେ ଅବହେଳିତ ହୋଇରହିଯାଇଥାନ୍ତି । ଏହା ଉଚ୍ଚ ସମାଜ, ଉଚ୍ଚ ପ୍ରଯୁକ୍ତି ଓ ଆଭିଜାତ୍ୟ ବର୍ଗ ମଧ୍ୟରେ ସଂଘାତ ସୃଷ୍ଟି କରେ । ଏହା ସହ ଜନସଂଖ୍ୟାର ଅଧିକାଂଶ ଭାଗକୁ ପ୍ରଗତିଚ୍ୟୁତ କରି ରଖିବାରେ ସହାୟକ ହୋଇଥାଏ । ହାଇଟେକ ଅଗ୍ରଗତିର ଧାରା, କିଶୋରକିଶୋରୀମାନଙ୍କ ପାଇଁ ବିକାଶର ଧାରାରେ ପରିଣତ ହୋଇଥାଏ । ଥିଲାବାଲାମାନେ ବିଶ୍ୱରେ ଘଟୁଥିବା ଘଟଣାବଳୀ ସମ୍ପର୍କରେ ଜ୍ଞାତ ହୋଇପାରିବା ସହ ଯୋଗାଯୋଗ ରକ୍ଷା କରିପାରନ୍ତି । ନଥିଲାବାଲାମାନେ ସୂଚନାଧର୍ମୀ ସମାଜର ଗ୍ରାମୀଣ ବ୍ୟବସ୍ଥା ମଧ୍ୟରେ ସୀମିତ ହୋଇରହିଯାଆନ୍ତି ।

**ସାଧାରଣତଃ ତିନି ଅଂଶୀଦାର ଯଥା ସରକାର, ବେସରକାରୀ ସଂଗଠନ ଓ ଘରୋଇ କ୍ଷେତ୍ରର ପ୍ରଚେଷ୍ଟାକୁ ତିନିଟି ଅଲଗା ବିଷୟ ବୋଲି ବିବେଚନା କରାଯାଉଛି । ତେଣୁ ଏକକ ପଥ ବାହାର କରିବା ସକାଶେ ଏକ ସାମଗ୍ରିକ ନୀତିର ଆବଶ୍ୟକ ରହିଛି ।**

ପଢ଼ିବା, ଲେଖିବା ଓ ଜ୍ଞାନ ଆହରଣ ଆଶାରେ ପିତାମାତା ସେମାନଙ୍କ ସନ୍ତାନସନ୍ତତିଙ୍କୁ ବିଦ୍ୟାଳୟକୁ ପଠାଇଥାନ୍ତି । ଏକ୍ଷେତ୍ରରେ ବିଦ୍ୟାଳୟଗୁଡ଼ିକର ଦୁର୍ବଳତା ଅକ୍ଷମଣୀୟ । ଶିକ୍ଷା ଆହରଣରେ ଦୁର୍ବଳତା ଅବହେଳିତ ବର୍ଗର ସ୍ୱାର୍ଥ ବିରୋଧୀ । ତେବେ ସର୍ବସାଧରଣ ପରୀକ୍ଷାରେ ପାସ ଶତକଡ଼ା ବା ଜାତୀୟ ପରୀକ୍ଷା ଉପରେ ଆଧାରିତ ଜାତୀୟ ଲିଗ୍‌ରେ ପ୍ଲେସମେଣ୍ଟର ବିକଳ୍ପ ଭାବେ ସ୍କୁଲର ଗୁଣବତ୍ତାକୁ ଗ୍ରହଣ କରିବା ଭୁଲ । ଯଦି ଶିକ୍ଷାର ପରିସରରୁ ବାହାରେ ରହିବାର ସମସ୍ୟାର ମୁକାବିଲା ଲାଗି ସମାନତା ସହ ଗୁଣବତ୍ତା ବିକଳ୍ପ ହୋଇପାରେ ତେବେ ଏକାକୀ ସ୍କୁଲର ଗୁଣବତ୍ତାକୁ ନେଇ ନିର୍ଦ୍ଧାରିତ ସଂଜ୍ଞା ଉପରେ ତାହା ନିର୍ଭର କରିପାରିବ ନାହିଁ । ଦୁଇଟି ପ୍ରମୁଖ କାରଣ ରହିଛି ଯାହାକି ଗୁଣବତ୍ତା କ୍ଷେତ୍ରରେ ଅସମାନତା ସୃଷ୍ଟି କରିଥାଏ । ସେଗୁଡ଼ିକ ହେଉଛି ବିଦ୍ୟାଳୟର ଗୁଣବତ୍ତା କ୍ଷେତ୍ରରେ ରହିଥିବା ଅସମାନତା ଏବଂ ବିଦ୍ୟାଳୟ ଭିତରେ ରହିଥିବା ପାଠରଅନ୍ତର ବ୍ୟବସ୍ଥା ।

ଅଭିଜ୍ଞତା ତଥା ଗବେଷଣାରୁ ସୂଚନା ମିଳିଥାଏ ଯେ, ବୃହତ୍ତର ସଂସ୍କାର ସ୍କୁଲର ଗୁଣବତ୍ତା ବୃଦ୍ଧି କ୍ଷେତ୍ରରେ ସୀମିତ ସୁଯୋଗ ସୃଷ୍ଟି କରିଥାଏ । ତେଣୁ ସ୍ଥାନୀୟ ସ୍ତରରେ ଗୋଟିଏ ଗୋଟିଏ ବିଦ୍ୟାଳୟ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । 'ଶାଳା ସିଦ୍ଧି' ନାମରେ ଆରମ୍ଭ କରାଯାଇଥିବା ଜାତୀୟ କାର୍ଯ୍ୟକ୍ରମ ଏକ୍ଷେତ୍ରରେ ଏକ ଜାତୀୟ ନୀତି ପ୍ରସ୍ତୁତ କରିବା କ୍ଷେତ୍ରରେ ସହାୟକ ହୋଇଛି ଯାହାକି ସ୍କୁଲ ପରିଚାଳନା କରିବା ନେଇ ଆଞ୍ଚଳିକ ସ୍ତରରେ ସାମର୍ଥ୍ୟ ବୃଦ୍ଧି କରିବା ସହ ବିଶ୍ୱସନୀୟତା ସୃଷ୍ଟି କରିପାରିବ । ଅନ୍ୟ ଏକ କୌଶଳ ଅବଲମ୍ବନ କରାଯାଇଛି ଯାହାକି ବିଦ୍ୟାଳୟରେ ଉଦ୍ଦେଶ୍ୟପୂର୍ଣ୍ଣ ରୂପାନ୍ତରଣ କରିବା ନେଇ ନେତୃତ୍ୱ ସାମର୍ଥ୍ୟ ବିକାଶ କରିବା କ୍ଷେତ୍ରରେ ସହାୟକ ହେବ ।

ଗୁଣବତ୍ତା ଶିକ୍ଷା ନିର୍ଦ୍ଧାରଣ କରିବା କ୍ଷେତ୍ରରେ ପାଠ୍ୟକ୍ରମର ଭୂମିକା ଜରୁରୀ । ଗତ କିଛି ବର୍ଷ ମଧ୍ୟରେ ବିଦ୍ୟାଳୟ ପାଠ୍ୟକ୍ରମରେ ସଂସ୍କାର ଆଣିବା ପାଇଁ ଗୁରୁତ୍ୱ ଦିଆଯାଇଛି । ତେବେ ସମାଜ ବିଜ୍ଞାନ ଓ ଇତିହାସ ପାଠ୍ୟପୁସ୍ତକରେ କେବଳ ବିଭିନ୍ନ ଘଟଣାବଳୀ ଓ ବ୍ୟକ୍ତିତ୍ୱର ଅବତାରଣା ଯୋଗୁଁ ଏହି ଆଭିମୁଖ୍ୟ ବାଧାପ୍ରାପ୍ତ ହୋଇଛି । ଏହି କ୍ଷୀଣ ଦୃଷ୍ଟିଭଙ୍ଗୀ ଦୂର କରିବା ସହ ବିଦ୍ୟାଳୟ ପାଠ୍ୟକ୍ରମର ସାମଗ୍ରିକ ନୀତି ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ ।

ନିର୍ଦ୍ଦିଷ୍ଟ ଭାବେ କହିବାକୁ ଗଲେ ବିଜ୍ଞାନ ଶିକ୍ଷାକୁ ପ୍ରଭାବଶୀଳ ଭାବେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ବିଜ୍ଞାନ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ସୁପ୍ରଶିକ୍ଷିତ ବୃତ୍ତିଜୀବୀମାନଙ୍କୁ

ନିୟୋଜିତ କରା ନ ଗଲେ କୌଣସି ରାଷ୍ଟ୍ର ବିକଶିତ ହୋଇପାରିବେ ନାହିଁ। ବାସ୍ତବରେ ସାରା ବିଶ୍ୱରେ ଚାଲିଥିବା ଧାରା ଅନୁସାରେ ତଥା ପିଲାମାନଙ୍କୁ ଅଧିକ ପ୍ରତିଯୋଗିତାଶୀଳ କରି ଏକ ଉଜ୍ଜ୍ୱଳ ଭବିଷ୍ୟତ ସକାଶେ ସ୍ୱତନ୍ତ୍ର ଭାବେ ବିଜ୍ଞାନ ଓ ଗଣିତ ଉପରେ ଆଧାରିତ ପ୍ରତିଷ୍ଠାନରେ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। ଏହି ପ୍ରତିଷ୍ଠାନଗୁଡ଼ିକୁ ସାଧାରଣ ଭାବେ କୁହାଯାଇଥାଏ 'STEM' ବା "ବିଜ୍ଞାନ ପ୍ରଯୁକ୍ତି, ଇଞ୍ଜିନିୟରିଂ ଓ ଗଣିତ" ବିଦ୍ୟାଳୟ। ଦୁର୍ଭାଗ୍ୟର ବିଷୟ ଦେଶରେ କିଛି ବର୍ଷ ଧରି ବିଜ୍ଞାନ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇନାହିଁ। ଏପରିକି ବିଜ୍ଞାନ ପରି ବିଷୟରେ ବୃତ୍ତିଗତ ଯୋଗ୍ୟତା ନଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଜ୍ଞାନ ଓ ଗଣିତ ଶିକ୍ଷା ପ୍ରଦାନ କରିଆସୁଛନ୍ତି। ଶିକ୍ଷା ଅଧିକାର ଆଇନରେ ନିର୍ଦ୍ଦେଶ ରହିଚି ଯେ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ଜ୍ଞାନ ଆହରଣ କରିଥିବା ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯିବ। ମାତ୍ର ସ୍କୁଲ ବ୍ୟବସ୍ଥାରେ ଯଦି ଏହି ନିର୍ଦ୍ଦେଶକୁ ପାଳନ କରା ନଯିବ ଏବଂ ସବୁସ୍ତରରେ ବିଜ୍ଞାନ ଶିକ୍ଷା ପ୍ରତି ଆକର୍ଷଣ ସୃଷ୍ଟି କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନ ନିଆଯିବ ତେବେ ଏହା କେବଳ ସ୍ୱପ୍ନରେ ହିଁ ରହିଯିବ। ଜ୍ଞାନ ଓ ବିଜ୍ଞାନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସକାଶେ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ଦେଶରେ ଶ୍ରେଷ୍ଠ ବୈଜ୍ଞାନିକ ଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତିତ୍ୱ ସୃଷ୍ଟି କରିବା ନିମନ୍ତେ ତୁଙ୍ଗ ଆଇଆଇଟି ଓ ଆଇଜର, ବିଜ୍ଞାନ ସଂକ୍ରାନ୍ତ ଗବେଷଣାଗାର ସମେତ ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତିଷ୍ଠା କରିବା ଆବଶ୍ୟକ। ଏହି ପ୍ରତିଷ୍ଠାନଗୁଡ଼ିକରୁ ଉତୁରୁଥିବା ବରିଷ୍ଠ ବୃତ୍ତିଜୀବୀମାନଙ୍କୁ ସ୍କୁଲ ସ୍ତରରେ ବିଜ୍ଞାନ ଶିକ୍ଷା ପ୍ରଦାନ କରିବା ଦିଗରେ ନିୟୋଜିତ କରିବା ଦରକାର।

ଗତ ଦୁଇ ଦଶନ୍ଧି ମଧ୍ୟରେ ଦେଖାଯାଇଛି ଯେ, ଅନେକ ବେସରକାରୀ ସଂଗଠନ ବିଦ୍ୟାଳୟ ଶିକ୍ଷାରେ ନିୟୋଜିତ ଅଛନ୍ତି। ସାଧାରଣତଃ ଏହି ସଂଗଠନଗୁଡ଼ିକ ସକ୍ରିୟ ଭାବେ ସମାଜ ସହ ତାଳ ଦେଇ ବାସ୍ତବତା ଭିତ୍ତିରେ କାର୍ଯ୍ୟ କରିଥାନ୍ତି। ଏପରିକି ବିଭିନ୍ନ ଅବହେଳିତ ବର୍ଗ ସକାଶେ ସେମାନେ ସ୍ୱର ଉତ୍ତୋଳନ କରିଥାନ୍ତି । ସେହିଭଳି ବିଭିନ୍ନ କର୍ପୋରେଟ୍ ସେକ୍ଟର ମଧ୍ୟ ବିଦ୍ୟାଳୟ ଶିକ୍ଷା ଦିଗରେ ମନୋନିବେଶ କରିଛନ୍ତି ଏବଂ ଏଥିପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ପୂର୍ବେ ଗରିବମାନଙ୍କ ଶିକ୍ଷା କେବଳ ସରକାରଙ୍କ ଦାୟିତ୍ୱବୋଧର ନିଦର୍ଶନ ଥିବାବେଳେ ଏବେ ଏହି ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ଘଟିଛି ଏବଂ ଅନ୍ୟାନ୍ୟ ବର୍ଗ ଶିକ୍ଷା ନିମନ୍ତେ ଦାୟିତ୍ୱବାନ ହୋଇଛନ୍ତି।

ସାଧାରଣତଃ ତିନି ଅଂଶୀଦାର ଯଥା ସରକାର, ବେସରକାରୀ ସଂଗଠନ ଓ ଘରୋଇ କ୍ଷେତ୍ରର ପ୍ରଚେଷ୍ଟାକୁ ତିନିଟି ଅଲଗା ବିଷୟ ବୋଲି ବିବେଚନା କରାଯାଉଛି। ତେଣୁ ଏକକ ପଥ ବାହାର କରିବା ସକାଶେ ଏକ ସାମଗ୍ରିକ ନୀତିର ଆବଶ୍ୟକ ରହିଛି ଏବଂ ଏକ ଫ୍ରେମୱାର୍କର ପ୍ରସ୍ତାବ ରହିଛି ଯେଉଁଥିରେ ସରକାର, ବେସରକାରୀ ସଂଗଠନ ଓ ଘରୋଇ ବିଦ୍ୟାଳୟ ପାରସ୍ପରିକ ସହାୟତା ଭିତ୍ତିରେ ଶିକ୍ଷା ନିମନ୍ତେ ପ୍ରମୁଖ ଭୂମିକା ନିର୍ବାହ କରିବେ। ନିଶ୍ଚିତ ଭାବେ କହିବାକୁ ଗଲେ "ବଜାର ଶକ୍ତି"ର ସାମାଜିକ ଦାୟିତ୍ୱବୋଧ ଅଭାବ ଯୋଗୁଁ ରାଷ୍ଟ୍ରକୁ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାର ଆବଶ୍ୟକତା ରହିଛି।

ଭାରତ ପରି ଏକ ରାଷ୍ଟ୍ରରେ ଏକ ନୂଆ ନୀତି ପ୍ରସ୍ତୁତ କରିବା ଏବଂ କାର୍ଯ୍ୟକାରୀ କରିବା ଅତୀବ କାଠିକର ପାଠ। ଶିକ୍ଷାଧିକାର ଆଇନପ୍ରଦତ୍ତ "ଅଧିକାର", ଏଭଳି ପ୍ରଚେଷ୍ଟାକୁ ଇନ୍ଧନ ଯୋଗାଇବ। ସମାନ ଅଧିକାର ନୀତିର କାର୍ଯ୍ୟକାରିତା ଏବଂ ଅସମାନତାଗୁଡ଼ିକୁ ଦୂର କରିବା ମୁଖ୍ୟତଃ ଭାଗିଦାରୀମୂଳକ ଅଭିଜ୍ଞତା ଉପରେ ନିର୍ଭର କରିଥାଏ। ଏହି ଆଭିମୁଖ୍ୟଗୁଡ଼ିକୁ ପୂରଣ କରିବା ପାଇଁ ସାହାଯ୍ୟ କରୁଥିବା କିମ୍ବା ସମସ୍ୟା ସୃଷ୍ଟି କରୁଥିବା ପ୍ରତିଷ୍ଠାନ ସମ୍ପର୍କରେ ଚିନ୍ତା କରିବା ଆବଶ୍ୟକ। ବିଭିନ୍ନ ସ୍ତରରେ ରହିଥିବା ଅସମାନତାଗୁଡ଼ିକ ଦୂର ହୋଇ ନ ପାରିଲେ ସାମାଜିକ ଅଭିଜ୍ଞତା ଓ ସ୍ୱାର୍ଥ କ୍ଷେତ୍ରରେ ମଧ୍ୟ ଭିନ୍ନତା ବୃଦ୍ଧି ପାଇବ। ଯେଉଁ ସମାଜରେ ବ୍ୟାପକ ଅସମାନତା ରହିଥାଏ ସେଠାରେ ସମାଜର ସଦସ୍ୟମାନେ ବିଭିନ୍ନ କ୍ଷେତ୍ରରେ ଖୁବ କମ ଅଂଶୀଦାର ହୋଇଥାନ୍ତି। ସେମାନେ ଅନ୍ୟଜଣକର ଦାବି ଓ ଅଭିଯୋଗ ଶୁଣିନଥାନ୍ତି ଏବଂ ସେମାନେ ଭୟ କରିଥାନ୍ତି ଯେ, ଅନ୍ୟର ଦାବିଗୁଡ଼ିକୁ ପୂରଣ କରାଯିବା ଅର୍ଥ ସେମାନଙ୍କୁ ଏଥିପାଇଁ ମୂଲ୍ୟ ଦେବାକୁ ପଡ଼ିବ। ସହାବସ୍ଥାନ ସମେତ ସମାନତା ଭିତ୍ତିରେ ଶିକ୍ଷା ଅହରଣର ନୈତିକତା ଓ ମୂଲ୍ୟବୋଧ ନେଇ ନୂଆ ଶିକ୍ଷାନୀତି ପ୍ରଣୟନ ହେବା ଉଚିତ। ଏହି ନୀତି ବାସ୍ତବବାଦୀ ହେବା ସହ ଭାଷଣ ସର୍ବସ୍ୱ ନ ହେବା ଆବଶ୍ୟକ। ବିଭିନ୍ନ ସାଂସ୍କୃତିକ, ଭାଷାଗତ ଓ ଅର୍ଥନୈତିକ ବିଭିନ୍ନତା ମଧ୍ୟରେ ବାସକରୁଥିବା ଲୋକଙ୍କ ମୂଲ୍ୟବୋଧ ଓ ଅଭିଜ୍ଞତା ଉପରେ ଏହା ନିର୍ଭରଶୀଳ ହେବା ଆବଶ୍ୟକ। ବାସ୍ତବରେ ସାରା ଦେଶରେ ଶିକ୍ଷା ସକାଶେ ଏକ ଅଭୂତପୂର୍ବ ଆଗ୍ରହ ପରିଦୃଷ୍ଟ ହୋଇଛି ଯାହାକି ଏକ ଉନ୍ନତ ଭବିଷ୍ୟତର ଆଭିମୁଖ୍ୟ ପୋଷଣ କରିଥାଏ। ଏହି ଆଶା ଓ ଆକାଙ୍କ୍ଷା ଉପରେ ଭବିଷ୍ୟତର ନୀତି ନିର୍ଦ୍ଧାରିତ ହେବା ଆବଶ୍ୟକ। ●

**ଲେଖକ ହେଉଛନ୍ତି ପ୍ରାଧ୍ୟାପକ, ସାମାଜିକ ବିକାଶ ପରିଷଦ।**

# ଶିକ୍ଷା ପାଇଁ ଅର୍ଥ ବ୍ୟବସ୍ଥା

■ ଜେ. ବି.ଜି. ତିଲକ

କେନ୍ଦ୍ରରେ ନୂତନ ସରକାର ପ୍ରତିଷ୍ଠା ହେବାପରେ ଏକ ନୂତନ ଜାତୀୟ ଶିକ୍ଷାନିତୀ ପ୍ରଣୟନ କରିବା ପାଇଁ ଆବଶ୍ୟକ ଇଙ୍ଗୀତ ମିଳିସାରିଛି । ଏ ପରିପ୍ରେକ୍ଷୀରେ ଶିକ୍ଷା ପାଇଁ ଅର୍ଥ ବ୍ୟବସ୍ଥା ସଂକ୍ରାନ୍ତିୟ କେତେକ ନିତୀଗତ ପ୍ରସଙ୍ଗ ଉପରେ ଆଲୋଚନା କରିବା ଆବଶ୍ୟକ । କାରଣ "ଅର୍ଥ'' କେବଳ କୌଣସି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ନିର୍ବାହ କରେ ନାହିଁ । ଅପିତୁ ସେହି କ୍ଷେତ୍ର ପାଇଁ ସରକାରଙ୍କ ଆଭିମୁଖ୍ୟର ଛାପ ମଧ୍ୟ ବହନ କରେ ।




ଭାରତରେ ବିକାଶ ଯୋଜନା ପ୍ରସ୍ତୁତ ହେବାର ୧୮ ବର୍ଷପରେ, ୧୯୬୮ ମସିହାରେ ପ୍ରଥମ ଜାତୀୟ ଶିକ୍ଷା ନିତୀ ପ୍ରଣିତ ହେଲା । ଏହାର ଠିକ୍ ପୁଣି ୧୮ ବର୍ଷପରେ ୧୯୮୬ ମସିହାରେ ଦ୍ୱିତୀୟ ଜାତୀୟ ଶିକ୍ଷାନିତୀ ଅଣାଗଲା, ଯାହା ୧୯୯୨ ମସିହାରେ କିଛିଟା ସଂଶୋଧିତ ହେଲା । ତେବେ, ବିଗତ କିଛି ବର୍ଷ ମଧ୍ୟରେ ବିକାଶର ପ୍ରତ୍ୟେକ ସ୍ତରରେ ଏବଂ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଟ୍ଟପରିବର୍ତ୍ତନ ପୃଷ୍ଠଭୂମିରେ ଏକ ନୂତନ ଶିକ୍ଷାନିତୀର ଆବଶ୍ୟକତା ଅନୁଭୂତ ହେଲା । ଅପରପକ୍ଷରେ ଏଭଳି ଏକ ଶିକ୍ଷାନିତୀ ଅଭାବରେ ଶିକ୍ଷା କ୍ଷେତ୍ରରେ ଅସମନ୍ୱିତ ଭାବରେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ କେତେକ ପରିବର୍ତ୍ତନ ଅଣାଗଲା । ତେବେ କେନ୍ଦ୍ରରେ ନୂତନ ସରକାର ପ୍ରତିଷ୍ଠା ହେବାପରେ ଏକ ନୂତନ ଜାତୀୟ ଶିକ୍ଷାନିତୀ ପ୍ରଣୟନ କରିବା ପାଇଁ ଆବଶ୍ୟକ ଇଙ୍ଗୀତ ମିଳିସାରିଛି । ଏ ପରିପ୍ରେକ୍ଷୀରେ ଶିକ୍ଷା ପାଇଁ ଅର୍ଥ ବ୍ୟବସ୍ଥା ସଂକ୍ରାନ୍ତିୟ କେତେକ ନିତୀଗତ ପ୍ରସଙ୍ଗ ଉପରେ ଆଲୋଚନା କରିବା ଆବଶ୍ୟକ । କାରଣ "ଅର୍ଥ'' କେବଳ କୌଣସି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ନିର୍ବାହ କରେ ନାହିଁ । ଅପିତୁ ସେହି କ୍ଷେତ୍ର ପାଇଁ ସରକାରଙ୍କ ଆଭିମୁଖ୍ୟର ଛାପ ମଧ୍ୟ ବହନ କରେ ।

ଶିକ୍ଷା, ଜନମଙ୍ଗଳକାରୀ । ଏହା ମଧ୍ୟ ଏକ ସାମାଜିକ ଦ୍ୱାୟିତ୍ୱ ବୋଧ । ଶିକ୍ଷା ଦ୍ୱାରା ସମାଜ, ବିଭିନ୍ନ କ୍ଷେତ୍ରରେ ଓ ବିଭିନ୍ନ ଭାବରେ ଲାଭାନ୍ୱିତ ହୁଏ । ଏହାର ସୁଫଳ, ପିଢୀ ପରେ ପିଢୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୁଏ । ବିକାଶ ସହିତ ପ୍ରତ୍ୟକ୍ଷ ସଂପର୍କ ଥିବା କାରଣରୁ ଏବଂ ଏହାର ଆନୁସଙ୍ଗୀକ ଫଳାଫଳ ଯୋଗୁଁ ଶିକ୍ଷା ପାଇଁ



Unfiled Notes Page 11



ମୁଖ୍ୟତଃ ସରକାରୀ ଅର୍ଥ ଉପରେ ଗୁରୁତ୍ୱ ଦିଆଯାଏ । ବିଶ୍ୱର ବହୁ ବିକଶିତ ଏବଂ ବିକାଶଶୀଳ ଦେଶ ଗୁଡିକରେ ସରକାରୀ ଖର୍ଚ୍ଚରେ ହିଁ ଶିକ୍ଷା ବ୍ୟବସ୍ଥାର ସୌଧ ନିର୍ମିତ ହୋଇଛି । ଐତିହାସିକ ଓ ସାଂପ୍ରତିକ ଦୃଷ୍ଟିକୋଣରୁ,ଏହି ବ୍ୟବସ୍ଥାର ଔଚିତ୍ୟ ମଧ୍ଯ ରହିଛି । **UNESCO** ଅନୁଯାୟୀ,ଶିକ୍ଷାର ଉଦ୍ଦେଶ୍ୟ କେବଳ ଜନ-ମଙ୍ଗଳ ପର୍ଯ୍ୟନ୍ତ ସିମୀତ ନ ରହି "ସାଧାରଣ'' ହିତ ସୁନିଶ୍ଚିତ କରିବା । ସରକାରୀ ଅର୍ଥ ଯୋଗାଣ ଦ୍ୱାରା ଶିକ୍ଷାର ଏହି ଉଦ୍ଦେଶ୍ୟ ସାଧିତ ହେବା ସହିତ ଜନମଙ୍ଗଳକାରୀ, ବିସ୍ତାରିତ ଶିକ୍ଷାବ୍ୟବସ୍ଥା ସମ୍ଭବପର ହୁଏ । ଦେଶର ବିକାଶ ସଂପର୍କିତ ଆବଶ୍ୟକତା ପୂରଣ ହୁଏ, "ସାଧାରଣ'' ହିତ ସାଧନ ସହଜ ହୁଏ ।

ତେଣୁ ଶିକ୍ଷା କ୍ଷେତ୍ର ପାଇଁ ଅର୍ଥ ଯୋଗାଣରେ ରାଷ୍ଟ୍ର ଗୁଡିକ ବଦାନ୍ୟ ହେବା ବାଞ୍ଛନୀୟ । ୧୯୬୮ ମସିହା ଜାତୀୟ ଶିକ୍ଷା ନିତୀ ଅନୁଯାୟୀ ଆମ ଦେଶ ନିଜ ସକଳ ଘରୋଇ ଉତ୍ପାଦ (**GDP**)ର ୬ ପ୍ରତିଶତ ଶିକ୍ଷାକ୍ଷେତ୍ରରେ ନିବେଶ କରିବା ବିଧେୟ । ଯଦିଓ ଏଭଳି ଏକ ଲକ୍ଷ୍ୟର ପୁନର୍ବିଚାର ଆବଶ୍ୟକ ,ତଥାପି ନିକଟ ଭବିଷ୍ୟତ ପାଇଁ ଏହା ହେଉଛି ସର୍ବନିମ୍ନ ଲକ୍ଷ । ଏହି ଲକ୍ଷ ସାଧନ ପାଇଁ ଉଭୟ ସାଧାରଣ କର ବ୍ୟବସ୍ଥା ଓ ଶିକ୍ଷା ସେସ୍ ଭଳି ବିଶେଷ କର ବ୍ୟବସ୍ଥା ସମେତ ଅଣକର ରାଜସ୍ୱ ଦ୍ୱାରା ଆର୍ଥିକ ସମ୍ବଳ ଯୋଗାଡ କରିବା ଉଚିତ । ବର୍ତ୍ତମାନ ପରିପ୍ରେକ୍ଷୀରେ ଭାରତରେ ଶିକ୍ଷାକ୍ଷେତ୍ର ପାଇଁ **GDP** ର ୪ ପ୍ରତିଶତ କିମ୍ବା ତହିଁରୁ କମ୍ ଅଂଶ ନିବେଶ କରାଯାଉଛି । ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁଡିକ ଶିକ୍ଷା କ୍ଷେତ୍ର ପାଇଁ **GDP** ର ନିର୍ଦ୍ଧାରୀତ ୬ ପ୍ରତିଶତ ବ୍ୟୟ କରିବା ଉଚିତ୍ । ଏହା ସହିତ ଶିକ୍ଷାକ୍ଷେତ୍ର ପାଇଁ ଅର୍ଥ ଯୋଗାଣ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟର ଦାୟିତ୍ୱ ସୁ-ନିରୁପିତ ହେବା ଆବଶ୍ୟକ । ଉଲ୍ଲେଖନୀୟ ବିଷୟ ହେଉଛି ନିକଟ ଅତୀତରେ ଶିକ୍ଷା କ୍ଷେତ୍ର ପାଇଁ କେନ୍ଦ୍ର ସରକାର ବ୍ୟୟ ପରିମାଣ ବୃଦ୍ଧି କରିଥିବା ବେଳେ ଅନେକ ରାଜ୍ୟ ସରକାର କିନ୍ତୁ କାର୍ପଣ୍ୟ ପ୍ରଦର୍ଶନ କରିଛନ୍ତି ।

ଶିକ୍ଷାକ୍ଷେତ୍ରର କେତେକ ନିର୍ଦ୍ଦିଷ୍ଟ ଲକ୍ଷ ରହିଛି । ଶିକ୍ଷାର ପ୍ରସାର, ବିଶେଷ ଭାବେ ସାର୍ବଜନୀନ ପ୍ରାଥମିକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ସମେତ ଉଚ୍ଚଶିକ୍ଷା କ୍ଷେତ୍ରରେ ୩୦ ପ୍ରତିଶତ ସକଳ ପଞ୍ଜିକରଣ ହେଉଛି ଏମିତି ଏକ ଲକ୍ଷ । ଅନ୍ୟ ଗୁଡିକ ହେଉଛି ଯୁବଗୋଷ୍ଠୀଙ୍କ ଭିତରେ ବୈଷୟିକ,ବୃତ୍ତିଗତ ଓ ଅନ୍ୟାନ୍ନ କୌଶଳ ବିକଶିତ କରିବା, ଦୁର୍ବଳ ବର୍ଗ ପାଇଁ ଶିକ୍ଷା ଉପଲବ୍ଧତାରେ ଉନ୍ନତି ଆଣିବା, ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଏକ ଗ୍ରହଣୀୟ ସ୍ତର ହାସଲ କରିବା ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଉଚ୍ଚ ମାନଦଣ୍ଡ ଓ ଉତ୍କର୍ଷ ହାସଲ କରିବା । ଏହି ସବୁ ଲକ୍ଷ ପୁରଣ ପାଇଁ ଶିକ୍ଷା କ୍ଷେତ୍ର ସକାଶେ ପର୍ଯ୍ୟାପ୍ତ ପାଣ୍ଠିର ଆବଶ୍ୟକତା ରହିଛି । ନୂତନ ବିଦ୍ୟାଳୟ ,ମହାବିଦ୍ୟାଳୟ,ଓ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରି ମାଧ୍ୟମିକ ଓ ଉଚ୍ଚଶିକ୍ଷାର ପ୍ରସାର ପୂର୍ବରୁ ଅସ୍ତିତ୍ୱରେ ଥିବା ଶିକ୍ଷାନୁଷ୍ଠାନ ଗୁଡିକର ବିକାଶ ସୁନିଶ୍ଚିତ କରିବାକୁ ହେବ । ଏ ଗୁଡିକ ପାଇଁ କେବଳ ଆର୍ଥିକ ନୁହଁ ବରଂ ଭୌତିକ ଏବଂ ମାନବ ସମ୍ବଳ ଉପରେ ମଧ୍ଯ ପ୍ରାଧାନ୍ୟ ଦେବାକୁ ହେବ । ଗୁଣାତ୍ମକ ଶିକ୍ଷା ଓ ଶିକ୍ଷାର ଉନ୍ନତ ମାନଦଣ୍ଡ ହାସଲ ପାଇଁ ଅଧିକରୁ ଅଧିକ ଅର୍ଥ ବିନିଯୋଗ ର ଆବଶ୍ୟକତା ରହିଛି । ଶିକ୍ଷକ ପ୍ରଶିକ୍ଷଣ ଶିକ୍ଷାଦାନ ଓ ଆହରଣ ସମ୍ପର୍କିତ ପଠନ ସାମଗ୍ରୀ, ପାରମ୍ପାରିକ ଓ ଆଧୁନିକ ପ୍ରଯୁକ୍ତିବିଦ୍ୟା ଜନୀତ ଉପକରଣ, ଗ୍ରନ୍ଥାଗାର, ପରୀକ୍ଷା ଗାର ଏବଂ ଗବେଷଣା ଭଳି ବିଷୟ ଗୁଡିକ ଉପରେ ଧ୍ୟାନ ଦେବାକୁ ପଡିବ । ଏସବୁ ବିବିଧ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଅର୍ଥ ଆବଶ୍ୟକ । ଉଚ୍ଚଶିକ୍ଷା କ୍ଷେତ୍ରରେ ଗବେଷଣା କୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷା ବଜେଟ୍‌ର ଏକ ଯୁକ୍ତିସଂଗତ ଅଂଶ ଖର୍ଚ୍ଚ କରିବାକୁ ପଡିବ । ଏତଦ୍ ବ୍ୟତୀତ ବିଦ୍ୟାର୍ଥୀଙ୍କ

ବର୍ତ୍ତମାନ ପରିପ୍ରେକ୍ଷୀରେ ଭାରତରେ ଶିକ୍ଷାକ୍ଷେତ୍ର ପାଇଁ **GDP** ର ୪ ପ୍ରତିଶତ କିମ୍ବା ତହିଁରୁ କମ୍ ଅଂଶ ନିବେଶ କରାଯାଉଛି । ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁଡିକ ଶିକ୍ଷା କ୍ଷେତ୍ର ପାଇଁ **GDP** ର ନିର୍ଦ୍ଧାରୀତ ୬ ପ୍ରତିଶତ ବ୍ୟୟ କରିବା ଉଚିତ୍ । ଏହା ସହିତ ଶିକ୍ଷାକ୍ଷେତ୍ର ପାଇଁ ଅର୍ଥ ଯୋଗାଣ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟର ଦାୟିତ୍ୱ ସୁ-ନିରୁପିତ ହେବା ଆବଶ୍ୟକ । ଉଲ୍ଲେଖନୀୟ ବିଷୟ ହେଉଛି ନିକଟ ଅତୀତରେ ଶିକ୍ଷା କ୍ଷେତ୍ର ପାଇଁ କେନ୍ଦ୍ର ସରକାର ବ୍ୟୟ ପରିମାଣ ବୃଦ୍ଧି କରିଥିବା ବେଳେ ଅନେକ ରାଜ୍ୟ ସରକାର କିନ୍ତୁ କାର୍ପଣ୍ୟ ପ୍ରଦର୍ଶନ କରିଛନ୍ତି ।

ମଧ୍ୟରେ ସମାନତା ଆଣିବା ପାଇଁ ଏବଂ ଯୋଗ୍ୟତା କୁ ପ୍ରୋତ୍ସାହିତ କରିବା ପାଇଁ ମେଧାବୃତ୍ତି ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଆଣିବାକୁ ହେବ ।

ବିଭିନ୍ନ ଶିକ୍ଷାନୁଷ୍ଠାନର ବିବିଧ ଆବଶ୍ୟକତା ଅନୁଯାୟୀ ପାଣ୍ଠି ଉପଲବ୍ଧ କରିବାକୁ ପଡିବ ।

ଶିକ୍ଷା ହେଉ ବା ଧନିକ ବର୍ଗଙ୍କ ଉଚ୍ଚଶିକ୍ଷା ହେଉ,ଏହାର ବିଭିନ୍ନ ସାମାଜିକ ସୁଫଳ ମଧ୍ୟ ରହିଛି । ତେଣୁ ବିଶେଷ ଭାବେ ଉଚ୍ଚଶିକ୍ଷା କ୍ଷେତ୍ରରେ ବିଦ୍ୟାର୍ଥୀଙ୍କ ଫି' କିମ୍ବା ଋଣ ଉପରେ ନିର୍ଭର କରିବା ଅନୁଚିତ୍ । **UGC(University Grants Commission)** ଏବଂ AICTE(All India Council for Technical Education) ଦ୍ୱାରା ଗଠିତ ବିଭିନ୍ନ କମିଟି ଅନୁଯାୟୀ ଶିକ୍ଷାନୁଷ୍ଠାନ ଗୁଡିକ ନିଜ ଆର୍ଥିକ ଆବଶ୍ୟକତାର ମାତ୍ର ୨୦ ପ୍ରତିଶତ ହିଁ ଫି ଏବଂ ଅନ୍ୟ ଉତ୍ସରୁ ପୂରଣ କରିବା ଉଚିତ୍ ।

କେନ୍ଦ୍ରୀୟ ଶିକ୍ଷା ପରାମର୍ଶଦାତା ପରିଷଦ (CABE)ଦ୍ୱାରା ଗଠିତ ଏକ କମିଟି ଅନୁଯାୟୀ ଏହି ୨୦ ପ୍ରତିଶତକୁ ସର୍ବୋଚ୍ଚ ସୀମା ଭାବରେ ବିବେଚନା କରାଯିବା ଉଚିତ୍ । ଏହା ଦ୍ୱାରା ଉଚ୍ଚଶିକ୍ଷା କ୍ଷେତ୍ରରେ ସମାନତା ବଜାୟ ରଖାଯାଇ ପାରିବ । ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଶିକ୍ଷାର ଅଧିକାର ଅଧିନିୟମ ଅନୁଯାୟୀ ଶିକ୍ଷା ସମ୍ପୂର୍ଣ୍ଣଭାବେ ମାଗଣା ହେବା ବିଧେୟ । ଏହି ସୁବିଧା, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରେ ମଧ୍ୟ ପ୍ରଦାନ କରିବା ସପକ୍ଷରେ ଅନେକ ଯୁକ୍ତି ବାଢନ୍ତି ।



ସମ୍ପୂର୍ଣ୍ଣ ସରକାରୀ ଖର୍ଚ୍ଚରେ ବିଶ୍ୱର ଅଧିକାଂଶ ବିକଶିତ ଅଞ୍ଚଳରେ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଯଥେଷ୍ଟ ପ୍ରଗତି ହାସଲ କରାଯାଇଛି । ତେବେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସରକାରୀ ଖର୍ଚ୍ଚ ବ୍ୟତୀତ ସାମାଜ, ଉଦ୍ୟୋଗ ଏବଂ ପୂର୍ବତନ ବିଦ୍ୟାର୍ଥୀ ଆଜି ମଧ୍ୟ ପାଣ୍ଠି ଯୋଗାଡରେ ପ୍ରମୁଖ ଭୂମିକା ନିର୍ବାହ କରନ୍ତି । ଅପର ପକ୍ଷରେ "ଫି'' ପ୍ରଦାନ ରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୌଣ ହିଁ ରହିଥାଏ । ଭାରତରେ ମଧ୍ୟ ପାଣ୍ଠି ଯୋଗାଣ ପାଇଁ ଏଭଳି "ହଜିଯାଇଥିବା'' ଉତ୍ସ ଗୁଡିକୁ ଠାବ କରାଯିବା ଦରକାର । ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ବିଶେଷର ବଦାନ୍ୟତା ଏଇଭଳି ଏକ ଉତ୍ସ । ଅନ୍ୟ ଏକ ଉତ୍ସ ହେଉଛି ଉଦ୍ୟୋଗ ଜଗତର ସାମାଜିକ ଦାୟିତ୍ୱବୋଧ **(CSR)** । ତେବେ "ଲାଭ'' ମନୋଭାବ ରଖୁଥିବା ବେସରକାରୀ ସଂସ୍ଥା ଗୁଡିକୁ ଶିକ୍ଷାକ୍ଷେତ୍ରରେ ଅଗ୍ରାଧିକାର ଦିଆଯିବା ଅନୁଚିତ୍ । ସେହିଭଳି ଶିକ୍ଷା କ୍ଷେତ୍ରରେ ସରକାରୀ-ଘରୋଇ ଭାଗିଦାରୀ କୁ ମଧ୍ୟ ସତର୍କତାର ସହିତ ବିଚାର କରିବାକୁ ପଡିବ । କାରଣ ଏଭଳି ସହଭାଗିତା ଭିତ୍ତିଭୂମି ବିକାଶ ଭଳି କ୍ଷେତ୍ରରେ ସଫଳ ହୋଇପାରେ । କିନ୍ତୁ ଶିକ୍ଷା କ୍ଷେତ୍ର ପାଇଁ ପାଣ୍ଠି ଯୋଗାଣ ରେ ସରକାର ଙ୍କୁ ଅଗ୍ରଣୀ ଭୂମିକା ନିର୍ବାହ କରିବାକୁ ପଡିବ ।

ସମାନତା ଓ ଦକ୍ଷତା ଆଦି ଦୃଷ୍ଟିଭଙ୍ଗୀ ସହିତ ଦେଶରେ ଶିକ୍ଷାର ବିକାଶ ପାଇଁ ଅନ୍ତତଃ ୧୦-୨୦ ବର୍ଷୀୟା ଦିର୍ଘସ୍ଥାୟୀ ଯୋଜନାର ଆବଶ୍ୟକତା ରହିଛି । ଏଭଳି ଯୋଜନା ଦ୍ୱାରା ଶିକ୍ଷାର ସମସ୍ତ ସ୍ତରରେ ପାଣ୍ଠି ଉପଲବ୍ଧତା ସୁନିଶ୍ଚିତ କରାଯିବା ସହିତ ଶିକ୍ଷାନୁଷ୍ଠାନ ଗୁଡିକ ପାଇଁ ଉତ୍ତମ ପ୍ରଦର୍ଶନ ସକାଶେ ପ୍ରୋତ୍ସାହନ ଏବଂ ନୈରାଶ୍ୟ ଜନକ ପ୍ରଦର୍ଶନ ପାଇଁ ଦଣ୍ଡ ବିଧାନ ବ୍ୟବସ୍ଥା ମଧ୍ୟ କରାଯିବା ବାଞ୍ଛନୀୟ ।

●

ଲେଖକ, ନୂଆଦିଲ୍ଲୀସ୍ଥିତ ଶିକ୍ଷାଗତ ଯୋଜନା ଏବଂ ପ୍ରଶାସନ ଜାତୀୟ ବିଶ୍ୱବିଦ୍ୟାଳୟ ସହ ସଂପୃକ୍ତ ।

# ଶିକ୍ଷାରେ ପ୍ରଯୁକ୍ତିବିଦ୍ୟା : ଅଧିର ପୀଢ଼ି ପାଇଁ ଏକ ଆଶା

■ ରାଜାରାମ ଏସ୍. ଶର୍ମା

ଶିକ୍ଷା ଆହରଣ ପାଇଁ, ପାଠପଢ଼ା ହେଉଛି ଏକ ପ୍ରକାରର ପୁଞ୍ଜିନିବେଶ । ବିଦ୍ୟାଳୟରେ ଆହରିତ ବିଦ୍ୟା, ବୁଦ୍ଧି ଓ ଅଭିଜ୍ଞତାକୁ ଜୀବନର ପରବର୍ତ୍ତୀ ସମୟରେ ସୂଚନା ଅନ୍ୱେଷଣ, ସଂଗ୍ରହ ଓ ସଂକଳନ ପାଇଁ ଉପଯୋଗୀ ହୋଇଥାଏ । ଭାଷା-ଜ୍ଞାନ ଓ ଗାଣିତିକ ଜ୍ଞାନ ଦ୍ୱାରା ଉପଲବ୍ଧ ତଥ୍ୟର ସମୀକ୍ଷା ମଧ୍ୟ କରାଯାଏ । ବିଦ୍ୟା ଦ୍ୱାରା ପୁଣି ଅନ୍ତର୍ନିହିତ ସୃଜନଶୀଳତାର ବିକାଶ ହୁଏ । ଏସବୁ ଦୃଷ୍ଟିରୁ, ଶିକ୍ଷା ହେଉଛି ଏପରି ଏକ ପୁଞ୍ଜିନିବେଶ, ଯଦ୍ୱାରା ମାନବୀୟ ଦକ୍ଷତାର ସଂପ୍ରସାରଣ ହୋଇଥାଏ- ଜୀବନର ମାନ ଉନ୍ନତ ହୋଇଥାଏ ।

ନୂତନ ପ୍ରଯୁକ୍ତି ବିଦ୍ୟାକୁ ନେଇ ଜନମାନସରେ ଆଗ୍ରହର ଜୁଆର ଉଠିବା ବାସ୍ତବିକ ପ୍ରଣୀଧାନର ବିଷୟ । ମାତ୍ର କେତୋଟି ଦଶନ୍ଧୀ ମଧ୍ୟରେ ଏଇ ପ୍ରଯୁକ୍ତିବିଦ୍ୟାର ଲୋକପ୍ରିୟତା ଖୁବ୍ ବଢ଼ିଯାଇଛି । କାହିଁକି ?

ଏହାର ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ରଙ୍ଗିନ ପରଦା । କଳା-ଧଳା ଅକ୍ଷରରେ ମୁଦ୍ରିତ ପଠନ ସାମଗ୍ରୀ, ଏକଦା ସୂଚନା ପ୍ରାପ୍ତିର ଏକମାତ୍ର ସାଧନ ଥିଲା । ସେ ସମୟ ଅତିକ୍ରାନ୍ତ ହୋଇଛି । ଯୁକ୍ତି ପ୍ରସଙ୍ଗରେ କୁହାଯାଇପାରେ ଯେ ଆମ ପାଖରେ ରଙ୍ଗିନ ପତ୍ରିକା ଓ ସିନେମାର ରଙ୍ଗିନ ପରଦା ମଧ୍ୟ ଥିଲା । କିନ୍ତୁ ବର୍ତ୍ତମାନ, ନିଜ ପସନ୍ଦ ରଂଗ ଅନୁଯାୟୀ ନିଜସ୍ୱ ପ୍ରକାଶନ ସମ୍ଭବ ହୋଇପାରିଛି । ଏହା ନିଶ୍ଚିତ ଭାବେ ଏକ ଆନନ୍ଦର ବିଷୟ ।

ଦ୍ୱିତୀୟ କାରଣଟି ହେଉଛି, ଏଭଳି କାର୍ଯ୍ୟ ସାଧନ କରୁଥିବା ଉପକରଣଟିର ଅତ୍ୟନ୍ତ ବ୍ୟକ୍ତିଗତ ବ୍ୟବହାର । ପୂର୍ବରୁ ମୁଦ୍ରଣ ପାଇଁ ଆବଶ୍ୟକ ପଡୁଥିଲା ପେଷାଦାର ଛାପାଖାନା । ବର୍ତ୍ତମାନ ଏହା କାର୍ଯ୍ୟ ସମ୍ଭବ ହୋଇପାରୁଛି, ଏପରିକି ନିଜ ସ୍ମାର୍ଟଫୋନ୍ ଦ୍ୱାରା । ତା' ପୁଣି ନିଜ ପସନ୍ଦ ଅନୁଯାୟୀ- ଲାଜର୍ ପ୍ରିଣ୍ଟର୍ ସାହାଯ୍ୟରେ । ପୂର୍ବରୁ ଫଟୋ ଉଠାଇବା କଥା ଉଠିଲେ, କାହିଁ କେତେ କଥା ମନକୁ ଆସୁଥିଲା- ଆଧୁନିକ ଉପକରଣ, ଆଉ ଜଟିଳ ପ୍ରକ୍ରିୟା । ତା' ପୁଣି ସମସ୍ତଙ୍କ ପାଇଁ ସମ୍ଭବ ନଥିଲା । ବର୍ତ୍ତମାନ କିନ୍ତୁ ପର୍ବତ ଶିଖରରେ ଥାଇ ସେଲ୍‌ଫି ଉଠାଇବାର ଯୁଗ ଏବଂ ତତ୍‌କ୍ଷଣାତ୍ ଏହାକୁ ହଜାର ହଜାର ବ୍ୟକ୍ତିଙ୍କ ପାଖକୁ ପ୍ରେରଣ କରିବାର ଯୁଗ ।

ତୃତୀୟ କାରଣଟି ହେଉଛି ଏହି ଉପକରଣର ଆକାର । ଏହାର ଆକାର ଯେତେ ଛୋଟ, କାର୍ଯ୍ୟଦକ୍ଷତା ସେତେ ବେଶୀ । ନେବା ଆଣିବାରେ ସୁବିଧା ଓ ବିଭିନ୍ନ ପ୍ରକାରର କାର୍ଯ୍ୟ ସମ୍ପାଦନ କରିବାର ସୁଯୋଗ ଯୋଗୁଁ ଏଇଭଳି ଉପକରଣଗୁଡ଼ିକର ଚାହିଦା ଖୁବ୍ ଅଧିକ ।

ଚତୁର୍ଥ କାରଣ ହେଉଛି ବ୍ୟବହାରିକ ସହଜତା । ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଜନିତ ଏହି ଉପକରଣକୁ ବ୍ୟବହାର କରିବା ପାଇଁ ବ୍ୟବହାରକାରୀଙ୍କୁ କୌଣସି ପ୍ରଶିକ୍ଷଣର ଆବଶ୍ୟକତା ପଡ଼ିନଥାଏ । ଅବଶ୍ୟ ଯୁବାପିଢ଼ୀ ଏ ଦିଗରେ ଅଗ୍ରଣୀ । 'ଗରିଲା ଗ୍ଲାସ୍'ର ପତଳା ଆବରଣ ତଳେ, କେବଳ ଆଙ୍ଗୁଠି ସ୍ପର୍ଶରେ ଖୋଲିଯାଏ ସଫ୍ଟୱେର୍ ଆଧାରିତ ଶକ୍ତିର ଭଣ୍ଡାର । ଏହା ପୁଣି କୌଣସି ଆଶ୍ଚର୍ଯ୍ୟଠାରୁ କମ୍ ନୁହେଁ । ମାନଚିତ୍ରଟିଏ ହେଉ ବା ଫଟୋଚିତ୍ର, ଗୀତଟିଏ ହେଉ ବା ଭିଡ଼ିଓ, ପେଡୋମିଟର୍ ହେଉ ବା ରକ୍ତଚାପ ମାପିବା ଉପାୟ, ଏସବୁ କଛି ଉପଲବ୍ଧ ହେଉଛି ଏହି ଛୋଟ ଉପକରଣରୁ- ତା' ପୁଣି ଶିକ୍ଷିତ, ସାକ୍ଷର ଓ ନିରକ୍ଷର, ସମସ୍ତଙ୍କ ପାଇଁ ।

ତେବେ, ଏଭଳି ଏକ ଉପକରଣକୁ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ବ୍ୟବହାର କରାଯାଇ ପାରିବ କି ? ନାନାବିଧ କାର୍ଯ୍ୟ ସାଧନ

କରୁଥିବା ଏପରି ଉପକରଣର ପ୍ରବେଶ ଦ୍ୱାରା, ବିଦ୍ୟାଳୟରେ ହେଉଥିବା ପ୍ରତ୍ୟେକ କାର୍ଯ୍ୟ ଆହୁରି ଉନ୍ନତ ଶୈଳୀରେ କରାଯାଇ ପାରିବ। ଶିକ୍ଷାଦାନ ଓ ଗ୍ରହଣ ଆକର୍ଷକ ହେବ । ବିଦ୍ୟାର୍ଥୀଙ୍କ ଆଗ୍ରହ ବଢ଼ିବ- ସେମାନଙ୍କ ବିକାଶ ହେବ । ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ଲାଭାନ୍ୱିତ ହେବେ । ଏଗୁଡ଼ିକ ବିଷୟରେ ଆଲୋଚନା ଆବଶ୍ୟକ । ତେବେ ତା' ପୂର୍ବରୁ, ଆମକୁ ଜାଣିବାକୁ ହେବ ଯେ ଆମେ ଆମ ଛାତ୍ରଛାତ୍ରୀ, ବିଦ୍ୟାଳୟ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କଠାରୁ ପ୍ରକୃତରେ କ'ଣ ଆଶା କରୁ ।



ଶିକ୍ଷା ଆହରଣ ପାଇଁ, ପାଠପଢ଼ା ହେଉଛି ଏକ ପ୍ରକାରର ପୁଞ୍ଜିନିବେଶ । ବିଦ୍ୟାଳୟରେ ଆହରିତ ବିଦ୍ୟା, ବୁଦ୍ଧି ଓ ଅଭିଜ୍ଞତାକୁ ଜୀବନର ପରବର୍ତ୍ତୀ ସମୟରେ ସୂଚନା ଅନ୍ୱେଷଣ, ସଂଗ୍ରହ ଓ ସଂକଳନ ପାଇଁ ଉପଯୋଗୀ ହୋଇଥାଏ । ଭାଷା-ଜ୍ଞାନ ଓ ଗାଣିତିକ ଜ୍ଞାନ ଦ୍ୱାରା ଉପଲବ୍ଧ ତଥ୍ୟର ସମୀକ୍ଷା ମଧ୍ୟ କରାଯାଏ । ବିଦ୍ୟା ଦ୍ୱାରା ପୁଣି ଅନ୍ତର୍ନିହିତ ସୃଜନଶୀଳତାର ବିକାଶ ହୁଏ । ଏସବୁ ଦୃଷ୍ଟିରୁ, ଶିକ୍ଷା ହେଉଛି ଏପରି ଏକ ପୁଞ୍ଜିନିବେଶ, ଯଦ୍ୱାରା ମାନବୀୟ ଦକ୍ଷତାର ସଂପ୍ରସାରଣ ହୋଇଥାଏ- ଜୀବନର ମାନ ଉନ୍ନତ ହୋଇଥାଏ । ତେଣୁ ପ୍ରଯୁକ୍ତିବିଦ୍ୟାଗତ ପୁଞ୍ଜିନିବେଶ, ଏହି ସବୁ ଲକ୍ଷ୍ୟ ପୂରଣ ଦିଗରେ ସହାୟକ ହେବା ଉଚିତ ।

ବୌଦ୍ଧିକ ବା ବସ୍ତୁ-ଭିତ୍ତିକ ସମ୍ବଳ ଅଭାବ ସତ୍ତ୍ୱେ, ବିକାଶୋନ୍ମୁଖୀ ସମାଜଗୁଡ଼ିକ ଆଧୁନିକତା ପଥରେ ଅଗ୍ରସର । ବିଭିନ୍ନ ଐତିହାସିକ କାରଣରୁ ସେମାନେ ବିଭିନ୍ନ ଅସୁବିଧା ସତ୍ତ୍ୱେ ଏହା କରୁଛନ୍ତି । ତେବେ, ଆଧୁନିକତାର ଫଳ ପ୍ରାପ୍ତି ପାଇଁ, ସେମାନଙ୍କୁ ଏହିସବୁ ବାଧାବିଘ୍ନ ଅତିକ୍ରମ କରିବାକୁ ପଡ଼ିବ। ଅପରପକ୍ଷରେ, ଆମ ଦେଶର ଏକ ବୃହତ୍ତ ଜନସଂଖ୍ୟା, ଏବେ ମଧ୍ୟ ଶିକ୍ଷାଠାରୁ ଦୂରରେ। ପ୍ରଯୁକ୍ତି ବିଦ୍ୟା ଆଧାରିତ ଉପକରଣଗୁଡ଼ିକର ନିୟୋଜନ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଏଭଳି ଦୂରତା ଦୂର କରାଯାଇ ପାରିବା ସହିତ ଦକ୍ଷତା ବୃଦ୍ଧି ମଧ୍ୟ ହାସଲ କରାଯାଇ ପାରିବ । ଅଧାରୁ ପାଠ ଛାଡ଼ିବା ହାର ମଧ୍ୟ ହ୍ରାସ କରାଯାଇ ପାରିବ । ମୋଟ୍ ଉପରେ, ପର୍ବତାରୋହଣର କଷ୍ଟଦାୟକ ଅଭିଜ୍ଞତା ସତ୍ତ୍ୱେ, ପର୍ବତ ଶିଖରରେ ପହଞ୍ଚିବା ଅନୁଭୂତିର ଆନନ୍ଦ ମିଳିପାରିବ । ଶିକ୍ଷାକ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାଗତ ପୁଞ୍ଜିନିବେଶର ଏହି ଲକ୍ଷ୍ୟ ରହିବା ବାଞ୍ଛନୀୟ।

ବିକଶିତ ଦେଶଗୁଡ଼ିକ ସହିତ ସମକକ୍ଷ ହେବା ପ୍ରୟାସରେ, ଏକ ଭ୍ରାନ୍ତଧାରଣାର ବଶବର୍ତ୍ତୀ ହୋଇ, ଆମେ ଉଚ୍ଚଶିକ୍ଷା କ୍ଷେତ୍ରରେ ଯଥେଷ୍ଟ ପୁଞ୍ଜିନିବେଶ କରିଛୁ, ତା' ପୁଣି ଇଂରାଜି ମାଧ୍ୟମରେ । ତେବେ 'ଅଳ୍ପ' କେତେକଙ୍କ ଶୀର୍ଷ ଶୈକ୍ଷିକ ଉପଲବ୍ଧି ଦ୍ୱାରା 'ବହୁତ'ଙ୍କ ଶିକ୍ଷାଗତ ଅବହେଳାକୁ ଯୁକ୍ତିଯୁକ୍ତକରଣ କରାଯାଇ ପାରିବ ନାହିଁ । ଉଚ୍ଚଶିକ୍ଷା, ଆଉ ମଧ୍ୟ ଭିନ୍ନ ଧରଣର ଏକ ନୂତନ ଜାତିବାଦକୁ ଜନ୍ମ ଦେଇଛି । ଏଇ 'ଜାତି', ଶ୍ରମକୁ ନିଚଦୃଷ୍ଟିରେ ଦେଖିବା ସହିତ ଆମ ସାଂସ୍କୃତିକ ପରମ୍ପରା, ଆମ ଭାଷା, ଆମ ସୃଜନଶୀଳତା ଆଦିକୁ ମଧ୍ୟ ହେୟଜ୍ଞାନ କରେ। ଏପରି ଏକ ପୃଷ୍ଠଭୂମିରେ, ଆମ ଯୁବପୀଢ଼ିକୁ ଶିକ୍ଷା କ୍ଷେତ୍ରରେ ଅଗ୍ରସର ହେବାକୁ ପ୍ରବର୍ତ୍ତାଇବା କଷ୍ଟକର ନିଷ୍ପତ୍ତି । ଭାଷା ନଷ୍ଟ ହେଲେ ସାଂସ୍କୃତିକ ଅବକ୍ଷୟ ହୁଏ ଏବଂ ଯେଉଁ ମୂଳଦୁଆ ଉପରେ ସମାଜ ତିଷ୍ଠି ରହେ, ତାହା ମଧ୍ୟ କ୍ଷୟପ୍ରାପ୍ତ ହୁଏ । ଯଦିଓ ଆଧୁନିକ ପ୍ରଯୁକ୍ତି ବିଦ୍ୟା, ସମସ୍ତଙ୍କର ଅଂଶ ଗ୍ରହଣ ସୁନିଶ୍ଚିତ କରିପାରିଛି, ତଥାପି ପୂର୍ବୋକ୍ତ ବାଧାବିଘ୍ନ ଯୋଗୁଁ ସେହି ଅଂଶ ଗ୍ରହଣ ବିଶେଷ ଫଳପ୍ରଦ ହୋଇପାରୁ ନାହିଁ । ତେଣୁ ବୈଷୟିକ କ୍ଷେତ୍ରରେ ପୁଞ୍ଜିନିବେଶର ସଫଳତା ପାଇଁ ଶିକ୍ଷାକ୍ଷେତ୍ରରେ ମଧ୍ୟ ପୁଞ୍ଜିନିବେଶ ଆବଶ୍ୟକ।

ଭାରତୀୟ ଶିକ୍ଷା କ୍ଷେତ୍ରରେ ଥିବା ସମସ୍ୟାବଳୀର ଏକ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣର ଆବଶ୍ୟକତା ରହିଛି । ଏହିପରି ଏକ ସମସ୍ୟା ହେଉଛି ପ୍ରଯୁକ୍ତିବିଦ୍ୟାର ବ୍ୟବହାର । ଶିକ୍ଷାକ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ସଫଳ ବ୍ୟବହାରକୁ ଗୋଟିଏ ଦୁଇଟି କ୍ଷୁଦ୍ର ତଥା ବିକ୍ଷିପ୍ତ ସଫଳ କାହାଣୀ ମାଧ୍ୟମରେ ଆକଳନ

କରାଯିବା ଅନୁଚିତ । ଏପରିକି, ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଗ୍ରଣୀ ବିକଶିତ ଦେଶମାନଙ୍କରେ ଏହାର ଦୂରୁପଯୋଗ ଦ୍ୱାରା ଶିକ୍ଷାକ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳ ଆଧାରିତ ବିବିଧ ଉପକରଣଗୁଡ଼ିକର ବିଫଳତା ପ୍ରମାଣିତ ମଧ୍ୟ ହୋଇଛି । କେତେକ ବିଶେଷ ସଫଳତା ବ୍ୟତୀତ, ଏସବୁକୁ ଲକ୍ଷ୍ୟ କରି, ଗବେଷକମାନଙ୍କୁ ଏହା କହିବାକୁ ବାଧ ହେବାକୁ ପଡ଼ିଛି ଯେ, ଶିକ୍ଷା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ସଫଳ ହୋଇ ପାରି ନାହିଁ ।

ତେଣୁ, ଅତି ସର୍ବତ୍ର ବର୍ଜ୍ୟତେ ଭଳି ଶିକ୍ଷାକ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଉପଯୋଗିତାକୁ ନେଇ ଅତି ଉତ୍ସାହୀ ହେବା ଅନୁଚିତ । ଅର୍ଥାତ୍ ସବୁ ଶିକ୍ଷାର୍ଥୀଙ୍କ ପାଇଁ ଟାବ୍‌ଲେଟ୍ କିଣିବା ଭଳି ଅତି ଉତ୍ସାହ ବର୍ଜନ କରିବା ଉଚିତ । ବରଂ ଏଭଳି ଉପକରଣଗୁଡ଼ିକର ବାସ୍ତବିକ ବ୍ୟବହାର ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଆମ ଶିକ୍ଷା କ୍ଷେତ୍ରରେ ଏମିତି ବି ଅନ୍ତର୍ନିହିତ ସମସ୍ୟାମାନ ରହିଛି, ଯାହାର ସମାଧାନ ପାଇଁ ପ୍ରଯୁକ୍ତିବିଦ୍ୟା ଜନିତ ଉପକରଣଗୁଡ଼ିକର ଉପଯୋଗିତା ଖୁବ୍ ବେଶୀ ।

ଉଦାହରଣ ସ୍ୱରୂପ ଆମ ବିଦ୍ୟାଳୟ ବ୍ୟବସ୍ଥାକୁ ନିଆଯାଉ । ସମଗ୍ର ବିଶ୍ୱରେ ଏକ ବୃହତ ବିଦ୍ୟାଳୟ ବ୍ୟବସ୍ଥା ପ୍ରତିଷ୍ଠା କରିବାରେ, ଭାରତ ଅନ୍ୟତମ । ପ୍ରାୟ ପ୍ରତ୍ୟେକ ସ୍ଥାନରେ ବିଦ୍ୟାଳୟଟିଏ ରହିଛି । ତେବେ, ବିଦ୍ୟାଳୟଗୁଡ଼ିକର ବ୍ୟାପକ ଅବସ୍ଥିତି, ଅନ୍ୟ କେତେକ ଅସୁବିଧାକୁ ମଧ୍ୟ ଜନ୍ମ ଦେଇଛି । ଉଦାହରଣ ସ୍ୱରୂପ, ଲାଇବ୍ରେରୀ ସୁବିଧା । ଏହି ଅସୁବିଧାକୁ ପ୍ରଯୁକ୍ତିବିଦ୍ୟା ପ୍ରସୂତ ୱେବ୍‌ସାଇଟ୍ ପୋର୍ଟାଲ୍ ପୂରଣ କରିପାରିବ । ୱିକିପିଡ଼ିଆ ପରି ଅନେକ ଭାରତୀୟ ସଂସ୍କରଣ ମଧ୍ୟ ଆବିର୍ଭାବ ହେଲେଣି । http://nroer.gov.in ଏଭଳି ଏକ ପୋର୍ଟାଲ୍, ଯାହା ବିଦ୍ୟାଳୟ ସ୍ତରରେ ଜନପ୍ରିୟ ହୋଇପାରିଛି । ସମ୍ବଳ ସଂକଳନ ପାଇଁ ଏହା ଶିକ୍ଷକ ଓ ଅନ୍ୟମାନଙ୍କ ପାଇଁ ଉପାଦେୟ ହୋଇପାରିଛି । ସେହିପରି, ଉଚ୍ଚଶିକ୍ଷା କ୍ଷେତ୍ରରେ IIT ଖଡ଼ଗପୁର ଦ୍ୱାରା ନିର୍ମିତ ଜାତୀୟ ଡିଜିଟାଲ୍ ଲାଇବ୍ରେରୀ ଏବଂ egyankosh ଭଳି ପୋର୍ଟାଲ୍ ଗୁଡ଼ିକ ରହିଛି ।

ପ୍ରଯୁକ୍ତିବିଦ୍ୟା ପ୍ରସୂତ ଦ୍ୱିତୀୟ ଉପଯୋଗିତା ରହିଛି ପାଠ୍ୟକ୍ରମ ଉପଲବ୍ଧତା କ୍ଷେତ୍ରରେ । Massive Open Online Courses ବା MOOC ହେଉଛି ଏଭଳି ଏକ ବ୍ୟବସ୍ଥା । ଅନ୍ୟ ଏକ ଅନୁରୂପ ପ୍ରୟାସ ହେଉଛି ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ସମସ୍ତଙ୍କ ପାଇଁ ଶିକ୍ଷା ମିଶନ (NMEICT) ଅଧୀନରେ ନିର୍ମିତ ୱେବ୍‌ସାଇଟ୍ https://onlinecourses.nptel.ac.in । ବିଶେଷ ଭାବେ ଯାନ୍ତ୍ରିକ ଏବଂ ପ୍ରଯୁକ୍ତିବିଦ୍ୟା ପାଇଁ ଉଦ୍ଦିଷ୍ଟ ଏହି ପୋର୍ଟାଲ୍ ମଧ୍ୟ ବେଶ୍ ଲୋକପ୍ରିୟତା ହାସଲ କରିପାରିଛି । ପୁନଶ୍ଚ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (UGC) ଦ୍ୱାରା ନିର୍ମିତ epgpathshala, ବିଭିନ୍ନ ବିଷୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରଦାନ କରୁଛି । ଶିକ୍ଷାକ୍ଷେତ୍ରରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ଅଭାବ ପୂରଣ କରିବା ଦିଗରେ MOOCs ର ଯଥେଷ୍ଟ ସାମର୍ଥ୍ୟ ରହିଛି । ଗୁଣାତ୍ମକ ଶିକ୍ଷା ପାଇଁ ମଧ୍ୟ ଏହା ଉପଯୋଗୀ । ସାଧାରଣତଃ ଶିକ୍ଷକ /ଶିକ୍ଷୟିତ୍ରୀମାନେ ଚାକିରିକାଳ ମଧ୍ୟରେ ଶୈକ୍ଷିକ ପ୍ରଶିକ୍ଷଣ ନେଇଥାନ୍ତି । କିନ୍ତୁ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ବହୁଳତା ଯୋଗୁଁ, ସମସ୍ତଙ୍କୁ ନିର୍ଦ୍ଦିଷ୍ଟ କେତେକ ଦକ୍ଷ ପ୍ରଶିକ୍ଷକ ପ୍ରଶିକ୍ଷଣ ଦେଇପାରନ୍ତି ନାହିଁ । ଫଳସ୍ୱରୂପ, କେତେ ପ୍ରଶିକ୍ଷକ, ଅନ୍ୟ କେତେକଙ୍କୁ ପ୍ରଶିକ୍ଷିତ କରାନ୍ତି ଓ ସେଇମାନେ ଆଉ କେତେକଙ୍କୁ । ଏଥିଯୋଗୁଁ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ଗୁଣାତ୍ମକ ଶିକ୍ଷାଦାନ ପ୍ରଭାବିତ ହୁଏ । ପୁନଶ୍ଚ ସବୁ ଶିକ୍ଷକ / ଶିକ୍ଷୟିତ୍ରୀଙ୍କୁ ସବୁ ବିଷୟରେ ଏବଂ ଲଗାତାର ଭାବେ ପ୍ରଶିକ୍ଷିତ କରିବା ଅସମ୍ଭବ । ବିଭିନ୍ନ ଅନ୍‌ଲାଇନ୍ ପାଠ୍ୟକ୍ରମ ଦ୍ୱାରା ଏଭଳି ସମସ୍ୟା ଦୂର କରାଯାଇ ପାରିବ ।

ପଠନ ସାମଗ୍ରୀ ଉପଲବ୍ଧତା କ୍ଷେତ୍ରରେ ମଧ୍ୟ ମୁକ୍ତ ଶୈକ୍ଷିକ ସମ୍ବଳ ବା Open Educational Resource ଭଳି ପ୍ରଯୁକ୍ତିବିଦ୍ୟା ପ୍ରସୂତ ବ୍ୟବସ୍ଥା ଦ୍ୱାରା ଆଇନଗତ ଅସୁବିଧାକୁ ଦୂର କରାଯାଇ ପାରିଛି । ଏଥିରୁ ଯେକୌଣସି ବିଷୟ, ଗଠନ ପ୍ରଣାଳୀ ଆଦିର ଆହରଣ, ବିତରଣ ଆଦି ମୁକ୍ତ ଭାବରେ କରାଯାଇ ପାରିବ । ବିଶେଷ ଭାବେ ଏଗୁଡ଼ିକର ଅନୁବାଦ ପାଇଁ ମଧ୍ୟ ଦକ୍ଷତାର ଅସୁବିଧା ନାହିଁ । ବାସ୍ତବରେ, ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଆନୁକୂଲ୍ୟରେ ଭାରତୀୟ ଭାଷା ପ୍ରୟାସ ଅଧୀନରେ ପ୍ରସ୍ତୁତ http://www.tdil-dc.in ଜରିଆରେ ଏଭଳି ଅନେକ ସଫ୍ଟୱେର୍ ତିଆରି ହୋଇଛି, ଯଦ୍ୱାରା ଭାରତୀୟ ଭାଷାରେ ଅନେକ ତଥ୍ୟ ଉପଲବ୍ଧ ହେଉଛି ।

ଏଭଳି ଉଦ୍ୟମଗୁଡ଼ିକ ଦ୍ୱାରା ଆମ ସମାଜରେ ଥିବା ଡିଜିଟାଲ୍ ଡିଭାଇଡ୍ ବା ପ୍ରଯୁକ୍ତିବିଦ୍ୟା ବ୍ୟବଧାନକୁ ଅତିକ୍ରମ କରାଯାଇ ପାରୁଛି । ଅନ୍ୟପକ୍ଷରେ, ପ୍ରଯୁକ୍ତିବିଦ୍ୟା ପ୍ରସୂତ ଉପକରଣ ଓ ସୁବିଧା ଦ୍ୱାରା ଜନତାଙ୍କ ପାଇଁ ଜ୍ଞାନ ଓ ସେବା ଆହରଣରେ କୌଣସି ସମସ୍ୟା ରହିବ ନାହିଁ । ପ୍ରକାରାନ୍ତରେ ଏହା ଦ୍ୱାରା ଦେଶର ଅର୍ଥନୀତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ ।

ଯୁଗ୍ମ ନିର୍ଦ୍ଦେଶକ, ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନାଲ୍ ଟେକ୍ନୋଲୋଜି, ଏନ୍‌ସିଇଆର୍‌ଟି, ନୂଆଦିଲ୍ଲୀ

# ବାଳିକା ଓ ନାରୀ ଶିକ୍ଷା : କେତୋଟି ପ୍ରସଙ୍ଗ

■ ବିମଳା ରାମଚନ୍ଦ୍ରନ

**ଶିକ୍ଷା ସହିତ ଲିଂଗଗତ ସମ୍ପର୍କର ରହସ୍ୟ ଉଦ୍‌ଘାଟନ କରିବା ଏକ ଜଟିଳପାଠ । ସମାଜରେ ଥିବା ଅସମାନତାର ବିଭିନ୍ନ ସ୍ତର ଓ କ୍ରମବର୍ଦ୍ଧିଷ୍ଣୁ ଜାତିଗତ-ଗୋଷ୍ଠୀଗତ ଚଳନଶୀଳତା ପରିପ୍ରେକ୍ଷୀରେ, ଶିକ୍ଷାର ସ୍ୱରୂପ ନିର୍ଦ୍ଧାରଣ ପାଇଁ ବିଦ୍ୟାଳୟ ପଞ୍ଜୀକରଣ ରୂପକ ମାନକ କେବଳ ପର୍ଯ୍ୟାପ୍ତ ନୁହଁ । ଶିକ୍ଷାକ୍ଷେତ୍ରରେ ସମାନତା, ସାମାଜିକ ଅସମାନତାର ପରିମାପକ ନୁହଁ । କାରଣ, ଭରତରେ ଲିଙ୍ଗ-ଜନୀତ ବିଭିନ୍ନ ବିଷୟ, ସାମାଜିକ ଓ ଆନୁଷ୍ଠାନିକ ସ୍ତରରେ ଏକ ଜଟିଳ ପ୍ରକ୍ରିୟା ଦ୍ୱାରା ସମାହିତ ହୋଇ ରହିଆସିଛି ।**

ଶିକ୍ଷାକ୍ଷେତ୍ରରେ ଲିଙ୍ଗଗତ ସମାନତା ନିର୍ଭର କରେ ମୁଖ୍ୟତଃ ତିନୋଟି ପ୍ରସଙ୍ଗ ଉପରେ - ବ୍ୟବସ୍ଥା, ବିଷୟ ଏବଂ ଶୈକ୍ଷିକ, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମି । ଏହା ଅନସ୍ୱୀକାର୍ଯ୍ୟ ଯେ ଲିଂଗଗତ ବିଷୟକୁ ସାମାଜିକ, ଆଞ୍ଚଳିକ ଓ ସ୍ଥାନୀୟ ଦୃଷ୍ଟିଭଙ୍ଗୀର ବୃହତ୍ତର ବଳୟ ଭିତରେ ବିଶ୍ଳେଷଣ କରିବା ଉଚିତ୍ ।

ଭାରତରେ ବିବିଧତା ପରିପୂର୍ଣ୍ଣ । ତା' ସହିତ ରହିଛି ପର୍ଯ୍ୟାପ୍ତ ବିସଂଗତି । ସାମାଜିକ, ଅର୍ଥନୈତିକ ଅସମାନତା ଏବଂ ଲିଙ୍ଗଗତ ସମ୍ପର୍କ ମଧ୍ୟରେ ଥିବା ପ୍ରତିକ୍ରିୟା ହିଁ ନିର୍ଦ୍ଧାରିତ କରେ ବଳିକାଟିଏର ବିଦ୍ୟାଳୟ ପ୍ରତି ଥିବା ଆଭିମୁଖ୍ୟ । ତେଣୁ ଭାରତ ଭଳି ଏକ ଦେଶରେ ଲିଙ୍ଗଗତ ସମ୍ପର୍କ, ଦାରିଦ୍ର୍ୟ ଏବଂ ସାମାଜିକ ଅସାମଞ୍ଜସ୍ୟତା ମଧ୍ୟରେ ଥିବା ପାରସ୍ପରିକତାକୁ ବୁଝିବା ଓ ବିଶ୍ଳେଷଣ କରିବା ଅତ୍ୟନ୍ତ ଆବଶ୍ୟକ । ଏହି ତିନୋଟିଯାକ ଉପାଦାନ, ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଭାବେ ପରସ୍ପର ସହିତ ପ୍ରତିକ୍ରିୟାଶୀଳ ହୋଇଥାନ୍ତି । ଏପରି ପାରସ୍ପରିକ ପ୍ରତିକ୍ରିୟାରୁ ଉତ୍ପନ୍ନ କେତେକ ତଥ୍ୟ ନିମ୍ନରେ ପ୍ରଦତ୍ତ ହେଲା:-

- ବିଦ୍ୟାଳୟରେ ପଞ୍ଜୀକରଣ, ଉପସ୍ଥାନ ଓ ଶିକ୍ଷା ସମାପ୍ତି କ୍ଷେତ୍ରରେ ନାରୀପୁରୁଷ ପ୍ରଭେଦ ଅପେକ୍ଷା, ଗ୍ରାମୀଣ-ସହରୀ ପ୍ରଭେଦ ଅଧିକ ।
- ଲିଂଗଗତ ଓ ସାମାଜିକ ଗୋଷ୍ଠୀ ମଧ୍ୟରେ ଥିବା ପ୍ରଭେଦ, ଅପେକ୍ଷା ଆଞ୍ଚଳିକ ପ୍ରଭେଦ ଅଧିକ ।
- ସାମାଜିକ, ଲିଙ୍ଗଗତ ଓ ଆଞ୍ଚଳିକ ବୈଷମ୍ୟ ଅପେକ୍ଷା ଦରିଦ୍ର ଓ ଧନୀ ମଧ୍ୟରେ ଥିବା ବିସଂଗତି ବେଶୀ ।
- ବିଭିନ୍ନ ସାମାଜିକ ଗୋଷ୍ଠୀ ଯଥା ଆଦିବାସୀ, ମୁସଲମାନ ଓ ଅନୁସୂଚିତ ଜାତି ଏବଂ ଅଗ୍ରଣୀ ଜାତି, ଖ୍ରୀଷ୍ଟିଆନ ଓ ଅନ୍ୟ ଧର୍ମୀୟ ଗୋଷ୍ଠୀ ମଧ୍ୟରେ ଥିବା ପ୍ରଭେଦ ଅଧିକ ।
- ଅନ୍ତଃ-ଗୋଷ୍ଠୀ ପ୍ରଭେଦ ଓ ଆନ୍ତଃ-ଗୋଷ୍ଠୀ ପ୍ରଭେଦର ତୀବ୍ରତା ବେଳେବେଳେ ସମାନ । ଉଦାହରଣ ସ୍ୱରୂପ, କେତେକ ଆଦିବାସୀ ଗୋଷ୍ଠୀଙ୍କ ଶିକ୍ଷାଗତ ସ୍ଥିତି ଅନ୍ୟ ଗୋଷ୍ଠୀ ଅପେକ୍ଷା ଉତ୍ତମ ।

ନବେ ଦଶକରେ, ଶିକ୍ଷାକ୍ଷେତ୍ରରେ ଲିଙ୍ଗଗତ ପ୍ରଭେଦର ପରିମାପକ ସାଜିଥିଲା ଯୋଗାଣ (ବିଦ୍ୟାଳୟ ବ୍ୟବସ୍ଥା) ଓ ଚାହିଦା (ବିଶେଷ ଭାବେ ବାଳିକାମାନଙ୍କୁ ବିଦ୍ୟାଳୟରେ ଭର୍ତ୍ତିକରିବାକୁ ପାରିବାରିକ ଆଗ୍ରହ) । ତେବେ ସମୟ ଅତିକ୍ରାନ୍ତ

ହେବା ସହିତ ଏକଥା ପ୍ରମାଣିତହେଲା ଯେ ଶିକ୍ଷା କ୍ଷେତ୍ରରେ ଚାହିଦା ଓ ଯୋଗାଣକୁ ପୃଥକ୍ କରିହେବ ନାହିଁ । କାରଣ, ବିଦ୍ୟାଳୟ ଯେଉଁଠି, ବିଦ୍ୟାଳୟରେ ଭର୍ତ୍ତିହେବାକୁ ଚାହିଦା ମଧ୍ୟ ସେଇଠି । ଅପରପକ୍ଷରେ, ଯେଉଁଠାରେ ବିଦ୍ୟାଳୟ ଗୁଡ଼ିକର କାର୍ଯ୍ୟକଳାପ ସନ୍ତୋଷଜନକ ନଥିଲା କିମ୍ବା ସୁରକ୍ଷିତ ମନେ ହେଉନଥିଲା, ସେହି ସ୍ଥାନଗୁଡ଼ିକରେ ବିଦ୍ୟାଳୟକୁ ଯିବାପାଇଁ ଚାହିଦା ହ୍ରାସ ପାଇଥିଲା। ଏହା ପ୍ରମାଣିତ ହୋଇଗଲା ଯେ, ପାଠପଢ଼ା ସମ୍ପର୍କିତ ପାରିବାରିକ ନିଷ୍ପତ୍ତି ନିର୍ଭର କରେ ବିଦ୍ୟାଳୟର ସୁ-ପରିଚାଳନା ଉପରେ। ଏକଥା ମଧ୍ୟ ପ୍ରମାଣିତ ହେଲା ଯେ ଶିକ୍ଷକ ଓ ଅଗ୍ରଣୀ ଛାତ୍ରଛାତ୍ରୀଙ୍କ ଆଭିମୁଖ୍ୟ ଓ ଆଚରଣ ପ୍ରଭାବିତ କରେ ଅବହେଳିତ ଗୋଷ୍ଠୀ ବିଦ୍ୟାର୍ଥୀଙ୍କ ବିଦ୍ୟାଳୟରେ ଉପସ୍ଥାନ ନିଷ୍ପତ୍ତିକୁ। ୧୯୯୦ ମସିହାରେ ଥାଇଲାଣ୍ଡର ଜୋମ୍‌ଟିଏନ୍ ଠାରେ ଆୟୋଜିତ EFA ସମ୍ମିଳନୀର ୨୪ବର୍ଷ ପରେ, ବର୍ତ୍ତମାନ ସ୍ପଷ୍ଟ ହୋଇଯାଇଛି ଯେ ଶୈକ୍ଷିକ ଉପଲବ୍ଧି କ୍ଷେତ୍ରରେ ଲିଂଗଗତ ପାର୍ଥକ୍ୟ ଯଥେଷ୍ଟ ବେଶୀ ।

**ସାରଣୀ -୧: ସାକ୍ଷରତା ହାରରେ ବୈଷମ୍ୟ**

| | ଜନଗଣନା-୨୦୦୧ | ଜନଗଣନା-୨୦୧୧ |
|---|---|---|
| ଗ୍ରାମୀଣ ମହିଳା (ଅ:ଜା) | ୩୨.୪ | ୪୬.୯ |
| ଗ୍ରାମୀଣ ମହିଳା (ଅ:ଜ:ଜା:) | ୩୭.୬ | ୫୨.୬ |
| ଗ୍ରାମୀଣ ମହିଳା | ୪୬.୧୩ | ୫୭.୯ |
| ଗ୍ରାମୀଣ ମହିଳା(ଅଣ ଅ:ଜା:ଜ:ଜା) | ୫୦.୨ | ୬୧.୧ |
| ଗ୍ରାମୀଣ ପୁରୁଷ(ଅ:ଜ:ଜା) | ୫୭.୪ | ୬୬.୮ |
| ସହରୀ ମହିଳା(ଅ:ଜା) | ୫୭.୫ | ୬୮.୬ |
| ସହରୀ ମହିଳା(ଅ:ଜ:ଜା) | ୫୯.୯ | ୭୦.୩ |
| ଗ୍ରାମୀଣ ପୁରୁଷ(ଅ:ଜା) | ୫୩.୭ | ୭୨.୬ |
| ସମସ୍ତ ଗ୍ରାମୀଣ ପୁରୁଷ | ୭୦.୭ | ୭୭.୧ |
| ସମସ୍ତ ସହରୀ ମହିଳା | ୭୨.୮୬ | ୭୯.୧ |
| ଗ୍ରାମୀଣ ପୁରୁଷ(ଅଣ-ଅ:ଜା:ଜ:ଜା) | ୭୪.୩ | ୭୯.୯ |
| ସହରୀ ମହିଳା(ଅଣ-ଅ:ଜା:ଜ:ଜା) | ୭୫.୫ | ୮୧.୦ |
| ସହରୀ ପୁରୁଷ(ଅ:ଜ:ଜା) | ୭୭.୮ | ୮୩.୨ |
| ସହରୀ ପୁରୁଷ(ଅ:ଜା) | ୭୭.୯ | ୮୩.୩ |
| ସମସ୍ତ ସହରୀ ପୁରୁଷ | ୮୬.୨୭ | ୮୮.୮ |
| ସହରୀ ପୁରୁଷ(ଅଣ-ଅ:ଜା:ଜ:ଜା) | ୮୭.୯ | ୮୯.୭ |

**ସ୍ରୋତ :- ମେରି ଲଲ୍ ଏବଂ ଏସ୍. ଶ୍ରୀନିବାସ ରାଓ ୨୦୧୧ଙ୍କ ଠାରୁ ବିମଳା ରାମଚନ୍ଦ୍ରନଙ୍କ ଦ୍ୱାରା ଅନୁଦିତ ।**

**ବିଦ୍ୟାଳୟ ପରିତ୍ୟାଗରେ ବର୍ଗୀକୃତ ଅସମାନତା**

**ସାରଣୀ-୨ : ୨୦୧୦-୧୧**

| ପ୍ରାଥମିକ ଶ୍ରେଣୀ(୧-୫) | | ମୌଳିକ ଶ୍ରେଣୀ(୧-୮) | | ମାଧ୍ୟମିକ ଶ୍ରେଣୀ(୧-୧୦) | |
|---|---|---|---|---|---|
| ବାଳକ(ଅ:ଜ:ଜା) | ୨୭.୨ | ବାଳିକା(ଅ:ଜ:ଜା) | ୫୫.୪ | ବାଳିକା(ଅ:ଜ:ଜା) | ୭୧.୩ |
| ବାଳିକା(ଅ:ଜ:ଜା) | ୩୩.୯ | ବାଳକ(ଅ:ଜ:ଜା) | ୫୪.୭ | ବାଳକ(ଅ:ଜ:ଜା) | ୭୦.୬ |
| ବାଳକ(ଅ:ଜା) | ୨୯.୮ | ବାଳକ(ଅ:ଜା) | ୪୯.୭ | ବାଳକ(ଅ:ଜା) | ୫୭.୪ |
| ସମସ୍ତ ବାଳକ | ୨୮.୭ | ସମସ୍ତ ବାଳିକା | ୪୧ | ବାଳିକା(ଅ:ଜା) | ୫୪.୧ |
| ସମସ୍ତ ବାଳିକା | ୨୫.୧ | ସମସ୍ତ ବାଳକ | ୪୦.୩ | ସମସ୍ତ ବାଳକ | ୫୦.୪ |
| ବାଳିକା(ଅ:ଜା) | ୨୩.୧ | ବାଳିକା(ଅ:ଜା) | ୩୯ | ସମସ୍ତ ବାଳିକା | ୪୭.୯ |

**ସ୍ରୋତ :- SES, ଭାରତ ସରକାର ୨୦୧୨ ।**

ଶିକ୍ଷା ସହିତ ଲିଂଗଗତ ସମ୍ପର୍କର ରହସ୍ୟ ଉଦ୍‌ଘାଟନ କରିବା ଏକ ଜଟିଳପାଠ । ସମାଜରେ ଥିବା ଅସମାନତାର ବିଭିନ୍ନ ସ୍ତର ଓ କ୍ରମବର୍ଦ୍ଧିଷ୍ଣୁ ଜାତିଗତ-ଗୋଷ୍ଠୀଗତ ଚଳନଶୀଳତା ପରିପ୍ରେକ୍ଷୀରେ, ଶିକ୍ଷାର ସ୍ୱରୂପ ନିର୍ଦ୍ଧାରଣ ପାଇଁ ବିଦ୍ୟାଳୟ ପଞ୍ଜିକରଣ ରୂପକ ମାନକ କେବଳ ପର୍ଯ୍ୟାପ୍ତ ନୁହଁ । ଶିକ୍ଷାକ୍ଷେତ୍ରରେ ସମାନତା, ସାମାଜିକ ଅସମାନତାର ପରିମାପକ ନୁହଁ । କାରଣ, ଭରତରେ ଲିଙ୍ଗ-ଜନୀତ ବିଭିନ୍ନ ବିଷୟ, ସାମାଜିକ ଓ ଆନୁଷ୍ଠାନିକ ସ୍ତରରେ ଏକ ଜଟିଳ ପ୍ରକ୍ରିୟା ଦ୍ୱାରା ସମାହିତ ହୋଇ ରହିଆସିଛି । ତେଣୁ ଶିକ୍ଷାକ୍ଷେତ୍ରରେ ଅସମାନତାର ଅସଲ ରୂପ ନିର୍ଦ୍ଧାରଣ କରିବାକୁ ହେଲେ ଏହାକୁ ସାମାଜିକ, ଆର୍ଥିକ ଓ ସ୍ଥାନୀୟ ପରିପାଟିର



ବୃହତ୍ତର ଦୃଷ୍ଟିକୋଣରୁ ବିଚାର କରିବାକୁ ପଡ଼ିବ।

ବିଦ୍ୟାଳୟ ସଂଖ୍ୟା ବୃଦ୍ଧି, ଭିତ୍ତିଭୂମିର ବିସ୍ତାର, ସାର୍ବଜନୀନ ଶିକ୍ଷା ପାଇଁ ପଞ୍ଜିକରଣ ଓ ଉନ୍ନତ ଶିକ୍ଷକ-ଶିକ୍ଷାର୍ଥୀ ଅନୁପାତ ଭଳି ବିଷୟଗୁଡ଼ିକ ଉପରେ ସମସ୍ତେ ଏକମତ । କିନ୍ତୁ ବାସ୍ତବିକ ଶିକ୍ଷା ପ୍ରଦାନର ସ୍ୱରୂପ କ'ଣ ? ଗୁଣାତ୍ମକ ଶିକ୍ଷାର ମାନେ କେବଳ ବିଦ୍ୟାଳୟ ବ୍ୟବସ୍ଥା ନୁହଁ, ବରଂ ସମସ୍ତଙ୍କ ପାଇଁ ସମାନ ଆଭିମୁଖ୍ୟ ବହନ କରିବା । ବିଦ୍ୟାଳୟରେ ପାଦଦେବା ମାତ୍ରେ, ଏହା ସଂପୃକ୍ତ ଶିକ୍ଷାର୍ଥୀ ପାଇଁ, ତା'ର ସର୍ବାଙ୍ଗୀନ ବିକାଶ ପାଇଁ, ସୁଖକର ଶିକ୍ଷା ଆହରଣ ପାଇଁ ଏକ ଆଦର୍ଶ କେନ୍ଦ୍ର ହେବା ଉଚିତ୍ । ବିଦ୍ୟାଳୟଗୁଡ଼ିକ ଏଭଳି କେନ୍ଦ୍ର ହେବା ଉଚିତ୍ ଯେଉଁଠି ଗୋଷ୍ଠୀଗତ, ଜାତିଗତ ଓ ଲିଙ୍ଗଗତ ଅସମାନତା ଓ ଅସୂୟାଭାବର ଅନୁପସ୍ଥିତି ସୁନିଶ୍ଚିତ କରାଯାଇପାରୁଥିବ । ଶିକ୍ଷାଦାନର ଏତାଦୃଶ ପ୍ରଣାଳୀ ଦ୍ୱାରା ଛାତ୍ରଛାତ୍ରୀଙ୍କ ମନରୁ ବିଦ୍ୟାଳୟ ବିମୁଖତା ଦୂର କରାଯାଇପାରିବା ସହିତ, ଶିକ୍ଷାର ବିଭିନ୍ନ ସୋପାନ ଅତିକ୍ରମ କରିବାକୁ ସେମାନଙ୍କୁ ଉତ୍ସାହିତ କରାଯାଇପାରିବ ।

କୁହାଯାଏ, ବିଦ୍ୟାଳୟ ହେଉଛି ସମାଜର ଏକ କ୍ଷୁଦ୍ର ପ୍ରତିବିମ୍ବ । କାରଣ ସାମାଜିକ ଭାବେ ଆହରିତ ବିଭିନ୍ନ ଗୁଣାବଳୀ, ଆଭିମୁଖ୍ୟ ଓ ଆଚରଣ ଆଦି ଅନେକ ସମୟରେ ବିଦ୍ୟାଳୟ ପରିସରକୁ ମଧ୍ୟ ସ୍ଥାନାନ୍ତରିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଶିକ୍ଷକମାନଙ୍କୁ ପୂର୍ବାଗ୍ରହମୁକ୍ତ କରିବା ପାଇଁ ଉପଯୁକ୍ତ ତାଲିମ ଆବଶ୍ୟକ । ଭେଦଭାବ ବିରୋଧରେ ନାଗରିକମାନଙ୍କୁ ପ୍ରଦତ୍ତ ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବା ଦାୟିତ୍ୱ ହେଉଛି ଶିକ୍ଷକ ମାନଙ୍କର ଏବଂ ଶିକ୍ଷା-ପ୍ରଶାସକ ମାନଙ୍କର । ଜାତି, ଧର୍ମ, ବର୍ଣ୍ଣ, ଆର୍ଥିକସ୍ଥିତି ଓ ସାମର୍ଥ୍ୟ ଆଦି ଦୃଷ୍ଟିରୁ ଛାତ୍ରଛାତ୍ରୀଙ୍କ ପ୍ରତି କୌଣସି ପ୍ରକାର ଭେଦଭାବ ନୀତି ଆପଣେଇବାର ସ୍ୱାଧୀନତା, ଶିକ୍ଷକଙ୍କ ପାଖରେ ନାହିଁ। ତେଣୁ, ସମାନତା ସପକ୍ଷରେ ଏବଂ ଅସମାନତା ବିପକ୍ଷରେ ନାଗରିକମାନଙ୍କ ସମ୍ବିଧାନ ପ୍ରଦତ୍ତ ଅଧିକାର ହନନ ବିରୋଧରେ ଶିକ୍ଷକ, ପ୍ରଶାସକ ଓ ଗୋଷ୍ଠୀ ନେତୃବୃନ୍ଦଙ୍କୁ ସଚେତନ କରାଇବାକୁ ହେବ । ବିଦ୍ୟାଳୟ ଗୁଡ଼ିକରେ ଏଥିସକାଶେ ଏକ ଆଦର୍ଶ ଆଚରଣ ବିଧି ଲାଗୁ କରିବାକୁ ହେବ - ବିଦ୍ୟାଳୟ ପରିସର ମଧ୍ୟରେ ପ୍ରଦର୍ଶିତ କରିବାକୁ ହେବ । କେବଳ ଶିକ୍ଷକ ନୁହଁନ୍ତି, ବରଂ ଶିକ୍ଷାର୍ଥୀମାନଙ୍କ ପାଇଁ ମଧ୍ୟ ଏଭଳି ସମାନତା-ଭିତ୍ତିକ ଆଦର୍ଶ ଆଚରଣ ବିଧି ବିକଶିତ କରିବା ଉଚିତ । ଶିକ୍ଷାର୍ଥୀଙ୍କ ମଧ୍ୟରେ ସମାନତାର ଭାବ ଉଦ୍ରେକ ହେଲେ ଏହାଦ୍ୱାରା ଶିକ୍ଷକମାନେ ମଧ୍ୟ ଅନୁକୂଳ ଭାବେ ପ୍ରଭାବିତ ହେବେ । ସାମ୍ୟବାଦର ଏଭଳି ପ୍ରଭାବ, ସ୍ଥାନୀୟ ନେତୃବୃନ୍ଦ ଏବଂ ଶିକ୍ଷା ପ୍ରଶାସକମାନଙ୍କ ଉପରେ ମଧ୍ୟ ଅବଶ୍ୟ ଅନୁଭୂତ ହେବ ।

ସାଂପ୍ରତିକ ସ୍ଥିତି ଅନୁଯାୟୀ, ଶିକ୍ଷକ ପ୍ରଶିକ୍ଷଣ କେବଳ ପ୍ରଶାସନିକ ଓ ପାଠ୍ୟକ୍ରମ ଉପରେ ପର୍ଯ୍ୟବସିତ । ଅଧିକନ୍ତୁ, ଏଭଳି ପ୍ରଶିକ୍ଷଣ, ଶିକ୍ଷକ ମାନଙ୍କ ପାଇଁ ବେଳେବେଳେ କ୍ଳାନ୍ତି-କାରକ । ତେଣୁ, ପାରମ୍ପରିକ ପ୍ରଶିକ୍ଷଣ ବ୍ୟତିରେକ ଶିକ୍ଷକ ପ୍ରଶିକ୍ଷଣ ପାଇଁ ଏମିତି ପନ୍ଥା ବାହାର କରିବା ଉଚିତ, ଯେଉଁଠାରେ ଶିକ୍ଷକ ଓ ଗୋଷ୍ଠୀ-ନେତୃତ୍ୱ ମଧ୍ୟରେ ସମାନତା ବିଷୟରେ ବିଚାର-ବିମର୍ଷ ହୋଇପାରୁଥିବ । ଏ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିବାକୁ ପଡ଼ିବ ।

ପାଠ୍ୟକ୍ରମରୁ ମୁଁ ଶିଖିଲି,
ପୁରୁଷମାନେ କେବଳ ରାଜା ଓ ସୈନିକ ହୋଇପାରିବେ ।
ଅନ୍ୟଏକ ପୁସ୍ତକରୁ ମୁଁ ଜାଣିଲି,
ଖ୍ୟାତନାମା ରାଣୀମାନେ ମଧ୍ୟ ଶାସକ ହୋଇପାରିଛନ୍ତି ।
ପାଠ୍ୟକ୍ରମରୁ ମୁଁ ଶିଖିଲି,
ପୁରୁଷମାନେ କେବଳ ଡାକ୍ତର

ହୋଇପାରିବେ ।

ଜଣେ ଡାକ୍ତରଙ୍କ ପାଖକୁ ଯିବାପରେ ଜାଣିଲି,

ସେହି ଡାକ୍ତର ଜଣକ ଜଣେ ମହିଳାଥିଲେ ।

ପାଠ୍ୟକ୍ରମରୁ ମୁଁ ଶିଖିଲି,

ପୁରୁଷମାନେ କେବଳ କୃଷିକର୍ମ କରିଥାନ୍ତି ।

ଟ୍ରେନ ଯାତ୍ରା ବେଳେ ମୁଁ କିନ୍ତୁ ଦେଖିଲି,

ବିଲରେ ମହିଳାମାନେ ମଧ କାମ କରୁଛନ୍ତି ।

(ବରୋଦାସ୍ଥିତ ଉତ୍କର୍ଷ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଶିକ୍ଷାର୍ଥୀଙ୍କ ଦ୍ୱାରା ପ୍ରସ୍ତୁତ - NCERT-୨୦୦୫)

ଦୀର୍ଘ ଦୁଇଦଶନ୍ଧିର ପ୍ରଚେଷ୍ଟା ସତ୍ତ୍ୱେ ମଧ, ଆମ ପାଠ୍ୟପୁସ୍ତକ ଗୁଡ଼ିକ ବିଭିନ୍ନ ପ୍ରକାର ପୂର୍ବାଗ୍ରହ ଓ ସ୍ଥିତାବସ୍ଥା କବଳରୁ ସମ୍ପୂର୍ଣ୍ଣଭାବେ ମୁକ୍ତ ହୋଇ ପାରିନାହାନ୍ତି । ଫଳସ୍ୱରୂପ, ଏଗୁଡ଼ିକ ଦ୍ୱାରା ପ୍ରଚ୍ଛନ୍ନଭାବେ, ଲିଂଗଗତ ପ୍ରଭେଦ ଓ ସାମାଜିକ ସ୍ତରବାଦ ବୃଦ୍ଧି ପାଇବାରେ ଲାଗିଛି । ଉଦାହରଣ ସ୍ୱରୂପ, ବିଭିନ୍ନ ଜାତିଗତ ବୃତ୍ତି ଓ ପୁରୁଷ-ପ୍ରାଧାନ୍ୟ ବିଷୟ ଆଧାରିତ ଚିତ୍ର ଏବେ ମଧ ପାଠ୍ୟପୁସ୍ତକ ଫର୍ଦ୍ଦରୁ ଉଙ୍କିମାରୁଛି । ପୁନଶ୍ଚ, ପାଠ୍ୟପୁସ୍ତକରେ ଦିଆଯାଇଥିବା ଅଧିକାଂଶ ଦୃଷ୍ଟାନ୍ତ, ସହରାଞ୍ଚଳ ସମ୍ପର୍କିତ । ଏଗୁଡ଼ିକରେ ନେତାଙ୍କ ବିଷୟ ଆସିଲେ, କେବଳ ପୁରୁଷମାନଙ୍କ କଥା କୁହାଯାଏ । ଗୃହକାର୍ଯ୍ୟ ଓ ସ୍ନେହ କଥା ପଡ଼ିଲେ କେବଳ ମହିଳାଙ୍କ ଉଦାହରଣ ଦିଆଯାଏ । ଏସବୁ ଦୃଷ୍ଟିରୁ (NCF 2005) ଶିକ୍ଷାକ୍ଷେତ୍ରରେ ଲିଂଗଗତ ବିଷୟ ଉପରେ ଗଠିତ ଏକ ଅଧ୍ୟୟନ ଗୋଷ୍ଠୀ, ସମାନତା ଉପରେ ସବିଶେଷ ଗୁରୁତ୍ୱାରୋପ କରିଛନ୍ତି । ଏଥିପାଇଁ ଏହି ଗୋଷ୍ଠୀ, ଶିକ୍ଷା ପରିସରରେ କେବଳ 'ସମାନତା' ଉପରେ ନୁହଁ, ବରଂ 'ଅସମାନତା' ଉପରେ ମଧ ଗୁରୁତ୍ୱାରୋପ କରିଛି । ଅର୍ଥାତ୍, ଯଦି 'ସମାନତା' ରକ୍ଷାପାଇଁ, ଅସୁବିଧାଗ୍ରସ୍ତ କୌଣସି ନିର୍ଦ୍ଦିଷ୍ଟ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କୁ ଅନ୍ୟମାନଙ୍କ ଅପେକ୍ଷା 'ଅଧିକ' ଧ୍ୟାନଦେଇ 'ଅସମାନ' ହେବାକୁ ପଡ଼େ, ତେବେ ତାହା ମଧ ଗ୍ରହଣୀୟ ବୋଲି ଏହି ଗୋଷ୍ଠୀ ମତ ଦେଇଛି ।

**ଗୁଣାତ୍ମକ ଶିକ୍ଷାର ମାନେ କେବଳ ବିଦ୍ୟାଳୟ ବ୍ୟବସ୍ଥା ନୁହଁ, ବରଂ ସମସ୍ତଙ୍କ ପାଇଁ ସମାନ ଆଭିମୁଖ୍ୟ ବହନ କରିବା । ବିଦ୍ୟାଳୟରେ ପାଦଦେବା ମାତ୍ରେ, ଏହା ସଂପୃକ୍ତ ଶିକ୍ଷାର୍ଥୀ ପାଇଁ, ତା'ର ସର୍ବାଙ୍ଗୀନ ବିକାଶ ପାଇଁ, ସୁଖକର ଶିକ୍ଷା ଆହରଣ ପାଇଁ ଏକ ଆଦର୍ଶ କେନ୍ଦ୍ର ହେବା ଉଚିତ୍ । ବିଦ୍ୟାଳୟଗୁଡ଼ିକ ଏଭଳି କେନ୍ଦ୍ର ହେବା ଉଚିତ୍ ଯେଉଁଠି ଗୋଷ୍ଠୀଗତ, ଜାତିଗତ ଓ ଲିଙ୍ଗଗତ ଅସମାନତା ଓ ଅସ୍ପୃଶ୍ୟଭାବର ଅନୁପସ୍ଥିତି ସୁନିଶ୍ଚିତ କରାଯାଇପାରୁଥିବ । ଶିକ୍ଷାଦାନର ଏତାଦୃଶ ପ୍ରଣାଳୀ ଦ୍ୱାରା ଛାତ୍ରଛାତ୍ରୀଙ୍କ ମନରୁ ବିଦ୍ୟାଳୟ ବିମୁଖତା ଦୂର କରାଯାଇପାରିବା ସହିତ, ଶିକ୍ଷାର ବିଭିନ୍ନ ସୋପାନ ଅତିକ୍ରମ କରିବାକୁ ସେମାନଙ୍କୁ ଉତ୍ସାହିତ କରାଯାଇପାରିବ ।**

ଶିକ୍ଷାବିତ୍, ପାଠ୍ୟପୁସ୍ତକ ଲେଖକ ଓ ଲେଖିକା ଏବଂ ବିଦ୍ୟାଳୟ ପାଠ୍ୟକ୍ରମ ପ୍ରସ୍ତୁତି କର୍ତ୍ତାଙ୍କୁ ସମାନତା ଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିବାକୁ ହେବ । କାରଣ ବିବିଧତା ପ୍ରତି ସମ୍ମାନ ଓ ସମାନତା ଭଳି ଗୁଣାବଳୀଗୁଡ଼ିକର ପ୍ରସାରଣ ପାଇଁ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ଏକ ବଳିଷ୍ଠ ମାଧ୍ୟମ । ଏହାଦ୍ୱାରା ଲିଂଗଗତ ପାର୍ଥକ୍ୟକୁ ମଧ ପ୍ରତିହତ କରାଯାଇପାରିବ । କନ୍ୟାସନ୍ତାନ ମାନେ ସାମାଜିକ ବର୍ଗିକରଣର ବସବର୍ତ୍ତି ହେବାକୁ ବାଧ ହୁଅନ୍ତି । ଏହାର ପ୍ରକାରଭେଦ ପୁଣି ଜାତି, ବର୍ଣ୍ଣ, ଗୋଷ୍ଠୀ ପରିପ୍ରେକ୍ଷୀରେ ଭିନ୍ନଭିନ୍ନ । ଫଳସ୍ୱରୂପ କନ୍ୟାସନ୍ତାନମାନଙ୍କ ଆଶା, ଆକାଂକ୍ଷା, ସାମର୍ଥ୍ୟ ଏବଂ ଆତ୍ମ-ପ୍ରତ୍ୟୟ ପ୍ରତିକୂଳ ଭାବେ ପ୍ରଭାବିତ ହୋଇଥାଏ । ତେଣୁ ସମାନତାଭିତ୍ତିକ ଆଭିମୁଖ୍ୟ ଓ ଆଚରଣ ମାଧମରେ କନ୍ୟାସନ୍ତାନ ମାନଙ୍କୁ ନିଜର ପୃଥକ୍ ସାମର୍ଥ୍ୟ ହାସଲ କରିବାକୁ ପ୍ରୋତ୍ସାହନ ମିଳିପାରିବ ।

ବିଗତ ୫୦ବର୍ଷ ମଧରେ, ବାଳିକା ଶିକ୍ଷା ଓ ନାରୀ ଶିକ୍ଷା ଉପରେ ଅନେକ କମିଟି ଓ ଆୟୋଗମାନ ବସିଛି । ଅନେକ ବିଷୟ ସମ୍ପର୍କରେ ବିଚାର ଆଲୋଚନା କରାଯାଇଛି । ଅନେକ ରଣନୀତି ପ୍ରସ୍ତୁତ ହୋଇଛି । ତେବେ ଏଗୁଡ଼ିକ ମଧରୁ ଅନେକାଂଶର ବିଫଳତା ପାଇଁ ଦାୟୀ ହେଉଛି ଏକ ଅପରିବର୍ତ୍ତନୀୟ ନୀତିର ଅଭାବ । ଏଭଳି ଏକ ନୀତି ପୃଷ୍ଠଭୂମିରେ ଶିକ୍ଷା ଉପଲବ୍ଧତା, ଭେଦଭାବ ସହିତ ଶିକ୍ଷା ଓ ଶିକ୍ଷାପ୍ରଣାଳୀ ଏବଂ ଲିଂଗଗତ ପ୍ରଭେଦ ରହିତ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିବାକୁ ପଡ଼ିବ । ଏହି ତିନୋଟି ବିଷୟରେ ଯଦି ଆମେ ଅଗ୍ରସର ହେଉ, ତେବେ ଆମେ ଅଧିକରୁ ଅଧିକ ଲିଂଗଗତ ବୈଷମ୍ୟ ଦୂର କରିପାରିବା ସହିତ, ଏକ ସାମାଜିକ ନ୍ୟାୟ ବ୍ୟବସ୍ଥାର ମଧ ଅନୁଗାମୀ ହୋଇପାରିବା ।

କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟ ଅଧୀନସ୍ଥ ମହିଳା ସାକ୍ଷରତା ସମ୍ପର୍କିତ ପ୍ରକଳ୍ପର ପ୍ରଥମ ନିର୍ଦ୍ଦେଶକ ଓ ପ୍ରାଥମିକ ଏବଂ ମହିଳା ଶିକ୍ଷା ସହ ସକ୍ରିୟ ଭାବେ ସମ୍ପୃକ୍ତ



Unfiled Notes Page 20

# ଏକ ମୂଲ୍ୟବୋଧଭିତ୍ତିକ ସମାଜ ଆଡ଼କୁ : ଏକାଠି ରହିବାର ଶିକ୍ଷା

■ ଜେ.ଏସ୍.ରାଜପୁତ୍

> ଏବେ ମଣିଷ ମୌଳବାଦ, ଆତଙ୍କବାଦ ଓ ସାଇବର ଆକ୍ରମଣର ଆତଙ୍କରେ ଜର୍ଜରିତ । ପ୍ରାକୃତିକ ସଂପଦର ପରିମାଣ ସୀମିତ ବୋଲି ଜାଣି ମଧ୍ୟ ଆଜିର ମଣିଷ ମନଇଚ୍ଛା ତାହାର ଉପଯୋଗ କରି ପୃଥିବୀକୁ ବିପର୍ଯ୍ୟସ୍ତ କରୁଛି । ଯେତେବେଳେ ମଣିଷର ବିବେକକୁ ଲୋଭ ଗ୍ରାସ କରେ ସେତେବେଳେ ହିଂସାର ସୃଷ୍ଟି ଓ ପ୍ରସାର ପାଇଁ ଅନୁକୂଳ ବାତାବରଣ ତିଆରି ହୋଇଯାଏ । ଏହା ପରେ ଆରମ୍ଭ ହୋଇଯାଏ ଯୁଦ୍ଧ । ମାନବ ଓ ପ୍ରାକୃତିକ ସମ୍ବଳର ଅସୀମ ଧ୍ୱଂସ ସାଧନ ହୁଏ ।



'ଜ୍ଞାନ ଯଦି କେବଳ ଜ୍ଞାନ ହୋଇ ରହେ ତା' ହେଲେ ମଣିଷର ବଂଚିବାର ସୁଯୋଗ ନାହିଁ । ଆମେ ଯଦି ଜ୍ଞାନକୁ ବିଜ୍ଞତାରେ ପରିଣତ କରିପାରିବା ତେବେ ମଣିଷ କେବଳ ବଂଚିବ ନାହିଁ, ସଫଳତାର ଉଚ୍ଚତମ ସୋପାନରେ ପହଞ୍ଚିବାକୁ ସକ୍ଷମ ହେବ ।' - ଜର୍ଜ ବର୍ଣ୍ଣାଡ୍ ଶ

ଏକ ଉନ୍ନତ ଜୀବନଯାପନ ପାଇଁ ଅଧିକ ଜ୍ଞାନ ଓ ବିଜ୍ଞତାର ଉପଯୋଗ କରି ଆଗକୁ ବଢ଼ିବାର ଏକ ଅନୁପମ, ସ୍ୱାଭାବିକ ପ୍ରବୃତ୍ତି ମଣିଷର ରହିଛି । ସବୁଶ୍ରେଣୀଙ୍କ ମଧ୍ୟରେ ମଣିଷ ଏକମାତ୍ର ଜୀବ ଯେକି ଜୀବନସାରା ଅନୁସନ୍ଧିତ୍ସା, ଦୂରଦୃଷ୍ଟି, ନୂତନ ସର୍ଜନା, ଉପାୟ ପରିକଳ୍ପନା ଏବଂ ଉପଯୋଗ ମାଧ୍ୟମରେ ବିକାଶପଥର ଯାତ୍ରୀ ହୋଇଥାଏ । ମଣିଷ ସମାଜର ବିକାଶ ସହିତ ଉତ୍ତରପିଢ଼ି ପାଇଁ ଜ୍ଞାନଲବ୍ଧ, ବୁଦ୍ଧିମତା ଓ ଅଭିଜ୍ଞତାର ପ୍ରସାର ଅପରିହାର୍ଯ୍ୟ ହୋଇଛି । ଏହାକୁ ଏକ ଦାୟିତ୍ୱ କୁହାଯାଇପାରେ । ତଦନୁସାରେ ପ୍ରତ୍ୟେକ ସଭ୍ୟତାରେ ଆବଶ୍ୟକ ପଥ ଓ ସାଧନର ବ୍ୟବସ୍ଥା କରାଯାଇ ଯୁବପିଢ଼ିକୁ ଶିକ୍ଷିତ କରାଯାଇଥାଏ । ବିନା ଲେଖାରେ କେବଳ ପଠନ ଓ ଶ୍ରବଣ ପରମ୍ପରା ଦ୍ୱାରା କେତେକ ମହାନ ଗ୍ରନ୍ଥ କିପରି ପିଢ଼ି ପରେ ପିଢ଼ି ଅବିକଳ ବଂଚି ରହିଥିଲା ସେ କଥା ଏବେ କଳ୍ପନା କରିବା କଷ୍ଟ ।

ଇତିହାସର ସାଂପ୍ରତିକ ଘଡ଼ି ସନ୍ଧି କାଳରେ ଜ୍ଞାନର ଉଦ୍ଭବ, ସମୃଦ୍ଧି, ପ୍ରସାର ଏବଂ ଉପଯୋଗ ଏବେ ଶିକ୍ଷା ଓ ଗବେଷଣା ମଧ୍ୟରେ ଏକୀଭୂତ ହୋଇଯାଇଛି । ଆପୋଷ ଆଲୋଚନା ଓ ଆଦାନପ୍ରଦାନ, ବୈଷୟିକ ସହାୟତା, ସୂଚନା ପ୍ରଯୁକ୍ତି ଆଦି ଦ୍ୱାରା ଏହା ଅଧିକ ଶକ୍ତିଶାଳୀ ହୋଇଛି । ଏ କ୍ଷେତ୍ରରେ ମଣିଷର ନିରନ୍ତର ପ୍ରୟାସ ଓ ପ୍ରତ୍ୟୁତ୍ପନ୍ନମତିତାର ଅବଦାନ ଉଲ୍ଲେଖନୀୟ । ମାତ୍ର ୫୦ ବର୍ଷ ପୂର୍ବେ ଆଇପ୍ୟାଡ୍ ଓ କମ୍ପ୍ୟୁଟରର ସାଂପ୍ରତିକ ରୂପ କଳ୍ପନାତୀତ ଥିଲା । ସଂଗୃହୀତ ଜ୍ଞାନ, ବୁଝାମଣା, ବୁଦ୍ଧିମତା ଓ ନିରନ୍ତର ପ୍ରୟାସ ଦ୍ୱାରା ମଣିଷ ଆଜି



ଏସବୁ ସଫଳତା ପାଇ ପାରିଛି । ଏହା ପଛରେ ଯେଉଁ ବ୍ୟକ୍ତି ବିଶେଷଙ୍କର ନିରନ୍ତର ପ୍ରୟାସ ଓ ତ୍ୟାଗ ରହିଛି ସେମାନଙ୍କ ଜୀବନର ମୂଳ ଲକ୍ଷ୍ୟ ଥିଲା ମାନବ ସମାଜର କଲ୍ୟାଣ ।

ବିଭିନ୍ନ ସ୍ଥାନରେ ଓ ପରିବେଶରେ ଜ୍ଞାନର ସ୍ତର କ୍ରମଶଃ ବଢ଼ିବା ପରେ ମାନବୀୟ ଗତିଶୀଳତା ବୃଦ୍ଧି ପାଇଛି । ଏହା ଦ୍ୱାରା ଜ୍ଞାନଲାଭର ସାର୍ବଜନୀନତା, ସ୍ୱୀକୃତ ଓ ବ୍ୟବହୃତ ହେବା ସହ ଏହାକୁ ଅଧିକ ସୁସଂହତ କରିବାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ଆଜି ମଣିଷ ପ୍ରକୃତିର ଶକ୍ତିକୁ ବୁଝିପାରୁଛି । ମା' ମାଟିର ପ୍ରାକୃତିକ ସଂପଦକୁ ବିନିଯୋଗ କରି ମାନବ ସମାଜର କଲ୍ୟାଣ କିପରି କରାଯାଇ ପାରିବ ସେ କଥା ମଣିଷ ଜାଣିପାରିଛି । ଏକଥା ମଧ୍ୟ ବୁଝିଛି ଯେ, ସବୁ ମଣିଷଙ୍କର ଏକ ସାଧାରଣ ଭାଗିଦାରୀ ଆଧାରିତ ଭବିଷ୍ୟତ ରହିଛି । 'ସାରା ବିଶ୍ୱ ଗୋଟିଏ ପରିବାର' ନ୍ୟାୟରେ ମାନବ ସମାଜର ଚିନ୍ତନର ଐକ୍ୟଭାବ ରକ୍ଷା ପୂର୍ବକ ସମଭାଗୀ ଓ ସମଭୋଗୀ ହୋଇ ସମସ୍ତେ ବୁଝି ବିଚାରି ପ୍ରାକୃତିକ ସମ୍ବଳର ଉପଯୋଗ କରିବା ସହ ପୃଥିବୀକୁ ଆଗାମୀ ବଂଶଧରଙ୍କ ପାଇଁ ଆହୁରି ଆନନ୍ଦମୟ କରିବା କଥା ମଧ୍ୟ ମଣିଷ ହୃଦୟଙ୍ଗମ କରିପାରିଛି ।

ଇତିହାସ ମଧ୍ୟ ଏକଥା ଶିକ୍ଷାଦିଏ ଯେ ଲବ୍ଧ ଜ୍ଞାନକୁ ମଣିଷ ନକରାତ୍ମକ କାର୍ଯ୍ୟ ପାଇଁ ବ୍ୟବହାର କରିଛି । ମଣିଷ ବିଭିନ୍ନ ମହାଦେଶକୁ ଆତଯାତ କରିବା ପରେ ଉପନିବେଶବାଦ, ଦାସତ୍ୱପ୍ରଥା, ବର୍ଣ୍ଣବୈଷମ୍ୟବାଦ ଓ ଅନ୍ୟାନ୍ୟ ଅମାନବୀୟ ପ୍ରକ୍ରିୟାର ଉଦ୍‌ଭବ ଘଟିଛି । ମଣିଷ ଆଣବିକ ଶକ୍ତିର ଅଧିକାରୀ ହେବା ପରେ ହିରୋସିମା ଓ ନାଗାସାକିରେ ବିପର୍ଯ୍ୟୟ ସୃଷ୍ଟି କରିଛି । ଏବେ ମଣିଷ ମୌଳବାଦ, ଆତଙ୍କବାଦ ଓ ସାଇବର ଆକ୍ରମଣର ଆତଙ୍କରେ ଜର୍ଜରିତ । ପ୍ରାକୃତିକ ସଂପଦର ପରିମାଣ ସୀମିତ ବୋଲି ଜାଣି ମଧ ଆଜିର ମଣିଷ ମନଇଚ୍ଛା ତାହାର ଉପଯୋଗ କରି ପୃଥିବୀକୁ ବିପର୍ଯ୍ୟସ୍ତ କରୁଛି । ଯେତେବେଳେ ମଣିଷର ବିବେକକୁ ଲୋଭ ଗ୍ରାସ କରେ ସେତେବେଳେ ହିଂସାର ସୃଷ୍ଟି ଓ ପ୍ରସାର ପାଇଁ ଅନୁକୂଳ ବାତାବରଣ ତିଆରି ହୋଇଯାଏ । ଏହା ପରେ ଆରମ୍ଭ ହୋଇଯାଏ ଯୁଦ୍ଧ । ମାନବ ଓ ପ୍ରାକୃତିକ ସମ୍ବଳର ଅସୀମ ଧ୍ୱଂସ ସାଧନ ହୁଏ । ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ସଂବେଦନଶୀଳ ସଂପର୍କକୁ ଏବେ ମଣିଷ ଯେପରି ନଷ୍ଟଭ୍ରଷ୍ଟ କରୁଛି ତାହା ଆଗରୁ କେବେ ଦେଖା ଦେଇନଥିଲା । ଏକ ସାଧାରଣ ମଣିଷ ପାଇଁ ଶୁଖି ଯାଉଥିବା ନଈ, ପ୍ରଦୂଷିତ ପରିବେଶ ଓ ସଂକ୍ରମିତ ପାଣି ସମଗ୍ର କାହାଣୀ ବୁଝେଇ କହି ଦେଉଛି । ମଣିଷର ପ୍ରଚଣ୍ଡ ବସ୍ତୁବାଦୀ ମନୋଭାବ ଓ କାର୍ଯ୍ୟ ଫଳରେ ମଣିଷର ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି । ସ୍ୱାସ୍ଥ୍ୟସେବା ଓ ଭେଷଜ ବିଜ୍ଞାନରେ ପ୍ରଚଣ୍ଡ ପ୍ରଗତି ସତ୍ତ୍ୱେ ବ୍ୟାଧି ଓ ସ୍ୱାସ୍ଥ୍ୟଗତ ସମସ୍ୟାର ମୁକାବିଲା କରାଯାଇ ପାରୁନାହିଁ । ଏହାର ଭୟାନକ ଅନ୍ତିମ ପରିଣତି ସଂପର୍କରେ ଅବଗତ ହୋଇ ମଧ ମଣିଷ ଏଥି ପ୍ରତି ନିଘା ରଖୁନି । ଏ ଧରା ଆଉ କେତେକାଳ ତିଷ୍ଠିବ ତାହାର ବିଜ୍ଞାନଭିତ୍ତିକ ଆକଳନ କରାଯାଉଛି କିନ୍ତୁ ଉପଯୁକ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରା ନଗଲେ ଏ ପୃଥିବୀ ଆଉ କେତେକାଳ ତିଷ୍ଠିବ ସେ କଥା କିଏ କହିପାରିବ ? ରୋଗ ଜଣା, ଔଷଧ ମଧ୍ୟ ଜଣା । ଏହା ସତ୍ତ୍ୱେ ଭୋଗବାଦର ଲାଳସା ଓ ପ୍ରଚୁର ଆହରଣ କରିବାର ଲୋଭ ବିଭିନ୍ନ ରାଷ୍ଟ୍ରର ନେତାମାନଙ୍କୁ ପ୍ରତିକାର ବିଷୟରେ ଚିନ୍ତା କରିବାର ଅବକାଶ ଦେଉନାହିଁ । ପୃଥିବୀ ରହିଲେ ଜୀବଜଗତ ରହିବ ଏକଥା ସେମାନେ ପାଶୋରି ପକାଉଛନ୍ତି । ଆମ ନେତା ଓ ଜନତାଙ୍କ ମଧ୍ୟରେ କ'ଣ ଅଭାବ ରହିଛି ? କାହିଁକି ମଣିଷ ନିଜର ବାସସ୍ଥଳୀକୁ ଧ୍ୱଂସ କରୁଛି । ନିଜର ଭାଇକୁ ହତ୍ୟାକରି ବିଶ୍ୱକୁ ଅସୁରକ୍ଷିତ ଏବଂ ମାନବ ସମାଜର ଶାନ୍ତିପୂର୍ଣ୍ଣ, ମର୍ଯ୍ୟାଦାଜନକ ତଥା ଶୋଭନୀୟ ଜୀବନ ନିମନ୍ତେ ଅନୁପଯୁକ୍ତ କରୁଛି ? ଏହାର ଉତ୍ତର ଚିରନ୍ତନ । ବେଦ ବହୁ ପୂର୍ବରୁ ଏହାର ଉତ୍ତର ଦେଇଛି । ଯେଉଁମାନେ ବେଦାନ୍ତ ସହ ପରିଚିତ ନୁହଁନ୍ତି ସେମାନଙ୍କ ପାଇଁ ପ୍ଲାଟୋଙ୍କ ଉକ୍ତି ସ୍ମରଣଯୋଗ୍ୟ । ପ୍ଲାଟୋ ତାଙ୍କର 'ରିପବ୍ଲିକ'ରେ ଶ୍ରୋତାଙ୍କୁ ବୁଝାଇବାକୁ ଯାଇ କହିଛନ୍ତି , "ଏକ ଭଲ ଜୀବନ କେବଳ କିଛି କାର୍ଯ୍ୟରେ ମିଳେ ନାହିଁ, ଭଲ ଜୀବନ ପାଇଁ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦିଷ୍ଟ ଧରଣର ବ୍ୟକ୍ତିର ଆବଶ୍ୟକତା ରହିଛି । ପ୍ଲାଟୋଙ୍କ ଅନୁସାରେ ଏ ପ୍ରଶ୍ନର ଉତ୍ତର ଏୟା ହେବ ଯେ "ମୁଁ ଜଣେ କିପରି ବ୍ୟକ୍ତି ହେବି ତାହା ହେବା ପାଇଁ ମତେ କ'ଣ କରିବାକୁ ପଡ଼ିବ ?" ଏ କ୍ଷେତ୍ରରେ ପ୍ରସଙ୍ଗକୁ ଆସୁଛନ୍ତି ଶିକ୍ଷକ ଓ ଶିକ୍ଷା । ଜଣେ ଶିକ୍ଷକ ଏକ ସାଧାରଣ ନିରୀହ ଲୋକକୁ ଏକ ବ୍ୟକ୍ତିରେ ପରିଣତ କରିପାରନ୍ତି । ଶିକ୍ଷକ ତାକୁ ମାନବତ୍ୱରୁ ଦେବତ୍ୱକୁ ଉନ୍ନିତ କରିବାକୁ ସକ୍ଷମ । ଯଦି ସେହି ଲକ୍ଷ୍ୟ ହାସଲ ହୋଇପାରିଲା ତା'ହେଲେ ସତ୍ୟ, ଅହିଂସା ଓ ଶାନ୍ତିର ମହତ୍ୱ ସର୍ବତ୍ର ପରିଦୃଶ୍ୟ ହେବ । ପ୍ରେମ ଓ ଭ୍ରାତୃଭାବ ସୃଷ୍ଟି ହେବ । ପ୍ରେମ ଆଉ ଅଦୃଶ୍ୟ ଆକାଂକ୍ଷା ହୋଇ ରହିବ ନାହିଁ । ତାହା ହିଁ ହେବ ଶିକ୍ଷାର ଶକ୍ତି ଯାହା ଶିକ୍ଷକଙ୍କ କର୍ତ୍ତୃତ୍ୱ ମୂଲ୍ୟବୋଧର ଉଦ୍ରେକ କରାଇବ । ଜଣେ ଆଦର୍ଶ ଭାବେ ଶିକ୍ଷକ ନିଜର ଭୂମିକା ଜାଣିବା ଏବଂ ସେଥିପ୍ରତି ମନୋନିବେଶ କରିବା ସହିତ ରାଷ୍ଟ୍ର ନିର୍ମାଣରେ ମଧ ନିଜକୁ ନିୟୋଜିତ କରିବେ । ଏଭଳି ଶିକ୍ଷକର ସ୍ଥାନ କେବଳ ମାମୁଲି ଶିକ୍ଷକ ଭାବେ ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମ ଶିଖାଇବାଠାରୁ ଆହୁରି ଆଗରେ, ଆହୁରି ଊର୍ଦ୍ଧ୍ୱରେ ।

ବିଶ୍ୱର ବସ୍ତୁବାଦୀ ଧାରା ପ୍ରତ୍ୟେକଙ୍କୁ

ବିଭିନ୍ନ ଭାବେ ପ୍ରଭାବିତ କରିଛି । ଶିକ୍ଷକ ଏବଂ ଶିକ୍ଷା ବ୍ୟବସ୍ଥା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ଶିକ୍ଷା ସର୍ବଦା ମାନବ ସମାଜର ଆଶାର କିରଣ ହୋଇ ରହିବ । ଜ୍ଞାନ ଓ ଜ୍ଞାନ ଲାଭ ପ୍ରୟାସ ଆବଶ୍ୟକ ହୋଇଥିଲେ ହେଁ ଏହା ଯଥେଷ୍ଟ ନୁହେଁ । ମାନବ ସମାଜର ଉଦ୍‌ବର୍ତ୍ତନ ପାଇଁ ଦୁଇ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଲା -ବୁଦ୍ଧି ଓ ବିବେକ । ଏକଥା ନୁହେଁ ଯେ ଏ ସଂପର୍କରେ କେହି ଆମକୁ ପୂର୍ବରୁ ସତର୍କ କରାଇ ନାହିଁ । ମାତ୍ର ଆମେ ତାହାକୁ ଉପେକ୍ଷା କରିଛୁ । ମହାତ୍ମା ଗାନ୍ଧିଙ୍କ ଉକ୍ତି 'ପ୍ରତ୍ୟେକ ମଣିଷର ଆବଶ୍ୟକତା ପାଇଁ ପ୍ରକୃତି ଯଥେଷ୍ଟ ଦେଇଛି; କିନ୍ତୁ କାହାର ଲୋଭ ପାଇଁ ନୁହେଁ' ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ଏଥିରେ ଗାନ୍ଧିଜୀ ସମଗ୍ର ମାନବ ଜାତିର ଭବିଷ୍ୟତର ସାରକଥା ସୂଚାଇଛନ୍ତି । ଏଥିରେ ମଣିଷ ଓ ପ୍ରକୃତିର ସଂପର୍କ ସହିତ ଏକ ସତର୍କ ସୂଚନା ମଧ୍ୟ ରହିଛି । ଯାହା ସୂଚେଇ ଦେଇଛି ଯେ ପ୍ରାକୃତିକ ସଂପଦର ମାତ୍ରାଧିକ ଉପଯୋଗ ବନ୍ଦ ହେବା ଉଚିତ ।

ଭାରତୀୟ ଦର୍ଶନରେ ଯେତେବେଳେ ଅପରିଗ୍ରହ ତତ୍ତ୍ୱର  ଉଦ୍ଭବ ହେଲା ଏହା ଥିଲା ଉଭୟ ସତର୍କବାଣୀ ଓ ମୂଲ୍ୟବୋଧ । ଅପରିଗ୍ରହର ଅର୍ଥ ଆବଶ୍ୟକତା ବାହାରେ ଅଧିକ କିଛି ଠୁଳ ବା ଆହରଣ ନ କରିବା । ଏହି ମୂଲ୍ୟବୋଧ ଓ ସତର୍କବାଣୀ ପ୍ରତି ସମସ୍ତେ ଧ୍ୟାନ ଦେବା ଆବଶ୍ୟକ । ଜଳବାୟୁ ସମ୍ମିଳନୀ, ଧରିତ୍ରୀ ସମ୍ମିଳନୀ ଓ ଅନ୍ୟାନ୍ୟ ଶିଖର ସମ୍ମିଳନୀଗୁଡ଼ିକରେ ନିୟମିତ ବ୍ୟବଧାନରେ ବିଶ୍ୱର ସ୍ଥିତି ଘେନି ଯେଉଁ ଉଦ୍‌ବେଗ ପ୍ରକାଶ ପାଇଛି ତାହା ଆମ କାନରେ ପଡୁଛି । ମାତ୍ର ଏସବୁ ସମ୍ମିଳନୀରେ ସେଭଳି କିଛି ପ୍ରଭାବଶାଳୀ ସମାଧାନ ପନ୍ଥା ବାହାରୁ ନାହିଁ । ମୂଲ୍ୟବୋଧ ଅବକ୍ଷୟ ନେଇ କେହି କିଛି କହୁନାହାନ୍ତି । ଏହି ମୂଲ୍ୟବୋଧ ଅବକ୍ଷୟ ହିଁ ସବୁ ଦୁର୍ନୀତିର କାରଣ । ମଣିଷ ସବୁ ଜାଣି, ବୁଝି ମଧ୍ୟ ନିଜ ଗୋଡ଼ରେ କୁରାଢ଼ି ମାରୁଛି । ମାନବୀୟ ଅକପଟତା ଓ ବିଚାରବୁଦ୍ଧି ଏହାର ସମାଧାନ ଖୋଜିବା ଆବଶ୍ୟକ । ଏଥିପାଇଁ ଏକମାତ୍ର ପନ୍ଥା ହିଁ ଶିକ୍ଷା । ସେଥିପାଇଁ ସ୍କୁଲ୍, କଲେଜ ଏବଂ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକ ଉପରେ ଗୁରୁତ୍ୱ ଦେବାକୁ ହେବ । ପାଠ୍ୟକ୍ରମ ଓ ଶିକ୍ଷାରେ ମୂଲ୍ୟବୋଧ, ପ୍ରତିପାଳନ ଏବଂ ବିକାଶ ଉପରେ ଧ୍ୟାନ ଦେବାକୁ ପଡ଼ିବ ।

ଅନ୍ୟ ସଭ୍ୟତାର ପ୍ରବେଶ ପୂର୍ବରୁ ଏ କ୍ଷେତ୍ରରେ ଭାରତୀୟ ପରମ୍ପରା, ଭାରତ ବିଦ୍ୱାନ ଓ ଜ୍ଞାନୀ ଗଣ କେବଳ ଏହି ଗ୍ରହର ଜୀବନ ସଂପର୍କରେ ଜାଣିବାକୁ ଉଦ୍ୟମ କରିନଥିଲେ, ସେମାନେ ମଧ୍ୟ ଏ ଗ୍ରହରୁ ଅନ୍ତିମ ବିଦାୟ ନେବା ପରେ ଜଣକର କ'ଣ ହୁଏ, ସେ ସଂପର୍କରେ ମଧ୍ୟ ଜାଣିବାକୁ ପ୍ରୟାସୀ ଥିଲେ । ଏହି ଅନ୍ୱେଷଣ ପଥରେ ସେମାନେ ସୃଷ୍ଟିର ବାସ୍ତବ ଉଦ୍ଦେଶ୍ୟ ଆବିଷ୍କାର କରିଥିଲେ । ତାହା ହିଁ ଦର୍ଶନର ବିକାଶ ଓ ଆଧ୍ୟାତ୍ମ ସାଧନ ଦିଗରେ ବାଟ କଢ଼ାଇଲା । ସମଗ୍ର ବିଶ୍ୱ ଏ କଥାକୁ ସ୍ୱୀକାର କରେ । ଆଧ୍ୟାତ୍ମିକ ଅନ୍ୱେଷଣ, ପାର୍ଥିବ ଜୀବନକୁ ଅଧିକ ବୁଝିବାରେ ସହାୟକ ହେଲା । ସତ୍ ଆଚାର, ସତ୍‌କର୍ମ, ଅନ୍ୟମାନଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗ, ଶାଶ୍ୱତ ମାନବୀୟ ଏକତା, ଜୀବନରେ ଶାନ୍ତି, ଅନ୍ୟମାନଙ୍କ ସହ ସଦ୍‌ଭାବ ଓ ମୈତ୍ରୀ ଆଦି ମୂଲ୍ୟବୋଧର ଉଦ୍ଭବ ଘଟିଲା ଏବଂ ସମୟକ୍ରମେ ଏହାର ଗୁରୁତ୍ୱ ଯଥାର୍ଥ ଭାବେ ପ୍ରତିପାଦିତ ହେଲା । ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ସଂପର୍କ ଏହାର ସମସ୍ତ ସ୍ପର୍ଶକାତରତା ସହ କିପରି ଅବ୍ୟାହତ ରହିବ, ଭାରତୀୟ ଶାସ୍ତ୍ର ତା' ଉପରେ ଗୁରୁତ୍ୱ ଦିଏ । ଏହା ମଧ୍ୟ ମଣିଷ ଉପରେ ଦାୟିତ୍ୱ ଅର୍ପଣ କରେ; କାରଣ ମଣିଷର ଭାବନା, ବିଚାରଶକ୍ତି, ଦୂରଦୃଷ୍ଟି, ଯୋଜନା, ଆବଶ୍ୟକସ୍ଥଳେ ନୂଆ କିଛି କଥା କରିବା, ନୂଆ କୌଶଳ ଉଦ୍ଭାବନ ଏବଂ ତ୍ରୁଟି ସଂଶୋଧନ କରିବାର ଦକ୍ଷତା ରହିଛି ।

ଡେଲୋର୍ସ କମିଶନ ରିପୋର୍ଟ (ୟୁନେସ୍କୋ-୧୯୯୬) ବେଶ ଚର୍ଚ୍ଚିତ ଓ ଜଣାଶୁଣା । ଏକବିଂଶ ଶତାବ୍ଦୀର ଶିକ୍ଷା ସଂକ୍ରାନ୍ତ ଏହା ଥିଲା ଏକ ଭିଜନ ଡକ୍ୟୁମେଣ୍ଟ୍ । ଏଥିରେ ସଂପ୍ରତି ମଣିଷ ସମ୍ମୁଖୀନ ହେଉଥିବା ସାତଟି ଉତ୍ତେଜନା ବା ଟେନ୍‌ସନ୍ ସଂପର୍କରେ ଉଲ୍ଲେଖ କରାଯାଇଛି । ସେସବୁ ହେଲା ବୈଶ୍ୱିକ ଓ ସ୍ଥାନୀୟ, ସାର୍ବଜନୀନ ଓ ବ୍ୟକ୍ତିଗତ, ପରମ୍ପରା ଓ ଆଧୁନିକତା, ଦୀର୍ଘମିଆଦି ଓ ସ୍ୱଳ୍ପମିଆଦି ବିଚାର, ପ୍ରତିଯୋଗିତା ଓ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ, ଜ୍ଞାନ ବିଶ୍ଳେଷଣ ଓ ତାହାକୁ ଗ୍ରହଣ କରିବାର ଦକ୍ଷତା, ଆଧ୍ୟାତ୍ମିକତା ଓ ବସ୍ତୁବାଦିତା ।

ଏସବୁ ଉତ୍ତେଜନାର ପରିଣାମ ପୃଥିବୀର ସମସ୍ତଙ୍କୁ ଭୋଗ କରିବାକୁ ପଡୁଥିବାରୁ ବିଭିନ୍ନ କ୍ଷେତ୍ରରେ ସଂଶୋଧନ ପ୍ରୟାସ ଆରମ୍ଭ କରିବା ଜରୁରୀ । ଗୋଟିଏ ପକ୍ଷରେ ବିଶ୍ୱତାପନ ସମସ୍ୟା, ଅନ୍ୟପକ୍ଷରେ ବର୍ତ୍ତମାନର ପିଢ଼ି ବର୍ଦ୍ଧିଷ୍ଣୁ ହିଂସାକାଣ୍ଡ, ଧାର୍ମିକ ମୌଳିକତାବାଦ ଓ ଆତଙ୍କବାଦ ଆଦି ସମସ୍ୟାର ସମ୍ମୁଖୀନ । ମଣିଷର ପ୍ରଗତି ଓ ବିକାଶ ସହିତ ଉପର ବର୍ଣ୍ଣିତ ସମସ୍ୟାବଳୀ ଏକ ସଙ୍ଗେ ଗତି କରି ନପାରେ । ଆହୁରି ମଧ୍ୟ ଏବେ ପ୍ରାୟ ପ୍ରତ୍ୟେକ ରାଷ୍ଟ୍ର ଆର୍ଥିକ ସଂକଟର ସମ୍ମୁଖୀନ । ବିକାଶଶୀଳ ଦେଶ, ଆର୍ଥିକ ସହାୟତା, ବୈଷୟିକ ସାହାଯ୍ୟ, ପ୍ରଯୁକ୍ତିର ବିକାଶ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରଗତି ପାଇଁ ବିକଶିତ ଦେଶ ସମୂହ ଆଡ଼େ ଅନେଇଛନ୍ତି । ଏସବୁ ସହାୟତା ପ୍ରଦାନ ବେଳେ ବିକଶିତ ରାଷ୍ଟ୍ରମାନେ ବଦାନ୍ୟତା ଦେଖାନ୍ତି ନାହିଁ କିମ୍ବା ମାହାଳିଆ କିଛି ଦିଅନ୍ତି ନାହିଁ । ଏହା ଫଳରେ ପ୍ରଗତିରେ ଆଦର୍ଶର ସଂକଟ ସୃଷ୍ଟି ହୁଏ । ଏହି ନୀତି କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ରାଷ୍ଟ୍ରକୁ ସୁହାଇପାରେ ସତ, ଅନ୍ୟମାନଙ୍କ ପାଇଁ ଏହା ଗ୍ରହଣୀୟ ହୋଇନଥାଏ । ଏସବୁର ପରିଣାମ ଦୃଶ୍ୟମାନ ହୁଏ ଏକ ପ୍ରକାର ନୈତିକ ସଂକଟରେ । ପ୍ରତ୍ୟେକ ଦେଶ ଏବେ ସେଇ ନୈତିକ ସଂକଟର ସମ୍ମୁଖୀନ ।

ପ୍ରତ୍ୟେକ ସଭ୍ୟତା ଓ ଧର୍ମ ନିଜର ପରମ୍ପରା, ରୀତିନୀତି ଓ ଆଚରଣ ପ୍ରସ୍ତୁତ କରିଥାଏ ଯାହାକୁ ତା'ର ଧର୍ମାବଲମ୍ବୀମାନେ ନିଜର ଆଚାର ବିଚାର, ଧାର୍ମିକ, ସାମାଜିକ ବ୍ୟବହାର, ଜୀବନଶୈଳୀ ଓ ପରିପାଳନରେ ବିଶ୍ୱାସ ରଖନ୍ତି । ଏହା ଦ୍ୱାରା ସେହି ଧର୍ମ ଓ ବିଶ୍ୱାସର ଲୋକ

ଏକତାସୂତ୍ରରେ ବାନ୍ଧି ହୋଇ ରହିଛନ୍ତି । ଅତଏବ ନିଃସଂଦେହରେ କୁହାଯାଇପାରେ ଯେ ଲୋକେ କୌଣସି ନା କୌଣସି ଏକ ଧର୍ମର ଅନ୍ତର୍ଭୁକ୍ତ । ବିଭିନ୍ନ ଅଞ୍ଚଳ ଓ ଭୂଖଣ୍ଡ ମଧ୍ୟରେ ମଣିଷଙ୍କ ଆତଯାତ ବଢ଼ିବା ଫଳରେ ଜୀବିକା ନିର୍ବାହ ପାଇଁ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକ ଗୋଟିଏ ସ୍ଥାନରେ ରହୁଛନ୍ତି । ୨୦୦୧ ର ଟୁଇନ୍ ଟାୱାର ବିପର୍ଯ୍ୟୟ ପରେ ମିଳିଥିବା ତଥ୍ୟ ଅନୁସାରେ ନ୍ୟୁୟର୍କର ସେହି ଦୁଇ ଅଟ୍ଟାଳିକାରେ ୬୦ଟି ଦେଶର ଯୁବକ ଯୁବତୀମାନେ ମିଶି କାର୍ଯ୍ୟ କରୁଥିଲେ । ସେମାନଙ୍କର ଜାତି, ଧର୍ମ, ବର୍ଣ୍ଣ, ସଂପ୍ରଦାୟ ଓ ଜାତୀୟତା, ସାମାଜିକ ସ୍ଥିତି ଭିନ୍ନ ଭିନ୍ନ ଥିଲା । ଏହା ସତ୍ତ୍ୱେ ଆଗାମୀ କାଲିର ବିଶ୍ୱ କିପରି ରୂପନେବ ସେ କଥା ସେମାନେ ଶିଖିଥିଲେ ଏବଂ ପ୍ରଗତି ଓ ବିକାଶ ପଥରେ ଆଗେଇବାକୁ ହେଲେ କିପରି ମିଳିମିଶି ଚଳିବାକୁ ତଥା କାମ କରିବାକୁ ହୁଏ ସେକଥା ସେମାନେ ଜାଣିଥିଲେ । ଯଦି ମାନବ ଜାତିର ଏକତା ଓ ସମତାକୁ ହୃଦୟଙ୍ଗମ କରି ସମସ୍ତେ ତାହାକୁ ଗ୍ରହଣ କରିପାରିବେ, ତା'ହେଲେ ସଂସ୍କୃତି, ଧର୍ମ, ଭାଷା, ଜାତୀୟତା ଆଦି ବିବିଧତା ମଣିଷର ବିକାଶ କ୍ଷେତ୍ରରେ ବାଧା ସୃଷ୍ଟି କରିପାରିବ ନାହିଁ । ଶିଶୁର ବିକାଶ କାଳରେ ତା' ଉପରେ ଏହାର ପ୍ରଭାବ ଅଧିକ ପଡ଼ିଥାଏ । ତେଣୁ ପିଲାଙ୍କ ଶିକ୍ଷା ଓ ପାଠ୍ୟକ୍ରମକୁ ତଦନୁସାରେ ପ୍ରସ୍ତୁତ କରାଯିବା ଉଚିତ ।

ଗୋଟିଏ ଦେଶ କେଉଁ ଆଦର୍ଶ (ମଡେଲ) ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରୁଛି ତାହାକୁ ସେ କିପରି ନିର୍ଣ୍ଣିତ କରେ ? ଏବେ ଏହା ପ୍ରାୟ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ଯେ ପ୍ରତ୍ୟେକ ଦେଶର ଶିକ୍ଷା ତାହାର ସଂସ୍କୃତିକୁ ଭିତ୍ତିକରି ବିକାଶ ସର୍ବସ୍ୱ ହେବା କଥା । ଭାରତର ନିଜସ୍ୱ ଅନୁଭୂତି ହେଲା ଅଜଣା ଭୂଇଁରେ ଶିକ୍ଷାର ସୌଧକୁ ଥାପି ଦେଲେ ତାହା ସଫଳ ହୁଏନା । ସ୍ୱାଧୀନତା ପରେ ଭାରତ ଯେଉଁ ଶିକ୍ଷା ମଡେଲ୍ ଚାଲୁ ରଖିଲା, ତାହା ବ୍ରିଟିଶ ସରକାରଙ୍କ ଦ୍ୱାରା ତିଆରି ହୋଇଥିଲା । ତାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଦେଶୀ ଶାସକଙ୍କୁ ସାହାଯ୍ୟ କରିବା ପାଇଁ ଶାସନର ତଳସ୍ତରରେ ଆବଶ୍ୟକ ପଡୁଥିବା ଲୋକଶକ୍ତି ପ୍ରସ୍ତୁତ କରିବା । ଏହା ପୁଣି ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା । ସଂସ୍କୃତି, ଇତିହାସ ଏବଂ ଜ୍ଞାନର୍ଜନ ପାଇଁ ଥିବା ଭାରତୀୟ ପରମ୍ପରା ସହିତ ଏହାର କୌଣସି ସଂପର୍କ ନଥିଲା । କେତେକ ଶାଶ୍ୱତ ମାନବିକ ମୂଲ୍ୟବୋଧ ବାହାରେ ସଂସ୍କୃତି ଓ ପରମ୍ପରାର କିଛି ନିର୍ଦ୍ଦିଷ୍ଟ ବିଭାଗ ଲୋକଙ୍କୁ ଶକ୍ତି ଏବଂ ପ୍ରେରଣା ଦେଇଥାଏ । ଏହି ବିବିଧତା, ଅଞ୍ଚଳ, ଧର୍ମ ଓ ମହାଦେଶ ମଧ୍ୟରେ କମନୀୟ ଭାବ ପ୍ରଚାର କରେ । ଅତଏବ ଏହାକୁ ପାରସ୍ପରିକ ସୌହାର୍ଦ୍ଦ୍ୟ, ବିଚାର ଓ ସହଯୋଗ ଦ୍ୱାରା ମଜବୁତ, ସାବଲୀଳ, ସଂପ୍ରସାରିତ ଓ ସୁରକ୍ଷିତ କରିବାକୁ ପଡ଼ିବ । ଏସବୁ ପାଇଁ ଏବଂ ଏକ ଅଧିକ ପରିପୂର୍ଣ୍ଣ ମାନବ ଜୀବନ ନିମନ୍ତେ ସାଂପ୍ରତିକ ସମୟରେ ପ୍ରଥମ ଶକ୍ତି ହେଲା ଶିକ୍ଷା । ଶିକ୍ଷାର ଉଦ୍ଦେଶ୍ୟ ଯାହା ହେଉ ନା କାହିଁକି ତାହାକୁ ବ୍ୟାପକ ଅର୍ଥରେ ମଣିଷ ତିଆରି ଶିକ୍ଷା ଭାବେ ପ୍ରତିପାଦିତ କରିବାକୁ ହେବ । ସ୍ୱାମୀ ବିବେକାନନ୍ଦ ଶିକ୍ଷାକୁ ମଣିଷ ଭିତରେ ପୂର୍ବରୁ ଥିବା ପୂର୍ଣ୍ଣତାର ପରିପ୍ରକାଶ କହିବାବେଳେ ସେ ମଣିଷ ଜୀବନର ସମଷ୍ଟି, ଏହାର ଲକ୍ଷ୍ୟ, ଉଦ୍ଦେଶ୍ୟ, ପ୍ରକ୍ରିୟା, ଉତ୍ପାଦ ଆଦି ସବୁ କଥାକୁ ମାତ୍ର କେଇ ଯୋଡ଼ା ଶବ୍ଦରେ ଯେପରି ସୁନ୍ଦର ଭାବେ ପ୍ରକାଶ କରିଛନ୍ତି, ତାହାକୁ ବଡ଼ବଡ଼ ଗ୍ରନ୍ଥ ବା ମୀମାଂସା ମଧ୍ୟ ପ୍ରକାଶ କରିପାରିବ ନାହିଁ ।

ରବୀନ୍ଦ୍ରନାଥ ଠାକୁରଙ୍କ ଭାଷାରେ 'ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ସଂପର୍କ' ହିଁ ଶିକ୍ଷା । ଯେଉଁ ଶିକ୍ଷା ଆମକୁ କେବଳ ସୂଚନା ନ ଦେଇ ଆମ ଜୀବନକୁ ସମସ୍ତ ସ୍ଥିତିଜ ସହ ସମନ୍ୱିତ କରେ ତାହା ହିଁ ହେଉଛି ସର୍ବୋଚ୍ଚ ଶିକ୍ଷା ।' ୧୯୦୯ ରେ ମହାତ୍ମା ଗାନ୍ଧୀ ହିନ୍ଦ୍ ସ୍ୱରାଜରେ ଶିକ୍ଷାର ସଂଜ୍ଞା ସଂପର୍କରେ ଲେଖିବାବେଳେ ଏହାକୁ ମଣିଷ ତିଆରି ପ୍ରକ୍ରିୟା ବୋଲି ବର୍ଣ୍ଣନା କରିଥିଲେ । ତାଙ୍କ ଭାଷାରେ 'ମୋ ବିଚାରରେ ସେଇ ଲୋକଟି ଉଦାରବାଦୀ ଶିକ୍ଷା ପାଇଥିବ ଏବଂ ଯୌବନରେ ସେ ଏମିତି ତାଲିମ ପ୍ରାପ୍ତ ହୋଇଥିବ ଯେ ତା'ର ଶରୀର, ତା'ର ମନର ଦେହଲଗା ଚାକର ପରି ବ୍ୟବସ୍ଥିତ ଭାବେ ଆୟାସ ଓ ଆନନ୍ଦରେ ସବୁ କାର୍ଯ୍ୟ କରୁଥିବ ।

ସେଭଳି ଶିକ୍ଷାର ସନ୍ଧାନ ଏବେ ବିଶ୍ୱବ୍ୟାପୀ ଚାଲିଛି ଏବଂ ସଭ୍ୟତାର ଅଭିବୃଦ୍ଧି ତଥା ବିବର୍ତ୍ତନ କ୍ଷେତ୍ରରେ ଏହା ଏକ ଶୁଭ ସୂଚନା । ହକ୍ସଲେଙ୍କ ଭାଷାରେ ଉତ୍କର୍ଷ ଶିକ୍ଷାର ଅର୍ଥ ହେଲା- 'ଉତ୍ତମ ଭାବେ ବିକଶିତ, ଉତ୍ତମ ଭାବେ ସମନ୍ୱିତ ବ୍ୟକ୍ତିତ୍ୱ ଯାହା ବିବର୍ତ୍ତନର ଶ୍ରେଷ୍ଠ ଉତ୍ପାଦ । ପୃଥିବୀରେ ଏହା ହାସଲ କରିବା ହେଉଛି ସର୍ବୋତ୍କୃଷ୍ଟ ଉପଲବ୍ଧି ।' ଡକ୍ଟର ରାଧାକୃଷ୍ଣନ୍‌ଙ୍କ ଭାଷାରେ ଶିକ୍ଷା ହେଉଛି 'ଏକ ସ୍ୱାଧୀନ, ରଚନାତ୍ମକ ମଣିଷ ସୃଷ୍ଟି କରିବା ଯେକି ଐତିହାସିକ ଘଟଣାବଳୀର ସାମ୍ନା କରିପାରିବ ଓ ପ୍ରକୃତିର ପ୍ରତିକୂଳତା ବିରୋଧରେ ଲଢ଼ିପାରିବ ।

ଜଗତିକରଣ, ପରିବର୍ଦ୍ଧିତ ଯୋଗାଯୋଗ, ସାଂସ୍କୃତିକ ଆଦାନପ୍ରଦାନ, ଆର୍ଥିକ ଆନ୍ତଃ-ନିର୍ଭରଶୀଳତା ଆଦି ଯେଉଁ ସାଂପ୍ରତିକ ଶବ୍ଦାବଳୀ ସବୁର ଉତ୍ପତ୍ତି ଘଟିଛି ତାହାର ମୂଳରେ ରହିଛି ଜ୍ଞାନପୁଞ୍ଜିର କରାମତି । ତେବେ ଜ୍ଞାନ ପୁଞ୍ଜିର ଗୁରୁତ୍ୱଠାରୁ ବାସ୍ତବ ଜ୍ଞାନ ପ୍ରତି ସଚେତନ ହେବା ଅଧିକ ଆବଶ୍ୟକ । ପୁଞ୍ଜି ସୃଷ୍ଟି ପାଇଁ ପ୍ରାକୃତିକ ସଂପଦର ମନଇଚ୍ଛା ଉପଯୋଗ ବା ବ୍ୟବହାର ଯେ ସର୍ବନାଶର କାରଣ ହେବ ଏକଥା ମନେ ରଖିବାକୁ ପଡ଼ିବ । ଉତ୍ତରାଖଣ୍ଡ, ମୁମ୍ବାଇ ଓ ଚେନ୍ନାଇରେ ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ଘଟିଲା ଏହା ପ୍ରକୃତି ଉପରେ ମଣିଷ ଚଳାଇଥିବା ତାଣ୍ଡବଲୀଳାର ଚରମ ପ୍ରତିକ୍ରିୟା । ଦିଲ୍ଲୀର ବାୟୁ ପ୍ରଦୂଷଣ ମଧ୍ୟ ଆମ ମୂଲ୍ୟବୋଧହୀନ ବିକାଶର ନମୁନା । ଏଥିଯୋଗୁଁ ପ୍ରାକୃତିକ ଜଳଉତ୍ସ, ନଦୀ ପ୍ରଦୂଷିତ ହେବା ସହ ନମସ୍ୟା ଗଙ୍ଗା ମଧ୍ୟ ବାଦ୍ ପଡ଼ିନାହିଁ ।

ଏଭଳି କାର୍ଯ୍ୟ ଯୋଗୁଁ ମାନବ ସମାଜର ସ୍ଥିତି ପ୍ରତି ବିପଦ ସୃଷ୍ଟି ହୋଇଥିବାରୁ ଏହା ଆମ ମୂଲ୍ୟବୋଧ ଅବକ୍ଷୟର ସୂଚନା ଦେଉଛି । ପରିତାପର ବିଷୟ ହେଉଛି, ଭାରତ ଓ ସାରା ବିଶ୍ୱରେ ପ୍ରାଥମିକ ଶିକ୍ଷା ସାର୍ବଜନୀନ ହେଉଥିବା ବେଳେ ଓ ସର୍ବତ୍ର ସାକ୍ଷରତା ହାର ବଢୁଥିବା ସମୟରେ ଏଭଳି ଅଘଟଣମାନ ଘଟୁଛି । ଅତଏବ ଏସବୁର ମୁକାବିଲା ପାଇଁ ଶିକ୍ଷାର ସାମଗ୍ରିକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହାସଲ ଦିଗରେ କାର୍ଯ୍ୟ କରିବାକୁ ପଡ଼ିବ । ନେଲ୍‌ସନ ମାଣ୍ଡେଲା ଯଥାର୍ଥରେ କହିଥିଲେ, "ଶିକ୍ଷା ହିଁ ସବୁଠୁ ଶକ୍ତିଶାଳୀ ଅସ୍ତ୍ର, ଯାହା ଦ୍ୱାରା ପୃଥିବୀକୁ ବଦଳାଇ ହେବ ।" ସେଭଳି ଶିକ୍ଷା ହାସଲ ଦିଗରେ ଶରୀର, ମନ ଓ ଚେତନାର ଶ୍ରେଷ୍ଠ ଉପଯୋଗ କରିବାକୁ ହେବ । ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ବିକାଶ ପାଇଁ ପରିବାର, ସଂପ୍ରଦାୟ ଓ ଶିକ୍ଷାକ୍ଷେତ୍ରରେ ପ୍ରୟାସ କରାଯିବା ଆବଶ୍ୟକ । ଏଥିପାଇଁ ଚିନ୍ତନ ଓ କାର୍ଯ୍ୟ ଲୋଡ଼ା

ଭାରତର ମୁକ୍ତିସଂଗ୍ରାମ ବିଭିନ୍ନ ଦୃଷ୍ଟିରୁ ଅନୁପମ ଥିଲା । ସେଥିମଧ୍ୟରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା ସତ୍ୟ ଓ ଅହିଂସାକୁ ପାଥେୟ କରି ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ସଂଗ୍ରାମ । 'ମୋ ଜୀବନ ହିଁ ମୋ ବାର୍ତ୍ତା'– ଏହି ଗୋଟିଏ ବାକ୍ୟରେ ସେ ତାଙ୍କର ସଂଗ୍ରାମର କାହାଣୀକୁ ବ୍ୟକ୍ତ କରିଥିଲେ । ସେ କୋଟିକୋଟି ଭାରତୀୟଙ୍କୁ ଆଦର୍ଶ ଜୀବନ ଯାପନ କରିବା ପାଇଁ ଅନୁପ୍ରାଣିତ କରିବା ସହ ଅଭାବୀ ଲୋକଙ୍କ ଦୁଃଖ ଅପନୋଦନ ତଥା ଦେଶମାତୃକା ପାଇଁ ପ୍ରାଣ ଉତ୍ସର୍ଗ କରିବାର ଆବଶ୍ୟକତାକୁ ଅଗ୍ରାଧିକାର ଦେଇଥିଲେ । ସେ ସମୟରେ ସ୍ୱଳ୍ପ ସାକ୍ଷରତା ହାର, ଯୋଗାଯୋଗର ଅଭାବ ଏବଂ ଛପା ଗଣମାଧ୍ୟମର ସ୍ୱଳ୍ପତା ସତ୍ତ୍ୱେ ଗାନ୍ଧିଜୀଙ୍କ ଆଦର୍ଶ, ବାର୍ତ୍ତା ଓ କାର୍ଯ୍ୟାବଳୀ ଦେଶର କୋଣ ଅନୁକୋଣକୁ ପ୍ରସାରିତ ହୋଇଥିଲା । ଏବେ ଏକଥା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ମୁକ୍ତି ସଂଗ୍ରାମରେ ସାମିଲ ହେବାର ସୁଯୋଗ ଯେଉଁମାନେ ପାଇଥିଲେ ସେମାନଙ୍କ ସହ ଗାନ୍ଧିଜୀଙ୍କ ଭାବ ବିନିମୟ ଯୋଗୁଁ ଏହା ସମ୍ଭବ ହୋଇଥିଲା । ଏପରିକି ଗାନ୍ଧିଜୀଙ୍କ ବାର୍ତ୍ତାର ପ୍ରଚାର ପ୍ରସାର କ୍ଷେତ୍ରରେ ସ୍କୁଲ୍ ଶିକ୍ଷକମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ସେମାନେ ଖଦି ଓ ଅପରିଗ୍ରହ (ସମ୍ପତ୍ତି ଠୁଳ ନ କରିବା) ବାର୍ତ୍ତା ପ୍ରଚାର କରି ସରଳ, ଆତ୍ମନିର୍ଭରଶୀଳ ଲୋଭମୁକ୍ତ ଜୀବନ ଯାପନ ସଂପର୍କରେ ଗାନ୍ଧିଜୀଙ୍କ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇଥିଲେ । ଯିଏ ସରଳ, ନିରାଡ଼ମ୍ବର ଜୀବନ ଯାପନ କରିବ ସେ ଲୋଭର ବଶବର୍ତ୍ତୀ ହୋଇ ଦୁର୍ନୀତିର ଆଶ୍ରୟ ନେବ ନାହିଁ । ଯେଉଁମାନେ ଅଧିକରୁ ଅଧିକ ଉପାର୍ଜନ ଓ ଆହରଣ କରିବାକୁ ଚାହାଁନ୍ତି ସେମାନେ ଅସଦ୍‌ଉପାୟ ଅବଲମ୍ବନ କରିବାକୁ ପ୍ରୟାସ କରିଥାନ୍ତି, ଏହା ଥିଲା ଗାନ୍ଧିଜୀଙ୍କ ବାର୍ତ୍ତାର ସାରାଂଶ ।

ଗାନ୍ଧିଜୀ ଜଣେ ମହାନ୍ ଦୂରଦ୍ରଷ୍ଟା ଥିଲେ । ମୂଲ୍ୟବୋଧର ଅବକ୍ଷୟ ଘଟିଲେ ଭବିଷ୍ୟତରେ କି ଅବସ୍ଥା ସୃଷ୍ଟି ହେବ ସେ କଥା ସେ ଅନୁମାନ କରି ପାରୁଥିଲେ । ସେଥିପାଇଁ ଉଭୟ ସରକାର ଓ ଜନତାଙ୍କୁ ସଚେତନ ଓ ସତର୍କ କରାଇବା ପାଇଁ ୧୯୨୫ରେ 'ୟଙ୍ଗଇଣ୍ଡିଆ'ରେ ସାତଟି ସାମାଜିକ ଅପରାଧ ସଂପର୍କରେ ଲେଖିଥିଲେ । ସେହି ସାତଟି ଅପରାଧ ହେଲା– ନୈତିକତା ବିହୀନ ବ୍ୟବସାୟ, ଚରିତ୍ର ବିହୀନ ଶିକ୍ଷା, ବିବେକ ବିହୀନ ସୁଖ, ନୀତିବିହୀନ ରାଜନୀତି, ମାନବିକତା ବିହୀନ ବିଜ୍ଞାନ, କର୍ମବିହୀନ ସମ୍ପତ୍ତି ଅର୍ଜନ ଏବଂ ସେବା ବିହୀନ ପୂଜା ।

ଏହି ସାତଟି ବିଷୟ ସବୁ ଦେଶ ପାଇଁ ଏକ ପୂର୍ଣ୍ଣାଙ୍ଗ ତଥା ବ୍ୟାପକ ନିର୍ଦ୍ଦେଶାବଳୀ ସଦୃଶ । ଭାରତ ଏକ ମୂଲ୍ୟବୋଧଭିତ୍ତିକ ସମାଜ ଗଠନ କରି ଆଧ୍ୟାତ୍ମିକ ସ୍ତରରେ ବିଶ୍ୱର ନେତୃତ୍ୱ ନେବ ବୋଲି ଯେଉଁ ସ୍ୱପ୍ନ ଦେଖୁଛି ତାହା ସାକାର ହୋଇପାରିବ ନାହିଁ । ଅତଏବ ଗାନ୍ଧିଜୀଙ୍କ କଥିତ ସାତଟି ପାପକୁ ପରିବର୍ତ୍ତନ କରିବା ପାଇଁ ପ୍ରତ୍ୟେକଟିକୁ ଗୋଟିଏ ଲେଖାଏଁ ବ୍ୟକ୍ତିଗତ କ୍ରିୟାନୁଷ୍ଠାନ ବିନ୍ଦୁ ଭାବେ ଗ୍ରହଣ କରିବାକୁ ପଡ଼ିବ । ଗାନ୍ଧୀଙ୍କ କଥନରେ 'ବିହୀନ' ବା 'ବିନା' ଶବ୍ଦ ପରିବର୍ତ୍ତେ ଯଦି 'ସହିତ' ଶବ୍ଦଟିକୁ ବ୍ୟବହାର କରାଯିବ ତା' ହେଲେ ଅଲୌକିକତା ହାସଲ ହୋଇପାରିବ ଏବଂ ସେ ସାତଟି ପାପ ଆଉ ପାପ ହୋଇ ରହିବ ନାହିଁ । ଏକାନ୍ତ ଉଦ୍ୟମ ଓ ନିଷ୍ଠା ବଳରେ ଲୋକଙ୍କୁ ଶିକ୍ଷିତ ଓ ଅନୁପ୍ରାଣିତ କରାଇ ଗାନ୍ଧିଜୀଙ୍କ ପ୍ରଦର୍ଶିତ ମାର୍ଗରେ କାର୍ଯ୍ୟ କଲେ ଆମର କର୍ମ ସଂସ୍କୃତି ଏବଂ ଶିକ୍ଷାନୁଷ୍ଠାନର ପରିବେଶ ବଦଳିଯିବ । ସବୁ ବ୍ୟକ୍ତିବିଶେଷ, ପ୍ରତ୍ୟେକ ବୃତ୍ତିଜୀବୀ, ପ୍ରତ୍ୟେକ ପିତାମାତା ଭାରତର ପରିବର୍ତ୍ତନରେ ନିଜର ଭୂମିକା ନିର୍ବାହ କରିବା ଉଚିତ । ଆଜି ମୁଁ ଅନ୍ୟ ପାଇଁ କ'ଣ କରିଛି, ମୋ ସମୁଦାୟ ଓ ଦେଶ ପାଇଁ କ'ଣ କରିଛି, ଦୈନିକ ଏ ବିଷୟରେ ସମୀକ୍ଷା କରିବାର ପରିବେଶ ସୃଷ୍ଟି ହେବା ଆବଶ୍ୟକ । ଏହା ଦ୍ୱାରା ଲୋକଙ୍କ ମଧ୍ୟରେ ନେତୃତ୍ୱଭାବ ପ୍ରକାଶ ପାଇବ ଏବଂ ପ୍ରତ୍ୟେକ, ପ୍ରତ୍ୟେକଙ୍କ ପାଇଁ ଆଦର୍ଶ ହେବେ । ଏହା ଦ୍ୱାରା ଘରଠାରୁ ଆରମ୍ଭ କରି ସ୍କୁଲ୍ ଓ କାର୍ଯ୍ୟସ୍ଥଳୀ ପର୍ଯ୍ୟନ୍ତ ସବୁଠାରେ ପୂର୍ଣ୍ଣାଙ୍ଗ, ରଚନାତ୍ମକ ଓ ଅବଦାନ ଭିତ୍ତିକ ଏକ ପରିବେଶ ସୃଷ୍ଟି ହୋଇପାରିବ । ଶିକ୍ଷା ଏ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରି ବ୍ୟକ୍ତିଭିତ୍ତିକ କାର୍ଯ୍ୟାନୁଷ୍ଠାନ ପାଇଁ ପରିବେଶ ସୃଷ୍ଟି କରୁ । ଏହା ସଫଳ ହେଲେ ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ବ୍ୟକ୍ତିତ୍ୱରେ ପରିଣତ ହେବେ ।

●

ପଦ୍ମଶ୍ରୀ ଉପାଧିରେ ଭୂଷିତ ଏହି ଲେଖକ ହେଉଛନ୍ତି ଜଣେ ବରିଷ୍ଠ ଶିକ୍ଷାବିତ୍ ଏବଂ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ଓ ଏନ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ ।



Unfiled Notes Page 25

# ଶୈକ୍ଷିକ ଅନ୍ତର୍ଭୁକ୍ତିକରଣପାଇଁ ପନ୍ଥା ନିର୍ଦ୍ଧାରଣ

■ ଡା. ଅନୁପ୍ରିୟା ଚଧା

> ବର୍ତ୍ତମାନର ଶିକ୍ଷା ପ୍ରଣାଳୀରେ ୩ "ଆର୍" (Reading- ପଠନ, Writing - ଲେଖନ ଓ Arithmatic - ଗଣିତ) ଉପରେ ହିଁ ପ୍ରାଧାନ୍ୟ ଦିଆଯାଇଛି । ଏହାଦ୍ୱରା ଶିକ୍ଷା ଏକ ପ୍ରକ୍ରିୟା ନ ହୋଇ ଏକ ପଦାର୍ଥରେ ପରିଣତ ହୋଇଛି । ଏଭଳି ଏକ ପଦାର୍ଥ ଯାହାର ମୂଲ୍ୟାୟନ ହୁଏ ରିପୋର୍ଟ କାର୍ଡ଼ରୁ, ମୂଲ୍ୟାଙ୍କନ ପତ୍ରରୁ କିମ୍ୱା ଶିକ୍ଷା ବର୍ଷ ପରେ ମିଳୁଥିବା ଡିଗ୍ରୀରୁ । ଏହି ପ୍ରକାର ଚିନ୍ତାଧାରାରେ ଆବଶ୍ୟକ ସୁଧାର ଅନିବାର୍ଯ୍ୟ ।



ସବୁ ପ୍ରକାର ଶିକ୍ଷାର୍ଥୀଙ୍କ ସକାଶେ ଶିକ୍ଷାକ୍ଷେତ୍ରରେ ସେମାନଙ୍କ ଦୁର୍ବଳତା ଦୂର କରିବାପାଇଁ ଏବଂ କେତେକ ଅନ୍ତର୍ନିହିତ ଦୁର୍ବଳତା ସତ୍ତ୍ୱେ ସେମାନଙ୍କୁ ଶିକ୍ଷାକ୍ଷେତ୍ରରେ ଅଗ୍ରସର ହେବାକୁ ସୁଯୋଗ ଦେବାପାଇଁ ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ ଏକ ଉପଯୁକ୍ତ ଉପାୟ । ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ବ୍ୟବସ୍ଥା ଓ ପରିବେଶ ଜରିଆରେ ବିଶେଷଭାବେ ଭିନ୍ନକ୍ଷମତା ଥିବା ବିଦ୍ୟାର୍ଥୀଙ୍କ ପାଇଁ ଶିକ୍ଷାଦାନ ପରିବେଶ ଓ ପ୍ରଣାଳୀକୁ ଅନୁକୂଳ କରିବା ହେଉଛି ଏହାର ଲକ୍ଷ୍ୟ । ଶାରୀରିକ, ଇନ୍ଦ୍ରିୟଗତ, ବୌଦ୍ଧିକ ଏବଂ ପରିସ୍ଥିତିଗତ ଦୁର୍ବଳତା ସତ୍ତ୍ୱେ, ସମସ୍ତ ପ୍ରକାରର ବିଦ୍ୟାର୍ଥୀଙ୍କପାଇଁ ସର୍ବନିମ୍ନ ମାନବ ଅଧିକାର ଓ ନାଗରିକ ଅଧିକାର ସୁନିଶ୍ଚିତ କରିବା ହେଉଛି ଶୈକ୍ଷିକ ଅନ୍ତର୍ଭୁକ୍ତିକରଣର ଅନ୍ୟତମ ଉଦ୍ଦେଶ୍ୟ । ବିଦ୍ୟାଳୟ ଶିକ୍ଷାପାଇଁ ଜାତୀୟ ପାଠ୍ୟଖସଡ଼ା (ଏନ୍.ସି.ଇ.ଆର୍.ଟି.-୨୦୦୫)ଦ୍ୱରା ବିଶେଷ ଆବଶ୍ୟକତା ଥିବା ବିଦ୍ୟାର୍ଥୀଙ୍କପାଇଁ ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ ଉପରେ ଗୁରୁତ୍ୱାରୋପ କରାଯାଇଛି । ପାଠ୍ୟପୁସ୍ତକ, ପଠନ ପ୍ରକ୍ରିୟା, ଶିକ୍ଷାଦାନ ରଣକୌଶଳ, ଶିକ୍ଷକ ପ୍ରଶିକ୍ଷଣ ଏବଂ ଶିକ୍ଷା ଅନୁକୂଳ ମୂଲ୍ୟାୟନ ପ୍ରକ୍ରିୟା ମାଧ୍ୟମରେ ଏହି ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ସୁପାରିଶ କରାଯାଇଛି ।

**ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା :** ବର୍ତ୍ତମାନର ଶିକ୍ଷା ପ୍ରଣାଳୀରେ ୩ "ଆର୍" (Reading - ପଠନ, Writing - ଲେଖନ ଓ Arithmatic - ଗଣିତ) ଉପରେ ହିଁ ପ୍ରାଧାନ୍ୟ ଦିଆଯାଇଛି । ଏହାଦ୍ୱରା ଶିକ୍ଷା ଏକ ପ୍ରକ୍ରିୟା ନ ହୋଇ ଏକ ପଦାର୍ଥରେ ପରିଣତ ହୋଇଛି । ଏଭଳି ଏକ ପଦାର୍ଥ ଯାହାର ମୂଲ୍ୟାୟନ ହୁଏ ରିପୋର୍ଟ କାର୍ଡ଼ରୁ, ମୂଲ୍ୟାଙ୍କନ ପତ୍ରରୁ କିମ୍ୱା ଶିକ୍ଷା ବର୍ଷ ପରେ ମିଳୁଥିବା ଡିଗ୍ରୀରୁ । ଏହି ପ୍ରକାର ଚିନ୍ତାଧାରାରେ

ଆବଶ୍ୟକ ସୁଧାର ଅନିବାର୍ଯ୍ୟ। ଶିକ୍ଷା ଆହରଣରେ ଅସୁବିଧା ବା ଅନଗ୍ରସରତା ଉପୁନ୍ନ ହେଲେ, ଶିକ୍ଷାର୍ଥୀଙ୍କୁ ହିଁ ଦୋଷ ଦିଆଯାଏ। ଅପରପକ୍ଷରେ, ଏଥିପାଇଁ କିନ୍ତୁ ଶିକ୍ଷା ପ୍ରଣାଳୀକୁ ନେଇ ଆତ୍ମସମୀକ୍ଷା କରିବା ଉଚିତ।

ତେବେ, ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ କ୍ଷେତ୍ରରେ ବିଭିନ୍ନ ଆହ୍ୱାନ ରହିଛି । ସେଗୁଡ଼ିକ ହେଉଛି - ବିଦ୍ୟାଳୟରେ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ପାଇଁ ସାଥୀ-ଶିକ୍ଷାର୍ଥୀ ଓ ବିଦ୍ୟାଳୟ ପରିଚାଳନାରେ ସମ୍ପୃକ୍ତ ସମସ୍ତ ସଦସ୍ୟମାନଙ୍କ ସହଯୋଗ ଓ ସହଭାଗିତା ସୁନିଶ୍ଚିତ କରିବା, ଯଦ୍ୱାରା ସମ୍ପୃକ୍ତ ବିଦ୍ୟାର୍ଥୀର ଶିକ୍ଷାଗତ ଆବଶ୍ୟକତା ପୂରଣ ହୋଇପାରୁଥିବ ।

ଚିରନ୍ତନ ପ୍ରଥା ଅନୁଯାୟୀ ପାଠ୍ୟକ୍ରମ, ବିଷୟବସ୍ତୁ, ଶିକ୍ଷାଗତ କାର୍ଯ୍ୟକ୍ରମ, କାଗଜ ଓ କଲମ ମାଧ୍ୟମରେ ମୂଲ୍ୟାୟନ - ଏ ସମସ୍ତ ବିଷୟରେ ବୟସ୍କମାନଙ୍କ ନିଷ୍ପତ୍ତି ଅନ୍ତିମ ହୋଇଥାଏ । ବେଳେ ବେଳେ ତ ଶିକ୍ଷାଦାନ ଅର୍ଥାତ୍ ଭାଷଣ ଓ ଶିକ୍ଷା ଆହରଣ ଅର୍ଥାତ୍ କାଗଜ-କଲମ ଭଳି ମନୋଭାବ ପୋଷଣ କରାଯାଏ । ଏ ପରିପ୍ରେକ୍ଷୀରେ ଏକ ଉପଯୁକ୍ତ ଉପମା ହେଉଛି ଏହିପରି - ଶିକ୍ଷାର୍ଥୀ ସତେ ଯେମିତି ଏଭଳି ଏକ ଖାଲି ପାତ୍ର, ଯାହାକୁ ଜ୍ଞାନ ପ୍ରଦାନ ପୂର୍ବକ ପୂରଣ କରିବା କାର୍ଯ୍ୟ ହେଉଛି ଶିକ୍ଷକଙ୍କର । ଅପରପକ୍ଷରେ ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ ହେଉଛି ଏଭଳି ଏକ ପରିବେଶ, ଯେଉଁଠାରେ ଶିକ୍ଷାଦାନ ଓ ଗ୍ରହଣକୁ ନେଇ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ସହଯୋଗ ରହିଥାଏ । ଏଥିରେ ସମ୍ମୁଖ ଶିକ୍ଷାଦାନ ବଦଳରେ ସହଯୋଗାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥାଏ ।

ଶିକ୍ଷାଦାନ ଓ ଆହରଣ କ୍ଷେତ୍ରରେ ଭିନ୍ନ ଭିନ୍ନ ବିଦ୍ୟାର୍ଥୀଙ୍କ ବିବିଧ ଆବଶ୍ୟକତା ହେଉଛି ଏକ ସମସ୍ୟା । ତେବେ ଏହା ମଧ୍ୟ ଏକ ସୁଯୋଗ, ଏକ ସମାଧାନ । ଏହା ଶିକ୍ଷାବୃତ୍ତିପାଇଁ ଏକ ଆହ୍ୱାନ । ଏମିତି ଏକ ଆହ୍ୱାନର ମୁକାବିଲା କରିବାପାଇଁ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ସଂସ୍କାରମୂଳକ ପଦକ୍ଷେପ ନେବା ଆବଶ୍ୟକ । ଏହାଦ୍ୱାରା ଶିକ୍ଷାଦାନ ବଳିଷ୍ଠ ହେବା ସହିତ ସାମାଜିକ ସମ୍ପର୍କ ମଧ୍ୟ ଆହୁରି ବଳୀୟାନ ହୋଇଥାଏ । ତେଣୁ ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ "ସମସ୍ତଙ୍କ ପାଇଁ ଶିକ୍ଷା"ର ଲକ୍ଷ୍ୟ ହାସଲପାଇଁ ନୂତନ ଆବଶ୍ୟକତା, ଆହ୍ୱାନ, ଅସୁବିଧାଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ବାଞ୍ଛନୀୟ ।



ବିଦ୍ୟାଳୟକୁ ସାମାଜିକ ଅଭିଜ୍ଞତାର ଏକ ବୃହତ୍ ପରିସର ଭାବେ ବିବେଚନା କରାଯିବା ଉଚିତ । ଯେଉଁଠାରେ ବିଶ୍ୱ ସମୁଦାୟ ପାଇଁ ଯୁବ ଓ ଯୁବା ନାଗରିକମାନଙ୍କୁ ପ୍ରସ୍ତୁତ କରାଯାଏ । ଏହି ପୃଷ୍ଠଭୂମିରେ ଅନ୍ତର୍ଭୁକ୍ତିକରଣ ହେଉଛି ଏକ ସୁସ୍ପଷ୍ଟ ସମାଧାନ ପନ୍ଥା । ବିବିଧତା ପରିପୂର୍ଣ୍ଣ ଏବଂ ସଭ୍ୟ ଓ ସହନଶୀଳ ବିଶ୍ୱସମୁଦାୟ ପ୍ରତିଷ୍ଠାପାଇଁ ଏହା ଏକ ମହତ୍ତ୍ୱାକାଂକ୍ଷୀ ମାର୍ଗ । ବାସ୍ତବରେ ବିଦ୍ୟାଳୟଗୁଡ଼ିକର କାର୍ଯ୍ୟ ଯେତିକି ଜଞ୍ଜାଳମୟ, ସେତିକି ଜଟିଳ ମଧ୍ୟ । କାରଣ ବିଦ୍ୟାଳୟ ହେଉଛି ଏକ ସାଂସ୍କୃତିକ ଉତ୍ପାଦ। ବିଦ୍ୟାଳୟ ମଧ୍ୟ ହେଉଛି ସେହି ସଂସ୍କୃତିକୁ ପରିବର୍ତ୍ତନ କରିବାପାଇଁ ଏକ ଆୟୁଧ । ଏହି ଦୃଷ୍ଟିରୁ ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ ପାଇଁ ସ୍ଥାନୀୟ ସମୁଦାୟଙ୍କ ସହଭାଗୀତା ଏକାନ୍ତ ଅପରିହାର୍ଯ୍ୟ। ଶିକ୍ଷାର୍ଥୀଙ୍କ ଭିତରେ ଥିବା ବିବିଧତାହିଁ ଶୈକ୍ଷିକ ସମ୍ବଳର ଏକ ପ୍ରମୁଖ ଉତ୍ସ । ପ୍ରତ୍ୟେକ ସମ୍ପ୍ରଦାୟ ଭିତରେ ଥିବା ଶୈକ୍ଷିକ ସମ୍ଭାବନାଗୁଡ଼ିକୁ ଶିକ୍ଷାର ଗଭୀରତା ଓ ବ୍ୟାପକତାପାଇଁ ଉପଯୋଗ କରାଯିବା ଆବଶ୍ୟକ ।

ଅନ୍ତର୍ଭୁକ୍ତିକରଣ ଏକ ଆକର୍ଷଣୀୟ ବିଚାର । ତେବେ ଏହାର ଅନୁପାଳନ କ୍ଷେତ୍ରରେ ବିଦ୍ୟାଳୟଗୁଡ଼ିକରେ ଭିନ୍ନତା ଦେଖାଯାଏ । ଯଦିଓ ଅନ୍ତର୍ଭୁକ୍ତିକରଣର କାର୍ଯ୍ୟକାରିତାପାଇଁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସୂତ୍ର ନାହିଁ, ତେବେ ଏମିତି କେତେକ ଶିକ୍ଷାଦାନ ସମ୍ପର୍କିତ ରଣକୌଶଳ ରହିଛି, ଯଦ୍ୱାରା ସାଧାରଣ ଶ୍ରେଣୀଗୃହରେ ମଧ୍ୟ ସମସ୍ତ ବିଦ୍ୟାର୍ଥୀଙ୍କ ବିଭିନ୍ନତା ପ୍ରତି ଦୃଷ୍ଟି ଦିଆଯାଇପାରିବ । ଏଭଳି ରଣକୌଶଳ ଦ୍ୱାରା ଅନ୍ତର୍ଭୁକ୍ତିକରଣକୁ କେବଳ ଏକ ଉଚ୍ଚାରଣରେ ସୀମିତ ନ ରଖି, ଶୈକ୍ଷିକ ଆଚରଣରେ ମଧ୍ୟ ପରିବର୍ତ୍ତିତ କରାଯାଇପାରିବ ।

ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ପାଇଁ ଅନ୍ତର୍ଭୁକ୍ତିକରଣର ସଫଳତା ନିର୍ଭର କରେ ଶ୍ରେଣୀ ଶିକ୍ଷକଙ୍କ ଉପରେ । କାରଣ ଏ ସମ୍ପର୍କିତ ନିତି କାର୍ଯ୍ୟକାରୀ କରିବାକୁ ଶିକ୍ଷକମାନେ ହିଁ ଦାୟୀ । ଏଥିପାଇଁ ଆବଶ୍ୟକ ସେମାନଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ । ସେମାନେ ହୃଦୟଙ୍ଗମ କରିବା ଉଚିତ ଯେ, ପ୍ରତ୍ୟେକ ବିଦ୍ୟାର୍ଥୀ ବିଦ୍ୟା ଆହରଣ କରିବାକୁ

ଯୋଗ୍ୟ । ବିଦ୍ୟାର୍ଥୀଙ୍କ ମଧ୍ୟରେ ଥିବା ବିଭିନ୍ନତାକୁ ଗ୍ରହଣପୂର୍ବକ ଶିକ୍ଷକମାନେ ସମାନତାର ବାତାବରଣ ସୃଷ୍ଟି କରିପାରିବେ।

ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ ପ୍ରକ୍ରିୟାର ତିନୋଟି ବିସ୍ତୃତ ସ୍ତର ରହିଛି । ସେଗୁଡ଼ିକ ହେଲା ଶିକ୍ଷାର ପୃଷ୍ଠଭୂମି, ଶିକ୍ଷାର ବିଷୟବସ୍ତୁ ଏବଂ ଶିକ୍ଷାଦାନ ଓ ଆହରଣ ପ୍ରକ୍ରିୟା ।

**ଶୈକ୍ଷିକ ପୃଷ୍ଠଭୂମି :** ଅନ୍ତର୍ଭୁକ୍ତିକରଣ ଏକ ଦ୍ୱୈତ ପ୍ରକ୍ରିୟା । ଶୈକ୍ଷିକ ଆଦାନ-ପ୍ରଦାନରେ ବିଦ୍ୟାର୍ଥୀଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବା ସହିତ ଏହା ଶିକ୍ଷା ଆହରଣରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରତିବନ୍ଧକ ମଧ୍ୟ ଦୂର କରିଥାଏ । ଏହି ଦୃଷ୍ଟିରୁ ଶୈକ୍ଷିକ ପୃଷ୍ଠଭୂମି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏହାର ଅର୍ଥ ହେଉଛି - ଶିକ୍ଷାଦାନ ଓ ଗ୍ରହଣପାଇଁ ଏକ ଉପଯୁକ୍ତ ପରିବେଶ ଓ ପରିସ୍ଥିତି ବିକଶିତ କରିବା । ବିଦ୍ୟାଳୟରେ ଭୌତିକ ବ୍ୟବସ୍ଥା ସମେତ ସହଭାଗୀତା ମାଧ୍ୟମରେ ଶିକ୍ଷାଦାନ କରାଯିବା ଉଚିତ । ବିଦ୍ୟାଳୟରେ ବ୍ୟାପ୍ତ ସମଷ୍ଟିଗତ ବିଚାରଧାରା ଯୋଗୁଁ ଶିକ୍ଷା ପଦ୍ଧତିରେ ପ୍ରତିଯୋଗିତାମୂଳକ ମନୋଭାବ ପରିବର୍ତ୍ତେ ବିଦ୍ୟାର୍ଥୀଙ୍କଠାରେ ସହଯୋଗିତା ମନୋବୃତ୍ତି ପ୍ରତିଫଳିତ ହୁଏ । ପରସ୍ପର ସହିତ ପ୍ରତିଯୋଗିତା ନୁହଁ, ବରଂ ପରସ୍ପରକୁ ସହଯୋଗ କରି ଶିକ୍ଷାର୍ଥୀମାନେ ନିଜର ତଥା ସାଥୀ ବିଦ୍ୟାର୍ଥୀଙ୍କର ଶିକ୍ଷା ଆହରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥା'ନ୍ତି ।

**ଶୈକ୍ଷିକ ବିଷୟବସ୍ତୁ :** ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ, ଗୁଣାତ୍ମକ ଶିକ୍ଷାଦାନ, ଅନେକାଂଶରେ ଅନୁସୃତ ନ ହୋଇ କେବଳ ଏକ ଆଦର୍ଶରେ ସୀମିତ ରହିଯାଇଛି । କାରଣ, ଶିକ୍ଷାଦାନ ପରିପ୍ରେକ୍ଷୀରେ ଶିକ୍ଷାର୍ଥୀମାନଙ୍କୁ ଏକ ସ୍ଥୁଳ ଦୃଷ୍ଟିକୋଣରୁ ବିଚାର କରାଯାଏ ।



ଶିକ୍ଷାଦାନ ଓ ଆହରଣ କ୍ଷେତ୍ରରେ ଭିନ୍ନ ଭିନ୍ନ ବିଦ୍ୟାର୍ଥୀଙ୍କ ବିବିଧ ଆବଶ୍ୟକତା ହେଉଛି ଏକ ସମସ୍ୟା । ତେବେ ଏହା ମଧ୍ୟ ଏକ ସୁଯୋଗ, ଏକ ସମାଧାନ । ଏହା ଶିକ୍ଷାବୃତ୍ତିପାଇଁ ଏକ ଆହ୍ୱାନ । ଏମିତି ଏକ ଆହ୍ୱାନର ମୁକାବିଲା କରିବାପାଇଁ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ସଂସ୍କାରମୂଳକ ପଦକ୍ଷେପ ନେବା ଆବଶ୍ୟକ । ଏହାଦ୍ୱାରା ଶିକ୍ଷାଦାନ ବଳିଷ୍ଠ ହେବା ସହିତ ସାମାଜିକ ସମ୍ପର୍କ ମଧ୍ୟ ଆହୁରି ବଳୀୟାନ ହୋଇଥାଏ ।

ତେବେ ଗୁଣାତ୍ମକ ଶିକ୍ଷାଦାନ ବ୍ୟବସ୍ଥା ଅର୍ଥ ବିଦ୍ୟାର୍ଥୀଙ୍କ ମଧ୍ୟରେ ଥିବା ଭିନ୍ନତାକୁ ଗୁରୁତ୍ୱ ଦେବା । ଭିନ୍ନ ଭିନ୍ନ ଦକ୍ଷତା ସମ୍ପନ୍ନ ବିଦ୍ୟାର୍ଥୀଙ୍କ ପାଇଁ ଶିକ୍ଷାଦାନର ଉପାୟ ଓ ଉପକରଣ ମଧ୍ୟ ଭିନ୍ନ ହେବା ଉଚିତ । ଏହାଦ୍ୱାରା, ଏପରିକି ଗୋଟିଏ ଶ୍ରେଣୀଗୃହରେ ମଧ୍ୟ ଶିକ୍ଷାଦାନର ବିବିଧତାଦ୍ୱାରା ଶିକ୍ଷା ଆହରଣ ମଧ୍ୟ ଅଧିକ ସହଜସାଧ୍ୟ ଓ ସୁଖଦ ହୋଇପାରିବ । ଉଦାହରଣସ୍ୱରୂପ - ପାଠ୍ୟକ୍ରମର ବିଷୟବସ୍ତୁ ବୁଝିବାପାଇଁ ବିଦ୍ୟାର୍ଥୀଙ୍କପାଇଁ ବିଭିନ୍ନ ଉପାୟ ଖୋଜିବା ଦରକାର । ଏହା ସହିତ ପାଠ୍ୟକ୍ରମ ସମ୍ପର୍କିତ ଏଭଳି କାର୍ଯ୍ୟକଳାପ ମଧ୍ୟ ଆୟୋଜିତ ହେବା ଦରକାର, ଯଦ୍ଦ୍ୱାରା ବିଦ୍ୟା ଆହରଣ ପ୍ରକ୍ରିୟା ସ୍ୱୟଂକ୍ରିୟ ହୋଇପାରିବ । ପୁନଶ୍ଚ, ଆହରଣ କରାଯାଇଥିବା ଜ୍ଞାନର ପରିପ୍ରକାଶପାଇଁ ମଧ୍ୟ ବିଦ୍ୟାର୍ଥୀମାନଙ୍କୁ ଭିନ୍ନ ଭିନ୍ନ ମାଧ୍ୟମ ଉପଲବ୍ଧ କରାଯିବା ଦରକାର । ଏଥିପାଇଁ ଶିକ୍ଷକମାନଙ୍କୁ ବିଦ୍ୟାଦାନ ପ୍ରକ୍ରିୟାରେ ନମନୀୟତା ଅବଲମ୍ବନ କରିବାକୁ ପଡ଼ିବ । ଏହାଦ୍ୱାରା ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ସହିତ ସାଧାରଣ ବିଦ୍ୟାର୍ଥୀ ମଧ୍ୟ ବିଶେଷଭାବେ ଉପକୃତ ହୋଇପାରିବେ ।

**ଶିକ୍ଷାଦାନ ଓ ଆହରଣ :** ଅନ୍ତର୍ଭୁକ୍ତିକରଣର ଅର୍ଥ ନୁହଁ, ସମସ୍ତ ବିଦ୍ୟାର୍ଥୀଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଆବଦ୍ଧ କରି, ସେମାନଙ୍କୁ ପୂର୍ବ ନିର୍ଦ୍ଧାରିତ ସୂଚନା ପ୍ରଦାନ କରିବା । ଜ୍ଞାନ ଆହରଣ ଏକ ପ୍ରତ୍ୟକ୍ଷ ଅନୁଭୂତି, ପରୋକ୍ଷ ନୁହେଁ । ତେଣୁ ପ୍ରକୃତ ଜ୍ଞାନ ଆହରଣପାଇଁ ଆବଶ୍ୟକ ବିଦ୍ୟାର୍ଥୀଙ୍କ ପ୍ରତ୍ୟକ୍ଷ ସହଭାଗିତା । ସହଭାଗିତାପାଇଁ ପୁଣି ଆବଶ୍ୟକ ଶିକ୍ଷାଦାନରେ ବିବିଧତା । ଅନ୍ୟ ଅର୍ଥରେ, ଶିକ୍ଷାଦାନ ପ୍ରକ୍ରିୟା, ଶିକ୍ଷକସର୍ବସ୍ୱ ନ ହୋଇ ଶିକ୍ଷାର୍ଥୀକୈନ୍ଦ୍ରିକ ହେବା ବାଞ୍ଛନୀୟ । ଏହାଦ୍ୱାରା ବିଦ୍ୟାର୍ଥୀମାନେ କେବଳ ଜ୍ଞାନ-ଆହରଣକାରୀ ହେବା ପରିବର୍ତ୍ତେ ଜ୍ଞାନ-

ଅନୁସନ୍ଧାନକାରୀ ହେବାକୁ ସମର୍ଥ ହେବେ - ଅନୁସନ୍ଧିତ୍ସୁ ଚିନ୍ତନ ପ୍ରକ୍ରିୟାର ଅଧିକାରୀ ହୋଇପାରିବେ ।



ଏଭଳି ଆବିଷ୍କାରୀ ଶିକ୍ଷାଦାନ ପଦ୍ଧତିପାଇଁ ଶିକ୍ଷକମାନଙ୍କୁ ପ୍ରସ୍ତୁତ ହେବାକୁ ପଡ଼ିବ । ଏହାକୁ ଦୃଷ୍ଟିରେ ରଖି ନିକଟ ଅତୀତରେ ଏନ୍.ସି.ଇ.ଆର୍.ଟି. ପକ୍ଷରୁ ଏଭଳି ଆଦର୍ଶ ପାଠ୍ୟଖସଡ଼ା ବିକଶିତ କରାଯାଇଛି, ଯଦ୍ଦ୍ୱାରା ଶୈକ୍ଷିକ ଆନ୍ତର୍ଭୁକ୍ତିକରଣ ସହଜ ହେବା ସହିତ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ମୂଲ୍ୟାୟନରେ ନମନୀୟତା ଅବଲମ୍ବନ କରାଯାଇପାରିବ । ଏଥି ଅନୁଯାୟୀ ଶିକ୍ଷାର୍ଥୀଙ୍କ ସହିତ ଶିକ୍ଷକମାନେ ଅର୍ଥପୂର୍ଣ୍ଣ ଶିକ୍ଷଣୀୟ ଅଭିଜ୍ଞତା ଓ ଅନୁଭୂତି ବାଣ୍ଟିବେ । ତା' ପୁଣି ସରଳ, ସହଜ ଭାଷା ମାଧ୍ୟମରେ । ଏହି ଆଦର୍ଶ ପାଠ୍ୟ ଖସଡ଼ାରେ ଅନ୍ତର୍ଭୁକ୍ତିକରଣ ଆଧାରିତ ଶିକ୍ଷାଦାନ ବ୍ୟବସ୍ଥାପାଇଁ ଅନେକ ଉପାୟ ଓ ଉଦାହରଣ ପ୍ରଦର୍ଶିତ ହୋଇଛି । ଯଦ୍ଦ୍ୱାରା ବିଦ୍ୟାର୍ଥୀମାନଙ୍କୁ ସକ୍ରିୟ ଓ ସ୍ୱାବଲମ୍ବନଶୀଳ କରାଯାଇପାରିବ । ସର୍ବଶିକ୍ଷା ଅଭିଯାନ ଅଧୀନରେ ଏଯାବତ୍ ଦେଶର ୧.୫୮ ଲକ୍ଷ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏହି ଆଦର୍ଶ ପାଠ୍ୟଖସଡ଼ା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇସାରିଛି ।

ଶୈକ୍ଷିକ ଅନ୍ତର୍ଭୁକ୍ତିକରଣର ସଫଳତାପାଇଁ ଶିକ୍ଷକଗୋଷ୍ଠୀ ଉଭୟ କାରଣ ଓ ପରିଣାମ । ଏହି ପ୍ରକ୍ରିୟାର ବିକାଶପାଇଁ ମୁଖ୍ୟତଃ ଶିକ୍ଷକମାନେ ହିଁ ଦାୟୀ ରହୁଥିବାବେଳେ ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ ଦ୍ୱାରା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ମନୋଭାବ, ଦୃଷ୍ଟିଭଙ୍ଗୀ, ମୂଲ୍ୟବୋଧ ଏବଂ ବୃତ୍ତିଗତ ଦକ୍ଷତା ମଧ୍ୟ ଅନୁକୂଳ ଭାବେ ପ୍ରଭାବିତ ହେବ। ତେଣୁ ଏ ଦିଗରେ ଶିକ୍ଷକମାନଙ୍କର ଦକ୍ଷତା ବିକାଶପାଇଁ ଯତ୍ନଶୀଳ ହୋଇ ଯୋଜନା କରିବା ଉଚିତ । ତେବେଯାଇ ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ ସମ୍ଭବପର ହୋଇପାରିବ ।

ତେବେ ଶିକ୍ଷକ ପ୍ରଶିକ୍ଷଣ ସମୟରେ କିନ୍ତୁ ଅନ୍ତର୍ଭୁକ୍ତିକରଣ ପ୍ରକ୍ରିୟାକୁ ପ୍ରାୟତଃ ଅଣଦେଖା କରିଦିଆଯାଏ । ଶିକ୍ଷକ ପ୍ରଶିକ୍ଷକମାନେ ଏହାକୁ କେବଳ ଏକ ଅତିରିକ୍ତ ପ୍ରଶିକ୍ଷଣ ପ୍ରକ୍ରିୟା ଭାବେ ଗ୍ରହଣ କରିଥା'ନ୍ତି । ଏହାର ଉପଯୋଗିତାକୁ କେବଳ ଦୁର୍ବଳ ବିଦ୍ୟାର୍ଥୀଙ୍କ ପର୍ଯ୍ୟନ୍ତ ସୀମିତ ରଖିବାର ପ୍ରଚେଷ୍ଟା କରନ୍ତି । ଶିକ୍ଷକ ପ୍ରଶିକ୍ଷଣ ସମୟରେ ଲିଙ୍ଗଗତ, ଜାତିଗତ ଓ ଭାଷାଗତ ବିବିଧତା ଓ ବିଭେଦଗୁଡ଼ିକୁ ବିଚାରକୁ ନିଆଯାଏ ନାହିଁ। ଏହାଦ୍ୱାରା ଶିକ୍ଷାର୍ଥୀକୈନ୍ଦ୍ରିକ ଶିକ୍ଷାଦାନ ପ୍ରକ୍ରିୟା ଶିକ୍ଷକମାନଙ୍କପାଇଁ ବିପରୀତଧର୍ମୀ ମନେହୁଏ । ତେଣୁ ଶିକ୍ଷକମାନଙ୍କପାଇଁ ମଧ୍ୟ ଅନ୍ତର୍ଭୁକ୍ତିକରଣ ଆଧାରିତ ପ୍ରଶିକ୍ଷଣର ବ୍ୟବସ୍ଥା କରାଯିବା ଉଚିତ ।

ନୂତନଭାବେ ଆରମ୍ଭ ହୋଇଥିବା ନିରନ୍ତର ଓ ବ୍ୟାପକ ମୂଲ୍ୟାୟନ (ସି.ସି.ଇ.) ବ୍ୟବସ୍ଥା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ବିଦ୍ୟାଳୟ ଆଧାରିତ ଏହି ବ୍ୟବସ୍ଥାଦ୍ୱାରା ବିଦ୍ୟାର୍ଥୀଙ୍କ ବିକାଶର ପ୍ରତ୍ୟେକ ଦିଗ ପ୍ରତି ଦୃଷ୍ଟି ଦିଆଯାଏ। ଏକ ପକ୍ଷରେ, ଏହି ପ୍ରକ୍ରିୟା ନିରନ୍ତର ଭାବେ ଚାଲିଥାଏ ଏବଂ ଅନ୍ୟପକ୍ଷରେ ବିଦ୍ୟାର୍ଥୀଙ୍କ ବିଦ୍ୟା ଆହରଣ ପ୍ରକ୍ରିୟାର ସମସ୍ତ ଦିଗ ଉପରେ ଗୁରୁତ୍ୱାରୋପ କରାଯାଏ । ଏହା ଷାଣ୍ମାସିକ ବା ବାର୍ଷିକ ମୂଲ୍ୟାୟନ ବ୍ୟବସ୍ଥାର ପରିପନ୍ଥୀ ।

ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ ପ୍ରକ୍ରିୟାରେ ସମସ୍ତ ବିଦ୍ୟାର୍ଥୀଙ୍କୁ ସାମିଲ୍ କରି ବିବିଧ ଶୈକ୍ଷିକ ଉପାୟ ମାଧ୍ୟମରେ ପ୍ରତ୍ୟେକଙ୍କ ଶିକ୍ଷା ଆହରଣ ଉପରେ ଗୁରୁତ୍ୱ ଦିଆଯାଏ । ବିଦ୍ୟାର୍ଥୀଙ୍କ ବିବିଧତା ଅନୁଯାୟୀ ଶିକ୍ଷାଦାନ ପ୍ରକ୍ରିୟାକୁ ମଧ୍ୟ ଗବେଷଣା ଧର୍ମୀ, ସହଭାଗୀ ଓ ସୃଜନଶୀଳ କରାଯାଏ । ଏହାଦ୍ୱାରା ନିଜସ୍ୱ ବିଶେଷ ସୁବିଧା କିମ୍ବା ସମସ୍ୟା ସତ୍ତ୍ୱେ ସମସ୍ତ ପ୍ରକାରର ଶିକ୍ଷାର୍ଥୀ ସମାନୁପାତରେ ଶିକ୍ଷା ଆହରଣ କରିବାକୁ ସମର୍ଥ ହୋଇଥାନ୍ତି ।

●

*ମୁଖ୍ୟ ପରାମର୍ଶଦାତା, ଅନ୍ତର୍ଭୁକ୍ତିକରଣ ଶିକ୍ଷା, ସର୍ବଶିକ୍ଷା ଅଭିଯାନ*

# ଭାରତରେ ବୃତ୍ତିଗତ ଶିକ୍ଷା

■ ଅମିତ କୌଶିକ ଓ ରାଧିକା ରଏ

ଗ୍ରାମ୍ୟ ଅର୍ଥନୀତି ଉପରେ ମହାତ୍ମା ଗାନ୍ଧୀଙ୍କ ପ୍ରାଧାନ୍ୟ ସତ୍ତ୍ୱେ, ସ୍ୱାଧୀନ ଭାରତ ପରିଚାଳିତ ହେବାକୁ ଲାଗିଲା, ପଣ୍ଡିତ ଜବାହରଲାଲ୍ ନେହରୁଙ୍କ ଉଦ୍ୟୋଗୀକରଣ ଆଭିମୁଖ୍ୟ ଦ୍ୱାରା । ନେହେରୁଙ୍କ ଅଭିପ୍ରାୟ ଥିଲା, ଉଦ୍ୟୋଗକୁ ଭାରତୀୟ ଅର୍ଥନୀତିର ସର୍ବୋଚ୍ଚ ସୋପାନରେ ଅଧିଷ୍ଠିତ କରାଇବା । ଫଳସ୍ୱରୂପ, ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦିଆଗଲା । ଆଇଆଇଟି, ଆଇଆଇଏମ୍ ଏବଂ ଡାକ୍ତରୀ ଓ ଯାନ୍ତ୍ରିକ ମହାବିଦ୍ୟାଳୟ ପରି ଉତ୍କର୍ଷ ଶିକ୍ଷା କେନ୍ଦ୍ର ସ୍ଥାପନ ଉପରେ ଗୁରୁତ୍ୱ ଦିଆଗଲା । ଏପରି ଏକ ପ୍ରକ୍ରିୟା ଯୋଗୁଁ ବିଦ୍ୟାଳୟ ଓ ବୃତ୍ତିଗତ ଶିକ୍ଷା ବାଧାପ୍ରାପ୍ତ ହେଲା ।

ଭାରତରେ ଶିକ୍ଷା ଉପରେ, କେବଳ କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଏକଚାଟିଆ ଅଧିକାର ଥିଲା । ଇତିହାସ ଏହାର ମୂକସାକ୍ଷୀ । ଭାରତକୁ ବ୍ରିଟିଶ ଆଗମନ ପୂର୍ବରୁ, ଶିକ୍ଷାର ସ୍ୱରୂପ ଯେତିକି ପାରମ୍ପରିକ ଥିଲା, ସେତିକି ମଧ୍ୟ ପାରମ୍ପରିକ ଥିଲା ଗୋଟିଏ ପୀଢ଼ିରୁ ଅନ୍ୟ ପୀଢ଼ି ପର୍ଯ୍ୟନ୍ତ ଶିକ୍ଷାର ମାଧ୍ୟମ । ଗୁରୁକୁଳ ପରି ଅନୁଷ୍ଠାନ ମାଧ୍ୟମରେ ଧର୍ମଗ୍ରନ୍ଥ ଆଧାରିତ ଜ୍ଞାନ ସଂଚରି ଆସୁଥିଲା ଗୋଟିଏ ପୀଢ଼ିରୁ ଭବିଷ୍ୟତ ପୀଢ଼ି ପଯ୍ୟନ୍ତ । ତେବେ ଏଭଳି ଶିକ୍ଷା ସଂଚାରର ପ୍ରମୁଖ ଉପଭୋକ୍ତା ଥିଲେ ବ୍ରାହ୍ମଣ ସଂପ୍ରଦାୟ । ସମାଜର ଅନ୍ୟାନ୍ୟ ବର୍ଗଙ୍କ ପାଇଁ ଶିକ୍ଷାର ପ୍ରମୁଖ ମାଧ୍ୟମ ଥିଲା ସେମାନଙ୍କ ପାରିବାରିକ, କୌଳିକ ବୃତ୍ତି । ଏହା ଦ୍ୱାରା ସମାଜରେ ଆବଶ୍ୟକ ପଡୁଥିବା ବିଭିନ୍ନ କୌଶଳର ଚାହିଦା ପୂରଣ ହୋଇ ପାରୁଥିଲା । ତା' ସହିତ ପୂରଣ ହୋଇପାରୁ ଥିଲା, ସେମାନଙ୍କ ଜୀବନ-ଜୀବିକାର ଯାବତୀୟ ଆବଶ୍ୟକତା ।

ତେବେ, ଶିଳ୍ପ ବିପ୍ଳବ ପରେ ଏପରି ଅନେକ ପାରିବାରିକ ଓ ପାରମ୍ପରିକ ବୃତ୍ତି ଅଲୋଡ଼ା ହୋଇଗଲା । ଅଦରକାରୀ ମନେ ହେଲା । ଏଗୁଡ଼ିକର ସ୍ଥାନ ପୂରଣ କଲା ରେଳ ଓ କଳ କାରଖାନା ସଂପର୍କିତ ବିଭିନ୍ନ ନୂତନ ବୃତ୍ତି । ଜୀବିକାର୍ଜନର ମାଧ୍ୟମରେ ପରିବର୍ତ୍ତନ ଆସିଲା । ଅନ୍ୟପକ୍ଷରେ ଶିକ୍ଷା କ୍ଷେତ୍ରରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ହେଲା । ବିଶେଷ ଭାବେ, ମାକାଉଲେ ପ୍ରଣୀତ ଶିକ୍ଷା ପ୍ରଣାଳୀ, ଭାରତର ପାରମ୍ପରିକ ଓ ପାରିବାରିକ ଶିକ୍ଷାଦାନ-ଗ୍ରହଣ ପ୍ରକ୍ରିୟାକୁ ପରାଭୂତ କରି ଏକ ନୂତନ ଶିକ୍ଷା ବ୍ୟବସ୍ଥାକୁ ଜନ୍ମ ଦେଲା । ଏଭଳି ଶିକ୍ଷାର ଉଦ୍ଦେଶ୍ୟ ଥିଲା ଭାରତରେ ଏମିତି ଏକ ବର୍ଗ ନିର୍ମାଣ କରିବା, 'ଯେଉଁମାନଙ୍କ ରକ୍ତ ଓ ବର୍ଣ୍ଣ ତ ଭାରତୀୟ ହୋଇଥିବ, କିନ୍ତୁ ଚିନ୍ତାଧାରା, ନୈତିକତା, ବୁଦ୍ଧି ଓ ସ୍ୱାଦ ଆଦିରେ ଇଂରେଜମାନଙ୍କ ସମତୂଲ୍ୟ ହେବ ।' ଇଂରେଜ ଓ ଭାରତୀୟଙ୍କ ମଧ୍ୟରେ ଏଇ ବର୍ଗ ହିଁ ହେବେ ପ୍ରମୁଖ ବ୍ୟାଖ୍ୟାକାର- ଏହା ହିଁ ଥିଲା ନୂତନ ଶିକ୍ଷା ବ୍ୟବସ୍ଥାର ଅସଲ ଉଦ୍ଦେଶ୍ୟ ।

ଉଦ୍ୟୋଗ ଏବଂ ପ୍ରଶାସନ କ୍ଷେତ୍ରରେ ଆବଶ୍ୟକ ପଡୁଥିବା ମାନବ ସମ୍ବଳ ସୃଷ୍ଟି ପାଇଁ ଶିକ୍ଷାକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଅଣାଗଲା । ପାରମ୍ପରିକ ଶିକ୍ଷା ପଥଭ୍ରଷ୍ଟ ହୋଇ ବିଜ୍ଞାନ, ଗଣିତ, ଇଂରାଜୀ ଆଦି ବିଷୟ ସମ୍ମୁଖରେ ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହେଲା । ଶ୍ରମିକବର୍ଗଠାରୁ ପୃଥକ୍ ଭାବେ ଏହି ବର୍ଗର ଆବିର୍ଭାବ ହେଲା । ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରେ, ପ୍ରଶାସକ, ଡାକ୍ତର, ପ୍ରାଧ୍ୟାପକ ଏବଂ ଆଇନଜୀବୀଙ୍କ ଏହି ଗୋଷ୍ଠୀ, ବୃହତ ସଂଖ୍ୟକ ଦରିଦ୍ର, ଅଶିକ୍ଷିତ ଭାରତୀୟଙ୍କଠାରୁ ଉଭୟ ଉଚ୍ଚାରଣ ଓ ଆଚରଣରେ ପୃଥକ୍ ପରିଚୟ ସହିତ ଆତ୍ମପ୍ରକାଶ କଲା । କାଳକ୍ରମେ ଶିକ୍ଷାକ୍ଷେତ୍ରରେ ଦେଖାଦେଲା ଏକ ବିରାଟ ବ୍ୟବଧାନ । ଶିକ୍ଷା ବଦଳରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରାଧାନ୍ୟ ଦିଆଗଲା । ପ୍ରକାରାନ୍ତରେ ଦେଖାଗଲା ଯେ ଅଶିକ୍ଷିତ ରହିଯାଉଛନ୍ତି ସେଇମାନେ,



Unfiled Notes Page 30

ଯେଉଁମାନଙ୍କ ପାଖରେ ସୁଯୋଗର ଅଭାବ ରହିଛି ।

ଗ୍ରାମ୍ୟ ଅର୍ଥନୀତି ଉପରେ ମହାତ୍ମା ଗାନ୍ଧୀଙ୍କ ପ୍ରାଧାନ୍ୟ ସତ୍ତ୍ୱେ, ସ୍ୱାଧୀନ ଭାରତ ପରିଚାଳିତ ହେବାକୁ ଲାଗିଲା, ପଣ୍ଡିତ ଜବାହରଲାଲ୍ ନେହରୁଙ୍କ ଉଦ୍ୟୋଗୀକରଣ ଆଭିମୁଖ୍ୟ ଦ୍ୱାରା । ନେହେରୁଙ୍କ ଅଭିପ୍ରାୟ ଥିଲା, ଉଦ୍ୟୋଗକୁ ଭାରତୀୟ ଅର୍ଥନୀତିର ସର୍ବୋଚ୍ଚ ସୋପାନରେ ଅଧିଷ୍ଠିତ କରାଇବା। ଫଳସ୍ୱରୂପ, ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦିଆଗଲା। ଆଇଆଇଟି, ଆଇଆଇଏମ୍ ଏବଂ ଡାକ୍ତରୀ ଓ ଯାନ୍ତ୍ରିକ ମହାବିଦ୍ୟାଳୟ ପରି ଉତ୍କର୍ଷ ଶିକ୍ଷା କେନ୍ଦ୍ର ସ୍ଥାପନ ଉପରେ ଗୁରୁତ୍ୱ ଦିଆଗଲା । ଏପରି ଏକ ପ୍ରକ୍ରିୟା ଯୋଗୁଁ ବିଦ୍ୟାଳୟ ଓ ବୃତ୍ତିଗତ ଶିକ୍ଷା ବାଧାପ୍ରାପ୍ତ ହେଲା । ଉଦାହରଣ ସ୍ୱରୂପ ୧୯୫୦ରୁ ୧୯୬୦ ଦଶକ ମଧ୍ୟରେ ଭାରତରେ ବହୁ ଡାକ୍ତର ଓ ଇଂଜିନିୟର ସିନା ପ୍ରସ୍ତୁତ ହୋଇପାରିଲେ, ନିରକ୍ଷରଙ୍କ ସଂଖ୍ୟା କିନ୍ତୁ ୨୯୪.୨ ନିୟୁତରୁ ୩୨୫.୫ ନିୟୁତକୁ ବୃଦ୍ଧି ପାଇଲା ।

କହିବାକୁ ଗଲେ ଶିକ୍ଷା, ପୃଥକୀକରଣର ଶିକାର ସାଜିଲା । ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇ, ଏହାକୁ ତତ୍କାଳୀନ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ରଖାଗଲା । ଅପରପକ୍ଷରେ କୌଶଳ ଶିକ୍ଷା ଓ ଶ୍ରମ ନୀତି ଆଦି ବିଷୟ, ଶ୍ରମମନ୍ତ୍ରଣାଳୟ ଅନ୍ତର୍ଭୁକ୍ତ କରାଗଲା। ଶିକ୍ଷା ଓ କୌଶଳକୁ ପୃଥକ୍ ଭାବେ ବିବେଚନା କରାଗଲା । ବ୍ୟକ୍ତିଗତ ପ୍ରଗତି ଓ ବିକାଶ ପାଇଁ କୌଶଳ ଅପେକ୍ଷା ଶିକ୍ଷାକୁ ଅଗ୍ରାଧିକାର ଦିଆଗଲା । ପରିଣାମ ସ୍ୱରୂପ ଦେଖାଗଲା ଯେ ବିଭିନ୍ନ ଉଦ୍ଦେଶ୍ୟରେ କାମ କରୁଥିବା ଶ୍ରମଶକ୍ତିର ମାତ୍ର ଦୁଇ ପ୍ରତିଶତ ହିଁ ଆନୁଷ୍ଠାନିକ ଭାବେ କୌଶଳ-ତାଲିମପ୍ରାପ୍ତ ହୋଇଛନ୍ତି ।

ନୂତନ ଶହସ୍ରାବ୍ଦର ଆଗମନ କିନ୍ତୁ ଆଭାସ ଦେଲା, ଏଭଳି ପୃଥକୀକରଣ ବିପକ୍ଷରେ । ଭାରତର ଭବିଷ୍ୟତ ଉପରେ ଏହାର କୁ-ପରିଣତି ସଂପର୍କରେ ପୂର୍ବାଭାସ ମିଳିଲା । ଦେଶର ବୃହତ ମାନବ ସମ୍ବଳକୁ କୌଶଳ-ଯୁକ୍ତ କରି ସେମାନଙ୍କ କର୍ମ ନିଯୁକ୍ତି ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଗଲା । ବିଶ୍ୱ ଶ୍ରମଶକ୍ତି ଓ ଭାରତୀୟ ଅର୍ଥନୀତିରେ ନିଜର ଯୋଗଦାନ ଦେବା କ୍ଷମତା ପାଇଁ , ଦେଶର ମାନବ ସମ୍ବଳ ପ୍ରତି ଏଭଳି ଏକ ଆଭିମୁଖ୍ୟ, ଅତ୍ୟାବଶ୍ୟକୀୟ ହୋଇପଡ଼ିଲା । ନୂତନ ବିଶ୍ୱ ବ୍ୟବସ୍ଥାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରି ନିଜର ତଥା ସମଗ୍ର ବିଶ୍ୱର ନିୟତି ନିୟନ୍ତ୍ରିତ କରିପାରିବା ଦକ୍ଷତା, ଭାରତ ପାଖରେ ରହିଛି ବୋଲି ବୁଦ୍ଧିଜୀବୀମାନେ ଅନୁଭବ କଲେ । ଆର୍ଥିକ ଶକ୍ତି, ବୈଷୟିକ ଜ୍ଞାନକୌଶଳ ଓ ଏପରିକି ନୈତିକତା ଦୃଷ୍ଟିରୁ ଭାରତ, ବିଶ୍ୱର ନେତୃତ୍ୱ ନେବାର ସମ୍ଭାବନା ବହନ କରୁଥିବା କଥା ବିଚାର କରାଗଲା । (ଡା: ସି.କେ. ପ୍ରହଲ୍ଲାଦ, ଭିଜନ ଅଫ୍ ଇଣ୍ଡିଆ ଆଟ୍ ୭୫, ବକ୍ତୃତା-୨୦୦୭) । ଭାରତକୁ ଏଭଳି ଏକ ଦେଶ ଭାବେ ପରିକଳ୍ପନା କରିବା କଥା କୁହାଗଲା, ଯେଉଁଠାରେ ନିଜର ବିବିଧତାରୁ ବୈଭବ ଉତ୍ପନ୍ନ କରିବାର ସର୍ବୋଚ୍ଚ ସାମର୍ଥ୍ୟ ରହିଛି ।

ପରେପରେ, ଶିକ୍ଷା ଓ କୌଶଳ – ଉଭୟର ସମ୍ମିଳନ ପାଇଁ ଅନେକ ପଦକ୍ଷେପ ନିଆଗଲା । ଜାତୀୟ କୌଶଳ ନୀତି-୨୦୦୯ ପ୍ରଣୀତ ହେବା ସହିତ, ଜାତୀୟ କୌଶଳ ବିକାଶ ନିଗମ, ଜାତୀୟ କୌଶଳ ବିକାଶ ଏଜେନ୍ସି, ଜାତୀୟ କୌଶଳ ଯୋଗ୍ୟତା ଖସଡ଼ା, (ଏନ୍‌ଏସ୍‌କ୍ୟୁଏଫ୍) ଏବଂ କୌଶଳ ପରିଷଦମାନ ପ୍ରତିଷ୍ଠା କରାଗଲା । ଏଗୁଡ଼ିକ ମଧ୍ୟରୁ ଜାତୀୟ କୌଶଳ ଯୋଗ୍ୟତା ଖସଡ଼ା (ଏନ୍‌ଏସ୍‌କ୍ୟୁଏଫ୍) ହେଉଛି ଶିକ୍ଷା ଓ କୌଶଳର ସମ୍ମିଶ୍ରଣ ପାଇଁ ଏକ ବଳିଷ୍ଠ ପଦକ୍ଷେପ । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଆନୁଷ୍ଠାନିକ ଶିକ୍ଷା ଓ ବୃତ୍ତିଗତ ଶିକ୍ଷା ମଧ୍ୟରେ ସମନ୍ୱୟ ସ୍ଥାପନ କରିବା । ବର୍ତ୍ତମାନ, ଶିକ୍ଷା-ପୂର୍ବବର୍ତ୍ତୀ ଚିହ୍ନଟୀକରଣ ଭଳି ବିଭିନ୍ନ ପରୀକ୍ଷାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ, ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ବୃତ୍ତିଗତ ଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଉଛି । ସଂଶୋଧିତ ଜାତୀୟ କୌଶଳ ବିକାଶ ଏବଂ ଉଦ୍ୟୋଗ ନୀତି-୨୦୧୫ରେ ଏହି ବିଷୟକୁ ରେଖାଙ୍କିତ କରାଯାଇଛି । ଏତଦ୍‌ବ୍ୟତୀତ କୌଶଳ ବିକାଶ ଏବଂ ଔଦ୍ୟୋଗିକ ମନ୍ତ୍ରଣାଳୟ (ଏମ୍‌ଏସ୍‌ଡିଇ) ଗଠନ କରାଯାଇ କୌଶଳ ବିକାଶ ଯୋଜନାଗୁଡ଼ିକର ତଦାରଖ କରାଯାଉଛି । ମେକ୍ ଇନ୍ ଇଣ୍ଡିଆ ଏବଂ କୌଶଳ ଭାରତ ଅଭିଯାନ ମାଧ୍ୟମରେ ଶିକ୍ଷା ଓ କୌଶଳ ମଧ୍ୟରେ ସମନ୍ୱୟକୁ ଅଧିକ କ୍ରିୟାଶୀଳ କରାଯାଉଛି । ଏଥିଯୋଗୁଁ ଔପଚାରିକ ଭାବେ କୌଶଳ ବିକାଶ ପାଇଁ ଯୁବପୀଢ଼ି ମଧ୍ୟ ଆଗ୍ରହ ପ୍ରକାଶ କରୁଛନ୍ତି । ଏକବିଂଶ ଶତାବ୍ଦୀରେ ଆବଶ୍ୟକ ନୂତନ କୌଶଳ ଏବଂ ନବୀନ ଜ୍ଞାନ କୌଶଳ ମଧ୍ୟରେ ସମନ୍ୱିତ ସଂପର୍କ ଯୋଗୁଁ, ଶିକ୍ଷା ମାଧ୍ୟମରେ ଉନ୍ନତ ଚିନ୍ତନ ଶୈଳୀ, ସମସ୍ୟା ସମାଧାନ, ବିଶ୍ଳେଷଣ ଏବଂ ଔଦ୍ୟୋଗୀକତା ଭଳି ବିଶେଷ କୌଶଳ ବିକାଶ କରାଯାଇ, ଉଦ୍ୟୋଗଜଗତ ସହିତ ସମନ୍ୱୟ ରକ୍ଷା କରାଯାଉଛି ।

୨୦୧୫ ଜୁଲାଇ ୧୫ ତାରିଖ, ବିଶ୍ୱ ଯୁବ କୌଶଳ ଦିବସରେ ଭାରତ ସରକାର ଆରମ୍ଭ କରିଛନ୍ତି ଜାତୀୟ କୌଶଳ ବିକାଶ ମିଶନ । କୌଶଳ ଭାରତ କାର୍ଯ୍ୟକ୍ରମର ସଫଳ ରୂପାୟନ ହେଉଛି ଏହାର ଉଦ୍ଦେଶ୍ୟ । ବର୍ତ୍ତମାନ ସୁଦ୍ଧା ଦେଶରେ ୨୪୯ଟି ପ୍ରଶିକ୍ଷଣ ସହଭାଗୀ, ୩୨୨୨ଟି ପ୍ରଶିକ୍ଷଣ କେନ୍ଦ୍ର, ୫୫,୭୦,୪୭୬ ଜଣ ପ୍ରଶିକ୍ଷୁ ଏବଂ

୨୩,୮୮,୦୦୯ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ସାରିଛି । ଏତଦ୍‌ବ୍ୟତୀତ ଗ୍ରାମୀଣ ଓ ସହରୀ ଗରିବଙ୍କ ପ୍ରଶିକ୍ଷଣ ପାଇଁ ଉଦ୍ଦିଷ୍ଟ ଦୀନଦୟାଲ ଅନ୍ତୋଦୟ ଯୋଜନା, ଡିଜିଟାଲ୍ ଭାରତ ଏବଂ ମେକ୍-ଇନ୍-ଇଣ୍ଡିଆ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ କୌଶଳ ବିକାଶ କରାଯାଇ ଭାରତୀୟଙ୍କ ଦ୍ୱାରା ଭାରତରେ ସାମଗ୍ରୀ ପ୍ରସ୍ତୁତି ପାଇଁ ପ୍ରୟାସ ଜାରି ରହିଛି ।




**ଚିତ୍ର :୧ : କୌଶଳ ବିକାଶ ପାଇଁ ଉଦ୍ୟୋଗଜଗତର କେନ୍ଦ୍ରୀୟ ଭୂମିକା ।**

ସରକାରଙ୍କ ଦ୍ୱାରା କୌଶଳ ବିକାଶ, ମୂଲ୍ୟାୟନ ଏବଂ ମାନପତ୍ର ପ୍ରଦାନ ଆଦି ବିଷୟ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ଅପରପକ୍ଷରେ କୌଶଳ ବିକାଶ ପାଇଁ ଚାହିଦା ଉପରେ ମଧ୍ୟ ଧ୍ୟାନ ଦେବା ଆବଶ୍ୟକ । କୌଶଳ-ଯୁକ୍ତ ଯୁବପୀଢ଼ିଙ୍କ ପାଇଁ ଆବଶ୍ୟକ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଏଥିପାଇଁ ଆବଶ୍ୟକ ଅର୍ଥନୈତିକ ଅଭିବୃଦ୍ଧି । ତେଣୁ, ଦେଶର ଆର୍ଥିକ ନୀତି ଜରିଆରେ ଏହି ଅଭିବୃଦ୍ଧି ହାସଲ କରିବା ଜରୁରୀ । କେବଳ ନୀତି ନୁହେଁ, ବରଂ ଶୈକ୍ଷିକ ବାତାବରଣ ଏବଂ ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ରହିବା ଉଚିତ । ତେବେ ଯାଇ ଏମାନଙ୍କ ମିଳିତ ଉଦ୍ୟମରେ କୌଶଳ ବିକାଶର ଚାହିଦା ଓ ଯୋଗାଣ କ୍ଷେତ୍ରରେ ସବୁ ସମୟରେ ସମତୁଲତା ବଜାୟ ରହିପାରିବ ।

ଏକଥା ଅନସ୍ୱୀକାର୍ଯ୍ୟ ଯେ, ସମୟ ଅତିକ୍ରାନ୍ତ ହେବା ସହିତ ଏମିତି ଅନେକ ନିଯୁକ୍ତି ଅଲୋଡ଼ା ହୋଇପଡ଼ିବ, ଯେଉଁଥିପାଇଁ ବର୍ତ୍ତମାନ ଆମ ଯୁବପିଢ଼ିଙ୍କୁ ପ୍ରଶିକ୍ଷିତ କରାଯାଉଛି । ଏହା ମଧ୍ୟ ସତ୍ୟ ଯେ ଭବିଷ୍ୟତରେ ସୃଷ୍ଟି ହେବାକୁ ଥିବା ନିଯୁକ୍ତି ସୁଯୋଗର ସଠିକ୍ ରୂପରେଖ ମଧ୍ୟ ନିର୍ଦ୍ଧାରଣ କରିବା କଷ୍ଟକର । କାରଣ ବର୍ତ୍ତମାନ, ସେମାନେ ନିୟୋଜିତ ଥିବା କାର୍ଯ୍ୟଗୁଡ଼ିକ ସଂପର୍କରେ ୨୫ ବର୍ଷ ପୂର୍ବରୁ ଆକଳନ କରିବା ମଧ୍ୟ ଅସମ୍ଭବ ଥିଲା । ତେବେ, ଏହା ମନେରଖିବାକୁ ପଡ଼ିବ ଯେ, ସମଗ୍ର ବିଶ୍ୱରେ ନିଯୁକ୍ତିଦାତାମାନେ ଏଭଳି ପ୍ରାର୍ଥୀ ଆବଶ୍ୟକ କରୁଛନ୍ତି ଯେଉଁମାନେ ଚାରୋଟି `C' ସଂପର୍କରେ ଅଭିଜ୍ଞ । ସେଗୁଡ଼ିକ ହେଉଛି Communication (ସଂଚାର), Collaboration (ସହଭାଗିତା), Creativity (ସୃଜନଶୀଳତା) ଏବଂ Critical Thinking (ବିଶ୍ଳେଷଣାତ୍ମକ ଚିନ୍ତନ) । ତେଣୁ, କୌଶଳ ବିକାଶର ପ୍ରତ୍ୟେକ କାର୍ଯ୍ୟକ୍ରମ, ଏହି ବିଷୟଗୁଡ଼ିକ ଉପରେ ଧ୍ୟାନ ଦେବା ଆବଶ୍ୟକ । ଯଦ୍ୱାରା କୌଶଳଯୁକ୍ତ ଯୁବପୀଢ଼ି, ଭବିଷ୍ୟତର ନିଯୁକ୍ତି ଚାହିଦା ଅନୁଯାୟୀ ନିଜକୁ ପ୍ରସ୍ତୁତ କରିପାରିବେ ।

ବିଶ୍ୱ ଶ୍ରମ ଶକ୍ତିରେ ବିପୁଳ ଯୋଗଦାନ ଦେବାକୁ ଭାରତ ଉଦ୍ୟତ ରହିଛି । ତେଣୁ ଯୁବାବସ୍ଥାରୁ ହିଁ ଆମକୁ ଆରମ୍ଭ କରିବାକୁ ପଡ଼ିବ । ବିଦ୍ୟାଳୟଗୁଡ଼ିକରେ ବୃତ୍ତିଗତ ଶିକ୍ଷା ପ୍ରଦାନ ସହିତ ଭବିଷ୍ୟତର ନିଯୁକ୍ତି ସୁଯୋଗ ଅନୁଯାୟୀ ବର୍ତ୍ତମାନର ଯୁବପୀଢ଼ି ସଶକ୍ତ ହେଲେ ଯାଇ, ଶିକ୍ଷା ଓ କୌଶଳ ମଧ୍ୟରେ ଚାଲିଥିବା ମିଳନ ପ୍ରକ୍ରିୟା ସଂପୂର୍ଣ୍ଣ ହେଲା ବୋଲି ଧରିନିଆଯିବ ।

* ଅମିତ କୌଶିକ ଜଣେ ପୂର୍ବତନ ପ୍ରଶାସକ ଏବଂ ନୂଆଦିଲ୍ଲୀସ୍ଥିତ ଆଇପିଇ ଗ୍ଲୋବାଲ୍ ସଂସ୍ଥାର ଶିକ୍ଷା ଓ କୌଶଳ ବିକାଶ ବିଭାଗର ମୁଖ୍ୟ । ରାଧିକା ରଏ ହେଉଛନ୍ତି ଗୁଡ଼ଗାଓଁସ୍ଥିତ NIITଯୁବ ଜ୍ୟୋତି ଅଧୀନ ଡିଜାଇନ୍ ଓ ବିକାଶ ବଭାଗର ମୁଖ୍ୟ ।

# ଗୁଣାତ୍ମକ ଶିକ୍ଷା ପାଇଁ ଏକ ଆଭିମୁଖ୍ୟ

■ କିରଣ ଭଟ୍ଟୀ

ସାମ୍ପ୍ରତିକ ପରିସ୍ଥିତିରେ ଆମ ଶିକ୍ଷା ବ୍ୟବସ୍ଥାରେ ଏଭଳି ସାମାଜିକ ମୂଲ୍ୟବୋଧ ଅପେକ୍ଷା ବୈଜ୍ଞାନିକ ଚିନ୍ତାଧାରା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଉଛି । ବିଜ୍ଞାନ ଓ ଗଣିତ ପରି ବିଷୟ ସଂପର୍କରେ ଶିକ୍ଷାଦାନକୁ ଯେତିକି ଧ୍ୟାନ ଦିଆଯାଉଛି ସେତିକି ପ୍ରାଧାନ୍ୟ ସାମାଜିକ ବିଜ୍ଞାନ ଉପରେ ମଧ୍ୟ ଦେବା ଉଚିତ୍ । ଅନ୍ୟଥା, ସାମାଜିକ ବିଜ୍ଞାନ ଆଧାରିତ ସୃଜନଶୀଳ ଅନୁସନ୍ଧିତ୍ସା, ଐତିହାସିକ ଦୃଷ୍ଟିକୋଣ ଓ ବିଶ୍ଳେଷଣ କ୍ଷମତା ଭଳି ଗୁଣାବଳୀ ଗୁଡିକୁ ଆହରଣ କରିବାରେ ଶିକ୍ଷାର୍ଥୀମାନେ ସମର୍ଥ ହେବେ ନାହିଁ।



ବର୍ତ୍ତମାନ ସମୟରେ ବିଶେଷ ଭାବେ ସରକାରୀ କ୍ଷେତ୍ରରେ ଥିବା ବିଦ୍ୟାଳୟ ଗୁଡିକରେ ଶିକ୍ଷାର ନିମ୍ନ ମାନକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ଏନ୍.ସି.ଇ.ଆର.ଟି ର ଜାତୀୟ ଉପଲବ୍ଧି ସର୍ବେକ୍ଷଣ ଅନ୍ତର୍ଗତ ଏ.ଏସ.ଇ.ଆର ରିପୋର୍ଟ ହେଉ ବା ପିସା ଭଳି ଆୟଃର୍ଜାତୀକ ଟେଷ୍ଟ ହେଉ, ପ୍ରାୟ ପ୍ରତ୍ୟେକ ସର୍ବେକ୍ଷଣ ରୁ ମିଳିଥିବା ତଥ୍ୟ ଅନୁଯାୟୀ ଛାତ୍ରଛାତ୍ରୀଙ୍କ ଅଶାନୁରୂପେ ଶିକ୍ଷା ଆହରଣ ହୋଇପାରୁନାହିଁ । ଏପରି ଉଦ୍‌ବେଗ ଜନକ ଫଳାଫଳ ଯୋଗୁଁ ବିଦ୍ୟାଳୟସ୍ତରରେ ଶିକ୍ଷାର ମାନବୃଦ୍ଧିକୁ ନେଇ ଅନେକ ତର୍କ-ବିତର୍କ ଚାଲିଛି । ସମାଧାନର ପନ୍ଥା ଖୋଜା ଚାଲିଛି । ଶିକ୍ଷା କ୍ଷେତ୍ରରେ ସର୍ବନିମ୍ନ ଆବଶ୍ୟକତା ବ୍ୟତିରେକ ପ୍ରଶାସନକୁ ମଧ୍ୟ ଶିକ୍ଷାର ମାନରେ ହେଉଥିବା ଅବନତୀ ପାଇଁ ଦାୟି କରାଯାଉଛି । ଏପରିକି ଶିକ୍ଷା ଆହରଣକୁ ଆକଳନ କରିବାର ବାଞ୍ଛନୀୟତା ଓ ପରୀକ୍ଷା ପଦ୍ଧତର ବିଶ୍ୱସନୀୟତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ଲଗାଯାଉଛି । ତେବେ ପର୍ଯ୍ୟାପ୍ତ ଗବେଷଣାଲବ୍ଧ ତଥ୍ୟ ଅଭାବରୁ ଗୁଣାତ୍ମକ ଶିକ୍ଷାଦାନ ସଂପର୍କିତ ବିଭିନ୍ନ ଦୃଷ୍ଟିଭଙ୍ଗୀ ମଧ୍ୟରେ କୋଣସି ସମନ୍ୱୟ ସ୍ଥାପିତ କରାଯାଇ ପାରୁନାହିଁ ।

ଅନ୍ୟପକ୍ଷରେ ଗୁଣାତ୍ମକ ଶିକ୍ଷାଦାନ ସଂପର୍କିତ ତର୍କ ବିତର୍କ ପୃଷ୍ଠଭୂମିରେ ଶିକ୍ଷା ଶିକ୍ଷାର୍ଥୀ ଏବଂ ରାଷ୍ଟ୍ରୀୟ ସ୍ୱାର୍ଥ ବାଧାପ୍ରାପ୍ତ ହେଉଛି ନିଶ୍ଚୟ । ଗୁଣାତ୍ମକ ଶିକ୍ଷା ପାଇଁ ସମାଧାନର ପନ୍ଥା ଖୋଜୁଖୋଜୁ ଆମେ ଶିକ୍ଷାର ବୃହତ୍ ଉଦ୍ଦେଶ୍ୟକୁ ଭୂଲିଯାଉ ନାହୁଁ ତ ?ଫଳ ହାସଲ ପାଇଁ ଆମେ ଅତ୍ୟାବଶ୍ୟକୀୟ ପ୍ରକ୍ରିୟା ଗୁଡିକର ଧାର୍ଯ୍ୟ ସୀମାରେଖା ଅତିକ୍ରମ କରୁନାହୁଁତ ? "ଫଳ''ହାସଲ କରିବାର ଶୀଘ୍ରତା ପାଇଁ ଆମେ ବିଭିନ୍ନ ଅନୁଷ୍ଠାନଗତ ବିଷୟ ଗୁଡିକୁ ଅବହେଳା କରୁ ନାହୁଁ ତ ? ଶିକ୍ଷାର ଉଦ୍ଦେଶ୍ୟ ସାଧନ କରିବା ପରିବର୍ତ୍ତେ ଆମେ ଅର୍ଥନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଶିକ୍ଷାକୁ ଏକ ମାଧ୍ୟମ ଭାବେ ଗ୍ରହଣ କରୁନାହୁଁ ତ ? ଏକ ନୂତନ ଜାତୀୟ ଶିକ୍ଷାନିତୀ ପ୍ରଣୟନ

ର ଅବ୍ୟବହିତ ପୂର୍ବରୁ ଉପରୋକ୍ତ ଅନେକ ବିଷୟରୁ ଉର୍ଦ୍ଧ୍ୱକୁ ଯାଇ ଆମକୁ ଶିକ୍ଷା କ୍ଷେତ୍ରରେ ଆମର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ହେବ । ଶିକ୍ଷାର ବୃହତ୍ତର ସ୍ୱାର୍ଥକୁ ପ୍ରତିହତ କଲାଭଳି ତିନୋଟି ପ୍ରମୁଖ ବିଷୟ କୁ ନିମ୍ନ ମତେ ଆଲୋଚନା କରାଯାଇଛି ।

କ) **କୌଶଳ ଶିକ୍ଷା**-ଶିକ୍ଷାର 'ଦାୟିତ୍ୱବୋଧ' ଏବଂ ଏହାର 'ଅନ୍ତର୍ନିହିତ ମୂଲ୍ୟ' ମଧ୍ୟରେ ଥିବା ପାର୍ଥକ୍ୟ ଉପରେ ଶିକ୍ଷା ପ୍ରତି ଆମ ଆଭିମୁଖ୍ୟ ନିର୍ଭରକରେ । ଶିକ୍ଷାର 'ଦାୟିତ୍ୱବୋଧ' କହିଲେ ନିଯୁକ୍ତି ସୁଯୋଗ ସୃଷ୍ଟି ଓ ଆୟବୃଦ୍ଧି ସମେତ ଅନ୍ୟାନ୍ନ ସାମାଜିକ ଏବଂ ଅର୍ଥନୈତିକ ସୁଯୋଗ ସୃଷ୍ଟି ପାଇଁ ଶିକ୍ଷାକୁ ଏକ ମାଧ୍ୟମ ଭାବେ ଗ୍ରହଣ କରିବା । ଅନ୍ୟପକ୍ଷରେ ଶିକ୍ଷାର 'ଅନ୍ତଃର୍ନିହିତ' ମୂଲ୍ୟ କହିଲେ ବ୍ୟକ୍ତିତ୍ୱ ବିକାଶ ପାଇଁ ଶିକ୍ଷାର ଭୂମିକାକୁ ବୁଝାଯାଏ । ଅବଶ୍ୟ ଶିକ୍ଷାର ଏହି ଉଭୟ ପାର୍ଶ୍ୱର ନିଜସ୍ୱ ଗୁରୁତ୍ୱ ରହିଛି । ତେବେ ଶିକ୍ଷାର ଦାୟିତ୍ୱ ବୋଧକୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି । ଏହାର କାରଣ ହେଉଛି ସରକାରୀ ବିଦ୍ୟାଳୟ ଗୁଡିକରେ ଅଧ୍ୟୟନ କରୁଥିବା ଗରିବ ଛାତ୍ରଛାତ୍ରୀଙ୍କ ଅଧିକ ସଂଖ୍ୟା । ଏମିତିରେ ଶିକ୍ଷାର ଅନ୍ତଃର୍ନିହିତ ମୂଲ୍ୟ ପ୍ରତି ଧ୍ୟାନ ଦିଆଯାଉ ନାହିଁ । ଫଳସ୍ୱରୂପ ବିଦ୍ୟାଳୟ ଶିକ୍ଷାରେ 'କୌଶଳ ବିକାଶ' ଏକ ପ୍ରମୁଖ ସ୍ଥାନ ଅଧିକାର କରିବାକୁ ଉଦ୍ୟତ ରହିଛି । ଏହାର ଉଦ୍ଦେଶ୍ୟ ହେଉଛି ଯେତେ ଶିଘ୍ର ହେଉ ସେମାନଙ୍କ ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶ ବଦଳରେ ଛାତ୍ରଛାତ୍ରୀ ମାନଙ୍କୁ ନିଯୁକ୍ତି ବଜାର ଉପଯୋଗୀ କରିବା । ତେବେ ଏଥିରେ ଏକ ଗୁପ୍ତ ବିପଦ ରହିଛି । ଶିକ୍ଷା ଆହରଣ ପରିବର୍ତ୍ତେ କୋମଳ ବୟସରୁ କୌଶଳ ଆହରଣ କରିବା ଦ୍ୱାରା ବିଦ୍ୟାର୍ଥୀଙ୍କ ଶୈକ୍ଷିକ ବିକାଶ ବାଧାପ୍ରାପ୍ତ ହେଉଛି । ପୁନଶ୍ଚ ଶିକ୍ଷାଗତ ଯୋଗ୍ୟତା ନୁହଁ ବରଂ କୌଶଳ ଦକ୍ଷତା ଆଧାରରେ ସେମାନଙ୍କୁ ସ୍ୱଳ୍ପ ମଜୁରୀ ଭିତ୍ତିକ କର୍ମ ନିଯୁକ୍ତି ହିଁ ମିଳି ପାରୁଛି । ତେଣୁ ନିଯୁକ୍ତି ବଜାର ଉପଯୋଗୀ ହେବା ପାଇଁ କୌଶଳ ଶିକ୍ଷା ଆହରଣ କରିବା ହେଉଛି ଶିକ୍ଷାର ଏକ ସଂକୀର୍ଣ୍ଣ ଦୃଷ୍ଟି ଭଙ୍ଗୀ । ଏହା ପୁଣି ଅଳ୍ପ କେତେଜଣଙ୍କ ସ୍ୱାର୍ଥ ସାଧନ କରେ, ସ୍ୱଳ୍ପ ସମୟ ପାଇଁ। ଏପରିକି ଏହି ଦୃଷ୍ଟିଭଙ୍ଗୀ ଦ୍ୱାରା କୌଶଳ ବିକାଶ ପାଇଁ ମଧ୍ୟ ଆବଶ୍ୟକ ହେଉଥିବା ସର୍ବନିମ୍ନ ଶୈକ୍ଷିକ

> **ଶିକ୍ଷାର 'ଦାୟିତ୍ୱବୋଧ' ଏବଂ ଏହାର 'ଅନ୍ତର୍ନିହିତ ମୂଲ୍ୟ' ମଧ୍ୟରେ ଥିବା ପାର୍ଥକ୍ୟ ଉପରେ ଶିକ୍ଷା ପ୍ରତି ଆମ ଆଭିମୁଖ୍ୟ ନିର୍ଭରକରେ । ଶିକ୍ଷାର 'ଦାୟିତ୍ୱବୋଧ' କହିଲେ ନିଯୁକ୍ତି ସୁଯୋଗ ସୃଷ୍ଟି ଓ ଆୟବୃଦ୍ଧି ସମେତ ଅନ୍ୟାନ୍ନ ସାମାଜିକ ଏବଂ ଅର୍ଥନୈତିକ ସୁଯୋଗ ସୃଷ୍ଟି ପାଇଁ ଶିକ୍ଷାକୁ ଏକ ମାଧ୍ୟମ ଭାବେ ଗ୍ରହଣ କରିବା । ଅନ୍ୟପକ୍ଷରେ ଶିକ୍ଷାର 'ଅନ୍ତଃର୍ନିହିତ' ମୂଲ୍ୟ କହିଲେ ବ୍ୟକ୍ତିତ୍ୱ ବିକାଶ ପାଇଁ ଶିକ୍ଷାର ଭୂମିକାକୁ ବୁଝାଯାଏ ।**

ଯୋଗ୍ୟତା କୁ ଅଣଦେଖା କରାଯାଏ । ଏହି ପୃଷ୍ଠଭୂମିରେ ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ହେବା ପୂର୍ବରୁ କୌଶଳ ଶିକ୍ଷା ଉପରେ ଅତ୍ୟଧିକ ଗୁରୁତ୍ୱ ଦ୍ୱାରା ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ । ଏହାର ଅର୍ଥ ନୁହଁ ଯେ ବିଦ୍ୟାଳୟ ପାଠ୍ୟକ୍ରମରେ ହେଉ ବା ଜଣେ ବିଦ୍ୟାର୍ଥୀର ଜୀବନରେ ହେଉ କୌଶଳ ବିକାଶର କୌଣସି ଗୁରୁତ୍ୱ ନାହିଁ । ଅଛି, କିନ୍ତୁ ଭିନ୍ନ ପ୍ରକାରର। ଉଦାହରଣ ସ୍ୱରୂପ ବିଦ୍ୟାର୍ଥୀଙ୍କ ପାଇଁ ଜୀବନ କୌଶଳ ଏବେ ଆବଶ୍ୟକ ହୋଇପଡିଛି । ଶିକ୍ଷାର୍ଥୀ ପାଇଁ ଅନ୍ୟାନ୍ନ ଅଣ-ଶୈକ୍ଷିକ ଓ ଅଣ-ବୌଦ୍ଧିକ ''କୌଶଳ''ଗୁଡିକର ମଧ୍ୟ ଆବଶ୍ୟକତା ରହିଛି । ତେବେ ସମସ୍ୟା ସେଇଠି ସୃଷ୍ଟି ହୁଏ, ଯେଉଁଠି ବିଶେଷ ଭାବେ ବିଦ୍ୟାଳୟ ସ୍ତରରେ କେତେକଙ୍କ ପାଇଁ ଜୀବନ କୌଶଳ ଉପରେ ତ ଅନ୍ୟ କେତେକ ଙ୍କ ପାଇଁ କୌଶଳ ବିକାଶ ଉପରେ ଗୁରୁତ୍ୱ ଦିଆଯାଏ । ଏହା ଦ୍ୱାରା ସମ୍ବିଧାନ ପ୍ରଦତ୍ତ ସମାନତା ର ଅଧିକାର କ୍ଷୁର୍ଣ୍ଣ ହେବା ସହିତ ଅର୍ଥନୀତିର ସୁଦୂରପ୍ରସାରୀ ଲକ୍ଷ ମଧ୍ୟ ସାଧିତ ହୋଇପାରେ ନାହିଁ ।

**(ଖ) ବୈଜ୍ଞାନିକ ଚିନ୍ତାଧାରା** - ରାଷ୍ଟ୍ର ନିର୍ମାଣରେ ଶିକ୍ଷାର ଭୂମିକା ଅନସ୍ୱିକାର୍ଯ୍ୟ । ଦେଶର ବିକାଶରେ ପିଲାମାନଙ୍କ ଭୂମିକା 'ଶିକ୍ଷା' ଦ୍ୱାରା ନିର୍ଦ୍ଧାରୀତ ହୋଇଥାଏ । ଯଦିଓ ଏଭଳି ଭୂମିକାର ପରିସର ବ୍ୟାପକ ହୋଇଥାଏ । ତଥାପି ସାଂବିଧାନ ପ୍ରସୂତ ନାଗରିକ ମୂଲ୍ୟବୋଧ ସଂପର୍କିତ ଶିକ୍ଷା ହେଉଛି ଅନ୍ୟତମ ଆଧାରଶିଳା । ଏଇଭଳି ମୂଲ୍ୟବୋଧ ଗୁଡିକୁ, ବିଶେଷ ଭାବେ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଗଣତାନ୍ତ୍ରିକ ସାମାଜିକ ନ୍ୟାୟ ଓ ସମାନତା ଜନିତ ମୂଲ୍ୟବୋଧ ଗୁଡିକୁ ସାମାଜିକ ବିଜ୍ଞାନର ପରିମାର୍ଜିତ ପାଠ୍ୟକ୍ରମ ସାହାଯ୍ୟରେ ବିଦ୍ୟାର୍ଥୀଙ୍କ ମନରେ ରୋପଣ କରାଯାଏ । ତେବେ ସାମ୍ପ୍ରତିକ ପରିସ୍ଥିତିରେ ଆମ ଶିକ୍ଷା ବ୍ୟବସ୍ଥାରେ ଏଭଳି ସାମାଜିକ ମୂଲ୍ୟବୋଧ ଅପେକ୍ଷା ବୈଜ୍ଞାନିକ ଚିନ୍ତାଧାରା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଉଛି । ବିଜ୍ଞାନ ଓ ଗଣିତ ପରି ବିଷୟ ସଂପର୍କରେ ଶିକ୍ଷାଦାନକୁ ଯେତିକି ଧ୍ୟାନ ଦିଆଯାଉଛି ସେତିକି ପ୍ରାଧାନ୍ୟ ସାମାଜିକ ବିଜ୍ଞାନ ଉପରେ ମଧ୍ୟ ଦେବା ଉଚିତ୍ । ଅନ୍ୟଥା, ସାମାଜିକ ବିଜ୍ଞାନ ଆଧାରିତ ସୃଜନଶୀଳ ଅନୁସନ୍ଧିତ୍ସା, ଐତିହାସିକ ଦୃଷ୍ଟିକୋଣ ଓ ବିଶ୍ଳେଷଣ କ୍ଷମତା ଭଳି ଗୁଣାବଳୀ ଗୁଡିକୁ ଆହରଣ କରିବାରେ ଶିକ୍ଷାର୍ଥୀମାନେ ସମର୍ଥ ହେବେ ନାହିଁ । ବୈଜ୍ଞାନିକ ଚିନ୍ତାଧାରା ପରି ଏହି ସବୁ ସାମାଜିକ ବିଚାରଧାରା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ତେଣୁ ଗୁଣାତ୍ମକ



Unfiled Notes Page 34

ଶିକ୍ଷା ପାଇଁ ଏହି ଉଭୟ ଦିଗ ପ୍ରତି ସମାନ ଦୃଷ୍ଟିଦେବା ବାଞ୍ଛନୀୟ ।

**(ଗ) ଆନୁଷ୍ଠାନିକ ବ୍ୟବସ୍ଥା-** ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଅସଫଳତା ପାଇଁ ତ୍ରୁଟିପୂର୍ଣ୍ଣ କାର୍ଯ୍ୟାନ୍ୱୟନକୁ ଦାୟୀ କରାଯାଏ । ବିଶେଷ ଭାବେ ଆନୁଷ୍ଠାନିକ ଶିଥିଳତା ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଅଧିକାଂଶ କ୍ଷେତ୍ରରେ ବାଧାପ୍ରାପ୍ତ ହୁଏ ବୋଲି ଧରିନିଆଯାଏ । ଶିକ୍ଷା ସହ ସଂପୃକ୍ତ ବିଭିନ୍ନ ଅନୁଷ୍ଠାନ ଗୁଡିକର ନିତୀ ନିୟମ (ନିଯୁକ୍ତି, ଯୋଜନା ପ୍ରଣୟନ ଏବଂ ତଦାରଖ ବ୍ୟବସ୍ଥା ସଂପର୍କିତ)ଠୁ ଆରମ୍ଭ କରି ଆଭ୍ୟନ୍ତରୀଣ ଆନୁଷ୍ଠାନିକ ବ୍ୟବସ୍ଥା (ସମନ୍ୱୟ ସୂଚନା ଆଦାନପ୍ରଦାନ ଏବଂ କର୍ତ୍ତୃପକ୍ଷ ବ୍ୟବସ୍ଥା) ଓ ସରକାରୀ ବେସରକାରୀ (ଗୋଷ୍ଠୀ)ବିଚାର ବିନିମୟ ବ୍ୟବସ୍ଥାରେ ଅଭାବ, ପର୍ଯ୍ୟନ୍ତ ବିଷୟ ଗୁଡିକର ମଧ୍ୟ ଶିକ୍ଷାଦାନ ଉପରେ ପ୍ରଭାବ ରହିଛି । ଏହି ସବୁ ବିଷୟ ଗୁଡିକରେ ବ୍ୟତିକ୍ରମ ଦ୍ୱାରା ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାର ଆଶଙ୍କା ରହିଛି । ମୁଁ ଜାଣିଶୁଣି 'ବିପର୍ଯ୍ୟୟ' ଶବ୍ଦଟିକୁ ବ୍ୟବହାର କରିଛି । ମୁଁ ଜାଣେ ଏହା ଦ୍ୱାରା ସତର୍କ ଘଣ୍ଟି ବାଜିଉଠିବ । ବାଜିବା ଉଚିତ ମଧ୍ୟ । କାରଣ ଉପରୋକ୍ତ ବ୍ୟତିକ୍ରମ ଗୁଡିକୁ ଗୁରୁତର ସହ ବିଚାର କରାନଯାଇ ବରଂ ଆନୁଷ୍ଠାନିକ ଅବ୍ୟବସ୍ଥାକୁ ଜାଣିଶୁଣି ଅଣଦେଖାକରାଯାଉଛି କିମ୍ବା ଏପରି କୌଣସି ଅବ୍ୟବସ୍ଥା ନାହିଁ ବୋଲି ଧାରଣା ସୃଷ୍ଟି କରାଯାଉଛି । ଅନ୍ୟ ଅର୍ଥରେ କହିବାକୁ ଗଲେ ଅନୁଷ୍ଠାନଗତ ଓ ଶାସନ ସଂପର୍କୀତ ବିଭିନ୍ନ ଅଭାବ ଅସୁବିଧା ଗୁଡିକ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଉନାହିଁ । ଅପରପକ୍ଷରେ ସହଜ ସମାଧାନ ପାଇଁ ପ୍ରଚେଷ୍ଟା ଚାଲୁଛି । ତା ପୁଣି ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ, ଆନୁସଙ୍ଗୀକ ବ୍ୟବସ୍ଥା ବିହୀନ ପରିବେଶରେ । ଉଦାହରଣସ୍ୱରୂପ, କମ୍ପ୍ୟୁଟର ସାକ୍ଷରତା ହାସଲ କରିନଥିବା ଲୋକଙ୍କ ପାଇଁ ସୂଚନା ପ୍ରଯୁକ୍ତି ବିଦ୍ୟାର ପ୍ରଚଳନ ଅବାସ୍ତବ ମନେ ହୁଏ । ଫଳ ସ୍ୱରୂପ ବିଦ୍ୟାଳୟ ଗୁଡିକରେ କମ୍ପ୍ୟୁଟର ଥାଇ ମଧ୍ୟ ସେ ଗୁଡିକୁ ସୁରକ୍ଷା ଦୃଷ୍ଟିରୁ କୋଠରୀ ଭିତରେ ବନ୍ଦ କରି ରଖି ଦିଆଯାଏ କିମ୍ବା ବିଜୁଳି ଅଭାବ ଯୋଗୁ କାର୍ଯ୍ୟକ୍ଷମ କରାଯାଏ ନାହିଁ । ସ୍ଥଳବିଶେଷରେ ବିଜୁଳି ପାଇଁ ଅର୍ଥ ବ୍ୟବସ୍ଥା ଅଭାବରୁ ଶିକ୍ଷକ ମାନଙ୍କୁ ହିଁ ବିଜୁଳି ବିଲ୍ ପୈଠକରିବାକୁ ପଡିଥାଏ । ସେହିଭଳି ନିଯୁକ୍ତି ନିୟମ ଓ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ମଧ୍ୟରେ ସମନ୍ୱୟ ଅଭାବରୁ ଶିକ୍ଷକମାନେ ବିତସ୍ପୃହ ହୁଅନ୍ତି । ଏସବୁର ଅଭାବରେ ଶିକ୍ଷାକ୍ଷେତ୍ରରେ ଅଶାନୁରୁପ ସଫଳତା ମିଳିବା କଷ୍ଟ । ତେବେ ଏଥି ପାଇଁ ଶିକ୍ଷକଙ୍କ ଦାୟିତ୍ୱବୋଧ ସ୍ଥିର କରିବା ପୂର୍ବରୁ ଆନୁଷ୍ଠାନିକ ବ୍ୟବସ୍ଥାଗତ ଦାୟିତ୍ୱବୋଧ ନିର୍ଦ୍ଧାରିତ କରିବା ଉଚିତ୍ ।

ଏ କ୍ଷେତ୍ରରେ କୌଣସି ପ୍ରକାରର ତଳିପକା ପ୍ରୟାସ,ବିଭିନ୍ନ ବ୍ୟବସ୍ଥାଗତ ବ୍ୟତିକ୍ରମ ଗୁଡିକୁ ଆହୁରୀ ବିପର୍ଯ୍ୟସ୍ତ କରିବାର ଆଶଙ୍କା ରହିଛି ।

ଯଦିଓ ଶିକ୍ଷା କ୍ଷେତ୍ରରେ ମଧ୍ୟ ଯୋଜନାର ବିକେନ୍ଦ୍ରୀକରଣ ଉପରେ ଗୁରୁତ୍ୱ ଦିଆଯାଏ ବାସ୍ତବରେ କିନ୍ତୁ ଏହାର କାର୍ଯ୍ୟାନ୍ୱୟନ ହୁଏ ନାହିଁ । କାରଣ ହେଉଛି, ବ୍ୟବସ୍ଥାଗତ ଢାଞ୍ଚାର ଅଭାବ । ତେଣୁ ବିଦ୍ୟାଳୟ ବିକାଶ ସଂପର୍କିତ ଯୋଜନା ପ୍ରଣୟନରେ ନିମ୍ନ ସ୍ତରର ଅଂଶଗ୍ରହଣ ନ ରହି କେବଳ ଉପର ସ୍ତରର ଭୂମିକା ରହେ । ଏଥି ଯୋଗୁଁ ସ୍ଥାନୀୟ ଆବଶ୍ୟକତା କୁ ଅଣଦେଖା କରି ବିଦ୍ୟାଳୟ ଗୁଡିକ ମଧ୍ୟରେ ସମ୍ବଳ ଆବଣ୍ଟନ ହୁଏ । ତଦାରଖ କାରୀଙ୍କ ବିଭିନ୍ନ ସୂଚନାକୁ ନିତୀ ପ୍ରଣୟନକାରୀ ମାନେ ଗୁରୁତ୍ୱ ଦେଇନଥାନ୍ତି । ଶିକ୍ଷା ସଂପର୍କୀତ ପ୍ରକୃତ ତଥ୍ୟ ସଂଗ୍ରହ ଓ ଆକଳନ କ୍ଷେତ୍ରରେ ମଧ୍ୟ ବ୍ୟତିକ୍ରମ ଦେଖାଦିଏ । ଫଳରେ ସେହି ତଥ୍ୟଗୁଡିକର ବ୍ୟବହାରିକ ଉପଯୋଗୀତା ହ୍ରାସ ପାଏ । ତେଣୁ ସ୍ଥାନୀୟ ସ୍ତରର ତଥ୍ୟ ସବୁକୁ ସଠିକ୍ ଭାବେ ସମ୍ବଳିତ କରାଗଲେ ଏହା ବିଦ୍ୟାଳୟ ସଂପର୍କୀତ ଯୋଜନାର ବିକେନ୍ଦ୍ରୀକରଣ ଏବଂ କାର୍ଯ୍ୟାନ୍ୱୟନ ପାଇଁ ସହଜ ହେବା ସହିତ ପ୍ରଶାସନ ଶିକ୍ଷକ-ଶିକ୍ଷୟିତ୍ରୀ ଓ ସ୍ଥାନୀୟ ଗୋଷ୍ଠୀ ମଧ୍ୟରେ ବିଦ୍ୟାଳୟ ପ୍ରତି ଏକ ଆପଣାପଣ ସୃଷ୍ଟି କରିବ ।

ଶିକ୍ଷା କ୍ଷେତ୍ରରେ, ଗୋଷ୍ଠୀ ସହଭାଗୀତା ବୃଦ୍ଧି ପାଇଁ ବିକେନ୍ଦ୍ରୀକରଣ ଉପରେ ଗୁରୁତ୍ୱ ଆରୋପ କରାଯାଏ । କିନ୍ତୁ ବାସ୍ତବରେ ଏହାର କୌଣସି ଉଦ୍ଦେଶ୍ୟ ସାଧିତ ହୁଏ ନାହିଁ । ଉଦାହରଣ ସ୍ୱରୂପ ପି.ଟି.ଏ (ଅଭିଭାବକ-ଶିକ୍ଷକ କମିଟି)ଏମ୍.ଟି.ଏ (ପ୍ରବନ୍ଧକ-ଶିକ୍ଷକ କମିଟି ) ଓ ଭି.ଇ.ସି (ଗ୍ରାମ୍ୟ ଶିକ୍ଷା କମିଟି) ଆଦି ବ୍ୟବସ୍ଥା ରହିଥିବା ସତ୍ତ୍ୱେ ସେ ଗୁଡିକର ଭାଗିଦାରୀ ବା ପ୍ରଭାବ ପ୍ରାୟତଃ ନିଃସ୍ପ୍ରଭ କହିଲେ ଚଳେ । ତେଣୁ ଏହିସବୁ ବିଷୟ ପ୍ରତି ପର୍ଯ୍ୟାପ୍ତ ଧ୍ୟାନ ଦିଆ ନଗଲେ ବିଦ୍ୟାଳୟ ପରିଚାଳନା କମିଟିର ମଧ୍ୟ ଅଧୋଗତି ଅବଶ୍ୟମ୍ଭାବୀ ମନେ ହୁଏ ।

**ଉପସଂହାର-** ଉପଯୁକ୍ତ ଆନୁଷ୍ଠାନିକ ବ୍ୟବସ୍ଥାର ବିକାଶ ପାଇଁ ଏକ ସ୍ୱଚ୍ଛ ଦୃଷ୍ଟିଭଙ୍ଗୀ ଆବଶ୍ୟକ । ସହଜଲବ୍ଧ ସମାଧାନ କିମ୍ବା ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଦ୍ୱାରା ଏହା ହାସଲ କରାଯାଇପାରିବ ନାହିଁ । ଏଥି ପାଇଁ ଦରକାର ଦିର୍ଘସୂତ୍ରୀ ବ୍ୟବସ୍ଥାଗତ ପରିବର୍ତ୍ତନ । ନଚେତ୍ ଭବିଷ୍ୟତର ଆହୁରୀ କେତେ ପିଲା ମଧ୍ୟ ଶିକ୍ଷା ସୁଯୋଗ ପାଇବାରୁ ବଞ୍ଚିତ ହେବେ । ନୂତନ ଶିକ୍ଷାନିତୀ ନିର୍ଦ୍ଧାରଣ କଲାବେଳେ ନିତୀ ପ୍ରଣୟନ କାରୀ ମାନେ ଶିକ୍ଷା ପ୍ରତି ଥିବା ସେମାନଙ୍କ ଆଭିମୁଖ୍ୟ ଓ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଉଚିତ୍ ।

ସିନିୟର ଫେଲୋ, ନୀତି ଅନୁସନ୍ଧାନ କେନ୍ଦ୍ର ଏବଂ ୟୁନିସେଫ୍ ସହ ସଂପୃକ୍ତ ଜଣେ ଶିକ୍ଷାବିତ୍

# ପ୍ରାଚୀନ ଭାରତରେ ଶିକ୍ଷା ବ୍ୟବସ୍ଥା

■ ଦିଲ୍ଲିପ କେ. ଚକ୍ରବର୍ତ୍ତୀ

ସାଲେଟ୍‌ଗୀ ଶିଳା-ଲେଖରୁ ମିଳିଥିବା ପ୍ରମାଣ ଆଧାରରେ ଏହିଭଳି ବିଦ୍ୟାପୀଠକୁ ମନ୍ଦିର-ମହାବିଦ୍ୟାଳୟ କୁହାଯାଇପାରେ । ଦକ୍ଷିଣ ଭାରତରେ ଏମିତି ଆହୁରି ମନ୍ଦିର-ମହାବିଦ୍ୟାଳୟ ଥିବା କଥା ଅନ୍ୟାନ୍ୟ ଶିଳାଲେଖରୁ ଜଣାପଡେ । ତାମିଲ୍‌ନାଡୁର ଦକ୍ଷିଣ ଆର୍‌କଟ୍ ଜିଲ୍ଲା ଅନ୍ତର୍ଗତ ଇନ୍ନାଇରାମ୍ ଠାରେ ଏକାଦଶ ଶତାବ୍ଦୀର ଏଇଭଳି ଏକ ମହାବିଦ୍ୟାଳୟ ଥିଲା ।



ପ୍ରାଚୀନ ଭାରତରେ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଶିଳାଲେଖ ଗୁଡ଼ିକରୁ ଅନେକ ପ୍ରମାଣ ମିଳେ । ସକ-ସମ୍ବତ ୮୬୭ କିମ୍ବା ୯୪୫ ଖ୍ରୀଷ୍ଟାବ୍ଦର ସାଲୋଟ୍‌ଗୀ ଶିଳା-ଲେଖ ଏଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର 'କ' 'ଖ' ଓ 'ଗ' ଶିଳା-ଲେଖ ଗୁଡ଼ିକ ଏଫ୍.କିଲ୍‌ହର୍ଣ୍ଣ ଓ ଏଚ୍.କିଷ୍ଣ ଶାସ୍ତ୍ରୀଙ୍କ ଦ୍ୱାରା ସମ୍ପାଦିତ ହୋଇ ଏପିଗ୍ରାଫିକା ଇଣ୍ଡିକା (୧୮୯୬-୯୭)ର ଚତୁର୍ଥ ଖଣ୍ଡରେ ସ୍ଥାନିତ ହୋଇଛି । ଏଥିରୁ ମିଳୁଥିବା ସୂଚନା ଅନୁଯାୟୀ, ପାଭିଟେଜ୍ ଗ୍ରାମର ଜନୈକ ବ୍ୟକ୍ତି ଚକ୍ରଯୁଦ୍ଧ ବୁଦ୍ଧ, ସୂର୍ଯ୍ୟ ଗ୍ରହଣ ଦିନ ଗୋଦାବରୀ ନଦୀରେ ସ୍ନାନ ପୂର୍ବକ, ଗ୍ରାମରେ ଥିବା ବିଦ୍ୟାପୀଠର ବିଦ୍ୟାନ୍‌ମାନଙ୍କୁ କର-ମୁକ୍ତ ୫୦୦ 'ନିବର୍ତ୍ତନ' ଜମି ଦାନ କରିଥିଲେ । ଗୋଟିଏ 'ନିବର୍ତ୍ତନ' ପ୍ରାୟ ୫ ଏକର ଜମି ସହିତ ସମାନ୍ । ଏହି ଅନୁସାରେ, ସଂପୃକ୍ତ ଗ୍ରାମ-ପ୍ରଧାନ, ବିଦ୍ୟାପୀଠ ପାଇଁ ୨୫୦୦ ଏକର ଜମି ଦାନ କରିଥିଲେ । ଏତଦ୍‌ବ୍ୟତୀତ, ବିଦ୍ୟାପୀଠ ଫୁଲବଗିରେ ପାଇଁ ଚାରି 'ନିବର୍ତ୍ତନ' ଜମି ଓ ସେଠାରେ ଆଲୋକ ବ୍ୟବସ୍ଥା ଖର୍ଚ୍ଚ ତୁଲାଇବା ପାଇଁ ୧୨ 'ନିବର୍ତ୍ତନ' ଜମି ମଧ୍ୟ ଦାନ କରିଥିଲେ । ପୁନଶ୍ଚ, ୨୭ ଗୋଟି ଆବାସ ସ୍ଥାନ ମଧ୍ୟ ଦାନସୂତ୍ରରେ ଦିଆଯାଇଥିଲା ।

ବିଦ୍ୟାପୀଠରେ ପାଣ୍ଠି ବର୍ଦ୍ଧନ ପାଇଁ, ବିବାହ, ମୁଣ୍ଡନ ଓ ବ୍ରତୋପନୟନ ଭଳି ଧାର୍ମିକ କାର୍ଯ୍ୟକ୍ରମ ସମୟରେ, ନିର୍ଦ୍ଦିଷ୍ଟ ପରିମାଣର ଦାନ ଦେବାର ବ୍ୟବସ୍ଥା ଥିଲା ।

ସାଲୋଟ୍‌ଗି 'କ' ଶିଳା-ଲେଖରେ ଉଲ୍ଲେଖ ଅଛି ଫକୌଣସି କାରଣ ପାଇଁ ବ୍ରାହ୍ମଣମାନଙ୍କୁ ଭୋଜନ ଦେବାର ବ୍ୟବସ୍ଥା କରିବାକୁ ହେଲେ, ସଭା ନିଜ ସମ୍ବଳ ଅନୁଯାୟୀ ଖର୍ଚ୍ଚ କରିବ । ଏବଂ ଶିକ୍ଷକଙ୍କ ପାଇଁ ବଦାନ୍ୟ ବ୍ୟକ୍ତିଙ୍କୁ କର-ମୁକ୍ତ ୫୦ 'ନିବର୍ତ୍ତନ' ଜମି ଆଉ ତା ସହିତ ଗୋଟିଏ କର-ମୁକ୍ତ ଆବାସ-ସ୍ଥାନ ଦାନ ଦେବାକୁ ପଡିବ ।

ସେହିପରି ଶିଳାଲେଖ 'ଖ'ର ପ୍ରକୃତ ତାରିଖ ଜଣାପଡୁନଥିଲେ ହେଁ ଏହି ଶିଳାଲେଖ 'କ'ର ସମସାମୟିକ (୯୪୫ ଖ୍ରୀଷ୍ଟାବ୍ଦ)

ବୋଲି ବିବେଚନା କରାଯାଏ । ଏଥିରେ ଉଲ୍ଲେଖ ଅଛି ଯେ, ଶିଳାଲେଖ 'କ'ରେ ଉଲ୍ଲେଖିତ ବିଦ୍ୟାପୀଠ କୋଠାର ପୁନଃ-ନିର୍ମାଣ କାର୍ଯ୍ୟ କୁପନପୁରର ସେଲେରାସ୍ ଜାତିର ଜନୈକ ବ୍ୟକ୍ତି 'କଞ୍ଚଗା'ଙ୍କ ଦ୍ୱାରା କରାଯାଇଥିଲା । ଏହି ବ୍ୟକ୍ତିଜଣକ ଆଉ ମଧ ଜମି ଦାନ କରିଥିଲେ ଏବଂ ଏହି ଶିଳା-ଲେଖ ପାଇଁ କାରଣ ସାଜିଥିଲେ ।

ଶିଳା-ଲେଖ 'ଗ'ର ସମୟ ମଧ ଅନିର୍ଦ୍ଦିଷ୍ଟ । ତେବେ ଏହା ୧୧ କିମ୍ବା ୧୨ ଶତାବ୍ଦୀ ବେଳକୁ ଖୋଦିତ ହୋଇଥିବା ଅନୁମାନ କରାଯାଏ । ଶିଲହର ରାଜା ଜିମୁତବାହନଙ୍କ ବଂଶଜ ତଥା କୋପନପୁର ସହର ପ୍ରମୁଖ ମହାମଣ୍ଡଳେଶ୍ୱର ଗୋଭୁନରାସ, ଏହି ଶିଳାଲେଖ ଲେଖାଇଥିଲେ । ସେ ମଧ ବିଦ୍ୟାପୀଠ ପାଇଁ କିଛି ଜମି ଦାନ କରିଥିଲେ। ଶହେରୁ ଊର୍ଦ୍ଧ୍ୱ ବର୍ଷ ମଧରେ (୯୪୫ ଖ୍ରୀଷ୍ଟାବ୍ଦରୁ ୧୧ ଶତାବ୍ଦୀ ମଧରେ) ଲିଖିତ ଏହି ଶିଳା-ଲେଖ ଗୁଡ଼ିକ ଶିକ୍ଷା ପାଇଁ ଆବଶ୍ୟକ ପାଣ୍ଠି ଯୋଗାଣର ପ୍ରମାଣ ବହନ କରନ୍ତି । କର୍ଣ୍ଣାଟକର ମହିସା ଜିଲ୍ଲା ଅନ୍ତର୍ଗତ ପାଭିଟେଜ୍ ଗ୍ରାମରେ ସ୍ଥିତ ଏହି ବିଦ୍ୟାପୀଠ, ନିଜ କୋଠାଘର, ଶିକ୍ଷକ ଓ ଶିକ୍ଷାର୍ଥୀ, ଆଲୋକ ବ୍ୟବସ୍ଥା ଏବଂ ଫୁଲ ବଗିଚା ଖର୍ଚ୍ଚ ତୁଲେଇବା ପାଇଁ, ଆଖପାଖ ବ୍ୟକ୍ତିବିଶେଷଙ୍କ ଠାରୁ ଦାନ ସୂତ୍ରରେ ଅନେକ ଜମି ପାଇଥିଲା । ଗ୍ରାମବାସୀ ମଧ ଏଥିପାଇଁ ଅତିରିକ୍ତ ଦାନ ଦେଉଥିଲେ । ସେମାନଙ୍କ ପାଇଁ, ବିଭାଗର ବେଳେ ୫ ଟଙ୍କା, ବ୍ରତୋପନୟନ ବେଳେ ଟ.୨.୫୦ ପଇସା ଏବଂ ମୁଣ୍ଡନ କାର୍ଯ୍ୟ ସମୟରେ ଟ.୧.୨୫ ପଇସା ସମତୁଲ ଧନ ଦାନ କରିବା ନିର୍ଦ୍ଧାରିତ ହୋଇଥିଲା ।

ସାଲେଟ୍‌ଗୀ ଶିଳା-ଲେଖରୁ ମିଳିଥିବା ପ୍ରମାଣ ଆଧାରରେ ଏହିଭଳି ବିଦ୍ୟାପୀଠକୁ ମନ୍ଦିର-ମହାବିଦ୍ୟାଳୟ କୁହାଯାଇପାରେ । ଦକ୍ଷିଣ ଭାରତରେ ଏମିତି ଆହୁରି ମନ୍ଦିର-ମହାବିଦ୍ୟାଳୟ ଥିବା କଥା ଅନ୍ୟାନ୍ୟ ଶିଳାଲେଖରୁ ଜଣାପଡେ । ତାମିଲ୍‌ନାଡୁର ଦକ୍ଷିଣ ଆର୍‌କଟ୍ ଜିଲ୍ଲା ଅନ୍ତର୍ଗତ ଇନ୍ନାଇରାମ୍ ଠାରେ ଏକାଦଶ ଶତାବ୍ଦୀର ଏଇଭଳି ଏକ ମହାବିଦ୍ୟାଳୟ ଥିଲା । ୧୬ଜଣ ଶିକ୍ଷକ, ଏକ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ଅନୁଯାୟୀ ସେଠାରେ ଶିକ୍ଷାଦାନ କରୁଥିଲେ । ୩୪୦ଜଣ ବିଦ୍ୟାର୍ଥୀଙ୍କ ଶିକ୍ଷା ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସ୍ଥାନୀୟ ସମୁଦାୟ, ଏହି ମହାବିଦ୍ୟାଳୟକୁ ୩୦୦ ଏକର ଜମି ଦାନ କରିଥିଲେ । ପ୍ରତ୍ୟେକ ବିଷୟ ପାଇଁ ସେଠାରେ ନିର୍ଦ୍ଦିଷ୍ଟ ସଂଖ୍ୟକ ସ୍ଥାନ ରହିଥିଲା - ଋଗ୍‌ବେଦ ଓ ଯଯୁର୍ବେଦ ପାଇଁ ୭୫ଟି ଲେଖାଏଁ, ସାମବେଦ ପାଇଁ ୪୦ଟି, ଅଥର୍ବ ବେଦ, ବୌଦ୍ଧଯାନ ଧର୍ମସୂତ୍ର ଏବଂ ବେଦାନ୍ତ ପାଇଁ ୨୦ଟି ଲେଖାଏଁ, ବ୍ୟାକରଣ ପାଇଁ ୨୫ଟି, ମିମାଂସା ପାଇଁ ୩୫ଟି ଏବଂ ରୂପବତାର କୁହାଯାଉଥିବା ବିଷୟ ପାଇଁ ୪୦ଟି ସ୍ଥାନ ରହିଥିଲା । ତେଣୁ ଏହା ମୁଖ୍ୟତଃ ବେଦ-ଆଧାରିତ ଏକ ମହାବିଦ୍ୟାଳୟ ଥିଲା । ଋଗ୍‌ବେଦ ଓ ଯଯୁର୍ବେଦ ପାଇଁ ତିନିଜଣ ଲେଖାଏଁ ଶିକ୍ଷକ ରହୁଥିବାବେଳେ, ମିମାଂସା ପାଇଁ ଦୁଇଜଣ ଏବଂ ଅବଶିଷ୍ଟ ପ୍ରତ୍ୟେକ ବିଷୟ ପାଇଁ ଜଣେ ଲେଖାଏଁ ଶିକ୍ଷକ ରହୁଥିଲେ । ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ପରିମାଣର ଅନ୍ନ ବ୍ୟବସ୍ଥା ଥିବାବେଳେ, ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସେମାନଙ୍କୁ ବାର୍ଷିକ ଏକ ତୋଳା ସ୍ୱର୍ଣ୍ଣର ଆଠ ଭାଗରୁ ଭାଗେ ଲେଖାଏଁ ମିଳୁଥିଲା । ବ୍ୟାକରଣ ଓ ଦର୍ଶନଶାସ୍ତ୍ର ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀଙ୍କୁ ୬୬ ପ୍ରତିଶତ ଅଧିକ ଭତ୍ତା ମିଳୁଥିଲା । ସେହିଭଳି ଶିକ୍ଷକମାନଙ୍କୁ ଦୈନିକ ୧୬ ସେର ଅନ୍ନ ମିଳୁଥିବା ବେଳେ, ବେଦାନ୍ତ ଶିକ୍ଷକ ମାନଙ୍କୁ ୨୫ ପ୍ରତିଶତ ଅଧିକ ଅନ୍ନ ମିଳୁଥିଲା ।

ଏହିପରି ଅନ୍ୟଏକ ମହାବିଦ୍ୟାଳୟ ଥିଲା, ଏକାଦଶ ଶତାବ୍ଦୀର ତିରୁମୁକୁଡାଲ୍ ମନ୍ଦିର ମହାବିଦ୍ୟାଳୟ । ଚିଙ୍ଗଲପୁଟ୍ ଜିଲ୍ଲା ଅନ୍ତର୍ଗତ ତିରୁମୁକୁଡାଲଠାରେ ଭେଙ୍କଟେଶ ପେରୁମଲ୍ ମନ୍ଦିରରେ ଏହା ଅବସ୍ଥିତ ଥିଲା । ମହାବିଦ୍ୟାଳୟ ବ୍ୟତିରେକ ସେଠାରେ ଗୋଟିଏ ଛାତ୍ରାବାସ ଏବଂ ଗୋଟିଏ ଡାକ୍ତରଖାନା ମଧ ଥିଲା । ସେଠାରେ ମଧ ୬୦ଜଣ ବିଦ୍ୟାର୍ଥୀ ଅଧ୍ୟୟନ କରୁଥିଲେ । ପ୍ରତ୍ୟେକ ବିଷୟ ପାଇଁ ସ୍ଥାନ ନିରୁପିତ ହୋଇଥିଲା । ଋଗ୍‌ବେଦ ପାଇଁ ୧୦ଟି, ଯଯୁର୍ବେଦ ପାଇଁ ୧୦ଟି, ବ୍ୟାକରଣ ପାଇଁ ୨୦ଟି, ପଞ୍ଚ-ରାତ୍ର ବ୍ୟବସ୍ଥା ପାଇଁ ୧୦ଟି, ଶୈବଗାମ ପାଇଁ ୩ଟି, ବାନପ୍ରସ୍ଥ ଓ ସନ୍ୟାସିନୀ ପାଇଁ ୭ଟି ସ୍ଥାନ ରହିଥିଲା । ଶିକ୍ଷକମାନଙ୍କୁ ଦୈନିକ ତିନି ସେର ଅନ୍ନ ମିଳୁଥିଲା । ଏହାର ଅର୍ଥ ହେଉଛି ଯେ ସେମାନେ ସାମୟିକ ଶିକ୍ଷକ ଥିଲେ । ସମ୍ଭବତଃ, ବ୍ୟାକରଣ ଶିକ୍ଷକଙ୍କୁ ଦୈନିକ ଆଠ ସେର ଅନ୍ନ ମିଳୁଥିବାଯୋଗୁଁ ସେ ନିୟମିତ କର୍ମଚାରୀ ଥିଲେ ।

ତ୍ରୟୋଦଶ ଶତାବ୍ଦୀରେ ସେହି ଚିଙ୍ଗଲପୁଟ୍ ଜିଲ୍ଲାର ତିରୁଭୋରିୟୁର୍ ଠାରେ ଏକ ବିଶାଳ ବ୍ୟାକରଣ ମହାବିଦ୍ୟାଳୟ ଥିଲା । ସ୍ଥାନୀୟ ଶିବମନ୍ଦିର ସଂଲଗ୍ନ ଏକ ହଲ୍‌ରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା । ଏହି ମହାବିଦ୍ୟାଳୟ ଅଧିନରେ ୪୦୦ ଏକର ଜମି ଥିଲା ।

୧୨୬୮ ଖ୍ରୀଷ୍ଟାବ୍ଦର ଏକ ଶିଳା-ଲେଖ ଅନୁଯାୟୀ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର୍ ଜିଲ୍ଲାସ୍ଥିତ ମାଲକାମପୁରମ୍‌ଠାରେ, ଗୋଟିଏ ସ୍ଥାନରେ ଏକ ମହାବିଦ୍ୟାଳୟ, ଗୋଟିଏ ମନ୍ଦିର, ଗୋଟିଏ ଚିକିତ୍ସାଳୟ ଏବଂ ଗୋଟିଏ ଛାତ୍ରାବାସ ଥିଲା । ମୋଟ ୮ଜଣ ଶିକ୍ଷକଙ୍କ ମଧରୁ, ବେଦ ପାଇଁ ତିନିଜଣ ଏବଂ ବ୍ୟାକରଣ, ସାହିତ୍ୟ, ତର୍କଶାସ୍ତ୍ର ଏବଂ ଅଗମ ବିଷୟ ପାଇଁ ୫ ଜଣ ଶିକ୍ଷକ ଥିଲେ । ଚିକିତ୍ସାଳୟ ଦାୟିତ୍ୱରେ ଜଣେ ଡାକ୍ତର ରହୁଥିଲେ । ପାରିଶ୍ରମିକ ବାବଦରେ ପ୍ରତ୍ୟେକ



Unfiled Notes Page 37

ଶିକ୍ଷକଙ୍କୁ ଦୁଇ 'ପୁଟି' ଜମି ମିଳୁଥିଲା, କାହା ମନ୍ଦିରରେ କାର୍ଯ୍ୟ କରୁଥିବା ବଢ଼େଇ ଓ ବାଦ୍ୟକାରଙ୍କ ଅପେକ୍ଷା ଦୁଇଗୁଣ ଥିଲା ।

ଏ.ଏସ୍. ଆଲ୍‌ଟେକାରଙ୍କ ଅନୁଯାୟୀ, ୯୦୦ରୁ ୧୪୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ, ଡେକାନ୍ ଅଞ୍ଚଳରେ ମଧ୍ୟ ଏଭଳି ଅନେକ ମନ୍ଦିର-ମହାବିଦ୍ୟାଳୟ ଗୁଡ଼ିକ ରହିଥିଲା । ଉଦାହରଣ ସ୍ୱରୂପ, ଦଶମ ଖ୍ରୀଷ୍ଟାବ୍ଦରେ ଭୂଜବଳେଶ୍ୱର ମନ୍ଦିର ଅଧିନସ୍ଥ ଧାରଓ୍ୱାର୍ ମଠର ହେବାଲ୍‌ଠାରେ ସ୍ଥିତ ମହାବିଦ୍ୟାଳୟ ପାଖରେ ଶିକ୍ଷାଦାନ କାର୍ଯ୍ୟ ପାଇଁ ୨୦୦ ଏକର ଜମି ଥିଲା । ଆନ୍ଧ୍ରର ନାଗାଇଠାରେ ଥିବା ସଂସ୍କୃତ ମହାବିଦ୍ୟାଳୟରେ ୨୦୦ ବିଦ୍ୟାର୍ଥୀଙ୍କୁ ବୈଦିକ କଥାବସ୍ତୁ ସମ୍ପର୍କରେ, ୨୦୦ ଜଣଙ୍କୁ ସ୍ମୃତି ସମ୍ପର୍କରେ, ୧୦୦ଜଣଙ୍କୁ ମହାକବ୍ୟ ଉପରେ ଏବଂ ୫୨ଜଣଙ୍କୁ ଦର୍ଶନଶାସ୍ତ୍ର ସମ୍ପର୍କରେ ଶିକ୍ଷାଦାନ କରାଯାଉଥିଲା । ଏହାର ଗ୍ରନ୍ଥାଗାରରେ ୬ଜଣ ନିଯୁକ୍ତ ଥିଲେ ।

୧୦୭୫ ଖ୍ରୀଷ୍ଟାବ୍ଦରେ, ଯୋଗେଶ୍ୱର ପଣ୍ଡିତଙ୍କ ଦ୍ୱାରା ସ୍ଥାପିତ ଏକ ମିମାଂସା ବିଦ୍ୟାଳୟ ପରିଚାଳନା ପାଇଁ, ବିଜାପୁରସ୍ଥିତ ମନ୍ଦିରକୁ ୧୨୦୦ଏକର ଜମି ମିଳିଥିଲା । ଦକ୍ଷିଣ ଭାରତରେ ଅନ୍ୟାନ୍ୟ କେତେକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ମଧ୍ୟ ଦାନସୂତ୍ରରେ ମିଳିଥିବା ସ୍ଥାବର ସମ୍ପତ୍ତି ଥିଲା । ବିଜାପୁର ଅଧିନସ୍ଥ ମାନାଗୋଲିସ୍ଥିତ ଏକ ବ୍ୟାକରଣ ବିଦ୍ୟାଳୟ ପାଖରେ ୨୦ ଏକର ଜମି ଥିଲା । ୧୧୫୮ ଖ୍ରୀଷ୍ଟାବ୍ଦରେ ସିମୋଗାସ୍ଥିତ ତାଲ୍‌ଗୋଣ୍ଡାଠାରେ ଥିବା ଏକ ମହାବିଦ୍ୟାଳୟ (ପ୍ରାଣେଶ୍ୱର ମନ୍ଦିର ପରିସରରେ)ରେ ୪୮ଜଣ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ ସହିତ ସେମାନଙ୍କ ଭରଣ-ପୋଷଣ କରାଯାଉଥିଲା । ସେଠାରେ ଦୁଇଜଣ ସୁପକାର ନିଯୁକ୍ତ ଥିଲେ । ତାଞ୍ଜାଭୁର୍‌ସ୍ଥିତ ପୁନ୍ନାଭାଇଲ୍‌ଠାରେ ଥିବା ଏକ ବ୍ୟାକରଣ ମହାବିଦ୍ୟାଳୟ ପାଖରେ ୪୦୦ ଏକର ଜମି ଥିଲା । ଏହା ମଧ୍ୟ ଏକ ମନ୍ଦିର ସହ ସଂପୃକ୍ତ ଥିଲା । ଗବେଷକ ଆଲ୍‌ଟେକାର୍‌ଙ୍କ ମତରେ :- ଫତାମିଲ୍ ଦେଶର ବିଭିନ୍ନ ମନ୍ଦିର-ମହାବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ପାଇଁ ବିଭିନ୍ନ ପ୍ରକାରର ଅନୁଦାନ କଥା ଦକ୍ଷିଣ ଭାରତର ଶିଳାଲେଖ କ୍ରମାଙ୍କ ୬୦୪, ୬୬୭, ୫୭୧ ଏବଂ ୬୯୫ରେ ଉଲ୍ଲେଖ ରହିଛି । ଶେଷ ଶିଳାଲେଖରେ ତିନ୍ନେଭେଲ୍ଲୀ ଜିଲ୍ଲାସ୍ଥିତ ଏକ ମନ୍ଦିର-ମହାବିଦ୍ୟାଳୟରେ ସରସ୍ୱତୀ ଭବନ ବା ଗୋଟିଏ ଗ୍ରନ୍ଥାଗାର ପ୍ରତିଷ୍ଠା ପାଇଁ ମିଳିଥିବା ଦାନ କଥା ଉଲ୍ଲେଖ ଅଛି । ସେହି ସମୟର ବୈଶିଷ୍ଟ୍ୟ ହେଉଛି ମନ୍ଦିର ପ୍ରଶାସନ ଦ୍ୱାରା ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ପରିଚାଳନା । ଏଭଳି ଆହୁରି ଅନେକ ଶିକ୍ଷାନୁଷ୍ଠାନ ଥାଇପାରନ୍ତି, ଯାହା ସମ୍ପର୍କରେ ଆମେ ଅବଗତ ନୋହୁଁ । କାରଣ, ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରତ୍ୟେକ ଧାର୍ମିକ କେନ୍ଦ୍ର ଦ୍ୱାରା ଗୋଟିଏ ଲେଖାଏଁ ସଂସ୍କୃତ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟ ପରିଚାଳିତ ହେଉଥିଲା । ବାସ୍ତବରେ, ସମଗ୍ର ଦେଶରେ ଏଭଳି ବ୍ୟବସ୍ଥା ରହିଥିଲା ।

ଆଲ୍‌ଟେକରଙ୍କ ମତରେ, ଉତ୍ତର ଭାରତରେ ମଧ୍ୟ ଅନୁରୂପ ବ୍ୟବସ୍ଥା ଥିଲା ଯାହା ପରବର୍ତ୍ତୀ ସମୟରେ ଧ୍ୱଂସାଭିମୁଖ୍ୟ ହୋଇଥିଲା ।

ଦାକ୍ଷିଣାତ୍ୱର ଅଗ୍ରହର ଗ୍ରାମଗୁଡ଼ିକ ଦ୍ୱାରା ଏକ ଭିନ୍ନ ପ୍ରକାରର ପ୍ରାଚୀନ ଶିକ୍ଷା କେନ୍ଦ୍ରମାନ ସ୍ଥାପିତ ହୋଇଥିଲା । କାଡିୟୁର ଅଗ୍ରହର ଅର୍ଥାତ୍ ଧାରଓ୍ୱାଡ୍ ଜିଲ୍ଲାର ଆଧୁନିକ କଲାସ୍, ଯାହାକି ଦଶମ ଖ୍ରୀଷ୍ଟାବ୍ଦରେ ରାଷ୍ଟ୍ରକୁଟ ପ୍ରଶାସନ ଦ୍ୱାରା ଏକ ଅଗ୍ରହର ଗ୍ରାମରେ ପରିବର୍ତ୍ତିତ ହୋଇଥିଲା, ସେଠାରେ ବିଦ୍ୟାର୍ଥୀମାନଙ୍କୁ ବେଦ, ପୁରାଣ, ବ୍ୟାକରଣ, ତର୍କଶାସ୍ତ୍ର, ରାଜନୀତି, ସାହିତ୍ୟ ଏବଂ ବିବରଣୀ ଲିଖନ କ୍ଷେତ୍ରରେ ଶିକ୍ଷାଦାନ ପାଇଁ ୨୦୦ଜଣ ବ୍ରାହ୍ମଣଙ୍କୁ ନିଯୁକ୍ତି ଦିଆଯାଇଥିଲା । ପୁନଶ୍ଚ, ସେଠାରେ ଶିକ୍ଷକମାନଙ୍କ ପାରିତୋଷିକ ପାଇଁ ସ୍ଥାବର ସମ୍ପତ୍ତି ରହିଥିବାବେଳେ, ଗରିବ ବିଦ୍ୟାର୍ଥୀଙ୍କ ପାଇଁ ମଧ୍ୟ ଏକ ଭୋଜନାଳୟ ରହିଥିଲା । ଏଭଳି ମନ୍ଦିର-ମହାବିଦ୍ୟାଳୟ ଓ ଅଗ୍ରହର ଗୁଡ଼ିକର ଅବସ୍ଥିତିରୁ ଏକଥା ସ୍ପଷ୍ଟ ଯେ, ଦକ୍ଷିଣ ଓ ସମ୍ଭବତଃ ଉତ୍ତର ଭାରତରେ ଶିକ୍ଷାନୁଷ୍ଠାନ ଗୁଡ଼ିକର ଏକ ସୁ-ବ୍ୟବସ୍ଥିତ ଜାଲ ରହିଥିଲା । ଉତ୍ତର ଭାରତରେ ଶୈବ ମଠଗୁଡ଼ିକ ଦ୍ୱାରା ଶିକ୍ଷାନୁଷ୍ଠାନର ଭୂମିକା ନିର୍ବହନ କରାଯାଉଥିଲା । ରାଜସ୍ଥାନର କୋଟା ଓ ଚିତ୍ତୋର୍ ମଧ୍ୟରେ ମେନାଲ୍‌ଠାରେ ସ୍ଥିତ ଏକ ମନ୍ଦିର ପରିସରରେ ଏଭଳି ଏକ ମଠର ପ୍ରମାଣ ମିଳେ।

> **ସେହି ସମୟର ବୈଶିଷ୍ଟ୍ୟ ହେଉଛି ମନ୍ଦିର ପ୍ରଶାସନ ଦ୍ୱାରା ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ପରିଚାଳନା । ଏଭଳି ଆହୁରି ଅନେକ ଶିକ୍ଷାନୁଷ୍ଠାନ ଥାଇପାରନ୍ତି, ଯାହା ସମ୍ପର୍କରେ ଆମେ ଅବଗତ ନୋହୁଁ । କାରଣ, ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରତ୍ୟେକ ଧାର୍ମିକ କେନ୍ଦ୍ର ଦ୍ୱାରା ଗୋଟିଏ ଲେଖାଏଁ ସଂସ୍କୃତ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟ ପରିଚାଳିତ ହେଉଥିଲା ।**

ଲେଖକ, କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଦକ୍ଷିଣ ଏସିୟ ନୃତତ୍ତ୍ୱ ବିଭାଗର ଜଣେ ଏମେରିଟସ୍ ପ୍ରଫେସର ।



Unfiled Notes Page 38

## ଅବହେଳିତଙ୍କ ପାଇଁ ଶିକ୍ଷା

# ସମସ୍ୟା ଓ ସମ୍ଭାବନା

■ ଏସ୍. ଶ୍ରୀନିବାସ ରାଓ

**ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପଞ୍ଜିକରଣରେ ବୃଦ୍ଧି ଯେତିକି ସୁଖଦ, ସେହି ସ୍ତରରେ ହିଁ ସେମାନଙ୍କ ବିଦ୍ୟାଳୟ ପରିତ୍ୟାଗ କରିବା ସେତିକି ଉଦ୍‌ବେଗଜନକ ମଧ୍ୟ । ୨୦୦୮-୨୦୦୯ ମସିହାରେ ସମୁଦାୟ ୪୨.୩ ପ୍ରତିଶତ ଛାତ୍ରଛାତ୍ରୀ ଅଧାରୁ ପାଠପଢ଼ା ଛାଡିଥିବାବେଳେ, ଅନୁସୂଚିତ ଜାତି କ୍ଷେତ୍ରରେ ଏହି ହାର ଥିଲା ୪୭.୯ ପ୍ରତିଶତ ଏବଂ ଅନୁସୂଚିତ ଜନଜାତି କ୍ଷେତ୍ରରେ ଏହା ଥିଲା ୫୮.୩ ପ୍ରତିଶତ । ଅର୍ଥାତ୍, ମୌଳିକ ଶିକ୍ଷା କ୍ଷେତ୍ରରେ ପ୍ରାୟ ୫୦ ପ୍ରତିଶତ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିତ୍ୟାଗ କରୁଛନ୍ତି ।**

ଆଧୁନିକ ଯୁଗରେ ସାମାଜିକ ଗତିଶୀଳତା ପାଇଁ ଶିକ୍ଷା ଏକ ମାଧ୍ୟମ । ଅସମାନତା ସନ୍ନିବିଷ୍ଟ ସାମାଜିକ ବ୍ୟବସ୍ଥା ସୁଧାରିବା ପାଇଁ ମଧ୍ୟ ଶିକ୍ଷା ଏକ ଉପକରଣ । ଜାତିଗତ ବିଷମତା ସମ୍ପନ୍ନ ଭାରତୀୟ ସମାଜର ଐତିହାସିକ ପୃଷ୍ଠଭୂମିରେ ଶିକ୍ଷାର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ । ଆର୍ଥିକ, ସାମାଜିକ, ଶୈକ୍ଷିକ ଏବଂ ରାଜନୈତିକ କ୍ଷେତ୍ରରେ ମିଳୁଥିବା ସୁବିଧା ସୁଯୋଗରୁ ଏବେ ମଧ୍ୟ ଅନେକ ବଞ୍ଚିତ । ଅନୁସୂଚିତ ଜାତି ବର୍ଗର ବ୍ୟକ୍ତି ଏହିଭଳି ଏକ ବଞ୍ଚିତ ଗୋଷ୍ଠୀ । ତଥାକଥିତ 'ମୁଖ୍ୟସ୍ରୋତ' ଏବଂ 'ସଭ୍ୟସମାଜ' ଠାରୁ ବହୁଦୂରରେ, ପାହାଡ଼, ଜଙ୍ଗଲ ଓ ପଥୁରିଆ ଅଞ୍ଚଳରେ ଏକପ୍ରକାର ଭୌଗୋଳିକ ବାସନ୍ଦ ଭାବେ ବସବାସ କରୁଥିବା ଅନୁସୂଚିତ ଜନଜାତି ଗୋଷ୍ଠୀ ମଧ୍ୟ ଆଉଏକ ବଞ୍ଚିତ ବର୍ଗ । ସମାଜର ଅନ୍ୟାନ୍ୟ ବର୍ଗ ଜନସାଧାରଣଙ୍କ ଜୀବନଠାରୁ ପୃଥକ ଜୀବନ ଜୀଉଁଥିବା ଏହି ବର୍ଗ କିନ୍ତୁ ସେମାନଙ୍କ ପାରିପାର୍ଶ୍ୱିକ ପରିବେଶ ସହିତ ଏକ ବିଶେଷ ସମ୍ପର୍କର ସମତୁଲତା ବଜାୟ ରଖନ୍ତି । ଅନ୍ୟପକ୍ଷରେ ଭୌଗୋଳିକ ବିଚ୍ଛିନ୍ନତା ଦୃଷ୍ଟିରୁ ଏମାନେ ସାମାଜିକ, ଆର୍ଥିକ, ରାଜନୈତିକ ଏବଂ ଶୈକ୍ଷିକ କ୍ଷେତ୍ରରେ ଅସମାନତାର ଶିକାର ସାଜିବାକୁ ମଧ୍ୟ ବାଧ୍ୟ ହୁଅନ୍ତି ।

ଏହି ପୃଷ୍ଠଭୂମିରେ, ଏମାନେ ଦଶନ୍ଧି ଏବଂ ଶତାବ୍ଦୀ ଧରି ଏକପ୍ରକାର ଦଳିତ ଏବଂ ଦୟନୀୟ ଅବସ୍ଥାରେ କାଳାତିପାତ କରି ଆସିଛନ୍ତି । ଅବଶ୍ୟ, ସମାନତାର ସମତଳଭୂମିରେ ଦଣ୍ଡାୟମାନ ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ଗଣତାନ୍ତ୍ରିକ ସମାଜର ବିଭିନ୍ନ କ୍ଷେତ୍ରରେ ଏମାନଙ୍କ ଅଂଶଗ୍ରହଣ ବୃଦ୍ଧିପାଇଛି । ଏମାନଙ୍କ ଅନ୍ତର୍ଭୂକ୍ତିକରଣ ଅନାୟାସ ହୋଇଛି । ତେବେ, ସମାଜର ସୁଯୋଗ-ଉପଭୋଗକାରୀ ବର୍ଗଙ୍କ ଅପେକ୍ଷା, ଏମାନଙ୍କ ସାମାଜିକ, ଆର୍ଥିକ, ରାଜନୈତିକ ଏବଂ ଶୈକ୍ଷିକ ଅନ୍ତର୍ଭୁକ୍ତିକରଣର ସ୍ତର ଏବେ ମଧ୍ୟ ଆଶାନୁରୂପ ହୋଇପାରିନାହିଁ ।

ଶିକ୍ଷା କ୍ଷେତ୍ରରେ କେତେକାଂଶରେ ଏହି ଅବହେଳିତ ସମ୍ପ୍ରଦାୟଙ୍କ ଅଂଶଗ୍ରହଣ ବଢ଼ିଥିବାବେଳେ ଏହାର ଫଳ ସମାନ ଭାବେ ସମସ୍ତଙ୍କୁ ସ୍ପର୍ଶ କରିପାରିନାହିଁ । ଅଦ୍ୟାବଧି 'ଅସମାନ' ଭାରତୀୟ ସମାଜର 'ସମାନ' ସଦସ୍ୟ ଭାବେ ସମ୍ପୂର୍ଣ୍ଣରୂପେ ଆବିର୍ଭାବ ହେବାପାଇଁ ଅନୁସୂଚିତ ଜାତି, ଜନଜାତି ଗୋଷ୍ଠୀ ଏଯାଏଁ ସମର୍ଥ ହୋଇପାରିନାହାଁନ୍ତି । ଉଦାହରଣ ସ୍ୱରୂପ, ଔପଚାରିକ ପ୍ରାଥମିକ ଶିକ୍ଷା ପ୍ରବେଶ ସ୍ତରରେ, ସ୍ୱଚ୍ଛଳ ଓ ସୁବିଧା ଉପଯୋଗକାରୀ ଗୋଷ୍ଠୀଙ୍କ ସହିତ ଏହି ଅବହେଳିତ ବର୍ଗଙ୍କ ସନ୍ତାନସନ୍ତତି ମଧ୍ୟ ସମାନ ହୋଇପାରିଛନ୍ତି । କିନ୍ତୁ ପଞ୍ଚମଶ୍ରେଣୀ ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚୁ ପହଞ୍ଚୁ, ବିଦ୍ୟାଳୟ ପଞ୍ଜିକରଣ ବ୍ୟବସ୍ଥାରେ ସେମାନଙ୍କ ସଂଖ୍ୟା ଅଚାନକ ହ୍ରାସ ପାଏ ।

**ଦୃଷ୍ଟାନ୍ତ :** 'ସମସ୍ତଙ୍କ ପାଇଁ



Unfiled Notes Page 39

ଶିକ୍ଷା: ଗୁଣାତ୍ମକ ଏବଂ ସମାନତା ଦିଗ ଅଭିମୁଖେ' ସମ୍ପର୍କିତ ଭାରତ ସରକାରଙ୍କ ରିପୋର୍ଟ । ଶୈକ୍ଷିକ ଯୋଜନା ଏବଂ ପ୍ରଶାସନ

ଅଭିଭାବକମାନଙ୍କଠାରେ ଥିବା ଉତ୍ସାହ । ସେମାନଙ୍କର ଏହି ଉତ୍ସାହ ଆମମାନଙ୍କ ପାଇଁ ଉତ୍ସାହ ବର୍ଦ୍ଧକ ନିଶ୍ଚୟ ।

| ପ୍ରାଥମିକ ଶିକ୍ଷା ପଞ୍ଜିକରଣ | ବର୍ଷ ୨୦୦୦-୨୦୦୧ | ବର୍ଷ ୨୦୧୩-୨୦୧୪ | ବୃଦ୍ଧି ପ୍ରତିଶତ |
|---|---|---|---|
| ଅନୁସୂଚିତ ଜାତି | ୨୧.୩ ନିୟୁତ | ୨୬.୩ ନିୟୁତ | ୨୪.୧ |
| ଅନୁସୂଚିତ ଜନଜାତି | ୧୧ ନିୟୁତ | ୧୪.୭ ନିୟୁତ | ୩୩.୬ |
| ଅନୁସୂଚିତ ଜାତି | ୬.୭ ନିୟୁତ | ୧୬.୯ ନିୟୁତ | |
| ଅନୁସୂଚିତ ଜନଜାତି | ୩.୧ ନିୟୁତ | ୬.୫ ନିୟୁତ | |

ଜାତୀୟ ବିଶ୍ୱବିଦ୍ୟାଳୟ (NUEPA) ଦ୍ୱାରା ୨୦୧୪ରେ ପ୍ରକାଶିତ ।

ଅନୁରୂପ ଭାବେ, ସମଗ୍ର ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ଅନୁସୂଚିତ ଜାତିର ସକଳ ପଞ୍ଜିକରଣ ୨୦୦୦-୨୦୦୧ ମସିହାର ୮୬.୮ ପ୍ରତିଶତ ବୃଦ୍ଧି ପାଇ ୨୦୧୩-୨୦୧୪ ମସିହାରେ ୧୦୭.୭ ପ୍ରତିଶତରେ ପହଞ୍ଚିଥିଲା । ସେହିଭଳି ଏହି ସମୟସୀମା ମଧ୍ୟରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପଞ୍ଜିକରଣ ୮୮ ପ୍ରତିଶତରୁ ୧୦୫.୫୨ ପ୍ରତିଶତକୁ ବୃଦ୍ଧି ପାଇଥିଲା । ସୂଚନାଯୋଗ୍ୟ ଯେ ୧୦୦ ପ୍ରତିଶତରୁ ଅଧିକ ପଞ୍ଜିକରଣର କାରଣ ହେଉଛି ନିର୍ଦ୍ଧାରିତ ବୟସଠାରୁ କମ୍ କିମ୍ବା ବେଶୀ ବୟସ୍କ ଛାତ୍ରଛାତ୍ରୀଙ୍କ ଉପସ୍ଥିତି । ପୁନଶ୍ଚ, ବାଳିକା ଶିକ୍ଷା କ୍ଷେତ୍ରରେ ମଧ୍ୟ ଏହି ରିପୋର୍ଟରେ ଉତ୍ସାହଜନକ ଚିତ୍ର ପ୍ରକାଶ ପାଇଥିଲା । ଉଦାହରଣ ସ୍ୱରୂପ ଉପରୋକ୍ତ ସମୟାବଧି ମଧ୍ୟରେ ପ୍ରାଥମିକ ଶିକ୍ଷା ପଞ୍ଜୀକରଣ କ୍ଷେତ୍ରରେ ପୁଅମାନଙ୍କ ଅପେକ୍ଷା ଝିଅମାନଙ୍କ ପ୍ରତିଶତ ଅଧିକ ଥିବାବେଳେ (୪୮.୮) ଉଚ୍ଚପ୍ରାଥମିକ ସ୍ତରରେ ମଧ୍ୟ ଏହି ପ୍ରତିଶତ (୧୮.୮) ପୁଅମାନଙ୍କ ତୁଳନାରେ ଅଧିକ ରହିଥିଲା । ଏହାର ଅର୍ଥ ହେଉଛି ପ୍ରାଥମିକ ଶିକ୍ଷା କ୍ଷେତ୍ରରେ, ନିଜ ସନ୍ତାନସନ୍ତତିଙ୍କୁ ସାକ୍ଷର ଓ ଶିକ୍ଷିତ କରିବାପାଇଁ ଅନୁସୂଚିତ ଜାତି ଓ ଜନଜାତି ବର୍ଗ

ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପଞ୍ଜିକରଣରେ ବୃଦ୍ଧି ଯେତିକି ସୁଖଦ, ସେହି ସ୍ତରରେ ହିଁ ସେମାନଙ୍କ ବିଦ୍ୟାଳୟ ପରିତ୍ୟାଗ କରିବା

**ଆଧୁନିକ ଯୁଗରେ ସାମାଜିକ ଗତିଶୀଳତା ପାଇଁ ଶିକ୍ଷା ଏକ ମାଧ୍ୟମ । ଅସମାନତା ସନ୍ନିବିଷ୍ଟ ସାମାଜିକ ବ୍ୟବସ୍ଥା ସୁଧାରିବା ପାଇଁ ମଧ୍ୟ ଶିକ୍ଷା ଏକ ଉପକରଣ । ଜାତିଗତ ବିଷମତା ସମ୍ପନ୍ନ ଭାରତୀୟ ସମାଜର ଐତିହାସିକ ପୃଷ୍ଠଭୂମିରେ ଶିକ୍ଷାର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ ।**

ସେତିକି ଉଦ୍‌ବେଗଜନକ ମଧ୍ୟ । ୨୦୦୮-୨୦୦୯ ମସିହାରେ ସମୁଦାୟ ୪୨.୩ ପ୍ରତିଶତ ଛାତ୍ରଛାତ୍ରୀ ଅଧାରୁ ପାଠପଢ଼ା ଛାଡିଥିବାବେଳେ, ଅନୁସୂଚିତ ଜାତି କ୍ଷେତ୍ରରେ ଏହି ହାର ଥିଲା ୪୭.୯ ପ୍ରତିଶତ ଏବଂ ଅନୁସୂଚିତ ଜନଜାତି କ୍ଷେତ୍ରରେ ଏହା ଥିଲା ୫୮.୩ ପ୍ରତିଶତ । ଅର୍ଥାତ୍, ମୌଳିକ ଶିକ୍ଷା କ୍ଷେତ୍ରରେ ପ୍ରାୟ ୫୦ ପ୍ରତିଶତ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିତ୍ୟାଗ କରୁଛନ୍ତି । ଏଭଳି ପରିସ୍ଥିତିରେ ସାର୍ବଜନୀନ ଶିକ୍ଷାର ଲକ୍ଷ୍ୟ ହାସଲ କରିବା ଏକ ଦୂରୁହ ବ୍ୟାପାର । ଅଧିକନ୍ତୁ, ପ୍ରାଥମିକ ଠାରୁ ଉଚ୍ଚଶିକ୍ଷା ମଧ୍ୟରେ ଶିକ୍ଷାନୁଷ୍ଠାନ ପରିତ୍ୟାଗ କରିବା ହାରରେ ବୃଦ୍ଧି ପରିଲକ୍ଷିତ ହୁଏ । କହିବା ବାହୁଲ୍ୟ, ଅନୁସୂଚିତ ଜାତି ଓ ଜନଜାତି ପିଲାମାନେ ପ୍ରାୟତଃ ନିରକ୍ଷର ବା ନିମ୍ନସାକ୍ଷର । ଫଳସ୍ୱରୂପ, ଦେଶର ବିକାଶର ଫଳ ଚାଖିବା ଏମାନଙ୍କ ପାଇଁ ସମ୍ଭବ ହୁଏ ନାହିଁ । କେବଳ ସେତିକି ନୁହଁ, ଶିକ୍ଷା କ୍ଷେତ୍ରରେ ଆଗୁଆ ଥିବା ଅନ୍ୟ ସାମାଜିକ ଗୋଷ୍ଠୀଙ୍କ ତୁଳନାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ଆହୁରି ପଛେଇଥାନ୍ତି - ଶିକ୍ଷାଗତ ଯୋଗ୍ୟତା ଆଧାରିତ ନିଯୁକ୍ତି ବଜାରରେ ବାଟବଣା ହୁଅନ୍ତି । ତେଣୁ କୁହାଯାଇପାରେ ଯେ ଅବହେଳିତ ବର୍ଗଙ୍କ ଶୈକ୍ଷିକ ଉନ୍ନତି ଅଭାବ ଯୋଗୁଁ ସାମାଜିକ ଅସମାନତାରେ ମଧ୍ୟ ଅଭିବୃଦ୍ଧି ଘଟିଚାଲିଛି । କଳାପଟା ଅଭିଯାନ (OBB), ଜାତୀୟ ସାକ୍ଷରତା ମିଶନ (NLM), ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ (DPEP) ଏବଂ ସର୍ବଶିକ୍ଷା ଅଭିଯାନ (SSA) ଭଳି ପ୍ରୟାସ ମାଧ୍ୟମରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ପିଲାମାନେ ଶିକ୍ଷାର ନିକଟବର୍ତ୍ତୀ ହୋଇପାରିଛନ୍ତି । ତେବେ, ସର୍ବନିମ୍ନ ଶିକ୍ଷା ହାସଲ ପାଇଁ, ବିଦ୍ୟାଳୟଗୁଡ଼ିକ ଏବେମଧ୍ୟ ଏମାନଙ୍କ ପାଇଁ ଅନାକର୍ଷଣୀୟ । କାରଣ ବିଦ୍ୟାଳୟ ଆଧାରିତ ଶିକ୍ଷାପ୍ରଣାଳୀରେ ଏବେମଧ୍ୟ ଏମାନଙ୍କ ପାଇଁ ଅସମାନତା ରହିଛି । ସେମାନଙ୍କ ଦାରିଦ୍ର୍ୟ, ସାମାଜିକ ଶ୍ରେଣୀ, ଜାତି ଓ ସାମାଜିକ ପରିଚୟ ଯୋଗୁଁ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ତୁଳନାରେ ହେଉ ବା ଶିକ୍ଷକ-ଶିକ୍ଷାର୍ଥୀ ଓ ଏପରିକି ଶିକ୍ଷକ-ଅଭିଭାବକ ସମ୍ପର୍କରେ ହେଉ, ଅସମାନତା ବଳବତ୍ତର ରହିଛି । ଏତଦ୍‌ବ୍ୟତୀତ, ଏହି ବର୍ଗର ଶିକ୍ଷାର୍ଥୀଙ୍କ ପ୍ରତି ଶିକ୍ଷକମାନଙ୍କ



ଉଦାସୀନତା ଏବଂ ପାଚର-ଅନ୍ତର ନୀତି ଯୋଗୁଁ ବିଦ୍ୟାଳୟ ଏମାନଙ୍କ ପାଇଁ କେବଳ ଏକ ବିକର୍ଷଣର କେନ୍ଦ୍ର ପାଲଟିଯାଇଛି ।

ଏହି ବର୍ଗର ଛାତ୍ରଛାତ୍ରୀଙ୍କ ପ୍ରତି ଶିକ୍ଷକଙ୍କ ଉଦାସୀନତା ଓ ଅମନଯୋଗିତା ସମ୍ପର୍କରେ ଅନେକ ଅନୁସନ୍ଧାନ ହୋଇଛି ଏବଂ ପ୍ରମାଣିତ ମଧ୍ୟ ହୋଇଛି । କେତେକ ଅନୁସନ୍ଧାନରେ ପୁଣି ଦଳିତ ଓ ଆଦିବାସୀ ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ 'ମନ୍ଥର', 'ଅସଭ୍ୟ', 'ଅସନା' ବୋଲି କୁହାଯାଇଥିବାବେଳେ, ସେମାନେ ଶିକ୍ଷା ପାଇଁ ଅନୁପଯୁକ୍ତ ବୋଲି ଦର୍ଶାଯାଇଛି । କେତେକ ଗବେଷଣା ଦ୍ୱାରା ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ ଅସ୍ପୃଶ୍ୟତା ଏବଂ ଅନ୍ୟାନ୍ୟ ସାମାଜିକ ଓ ଭୌଗୋଳିକ ଅସମାନତା, ବିଦ୍ୟାଳୟ ଗୁଡ଼ିକରେ ମଧ୍ୟ ପ୍ରତିଫଳିତ । ମଧ୍ୟାହ୍ନ ଭୋଜନ ଯୋଜନା ପ୍ରସଙ୍ଗରେ, ଅବହେଳିତ ବର୍ଗର ଶିକ୍ଷାର୍ଥୀମାନଙ୍କ ପ୍ରତି ଭେଦ-ଭାବ ପ୍ରମାଣିତ ହୋଇଛି । ପରିତାପର ବିଷୟ, ଏଭଳି ଅସମାନତା ଭିତ୍ତିକ ଆଚରଣ କେବଳ ଗ୍ରାମ୍ୟ ପରିବେଶ ନୁହଁ, ବରଂ ସହରାଞ୍ଚଳରେ ମଧ୍ୟ ବେଶ୍ ପରିଦୃଶ୍ୟ । ସହରୀ ବିଦ୍ୟାଳୟ ଗୁଡ଼ିକରେ ମଧ୍ୟ ସାମାଜିକ ପ୍ରଭେଦ ବଳବତ୍ତର ରହିଛି । ତେବେ ସହରୀ ଓ ଗ୍ରାମୀଣ ପରିବେଶରେ ଏଭଳି ସାମାଜିକ ପ୍ରଭେଦ, ଭିନ୍ନଭିନ୍ନ ରୂପରେ ଆତ୍ମପ୍ରକାଶ କରିଥାଏ ।

**ତେଣୁ, ବିଦ୍ୟାଳୟ ପରିତ୍ୟାଗ କରିବା ପ୍ରବୃତ୍ତିରୁ, ବିଶେଷଭାବେ ଅବହେଳିତ ବର୍ଗ ଛାତ୍ରଛାତ୍ରୀଙ୍କୁ ନିବୃତ୍ତ କରାଇବାକୁ ହେଲେ, ବିଦ୍ୟାଳୟ ଗୁଡ଼ିକରେ ସାମ୍ୟବାଦୀ ନୀତି ଆପଣେଇବାକୁ ପଡ଼ିବ । ଅନ୍ୟଥା, ବିଦ୍ୟାଳୟଗୁଡ଼ିକ ଏମାନଙ୍କ ପାଇଁ ଅନାକର୍ଷଣୀୟ ରହିବା ସହିତ, ଶିକ୍ଷା ଅଭାବରୁ ସାମାଜିକ ବିସଂଗତିରେ ବୃଦ୍ଧି ପରିଲକ୍ଷିତ ହେବ।**

ତେଣୁ, ବିଦ୍ୟାଳୟ ପରିତ୍ୟାଗ କରିବା ପ୍ରବୃତ୍ତିରୁ, ବିଶେଷଭାବେ ଅବହେଳିତ ବର୍ଗ ଛାତ୍ରଛାତ୍ରୀଙ୍କୁ ନିବୃତ୍ତ କରାଇବାକୁ ହେଲେ, ବିଦ୍ୟାଳୟ ଗୁଡ଼ିକରେ ସାମ୍ୟବାଦୀ ନୀତି ଆପଣେଇବାକୁ ପଡ଼ିବ । ଅନ୍ୟଥା, ବିଦ୍ୟାଳୟଗୁଡ଼ିକ ଏମାନଙ୍କ ପାଇଁ ଅନାକର୍ଷଣୀୟ ରହିବା ସହିତ, ଶିକ୍ଷା ଅଭାବରୁ ସାମାଜିକ ବିସଂଗତିରେ ବୃଦ୍ଧି ପରିଲକ୍ଷିତ ହେବ। ଏଥିପାଇଁ ଶିକ୍ଷା କ୍ଷେତ୍ରରେ କେବଳ ପଞ୍ଜିକରଣ ଉପରେ ଗୁରୁତ୍ୱ ଦେଲେ ଚଳିବନାହିଁ । ବରଂ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଏକ ଆନନ୍ଦମୟ ଶିକ୍ଷା ପ୍ରଣାଳୀ ବିକଶିତ କରିବାକୁ ପଡ଼ିବ । ତେବେଯାଇଁ, ଅବହେଳିତ ବର୍ଗର ପିଲାମାନେ, ଶିକ୍ଷାରୂପକ ନିଶୁଣିର ବିଭିନ୍ନ ପର୍ଯ୍ୟାୟକୁ ଅକ୍ଲେଶରେ ଉନ୍ନୀତ ହେବେ। ଫଳସ୍ୱରୂପ ଶିକ୍ଷିତ ଓ ଦକ୍ଷ ମାନବସମ୍ବଳ ଭାବେ ସେମାନେ ଦେଶର ସାମଗ୍ରିକ ବିକାଶରେ ଯୋଗଦାନ ଦେଇପାରିବେ । ତେବେ, ଅନୁସୂଚିତ ଜାତି ଓ ଜନଜାତି ବର୍ଗ ପୁଅମାନଙ୍କ ତୁଳନାରେ ଝିଅମାନଙ୍କ ଶିକ୍ଷା ଉପରେ ଅଧିକ ଗୁରୁତ୍ୱାରୋପ କରିବାକୁ ହେବ । କାରଣ, ଜାତିଗତ, ଲିଙ୍ଗଗତ ଏବଂ ସାମାଜିକ ଶ୍ରେଣୀ ସମ୍ବନ୍ଧୀୟ ବିଷୟଗୁଡ଼ିକ ଯୋଗୁଁ ଝିଅମାନଙ୍କ ପ୍ରତି ଶିକ୍ଷା-ଜନିତ ଭେଦଭାବ ଅଧିକ ରହିଥାଏ । ପରିଶେଷରେ ଏତିକି କୁହାଯାଇପାରେ ଯେ ଏମାନଙ୍କ ପାଇଁ ଇତିହାସ ଯେଉଁ ଅବିଚାର କରିଛି, ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀରେ ସେମାନଙ୍କ ଜନ୍ମକୁ ନେଇ ଯେଉଁ ବାଛବିଚାର ହୋଇଛି, ସେଥିରୁ ସେମାନଙ୍କୁ ମୁକୁଳାଇବାକୁ ହେଲେ, ବିଦ୍ୟାଳୟଗୁଡ଼ିକୁ ମୁକ୍ତି-ଦାତା ସାଜିବାକୁ ହେବ । ତେବେ ଯାଇ, ଭାରତ, ନିଜକୁ ସମାନତା-ଆଧାରିତ ଏକ ଗଣତାନ୍ତ୍ରିକ ସମାଜ ଭାବରେ ପ୍ରତିଷ୍ଠିତ କରିପାରିବ ।

* ନୂଆଦିଲ୍ଲିସ୍ଥିତ ଜବାହରଲାଲ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସଂସ୍ଥାରେ, ଲେଖକ ଜଣେ ଆସୋସିଏଟ୍ ପ୍ରଫେସର

# ଏକ ଭଲ ମୂଲ୍ୟାୟନ ବ୍ୟାବସ୍ଥାର ଆବଶ୍ୟକତା

■ ପ୍ରଫେସର ଅବତାର ସିଂ

> ବର୍ତ୍ତମାନର ପରୀକ୍ଷା ବ୍ୟବସ୍ଥା ସୀମିତ ଲକ୍ଷ୍ୟ ସାଧନ କରୁଥିବାରୁ ତା ବଦଳରେ ଏକ ଉତ୍ତମ ମୂଲ୍ୟାୟନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପ୍ରୟାସ କରାଯାଇଛି । ୧୯୬୮ର ଜାତୀୟ ଶୈକ୍ଷିକ ଆୟୋଗଠାରୁ ଆରମ୍ଭ କରି ୧୯୮୬ର ଜାତୀୟ ଶିକ୍ଷାନୀତି ଓ ୨୦୦୫ର ଜାତୀୟ ପାଠ୍ୟକ୍ରମ ଫ୍ରେମୱାର୍କ ମାଧ୍ୟମରେ ନୂଆ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିବାକୁ ଉଦ୍ୟମ ହୋଇଛି । ଏସବୁକୁ ପ୍ରାଥମିକ ଶିକ୍ଷା ସଂସ୍କାର କ୍ଷେତ୍ରରେ ଗୋଟିଏ ଗୋଟିଏ ମାଇଲଖୁଣ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏସବୁ ନୀତିରେ ଶିକ୍ଷାଦାନ ପିଲାଙ୍କ ପାଠପଢା ଓ ଶିକ୍ଷାନୀତି ଉପରେ ଗୁରୁତ୍ୱ ଦିଆଯାଇଛି ।

ଆମ ମଧ୍ୟରୁ ଅଧିକାଂଶ ମୂଲ୍ୟାୟନ, ଆକଳନ ଓ ପରୀକ୍ଷା ଶବ୍ଦ ସହ ପରିଚିତ । ମାତ୍ର ଏହା ମଧ୍ୟରେ ଥିବା ପାର୍ଥକ୍ୟକୁ ଜାଣିବାକୁ ଆମେ କ୍ୱଚିତ ଚେଷ୍ଟା କରିଥାଉ । ଏଥି ପ୍ରତି ବିଶେଷ ଗୁରୁତ୍ୱ ନ'ଦେଇ ଆମେ ପ୍ରାୟତଃ ଆକଳନ ଓ ମୂଲ୍ୟାଙ୍କନକୁ ଅଦଳବଦଳ କରି ପିଲାଙ୍କୁ ନମ୍ବର ଦେଇ ସେମାନଙ୍କର ଶ୍ରେଣୀ ବିଭାଗ ନିର୍ଦ୍ଧାରଣ କରିବା ସହ ପ୍ରମାଣପତ୍ର (ସାର୍ଟିଫିକେଟ୍) ପ୍ରଦାନ ଓ ଉତ୍ତୀର୍ଣ୍ଣ କରିବାର ବ୍ୟବସ୍ଥା କରିଥାଉ । ଆମ ମଧ୍ୟରୁ ଅନେକ ଜୀବନରେ ବହୁ ପରୀକ୍ଷା ଦେଇଥିବାରୁ ଏହା ସହିତ ଭଲଭାବେ ଅବଗତ । ପରିକ୍ଷା ଏକ ଅନିବାର୍ଯ୍ୟ ବିବଶତା । ପରୀକ୍ଷା ସହିତ ଅସ୍ପଷ୍ଟତା ,ଅନିଶ୍ଚିତତା,ଅବିଶ୍ୱସନୀୟତା ଆଦି ପ୍ରସଙ୍ଗ ଜଡିତ ରହିଥିବାରୁ ଅତି ପ୍ରତିଭାବାନ ଛାତ୍ରଛାତ୍ରୀ ମଧ୍ୟ ଏହାକୁ ଭୟ କରନ୍ତି । ଏସବୁ କଥା ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭକରି ପ୍ରଶ୍ନପତ୍ରର ପରିଚାଳନା, ମୂଲ୍ୟାୟନ, ଟାବୁଲେସନ୍ ଏବଂ ଶେଷରେ ପରୀକ୍ଷାର୍ଥୀଙ୍କୁ ମାର୍କ ବା ନମ୍ବର ପ୍ରଦାନ ପର୍ଯ୍ୟନ୍ତ ଚାଲେ । ଏସବୁ ପରୀକ୍ଷାରେ ନାନାପ୍ରକାର ତ୍ରୁଟି ବିଚ୍ୟୁତି ରହିଛି । ଏସବୁ ପରୀକ୍ଷା ମୁଖ୍ୟତଃ ପରୀକ୍ଷାର୍ଥୀଙ୍କ ର୍‍ୟାଙ୍କ୍ ଓ ପ୍ରମୋସନ୍ ପାଇଁ ସାର୍ଟିଫିକେଟ୍ ଦେବା କାର୍ଯ୍ୟରେ ସିମିତ ରହେ । ଏହି ପରୀକ୍ଷା, ପରୀକ୍ଷାର୍ଥୀଙ୍କ ଜୀବନକୁ ମାରିପାରେ କିମ୍ୱା ତାରିପାରେ । ନିମ୍ନରେ ବକ୍ସ-୧ରେ ପ୍ରଦତ୍ତ ତଥ୍ୟାବଳୀ ଉପରେ ଧ୍ୟାନ ଦିଅନ୍ତୁ । ସେଥିରେ ବିନ୍ଦୁ ଚିହ୍ନିତ ୧୦୨ର ତଥ୍ୟ ଏକ ଜାତୀୟ ବୋର୍ଡ ଦ୍ୱାରା ଆୟୋଜିତ ପରୀକ୍ଷାର ଫଳାଫଳ ଉପରେ ହୋଇଥିବା ଗବେଷଣାଲବ୍ଧ ତଥ୍ୟ ।

- ଦ୍ୱାଦଶ ଶ୍ରେଣୀର ଏକ ବୋର୍ଡ ପରୀକ୍ଷାରେ ଜଣେ ପରୀକ୍ଷାର୍ଥୀ ଉତ୍ତର ଖାତାରେ ଏକ ପ୍ରଶ୍ନର କଥନକୁ ପୁନର୍ବାର ଲେଖିଛି । ସେଥି ପାଇଁ ତାକୁ ୭୦ ରୁ ୩୨ନମ୍ବର ମିଳିଛି ।
- ଜଣେ ପରୀକ୍ଷାର୍ଥୀ ପ୍ରଶ୍ନର ଉତ୍ତର ସବୁ ନିଜଜାଣିବା ମୁତାବକ ଲେଖିଛି ଯାହା ପ୍ରକୃତରେ ପ୍ରଶ୍ନାନୁସାରେ ଲେଖାଯାଇ ନାହିଁ । ଏହା ସତ୍ତ୍ୱେ ୧୦ମ ପରୀକ୍ଷାରେ ତାକୁ ୧୦୦ରୁ ୭୮ ନମ୍ବର ମିଳିଛି ।
- ଏକ ସିମେଷ୍ଟାର ପରୀକ୍ଷାରେ ଏନ୍ ଆଇଟିର ଜଣେ ପରୀକ୍ଷାର୍ଥୀକୁ ଗୋଟିଏ ବିଷୟରେ ଅକୃତକାର୍ଯ୍ୟ ଘୋଷଣା କରାଯିବା ପରେ ସେ ଆତ୍ମହତ୍ୟା କରିଥିଲା । ତା ପିତାମାତାଙ୍କ ଉଦ୍ୟମରେ ସେହି ବିଷୟର ଉତ୍ତର ପତ୍ରଟିକୁ ପୁନଃ ମୂଲ୍ୟାୟନ କରାଯିବାରୁ ତାକୁ ୫୦ରୁ ୪୮ ନମ୍ବର ମିଳିଥିଲା । ଭୂଲ ମାର୍କିଂ ପାଇଁ ଏକ ମୂଲ୍ୟବାନ ଜୀବନ ଗଲା ।



Unfiled Notes Page 42

ଆକଳନ ବା ମୂଲ୍ୟାୟନ ଶିକ୍ଷାର ଏକ କୈନ୍ଦ୍ରୀକ ଏବଂ ସୁନିର୍ଦ୍ଦିଷ୍ଟ ଶବ୍ଦ । ପିଲାଟିଏ କିପରି ପଢାପଢି କରୁଛି ତାହାର ଆକଳନ ଏବଂ ତାର ବୁଦ୍ଧି ବିଦ୍ୟାର ବର୍ଗ ନିର୍ଣ୍ଣୟ କରିବା ସହ ପଢାରେ ଯଦି କିଛି ତ୍ରୁଟି ବିଚ୍ୟୁତି ରହୁଥାଏ ସେଥିରେ ଉନ୍ନତି ଆଣିବା ପାଇଁ ପରୀକ୍ଷା ମୁଖ୍ୟତଃ ଅଭିପ୍ରେତ । ଉଦାହରଣ ସ୍ୱରୂପ ଶିଶୁର ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶ ଏବଂ ତାକୁ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ କରିବା ପାଇଁ ଇପ୍‌ସିତ ସ୍ତରରେ ପହଞ୍ଚାଇବା ପାଇଁ ଶିକ୍ଷାର ପରିସର ବୃଦ୍ଧି କରିବା ନିରନ୍ତର ପୂର୍ଣ୍ଣାଙ୍ଗ ମୂଲ୍ୟାୟନ ର ଉଦ୍ଦେଶ୍ୟ । ଏହାକୁ ପ୍ରମୁଖ ଆଧାରକରି ୨୦୦୯ରେ ଶିକ୍ଷା ଅଧିକାର ଆଇନ (ଆରଟିଇ) କାର୍ଯ୍ୟକାରୀ ହୋଇଥିଲା ।

ଏହି ଆଇନରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ (ଛ'ରୁ ୧୪ ବର୍ଷ ବୟସର)ସମସ୍ତ ପିଲାଙ୍କୁ ନିର୍ଦ୍ଦ୍ୱନ୍ଦରେ ପ୍ରାଥମିକ ଶିକ୍ଷା ଶେଷ କରିବାର ସୁଯୋଗ ନିଶ୍ଚିତ କରାଯାଇଛି । ତେଣୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କୌଣସି ପିଲାଙ୍କୁ ପରୀକ୍ଷାରେ ଅକୃତକାର୍ଯ୍ୟ କରାଯିବ ନାହିଁ କିମ୍ବା ଗୋଟିଏ ଶ୍ରେଣୀରେ ଏକାଧିକ ବର୍ଷ ରଖାଯିବ ନାହିଁ । ଏହି ବ୍ୟବସ୍ଥାକୁ ନିଶ୍ଚିତ କରିବା ପାଇଁ ନିରନ୍ତର ପୂର୍ଣ୍ଣାଙ୍ଗ ମୂଲ୍ୟାୟନ ମାଧ୍ୟମରେ ଇପ୍‌ସିତ ଶିକ୍ଷାରମାନ ନିର୍ଦ୍ଧାରଣ କରାଯାଇଛି । ତେବେ ଏହି ନିରନ୍ତର ପୂର୍ଣ୍ଣାଙ୍ଗ ମୂଲ୍ୟାୟନ ପରିକଳ୍ପନା (CCE)ବା ସିଦ୍ଧାନ୍ତଟିକୁ ଶିକ୍ଷକମାନେ ବୁଝିନାହାଁନ୍ତି କିମ୍ବା ଏହାକୁ କାର୍ଯ୍ୟକାରୀ କରିବାବେଳେ କୋଣସି ସଂସ୍ଥା ଏହାକୁ ଠିକ୍ ଭାବେ ନିରୀକ୍ଷଣ କରିନାହାଁନ୍ତି ।

ଉଭୟ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ପାଇଁ ଏହା ସୁଖଦ ପରିସ୍ଥିତି ସୃଷ୍ଟିକଲା ଏବଂ ପିଲାଏ ପଢା ଲେଖା, ଅଙ୍କ କଷା ଓ ଅନ୍ୟାନ୍ୟ ମୌଳିକ କୌଶଳ ନ ଜାଣି ପ୍ରାଥମିକ ଶିକ୍ଷା ଶେଷକଲେ । ସ୍କୁଲ ଶିକ୍ଷାର ବିଭିନ୍ନ ସ୍ତରରେ ଜାତୀୟ ଶିକ୍ଷା ଗବେଷଣା ପରିଷଦ (ଏନ୍‌ସିଇଆରଟି) ଦ୍ୱାରା କରାଯାଇଥିବା ନାନା ଜାତୀୟ ସର୍ଭେ ତଥ୍ୟ ନିମ୍ନରେ ପ୍ରଦତ୍ତ ଟେବୁଲ -୧ରେ ଦର୍ଶାଯାଇଛି ।


**ଟେବୁଲ-୧**

| ଅଷ୍ଟମଶ୍ରେଣୀର ଛାତ୍ରଛାତ୍ରୀ ବିଭିନ୍ନ ବିଷୟରେ ପାଇଥିବା ନମ୍ବରର ଜାତୀୟ ହାରାହାରୀ ପ୍ରତିଶତ | | | | |
|---|---|---|---|---|
| ବିଷୟ | ଭାଷା | ଗଣିତ | ବିଜ୍ଞାନ | ସାମାଜିକବିଜ୍ଞାନ |
| ଚକ୍ର-୨ | ୫୬.୫୭ | ୪୧.୩୦ | ୩୭.୬୮ | ୪୪.୧୫ |
| ଚକ୍ର-୩ | ୪୬.୨୦ | ୩.୨୮ | ୩୬.୩୭ | ୩୮.୩୪ |

**ତଥ୍ୟ**-ଏନ୍‌ସିଇଆରଟିର ନେଶନାଲ ଆଚିଭମେଣ୍ଟ ସର୍ଭେ ଚକ୍ର-୨(୨୦୦୬-୦୮)ଓ ଚକ୍ର-୩ (୨୦୧୧-୧୩)

**ସାଂପ୍ରତିକ ଦୃଶ୍ୟପଟ**-ବର୍ତ୍ତମାନର ସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ଏକାଧିକ ପ୍ରୟାସ ଆରମ୍ଭ ହୋଇଥିଲେ ହେଁ ତାହା ଆବଶ୍ୟକତା ଅନୁସାରେ ପର୍ଯ୍ୟାପ୍ତ ନୁହେଁ । ବର୍ତ୍ତମାନର ପରୀକ୍ଷା ବ୍ୟବସ୍ଥା ସୀମିତ ଲକ୍ଷ୍ୟ ସାଧନ କରୁଥିବାରୁ ତା ବଦଳରେ ଏକ ଉତ୍ତମ ମୂଲ୍ୟାୟନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପ୍ରୟାସ କରାଯାଇଛି । ୧୯୬୮ର ଜାତୀୟ ଶୈକ୍ଷିକ ଆୟୋଗଠାରୁ ଆରମ୍ଭ କରି ୧୯୮୬ର ଜାତୀୟ ଶିକ୍ଷାନୀତି ଓ ୨୦୦୫ର ଜାତୀୟ ପାଠ୍ୟକ୍ରମ ଫ୍ରେମୱାର୍କ ମାଧ୍ୟମରେ ନୂଆ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିବାକୁ ଉଦ୍ୟମ ହୋଇଛି । ଏସବୁକୁ ପ୍ରାଥମିକ ଶିକ୍ଷା ସଂସ୍କାର କ୍ଷେତ୍ରରେ ଗୋଟିଏ ଗୋଟିଏ ମାଇଲଖୁଣ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏସବୁ ନୀତିରେ ଶିକ୍ଷାଦାନ ପିଲାଙ୍କ ପାଠପଢା ଓ ଶିକ୍ଷାନୀତି ଉପରେ ଗୁରୁତ୍ୱ ଦିଆଯାଇଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଥିରେ ମୂଲ୍ୟାୟନକୁ ସମଗ୍ର ଶିକ୍ଷାନୀତିର ଚାବିକାଠି ଭାବେ ବିବେଚିତ କରି ତଦନୁସାରେ ସମଗ୍ର ବ୍ୟବସ୍ଥାକୁ ପ୍ରସ୍ତୁତି କରିବା ପାଇଁ ପ୍ରୟାସ କରାଯାଇଛି । ଦୁର୍ଭାଗ୍ୟର ବିଷୟ ଯେ ଏ ସଂକ୍ରାନ୍ତ କ୍ୱଚିତ ପରାମର୍ଶ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଛି । ଫଳରେ ସମଗ୍ର ଶିକ୍ଷା ବ୍ୟବସ୍ଥା ଯଥା ପୂର୍ବଂ ତଥା ପରଂ ନୀତିରେ ଚାଲିଛି । ମୂଳଦୁଆକୁ ମଜବୁତ୍ କରିବା ଲକ୍ଷ୍ୟରେ ଉଚ୍ଚଶିକ୍ଷା ଅପେକ୍ଷା ସ୍କୁଲ ଶିକ୍ଷା କ୍ଷେତ୍ରରେ ଅଧିକରୁ ଅଧିକ ସଂସ୍କାର ଅଣାଯାଇଛି । ସ୍କୁଲ ଓ ଉଚ୍ଚତର କ୍ଷେତ୍ରରେ ଶିକ୍ଷାର ମାନ ଏବେ ଏକ ପ୍ରସଙ୍ଗ ହୋଇଛି । ସର୍ବଶିକ୍ଷା ଅଭିଯାନ ଓ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (ରୁସା) ମାଧମରେ ଆମେ ଯେତେ ପ୍ରୟାସ କରିଛୁ ତାହା ଉପ୍‌ସିତ ଫଳ ଦେବାରେ ସମର୍ଥ ହୋଇନାହିଁ । ଏହାର କାରଣ ହେଲା -(୧)ଏସବୁ ଯୋଜନା ଅଧପନ୍ତରିଆ ଭାବେ କାର୍ଯ୍ୟକାରୀ ହୋଇଛି । (୨)-ବ୍ୟବସ୍ଥାର ସଂପ୍ରସାରଣ ଘଟିଛି ଓ (୩)-ସବୁସ୍ତରରେ ଶିକ୍ଷକଙ୍କର ଉତ୍କଟ ଅଭାବ ରହିଛି । ବ୍ୟବସ୍ଥାର ସଂପ୍ରସାରଣ ପଛରେ ରାଜନୈତିକ କାରଣ ରହିଛି । ମାତ୍ର

ନିମ୍ନମାନର ଶିକ୍ଷକ ସୃଷ୍ଟି ପାଇଁ ଆମର ସଂପ୍ରାତିକ ପରୀକ୍ଷା ବ୍ୟବସ୍ଥା ଦାୟୀ । ଏବେ ଦେଶରେ ୧୫ ଲକ୍ଷରୁ ଅଧିକ ସ୍କୁଲ, ୩୫ ହଜାର ଡିଗ୍ରୀ କଲେଜ, ୪୫୦୦ ବୈଷୟିକ ଶିକ୍ଷାନୁଷ୍ଠାନ ଏବଂ ପ୍ରାୟ ୬୬୦ ବିଶ୍ୱବିଦ୍ୟାଳୟ ରହିଛି । ଏହାଛଡା ଦେଶରେ ରହିଛି ୪୦ଟି ସ୍କୁଲଶିକ୍ଷା ବୋର୍ଡ । ଏହି ବୋର୍ଡଗୁଡିକର କାର୍ଯ୍ୟହେଲା ପରୀକ୍ଷା ପରିଚାଳନା କରି କେବଳ ପିଲାଙ୍କୁ ପାସ ଫେଲ ଘୋଷଣା କରିବା । ପରୀକ୍ଷା ପରିଚାଳନା ବ୍ୟତିରେକ ଏସବୁ ବୋର୍ଡ, ଶିକ୍ଷାଦାନ ଓ ପିଲାଙ୍କ ଶିକ୍ଷାଗ୍ରହଣ ଉପରେ ଧ୍ୟାନ ଦେଇ ଉତ୍ତମ ଭୂମିକା ନିର୍ବାହ କରି ପାରନ୍ତେ । ଅତଏବ ଏକ ବିରାଟ ଶିକ୍ଷା ବ୍ୟବସ୍ଥାରେ ବିଭିନ୍ନ ପରୀକ୍ଷା, ଉଭୟ ଶିକ୍ଷାଦାନ ଓ ଗ୍ରହଣ ପ୍ରକ୍ରିୟାକୁ ଦିଗଦର୍ଶନ ଦେଇପାରିବ । ଶିକ୍ଷାଦାନ ଓ ତାହାର ମାନ ପରୀକ୍ଷା ଏ ଦୁଇଟିଯାକ ବିଷୟକୁ ଗୋଟିଏ ମୁଦ୍ରାର ଦୁଇପାଖ ଭାବେ ବିବେଚିତ କରି କାମ କରିବାକୁ ପଡିବ ।



**ପରିବର୍ତ୍ତନ ଲୋଡା** - ଆମର ସମସ୍ତ ମାପ ଓ ମୂଲ୍ୟାୟନରେ ଆମେ କ୍ଲାସିକାଲ ଟେଷ୍ଟ ଥିଓରି (ସିଟିଟି)ବ୍ୟବହାର କରିଥାଉ । ତେବେ ଏହି ଥିଓରୀ ବା ତତ୍ତ୍ୱରେ ଅନେକ ତ୍ରୁଟି ରହିଛି । କେବଳ ପ୍ରମାଣନ ବ୍ୟତୀତ ଏହା ଅନ୍ୟ କୌଣସି ଉଦ୍ଦେଶ୍ୟ ସାଧନ କରେ ନାହିଁ । ଆଧୁନିକ ଟେଷ୍ଟିଂ ମେଥଡ୍ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ନିର୍ଦ୍ଦିଷ୍ଟ ସମୟରେ ସଫଳତା ବିଫଳତା ଅଧିକ ଭଲଭାବେ ମାପିହେବ । ଏହାକୁ ଉପଯୋଗ କରି ମୂଲ୍ୟାୟନ କରାଯିବା ଆବଶ୍ୟକ ।

ଆନ୍ତର୍ଜାତିକ ଷ୍ଟୁଡେଣ୍ଟସ ଆସେସ୍‌ମେଣ୍ଟ ପ୍ରୋଗ୍ରାମ (ପିସା)ରେ ଆଇଟମ ରେସପନ୍ସ ଥିଓରୀ (ଆଇଆରଟି)ର ଉପଯୋଗ କରାଯାଉଛି । ସେହିଭଳି ଆନ୍ତର୍ଜାତିକ ପଠନ ସାକ୍ଷରତା (ରିଡିଙ୍ଗ ଲିଟେରାସି)କାର୍ଯ୍ୟକ୍ରମ ଏବଂ ଗଣିତ ଓ ବିଜ୍ଞାନ ପାଠ୍ୟକ୍ରମରେ ରେସପନ୍ସ ଥିଓରି ବ୍ୟବହାର କରାଯାଉଛି । ଆଇଆରଟି, ପରୀକ୍ଷାର ଜଟିଳତା ନିର୍ବିଶେଷରେ ଛାତ୍ରଛାତ୍ରୀଙ୍କର ବାସ୍ତବ ଦକ୍ଷତାର ମୂଲ୍ୟାୟନ କରିଥାଏ । ଏହା ମଧ୍ୟ ଏକାଧିକ ପରୀକ୍ଷା (ମଲଟିପୁଲ ଟେଷ୍ଟ)ଜରିଆରେ ଅଧିକ ମାପକ ସଂଖ୍ୟା ସୃଷ୍ଟିକରି ପରୀକ୍ଷାର୍ଥୀର ଦକ୍ଷତାର ଆକଳନ କରେ । ପ୍ରତ୍ୟେକ ବିଷୟର ଦୁର୍ବଳତାକୁ ଏହା ଚିହ୍ନଟ କରେ । ସର୍ବୋପରି ଗୋଟିଏ ବ୍ୟବସ୍ଥା ବା ନୀତି ଉନ୍ନତି କରୁଛି କି ନାହିଁ ତାହାର ଏକ ଦୀର୍ଘ କାଳୀନ ଆକଳନ କରିବା ସହ ଏହାଦ୍ୱାରା ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି କି ନାହିଁ ତାହା ଏହି ବ୍ୟବସ୍ଥା ଦ୍ୱାରା ଜାଣିହୁଏ । ଏ ସଂପର୍କରେ ଗ୍ରହଣ କରାଯାଇଥିବା ଦୁଇଟି ପ୍ରୟାସ ସଂପର୍କରେ ନିମ୍ନରେ ଆଲୋଚନା କରାଯାଇଛି ।

ହିମାଚଳ ପ୍ରଦେଶ ଓ ତାମିଲନାଡୁରେ ୨୦୧୦-୧୧ ବର୍ଷରେ ପିସା ଟେଷ୍ଟ ଆଗୁଆ ଯୋଜନା ଭାବେ କାର୍ଯ୍ୟକାରୀ କରି ଭାରତ ପିସା ୨୦୦୯+ଚକ୍ରରେ ସାମିଲ ହେଲା । ଏହାର ଲକ୍ଷ୍ୟଥିଲା କୌଣସି ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ନିର୍ଦ୍ଧାରଣ ନ କରି ୧୬ ବର୍ଷ ବୟସ ଗୋଷ୍ଠୀର ପିଲାମାନେ ସେମାନଙ୍କୁ ଦିଆଯାଇଥିବା ପ୍ରଶ୍ନର ଉତ୍ତର କିପରି

ଟେବୁଲ-୨-ହାରାହାରି ପିସା ସ୍କୋର-୨୦୦୯ ଚକ୍ର

| ଅଞ୍ଚଳ | ବ୍ରାଜିଲ | ତାମିଲନାଡୁ | ହିମାଞ୍ଚଳପ୍ରଦେଶ | ଓଇସିଡି ହାର |
|---|---|---|---|---|
| ପଠନ | ୪୧୨ | ୩୩୫ | ୩୧୪ | ୪୯୩ |
| ଗଣିତ | ୩୮୬ | ୩୫୦ | ୩୩୮ | ୪୯୬ |
| ବିଜ୍ଞାନ | ୪୦୫ | ୩୪୭ | ୩୨୬ | ୫୦୧ |

- ଏହି ହାର ଠାରୁ ୭୦୦ ପଏଣ୍ଟ ସ୍କେଲରେ ନିର୍ଦ୍ଧାରିତ ।



ଦେଉଛନ୍ତି ତା'ର ଆକଳନ କରିବା । ଏହି ପରୀକ୍ଷା, ମୁଖ୍ୟତଃ ପିସା ଟେଷ୍ଟର ଉଦ୍ଦେଶ୍ୟ ପରିସର ଏବଂ ପିଲାମାନେ ଏହାକୁ କିପରି ଗ୍ରହଣ କରୁଛନ୍ତି ତାହା ଜାଣିବା ପାଇଁ ଅଭିପ୍ରେତ ଥିଲା । ଏଥିରେ ବିଶ୍ୱର ୭୪ଟି ଦେଶର ପିଲାମାନେ ଅଂଶଗ୍ରହଣ କରିଥିଲେ ଏବଂ ଭାରତୀୟ ଛାତ୍ରଛାତ୍ରୀମାନେ ଏଥିରେ ଶେଷ ଆଡକୁ କିର୍‌ଗିଜ୍‌ସ୍ଥାନ ପଛକୁ ତାଲିକା ଶେଷ ଆଡକୁ ଦ୍ୱିତୀୟରେ ରହିଥିଲେ । ଫଳାଫଳ ଯାହା ହେବ ବୋଲି ଆଶା କରାଯାଉଥିଲା ପ୍ରାୟ ସେୟା ହେଲା । ଏଥିରେ ହତୋତ୍ସାହିତ ନହୋଇ ଓ ଏହାକୁ ପ୍ରଥମ ପ୍ରାୟାସ ଭାବେ ବିଚାରକରି ପିସା ଭଳି ଆନ୍ତର୍ଜାତିକ ଟେଷ୍ଟରେ ଭାରତୀୟ ଛାତ୍ରଛାତ୍ରୀମାନଙ୍କୁ ଅଧିକରୁ ଅଧିକ ଭାଗନେବାକୁ ପ୍ରାୟାସ କରାଯିବାର ଥିଲା । ପରୀକ୍ଷାର୍ଥୀ ଗୋଟିଏ ପ୍ରଶ୍ନକୁ ଠିକଣା ଭାବେ ବୁଝିବା, ଏହାକୁ ଅନୁଶୀଳନ କରି ଠିକ୍ ଉତ୍ତର ଲେଖିପାରୁଛନ୍ତି କି ନାହିଁ ସେ ଦକ୍ଷତା ଆକଳନ କରିବାରେ ପିସା ଟେଷ୍ଟ ବେଶ୍ ଉପଯୋଗୀ ଥିଲା । ୨୦୦୦ ଠାରୁ ବହୁ

**ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ସ୍କୁଲ ଗୁଡିକୁ ବିଭିନ୍ନ ସହାୟତା ଓ ଉପକରଣ ଯୋଗାଇ ଦିଆଯାଉଛି । ଏହା ମାଧ୍ୟମରେ ପ୍ରାରମ୍ଭିକ, ମଧ୍ୟମ ଅବଧି ଏବଂ ଅବଧି ଭିତ୍ତିକ ପାଠ୍ୟକ୍ରମ ପ୍ରଦାନ କରାଯାଉଛି । ତାହାକୁ ଭିତ୍ତି କରି ଏହି ଆକଳନ, ନମୂନା ଭିତ୍ତିରେ ଚାଲିଛି ।**

ଦେଶ ଏଥିରେ ଭାଗ ନେଉଛନ୍ତି ଏବଂ ଯେଉଁ ଦେଶର ପିଲାମାନେ ଭଲକରୁ ନଥିଲେ ସେମାନେ ବାରମ୍ବାର ଏଥିରେ ଭାଗ ନେଇ ଉନ୍ନତି କରୁଛନ୍ତି । ଏହାର ଅର୍ଥ ପିସା ଟେଷ୍ଟ, ଶିକ୍ଷାକ୍ଷେତ୍ରରେ ଅନଗ୍ରସର ଦେଶଗୁଡ଼ିକର ସ୍କୁଲ ଓ ପାଠ୍ୟକ୍ରମ ବ୍ୟବସ୍ଥାରେ ଉନ୍ନତି ଆଣିବା କ୍ଷେତ୍ରରେ ଏକ ଶକ୍ତଶାଳୀ ମାଧ୍ୟମ ପ୍ରମାଣିତ ହୋଇଛି । ଏ କ୍ଷେତ୍ରରେ ବ୍ରାଜିଲର ପ୍ରଦର୍ଶନ ଏକ ଉଦାହରଣ । ଏ ଦେଶର ପିଲାମାନେ ପ୍ରଥମେ ପିସା ଟେଷ୍ଟରେ ଖରାପ ପ୍ରଦର୍ଶନ କରିଥିଲେ ହେଁ ବାରମ୍ବାର ଏଥିରେ ଭାଗ ନେଇ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛନ୍ତି ।

ଜାତୀୟସ୍ତରରେ ଏନସିଇଆରଟି, ପିଲାଙ୍କ ଶିକ୍ଷାଗ୍ରହଣ ସ୍ତରର ଆକଳନ କରିବା ପାଇଁ ପ୍ରୟାସ ଆରମ୍ଭ କରିଛି । ଏହା ନମୂନା ଭିତ୍ତିରେ କରାଯିବ । ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ସ୍କୁଲ ଗୁଡିକୁ ବିଭିନ୍ନ ସହାୟତା ଓ ଉପକରଣ ଯୋଗାଇ ଦିଆଯାଉଛି । ଏହା ମାଧ୍ୟମରେ ପ୍ରାରମ୍ଭିକ, ମଧ୍ୟମ ଅବଧି ଏବଂ ଅବଧି ଭିତ୍ତିକ ପାଠ୍ୟକ୍ରମ ପ୍ରଦାନ କରାଯାଉଛି । ତାହାକୁ ଭିତ୍ତି କରି ଏହି ଆକଳନ, ନମୂନା ଭିତ୍ତିରେ ଚାଲିଛି । ନମୂନା ଭିତ୍ତିକ ତଥ୍ୟ ମିଳିବା ପରେ ତାହାକୁ ଆଧାରକରି ଚକ୍ର-୩ ଟର୍ମିନାଲ ଷ୍ଟଡିଜ୍‌ର ଆଇଆରଟି ମଡେଲ ପ୍ରସ୍ତୁତ ହେବ । ଏହି ଅନୁଧ୍ୟାନ ଏବେ ପ୍ରତ୍ୟେକ ବିଷୟରେ ପିଲାଙ୍କ ପ୍ରଦର୍ଶନ, ବ୍ୟବସ୍ଥାରେ ଥିବା ଦୁର୍ବଳ ଇଲାକା ଠାବ, ମୋଟାମୋଟି ବ୍ୟବସ୍ଥା ଭିତ୍ତିକ ମାନ ସୂଚକାଙ୍କ ପ୍ରସ୍ତୁତି କରି ବ୍ୟବସ୍ଥାରେ ଉନ୍ନତି ଘଟୁଛି କି ନାହିଁ ତାହାର ନିର୍ଦ୍ଧାରଣ ଏବଂ ଏହି ଅନୁଧ୍ୟାନରୁ ମିଳୁଥିବା ପ୍ରଚୁର ତଥ୍ୟାବଳୀକୁ ଉପଯୋଗ କରି ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତି କରିବା । ଏହି ପ୍ରୟାସରେ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ ସମୂହଙ୍କୁ ସକ୍ରିୟ ସହଯୋଗୀ ଭାବେ ଗ୍ରହଣ କରାଯାଇଛି । ଅନେକ ରାଜ୍ୟମଧ୍ୟ ଏ ନେଇ ପ୍ରାଦେଶିକ ସ୍ତରରେ ଅନୁଧ୍ୟାନ କରୁଛନ୍ତି । ଏ କ୍ଷେତ୍ରରେ ଏନ୍‌ସିଇଆରଟି ରାଜ୍ୟମାନଙ୍କୁ ଆବଶ୍ୟକ ପରାମର୍ଶ ଓ ସହାୟତା ଯୋଗାଉଛି ।

**ଭବିଷ୍ୟତର ଯାତ୍ରାପଥ-**

ଆକଳନ ବ୍ୟବସ୍ଥାର ସଫଳ ରୂପାୟନ ପାଇଁ ଆମକୁ ନିମ୍ନଲିଖିତ ତିନୋଟି ପ୍ରମୁଖ

ବିଷୟ ଉପରେ ଗୁରୁତ୍ୱ ଦେବାକୁ ପଡିବ ।

**୧-** ସ୍କୁଲରେ ପ୍ରାରମ୍ଭିକ ସ୍ତରରେ ଯେ କୌଣସି ଏକ ଭାଷାକୁ ବୁଝିପାରୁଥିବା ଏବଂ ବ୍ୟବହାର କରିପାରୁଥିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ପଠନ,ଲିଖନ,ଏବଂ କଥନ ଏସବୁ ଦକ୍ଷତାକୁ ବଢାଇବା ସହ ନିୟମିତ ଏହାର ମୂଲ୍ୟାୟନ ପୂର୍ବକ ଏହାର ଉନ୍ନତି ପ୍ରତି ଧ୍ୟାନ ଦେବାକୁ ପଡିବ । ତା ନ ହେଲେ ପିଲା ମଝିରୁ ପାଠ ଛାଡିବାକୁ କିମ୍ବା ପାଠ ପଢାରେ ଅମନଯୋଗୀ ହୋଇ ଖରାପ ଫଳ ପ୍ରଦର୍ଶନ କରିବେ । ସେହିଭଳି ଗଣିତ ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡିବ । ପିଲାଙ୍କ ବୋଧଗମ୍ୟତା ଏବଂ ଆଗ୍ରହକୁ ଏ କ୍ଷେତ୍ରରେ ଅଗ୍ରାଧିକାର ଦେବାକୁ ହେବ । ବିଷୟ ପ୍ରତି ଆଗ୍ରହ ଓ ରୁଚି ଦ୍ୱାରା ପିଲାର ଭବିଷ୍ୟତ ନିର୍ଭର କରିଥାଏ । ଅତଏବ୍, ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ପ୍ରାଥମିକ ସ୍ତରରେ ଆକଳନ ବା ଅନୁଧ୍ୟାନ କାରଣ ନିର୍ଦ୍ଧାରଣ ଏବଂ ତ୍ରୁଟି ବିଚ୍ୟୁତି ସୁଧାରିବା ପାଇଁ ସମୟୋଚିତ ହସ୍ତକ୍ଷେପ ଅପରିହାର୍ଯ୍ୟ ।

ସେହିପରି ବିଭିନ୍ନ ଶିକ୍ଷାବୋର୍ଡର ପାଠ୍ୟକ୍ରମ,ପ୍ରଶ୍ନପତ୍ର ଫର୍ମାଟ ଆଦିର ତଳୁନାତ୍ମକ ଅଧ୍ୟୟନ କରି ନୂଆ ନୀତି ଗ୍ରହଣ କରାଗଲେ ଏହା ଅଧିକ ବାସ୍ତବବାଦୀ ଓ ବ୍ୟାପକ ହୋଇପାରିବ ।

**୨-** ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟ ତଥା ଶିକ୍ଷାନୁଷ୍ଠାନରେ ଭିନ୍ନଭିନ୍ନ ପ୍ରକାରର ଉତ୍ତମ ପରୀକ୍ଷା ବ୍ୟବସ୍ଥା ରହିଛି । ମାତ୍ର ସେମାନଙ୍କର ଆକଳନ ଓ ମୂଲ୍ୟାୟନ ବ୍ୟବସ୍ଥା ମୋଟାମୋଟି ଭଲ ନୁହେଁ । ଫଳସ୍ୱରୂପ ଏସବୁ ଶିକ୍ଷାନୁଷ୍ଠାନର ଶିକ୍ଷାଦାନ ବ୍ୟବସ୍ଥା ନିମ୍ନମାନର ପ୍ରମାଣିତ ହେଉଛି । ନିକଟରେ ବ୍ରିକ୍ସ (BRICS) ରାଷ୍ଟ୍ର ମଣ୍ଡଳ ଦେଶରେ ହୋଇଥିବା ସର୍ଭେ ରିପୋର୍ଟ ଅନୁସାରେ ଏସବୁ ଦେଶର କୋଣସି ବିଶ୍ୱ ବିଦ୍ୟାଳୟ ପୃଥିବୀର ସର୍ବଶ୍ରେଷ୍ଠ ପ୍ରଥମ ୧୫ ମଧ୍ୟରେ ସ୍ଥାନ ପାଇ ନାହାଁନ୍ତି । କେବଳ ବାଙ୍ଗାଲୋର ସ୍ଥିତ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ବିଶ୍ୱର ଶ୍ରେଷ୍ଠ ୨୦୦ ଶିକ୍ଷାନୁଷ୍ଠାନ ମଧ୍ୟରେ ଷୋଡଶ ସ୍ଥାନରେ ରହିଛି ।

ଆଭ୍ୟନ୍ତରୀଣ ଆକଳନ ଟ୍ୟୁଟରିଆଲ, ଉପସ୍ଥାପନ (ପ୍ରେଜେଣ୍ଟେସନ)ପ୍ରୋଜେକ୍ଟ ଏବଂ ବାହ୍ୟ ଆକଳନ ଦ୍ୱାରା ଜାଣି ହେବ । ଏସବୁକୁ ବିଚାରକୁ ନେଇ ପାଠ୍ୟକ୍ରମ ଓ ପରୀକ୍ଷା ବ୍ୟବସ୍ଥା କରି ପିଲାଙ୍କୁ ସାର୍ଟିଫିକେଟ୍ ଦିଆଯିବା ଉଚିତ୍ । ୟୁଜିସି ଏବେ କ୍ରେଡିଟ୍ ଗ୍ରେଡ ସିଷ୍ଟମ ଆରମ୍ଭ କରିଛି । ଶିକ୍ଷାର ମାନ ବୃଦ୍ଧି ଏହାର ପ୍ରମୁଖ ଉଦ୍ଦେଶ୍ୟ ।

**୩-** ସବୁ ପରୀକ୍ଷା ନିରୀକ୍ଷା, ଉଦ୍ଭାବନ, ନୂଆବିଚାର ଓ ସଂସ୍କାର ସତ୍ତ୍ୱେ ଆମ ଶିକ୍ଷା ବ୍ୟବସ୍ଥାର ସ୍ୱାସ୍ଥ୍ୟ ପରୀକ୍ଷା କରିବାର ବ୍ୟବସ୍ଥା ନାହିଁ । ଆମ ଶିକ୍ଷା ବ୍ୟବସ୍ଥାର ଉନ୍ନତି ବା ଅବନତି ଘଟୁଛି ତାହା ନିର୍ଦ୍ଧାରଣ କରିବାର ଗ୍ରହଣଯୋଗ୍ୟ ଉପାୟ ନାହିଁ । ନୂଆ ପିଢି ଅଧିକ ଜ୍ଞାନୀ ଓ କୁଶଳୀ କି ? ଆହୁରୀ ମଧ୍ୟ ବହୁ ଶିକ୍ଷାନୁଷ୍ଠାନ ପ୍ରବେଶିକା ପରୀକ୍ଷାମାନ କରାଉଛନ୍ତି । କିନ୍ତୁ ତାହାର କିଛି ଅର୍ଥ ନାହିଁ । ଏସବୁ ସମସ୍ୟାର ସମାଧାନ ପାଇଁ ଆମର ଇଟିଏସ୍ ବା ଶିକ୍ଷା ଟେଷ୍ଟିଂ ପ୍ରତିଷ୍ଠାନର ଆବଶ୍ୟକତା ରହିଛି । ଆମେରିକାର ପ୍ରିନ୍ସଟନ୍ ଓ ନ୍ୟୁଜର୍ସି ଏ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ । ଏଥି ସହିତ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଗବେଷଣା ଓ ଅନୁଧ୍ୟାନ କରାଯିବା ଉଚିତ୍ । ଏନ୍‌ପିଇ-୧୯୮୬ରେ ଜାତୀୟ ମୂଲ୍ୟାୟନ ପ୍ରତିଷ୍ଠାନ ପ୍ରତିଷ୍ଠାର ପ୍ରସ୍ତାବ ଥିଲା । ମାତ୍ର ଏହା କେବଳ ଆଲୋଚନାସ୍ତରରେ ରହିଗଲା ।

**ସବୁ ପରୀକ୍ଷା ନିରୀକ୍ଷା, ଉଦ୍ଭାବନ, ନୂଆବିଚାର ଓ ସଂସ୍କାର ସତ୍ତ୍ୱେ ଆମ ଶିକ୍ଷା ବ୍ୟବସ୍ଥାର ସ୍ୱାସ୍ଥ୍ୟ ପରୀକ୍ଷା କରିବାର ବ୍ୟବସ୍ଥା ନାହିଁ । ଆମ ଶିକ୍ଷା ବ୍ୟବସ୍ଥାର ଉନ୍ନତି ବା ଅବନତି ଘଟୁଛି ତାହା ନିର୍ଦ୍ଧାରଣ କରିବାର ଗ୍ରହଣଯୋଗ୍ୟ ଉପାୟ ନାହିଁ ।**

ଲେଖକ ଜଣେ ବିଶିଷ୍ଟ ଶିକ୍ଷାବିତ୍ ଓ ଶିକ୍ଷା ପ୍ରଶାସକ । ସେ ଶିକ୍ଷା ମୂଲ୍ୟାୟନ ଓ ଆକଳନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ତଥା ଏନ୍‌ସିଇଆରଟି ଶିକ୍ଷା ସର୍ଭେ ସହ ସଂପୃକ୍ତ ।

# ପରୀକ୍ଷା ସଂସ୍କାର ପାଇଁ ଓଡିଶା ମାଧମିକ ଶିକ୍ଷା ପରିଷଦର ପ୍ରୟାସ

■ ପ୍ରଫେସର (ଡଃ) ଦକ୍ଷ ପ୍ରସାଦ ନନ୍ଦ

ମାଧମିକ ସ୍ତର ପରୀକ୍ଷା ପରିଚାଳନା ପାଇଁ ପରିଷଦ ତରଫରୁ କେତେକ ସଂସ୍କାର ମୂଳକ ପଦକ୍ଷେପ ନିଆଯାଇଛି। ବିଶେଷଭାବେ ପରୀକ୍ଷା ପ୍ରସ୍ତୁତି ଓ ପରିଚାଳନା କ୍ଷେତ୍ରରେ ସ୍ୱଚ୍ଛତା ସହିତ ଗୋପନୀୟତା ଆଣିବା ସକାଶେ ପ୍ରୟାସ କରାଯାଉଛି। କାରଣ ପରୀକ୍ଷା ପରିଚାଳନାରେ ଯେତିକି ସ୍ୱଚ୍ଛତା ଆବଶ୍ୟକ, ପ୍ରଶ୍ନପତ୍ର ପ୍ରସ୍ତୁତିଠୁ ନେଇ ମୂଲ୍ୟାଙ୍କନ ପର୍ଯ୍ୟାୟ ପର୍ଯ୍ୟନ୍ତ ସେତିକି ଗୋପନୀୟତା ମଧ ଜରୁରୀ।

ଓଡିଶା ମାଧମିକ ଶିକ୍ଷା ଆଇନ୍ ୧୯୫୩ ଅନୁଯାୟୀ ଗଠିତ ହେଲା ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ।୧୯୫୫ ମସିହାରେ ରାଜ୍ୟର ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ପରୀକ୍ଷା ପରିଚାଳନା ପାଇଁ ଉଦ୍ଦିଷ୍ଟ ଏହି ପରିଷଦ ୬୦ ବର୍ଷରେ ପଦାର୍ପଣ କରିବାକୁ ଉଦ୍ୟତ । କେବଳ ପରୀକ୍ଷା ନୁହଁ ବରଂ ଗତ ୬୦ ବର୍ଷ ମଧରେ ମାଧମିକ ଶିକ୍ଷା କ୍ଷେତ୍ରର ନିୟନ୍ତ୍ରଣ ଓ ବିକାଶ ପାଇଁ ଏହି ପରିଷଦ ନିରନ୍ତର ପ୍ରୟାସ ଜାରୀ ରଖିଛି । ବିଭିନ୍ନ ବୃତ୍ତି ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପ୍ରସ୍ତୁତ କରିବା ସକାଶେ ମଧ ପରିଷଦ ଦ୍ୱାରା ବିବିଧ ପାଠ୍ୟକ୍ରମ ଅନୁମୋଦିତ ହୋଇଛି ।

୮୮୧୦ ଟି ଉଚ୍ଚ ବିଦ୍ୟାଳୟରେ ଅଧୟନରତ ପ୍ରାୟ ୬ ଲକ୍ଷ ଛାତ୍ରଛାତ୍ରୀଙ୍କ ପରୀକ୍ଷା ପରିଚାଳନାର ଗୁରୁଦାୟିତ୍ୱ ନ୍ୟସ୍ତ ରହିଛି ଏହି ପରିଷଦ ଉପରେ । ପ୍ରାୟ ୬୦ ହଜାର ଶିକ୍ଷକ ଶିକ୍ଷୟତ୍ରୀଙ୍କ ଶିକ୍ଷାଦାନର ଫଳ ପ୍ରତିଫଳିତ ହୁଏ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ପାସ୍ ହାରରେ । ୨୦୧୪-୨୦୧୫ ଶିକ୍ଷା ବର୍ଷରେ ପରିଷଦ ଦ୍ୱାରା ଆୟୋଜିତ ମେଟ୍ରିକ ପରୀକ୍ଷା ସଂପର୍କିତ ତଥ୍ୟ ଉପରେ ଏକ ନଜର-

ମାଧମିକ ସ୍ତର ପରୀକ୍ଷା ପରିଚାଳନା ପାଇଁ ପରିଷଦ ତରଫରୁ କେତେକ ସଂସ୍କାର ମୂଳକ ପଦକ୍ଷେପ ନିଆଯାଇଛି । ବିଶେଷଭାବେ ପରୀକ୍ଷା ପ୍ରସ୍ତୁତି ଓ ପରିଚାଳନା କ୍ଷେତ୍ରରେ ସ୍ୱଚ୍ଛତା ସହିତ ଗୋପନୀୟତା ଆଣିବା ସକାଶେ ପ୍ରୟାସ କରାଯାଉଛି । କାରଣ ପରୀକ୍ଷା ପରିଚାଳନାରେ ଯେତିକି ସ୍ୱଚ୍ଛତା ଆବଶ୍ୟକ, ପ୍ରଶ୍ନପତ୍ର ପ୍ରସ୍ତୁତିଠୁ ନେଇ ମୂଲ୍ୟାଙ୍କନ ପର୍ଯ୍ୟାୟ ପର୍ଯ୍ୟନ୍ତ ସେତିକି ଗୋପନୀୟତା ମଧ ଜରୁରୀ । ଏଥି ସକାଶେ ପରିଷଦ ତରଫରୁ ନିଆଯାଇଥିବା କେତେକ ପଦକ୍ଷେପ ଗୁଡିକ ନିମ୍ନରେ ପ୍ରଦତ୍ତ ହେଲା ।

| ବିଦ୍ୟାଳୟ ପ୍ରକାରଭେଦ | ଉଚ୍ଚବିଦ୍ୟାଳୟ ସଂଖ୍ୟା | ପଞ୍ଜିକୃତ ଛାତ୍ରଛାତ୍ରୀ | ଫଳାଫଳ ଘୋଷିତ ହୋଇଥିବା ପ୍ରାର୍ଥୀଙ୍କ ସଂଖ୍ୟା | ପାସ୍ ଛାତ୍ର ସଂଖ୍ୟା | ପାସ୍ ଛାତ୍ରୀ ସଂଖ୍ୟା | ପାସ୍ ସଂଖ୍ୟା | ପାସ୍ ହାର |
|---|---|---|---|---|---|---|---|
| ସରକାରୀ | ୫୦୬୮ | ୩୬୩୨୪୩ | ୩୫୫୧୨୩ | ୨୩୧୭୪୬ | ୨୩୨୬୨୭ | ୨୮୫୧୫୨ | ୮୦.୩୦ |
| ସରକାରୀ ସାହାଯ୍ୟପ୍ରାପ୍ତ | ୨୬୨୦ | ୧୬୨୮୭୬ | ୧୫୯୨୩୬ | | | ୧୨୯୬୩ | ୮୧.୧୮ |
| ବିନା ସରକାରୀ ସାହାଯ୍ୟପ୍ରାପ୍ତ | ୧୧୧୨ | ୫୫୧୧୨ | ୫୩୮୭୯ | | | ୪୬୪୯୬ | ୮୬.୩୦ |
| ପତ୍ରାଚାର ମାଧମ | | ୬୧୮୮ | ୫୫୪୫ | | | ୩୪୬୨ | ୬୨.୪୩ |
| ସର୍ବମୋଟ | ୮୮୧୦ | ୫୮୭୪୧୯ | ୫୭୩୭୮୩ | | | ୪୬୪୩୭୩ | ୮୦.୯୩ |

୧. **ଅନ୍-ଲାଇନ୍ ନାମଲେଖା ବ୍ୟବସ୍ଥା**-୨୦୧୪ ମସିହାରୁ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏଥି ପାଇଁ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ତଥ୍ୟ ସଂଗ୍ରହ ହୁଏ ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ମାଧ୍ୟମରେ । ପରୀକ୍ଷା ପ୍ରାର୍ଥୀଙ୍କ ସବିଶେଷ ତଥ୍ୟ ସମେତ ଫଟୋ ଏବଂ ଦସ୍ତଖତ ଆଦି ଅନ୍‌ଲାଇନ୍ ମାଧ୍ୟମରେ ସଂଗ୍ରହ କରାଯାଏ । ଏତଦ୍ ବ୍ୟତୀତ ପ୍ରାପ୍ତ ତଥ୍ୟରେ ତ୍ରୁଟି ସୁଧାର ପାଇଁ ସମ୍ପାଦନ ବ୍ୟବସ୍ଥା ମଧ୍ୟ ରହିଛି । ଏହା ଦ୍ୱାରା ସମଗ୍ର ରାଜ୍ୟର ମାଧ୍ୟମିକ ଶିକ୍ଷା ଅନ୍ତର୍ଭୁକ୍ତ ସମସ୍ତ ଛାତ୍ରଛାତ୍ରୀଙ୍କ ପରିସଂଖ୍ୟାନ ହାସଲ କରିବା ସହଜ ହୋଇପାରିଛି । ଭବିଷ୍ୟତ ଯୋଜନା ପାଇଁ ଏଭଳି ପରିସଂଖ୍ୟାନର ଗୁରୁତ୍ୱ ସହଜେ ଅନୁମେୟ ।

୨. **ଅନ୍-ଲାଇନ୍ ପଞ୍ଜିକରଣ** - ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ଅନ୍-ଲାଇନ୍ ଯୋଗେ ପଞ୍ଜିକରଣ ବ୍ୟବସ୍ଥା କରାଯାଇଛି । ଏଥି ଅନୁଯାୟୀ ପ୍ରତ୍ୟେକ ପରୀକ୍ଷା ପାଇଁ, ଏପରିକି ପ୍ରାଥମିକ ମେଧାବୃତ୍ତି ପରୀକ୍ଷା ପାଇଁ ମଧ୍ୟ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନପତ୍ର ଦାଖଲ କରିବା ବ୍ୟବସ୍ଥା କରାଯାଇଛି ।

୩. **ନୋଡାଲ କେନ୍ଦ୍ର** -ଏହି ବ୍ୟବସ୍ଥା ୨୦୧୨ ମସିହାରୁ କାର୍ଯ୍ୟକାରୀ ହେଉଛି । ପୂର୍ବରୁ ପ୍ରଶ୍ନପତ୍ର ଗୁଡିକ ପରୀକ୍ଷା କେନ୍ଦ୍ର ଗୁଡିକରେ ରଖାଯାଉଥିଲା । କିନ୍ତୁ ବୃହତ୍ ସଂଖ୍ୟକ ପରୀକ୍ଷା କେନ୍ଦ୍ର ଥିବାରୁ ସବୁ ସ୍ଥାନରେ ପ୍ରଶ୍ନ ପତ୍ର ସୁରକ୍ଷା ସୁନିଶ୍ଚିତ କରାଯାଇପାରୁ ନଥିଲା । ଫଳରେ ପ୍ରଶ୍ନପତ୍ର ପ୍ରଘଟ ଓ ଚୋରୀ ଆଦି ଘଟଣାମାନ ଘଟୁଥିଲା । ଏଥି ପାଇଁ ବେଳେବେଳେ ପୁନଃ ପରୀକ୍ଷା ଆୟୋଜନ କରିବାକୁ ମଧ୍ୟ ପଡୁଥିଲା । ଯାହା ଅଯଥା ଖର୍ଚ୍ଚକୁ ଆମନ୍ତ୍ରଣ କରୁଥିଲା । ଏହି ପୃଷ୍ଠଭୂମିରେ ପରିଷଦ ତରଫରୁ ନୋଡାଲ କେନ୍ଦ୍ରମାନ ସ୍ଥାପନ କରିବାର ପରିକଳ୍ପନା କରାଗଲା । ବହୁ ସଂଖ୍ୟକ ପରୀକ୍ଷା କେନ୍ଦ୍ର ବଦଳରେ ସ୍ୱଳ୍ପ ସଂଖ୍ୟକ ନୋଡାଲ କେନ୍ଦ୍ରମାନ କେନ୍ଦ୍ର ମାନଙ୍କରେ ପରୀକ୍ଷା ପ୍ରଶ୍ନପତ୍ର ରଖା ଯିବାରୁ ସେ ଗୁଡିକର ସୁରକ୍ଷା କରାଯାଇପାରୁଛି । ଉଦାହରଣ ସ୍ୱରୂପ ୨୦୧୫ ମେଟ୍ରିକ ପରୀକ୍ଷା ବେଳେ ସମଗ୍ର ରାଜ୍ୟରେ ୨୭୯୯ଟି ପରୀକ୍ଷା କେନ୍ଦ୍ର ଥିବାବେଳେ ନୋଡାଲ କେନ୍ଦ୍ର ସଂଖ୍ୟା ଥିଲା ମାତ୍ର ୩୦୨ । ପରୀକ୍ଷାର କେବଳ ଗୋଟିଏ ଦିନ ପୂର୍ବରୁ ପ୍ରଶ୍ନପତ୍ର ଗୁଡିକୁ ନୋଡାଲ କେନ୍ଦ୍ରରୁ ସଂପୃକ୍ତ ପରୀକ୍ଷା କେନ୍ଦ୍ରକୁ ପଠାଯିବାର ବ୍ୟବସ୍ଥା ରହିଛି ।

୪. **ପ୍ରଶ୍ନପତ୍ର ବିତରଣରେ ବିଦ୍ୟାର୍ଥୀଙ୍କ ଭୂମିକା** -ପ୍ରଶ୍ନ ପତ୍ର ଆଉ ଉତ୍ତର ଢାଞ୍ଚାରେ ପ୍ରସ୍ତୁତ ପରୀକ୍ଷା ବୁକ୍‌ଲେଟ୍ ଗୁଡିକୁ ମୁଦ ଦିଆ ଲଫାପାରେ ପରୀକ୍ଷା କେନ୍ଦ୍ରକୁ ପଠାଯାଏ । ପ୍ରତ୍ୟେକ ପ୍ୟାକେଟ୍ ରେ ୨୪ଟି ଲେଖାଏଁ ବୁକ୍‌ଲେଟ୍ ଥାଏ । ତେବେ ପରୀକ୍ଷା କେନ୍ଦ୍ରରେ ଏହି ପ୍ରଶ୍ନ-ଉତ୍ତର ବୁକ୍‌ଲେଟ ଥିବା ପ୍ୟାକେଟ୍‌ଟିକୁ ଶ୍ରେଣୀ ଭିତରେ ସବୁ ପରୀକ୍ଷାର୍ଥୀ ଙ୍କ ସମ୍ମୁଖରେ ଖୋଲାଯାଏ । ଏହା ଦ୍ୱାରା ପରୀକ୍ଷା ଆରମ୍ଭର ଅବ୍ୟବହିତ ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ପ୍ରତିହତ କରାଯାଇ ପାରିଛି ।

୫. **ପ୍ରଶ୍ନ ଏବଂ ଉତ୍ତର ବୁକ୍‌ଲେଟ୍** - ପାରମ୍ପାରିକ ପ୍ରଥାରେ ପରୀକ୍ଷାର୍ଥୀ ମାନଙ୍କୁ ପ୍ରଶ୍ନପତ୍ର କେବଳ ଦିଆଯାଉଥିଲା । ସେମାନେ ଉତ୍ତର ଲେଖୁଥିଲେ ପୃଥକ୍ ଭାବେ ଦିଆଯାଉଥିବା ସାଦା କାଗଜରେ । ଏହି ବ୍ୟବସ୍ଥାର ଅନେକ ଦୁର୍ବଳତା ଥିଲା । ପରୀକ୍ଷାର୍ଥୀ ମାନେ ବେଳେ ବେଳେ ଅନାବଶ୍ୟକ ଏବଂ ଅତିରିକ୍ତ ପ୍ରଶ୍ନର ଉତ୍ତର ଲେଖି ଦେଉଥିବା ବେଳେ ଗୋଟିଏ ପ୍ରଶ୍ନର ଉତ୍ତରକୁ ମଧ୍ୟ ଅଲଗା ଅଲଗା ସ୍ଥାନରେ ଲେଖୁଥିଲେ । ଫଳରେ ଉତ୍ତର ଖାତାର ନିର୍ଭୁଲ ମୂଲ୍ୟାଙ୍କନରେ ଅସୁବିଧା ଦେଖାଯାଉଥିଲା । ତେବେ ପ୍ରଶ୍ନପତ୍ର ଓ ଉତ୍ତର ପୁସ୍ତିକା ପ୍ରଚଳନ ଦ୍ୱାରା ଏହି ସବୁ ଅସୁବିଧା ଗୁଡିକ ଦୂରୀଭୂତ ହୋଇପାରିଛି ।

୬. **ପ୍ରଶ୍ନ ପତ୍ରରେ ପରିବର୍ତ୍ତନ** - ପରୀକ୍ଷା ପୂର୍ବରୁ କେବଳ ସବ୍‌ଜେକ୍‌ଟିଭ୍ ପ୍ରଶ୍ନ ପଚରା ଯାଉଥିଲା । ତେବେ ବର୍ତ୍ତମାନ ୫୦-୫୦ ଅନୁପାତରେ ଉଭୟ ସବ୍‌ଜେକ୍‌ଟିଭ ଏବଂ ଅବଜେକ୍ଟିଭ୍ ପ୍ରଶ୍ନ ଦିଆଯାଉଛି । ଏହା ଦ୍ୱାରା ଶିକ୍ଷାର୍ଥୀଙ୍କ ଦ୍ୱାରା ପ୍ରକୃତ ଜ୍ଞାନ ଆହରଣର ସଠିକ୍ ମୂଲ୍ୟାୟନ

କରାଯାଇପାରୁଛି ।

୭. **ମୂଲ୍ୟାୟନ ପଦ୍ଧତି**-ଅବ୍‌ଜେକ୍ଟିଭ୍ ପ୍ରଶ୍ନର ଉତ୍ତର, ଓଏମ୍‌ଆର୍ ସିଟ୍‌ରେ ଲେଖିବାର ବ୍ୟବସ୍ଥା ରହିଛି । ତେବେ ଏହାର ମୂଲ୍ୟାଙ୍କନ କମ୍ପୁଟର ଜରିଆରେ କରାଯିବା ଦ୍ୱାରା ସମୟର ସଠିକ୍ ଉପଯୋଗ ହୋଇପାରୁଛି । ଅନ୍ୟପକ୍ଷରେ ସବ୍‌ଜେକ୍ଟିଭ୍ ଉତ୍ତର ଖାତା ମୂଲ୍ୟାୟନ ପାଇଁ ଅନ୍ୟ ବ୍ୟବସ୍ଥା ରହିଛି । ପ୍ରତ୍ୟେକ ସେଟ୍‌ର ପ୍ରତ୍ୟେକ ବିଷୟର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଜାଞ୍ଚ କରିବା ପାଇଁ ନିର୍ଦ୍ଦିଷ୍ଟ ମୂଲ୍ୟାୟନ କର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଏ । ତିନୋଟି ଯାକ ଭାଷା ଏବଂ ଗଣିତ ବିଷୟରେ ୫ଟି ଲେଖାଏଁ ପ୍ରଶ୍ନ ରହୁଥିବାବେଳେ ସାଧାରଣ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ପାଇଁ ୬ଟି ଲେଖାଏଁ ପ୍ରଶ୍ନ ପଚରାଯାଏ । ଏହି ପ୍ରକ୍ରିୟା ଦ୍ୱାରା ଉତ୍ତର ପୁସ୍ତିକା ଗୁଡିକର ସଠିକ୍ ଏବଂ ସମତୁଲ ମୂଲ୍ୟାୟନ ହୋଇପାରୁଛି ।

୮. **ଅନ୍-ଲାଇନ୍ ପ୍ରେରଣ ବ୍ୟବସ୍ଥା** - ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ମାର୍କକୁ ମୂଲ୍ୟାୟନ କେନ୍ଦ୍ର ଠାରୁ ସିଧାସଳଖ ଏକ ସର୍ଭରକୁ ପ୍ରେରଣ କରିବାର ବ୍ୟବସ୍ଥା କରାଯାଇଛି । ଅନ୍ - ଲାଇନ୍ ମାଧ୍ୟମରେ ଏହି ପ୍ରକ୍ରିୟାକୁ ସୁରକ୍ଷିତ କରିବା ପାଇଁ ଭିନ୍ନ ଭିନ୍ନ ପାସ୍‌ୱାର୍ଡ ବ୍ୟବହାର କରୁଥିବା ଦୁଇଟି ପୃଥକ କମ୍ପ୍ୟୁଟର ସାହାର୍ଯ୍ୟରେ ମାର୍କ ପଠାଯିବାର ବ୍ୟବସ୍ଥା କରାଯାଉଛି । ଏହା ଫଳରେ ମୂଲ୍ୟାଙ୍କନରେ ବିଭିନ୍ନ ତ୍ରୁଟି ବିଚ୍ୟୁତିକୁ ଦୂର କରାଯାଇପାରିଛି ।



୯. **ସୁରକ୍ଷିତ ଲଫାପା**- ପରୀକ୍ଷାର୍ଥୀଙ୍କ ଲିଖିତ ଉତ୍ତରଖାତା ଏବଂ ଓଏମ୍‌ଆର ସିଟ୍ ଗୁଡିକୁ ପୃଥକ୍ ଭାବେ ଏକ ବିଶେଷ ପ୍ରକାରର ଲଫାପା ଦ୍ୱାରା ପ୍ରେରଣ କରାଯାଏ । ପରୀକ୍ଷା କେନ୍ଦ୍ରରୁ ପ୍ରଥମେ ନୋଡାଲ କେନ୍ଦ୍ର ଓ ପରେ ମୂଲ୍ୟାୟନ କେନ୍ଦ୍ରକୁ ଏହି ଉତ୍ତର ପୁସ୍ତିକା ଗୁଡିକୁ ସୁରକ୍ଷିତ ଢଙ୍ଗରେ ଆଣିବାକୁ ଜଳ-ନିରୋଧିର ଏବଂ କ୍ଷୟ-ନିରୋଧି ଏହି ଲଫାପା ବେଶ୍ ଉପାଦେୟ ପ୍ରମାଣିତ ହୋଇଛି ।

୧୦. **ଟୁ-ଡି ବାର୍ କୋର୍ଡ୍** - ବର୍ତ୍ତମାନ ବିଭିନ୍ନ ପରୀକ୍ଷା କ୍ଷେତ୍ରରେ ଜାଲ୍ ସାର୍ଟିଫିକେଟ୍ ଏକ ସମସ୍ୟା ହୋଇ ଦେଖାଦେଇଛି । ଏହାକୁ ପ୍ରତିହତ କରିବା ପାଇଁ ପରିଷଦ ତରଫରୁ ଦେଶରେ ପ୍ରଥମ ଥର ପାଇଁ ସୁରକ୍ଷିତ ସାର୍ଟିଫିକେଟ୍ ପ୍ରଦାନର ବ୍ୟବସ୍ଥା କରାଯାଇଛି । ଏଥି ପାଇଁ ଟୁ-ଡି ବାର୍‌କୋର୍ଡ ସମେତ ଆହୁରୀ ୧୧ଟି ସୁରକ୍ଷା ଉପାଦାନ ଥିବା ମେଟ୍ରିକ୍ ପାସ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି ।

ଏତଦ୍ ବ୍ୟତୀତ ଓଡିଶା ଜନ ସେବା ଅଧିକାର ଅଧିନିୟମ ଅନୁଯାୟୀ ପରିଷଦ ତରଫରୁ ମାର୍କସିଟ୍ ଗୁଡିକୁ ଇଲେକ୍ଟ୍ରୋନିକ୍ ପ୍ରଣାଳୀରେ ପ୍ରେରଣ କରିବାକୁ ନିଷ୍ପତ୍ତି ନିଆଯାଇଛି । ସୂଚନା ଯୋଗ୍ୟ ଯେ ଏସବୁ ପ୍ରଗତିଶୀଳ ପଦକ୍ଷେପ ଯୋଗୁଁ ଗତ ତିନିବର୍ଷଧରି ମେଟ୍ରିକ୍ ପରୀକ୍ଷା ଫଳ ପ୍ରକାଶନରେ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି ।

* ଅଧ୍ୟକ୍ଷ, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# କୈଶୋରାବସ୍ଥାରେ ଶିକ୍ଷା : ଏକ ମନସ୍ତାତ୍ତ୍ୱିକ ଆହ୍ୱାନ

■ ଡ଼. ଜିତେନ୍ଦ୍ର ନାଗପାଲ

ମନେରଖିବାକୁ ହେବ ଯେ ଶିକ୍ଷା ବ୍ୟବସ୍ଥାର ପ୍ରସାର ସହିତ ବିଦ୍ୟାର୍ଥୀର ମଧ୍ୟ ବିବର୍ତ୍ତନ ହୋଇଛି । ଆଜିର ବିଦ୍ୟାର୍ଥୀ କେବଳ ଶିକ୍ଷକଙ୍କ ଜ୍ଞାନ କିମ୍ବା ନିର୍ଦ୍ଧାରିତ ପାଠ୍ୟପୁସ୍ତକ ଉପରେ ନିର୍ଭରଶୀଳ ନୁହେଁ । ସେହିପରି ବିଦ୍ୟାଳୟଗୁଡ଼ିକ ମଧ୍ୟ ଆଉ ଶିକ୍ଷାର ମନ୍ଦିର ହୋଇ ରହିନାହାନ୍ତି । କାରଣ ଇଣ୍ଟରନେଟ୍ ଯୋଗୁଁ ସେମାନଙ୍କୁ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡୁଛି । ଇଣ୍ଟରନେଟ୍‌ରେ ବିଦ୍ୟାର୍ଥୀଙ୍କ ପାଇଁ ପ୍ରଚୁର ସୂଚନା ରହିଛି । ଯଦିଓ ସେହି ସୂଚନାଗୁଡ଼ିକର ବ୍ୟାଖ୍ୟା କରିବାପାଇଁ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଭୂମିକା ରହିଛି, ତେବେ ସେମାନେ ଆଉ ସୂଚନା ବା ଜ୍ଞାନର ନିରଙ୍କୁଶ ଉତ୍ସ ହୋଇ ରହିନାହାନ୍ତି ।

'ଶିକ୍ଷା'ର ଅର୍ଥ ବିଭିନ୍ନ ବ୍ୟକ୍ତିଙ୍କ ପାଇଁ ଭିନ୍ନ ଭିନ୍ନ ତେବେ ଏହାର ସର୍ବନିମ୍ନ କିନ୍ତୁ ସର୍ବ ବ୍ୟାପକ ଅର୍ଥଟି ହେଉଛି ନିୟମିତ ବିଦ୍ୟାଳୟ ଉପସ୍ଥାନ, ପାଠ୍ୟକ୍ରମ ସମ୍ପର୍କରେ ଜ୍ଞାନ ଆହୋରଣ, ଏବଂ ମାନପତ୍ର ହାସଲ ଯାହା ଜଣଙ୍କୁ ଉତ୍ପାଦନକ୍ଷମ ହେଲା ବୋଲି ପ୍ରମାଣିତ କରେ । ଯେମିତିକି ଡାକ୍ତର, ଇଞ୍ଜିନିୟର କିମ୍ବା ବ୍ୟବସାୟ କ୍ଷେତ୍ରର ଜଣେ ବୃତ୍ତିଧାରୀ । ଏଇଠୁ ଆରମ୍ଭ ହୁଏ 'ଶିକ୍ଷିତ' ବ୍ୟକ୍ତିର ସଫଳତାର ଯାତ୍ରା । ତେବେ, ସମୟ ଅତିକ୍ରାନ୍ତ ହେବା ସହିତ ଶିକ୍ଷାର ସଂଜ୍ଞା ମଧ୍ୟ ପରିବର୍ତ୍ତିତ ହୋଇଛି । ଶିକ୍ଷାର ସଂଜ୍ଞାରେ ହୋଇଥିବା ଏପରି ବିବର୍ତ୍ତନକୁ ମାର୍କ ଟ୍ୱାଇନଙ୍କ ଭାଷାରେ ଏମିତିଭାବେ ବର୍ଣ୍ଣନା କରାଯାଇପାରେ: 'ମୋ ଶିକ୍ଷା ସହିତ ମୋ ବିଦ୍ୟାଳୟ ହସ୍ତକ୍ଷେପ କରିବାକୁ ମୁଁ କେବେ ସୁଯୋଗ ଦେଇନାହିଁ' ।

ବର୍ତ୍ତମାନ ବିଦ୍ୟାଳୟଗୁଡ଼ିକଠାରୁ ପଠନ, ଲେଖନ ଓ ଉଚ୍ଚାରଣ ଶିକ୍ଷା ଆଶା କରାଯାଉନାହିଁ । ଅନ୍ୟପକ୍ଷରେ ବିଦ୍ୟାର୍ଥୀମାନଙ୍କୁ କୌଶଳବିକାଶ, ଗୁଣାବଳୀ ବିକାଶ, ନିଷ୍ପତ୍ତି ଦକ୍ଷତା ଓ ସଙ୍କଟ ସମାଧାନ ଆଦି ବିଷୟରେ ଆବଶ୍ୟକ ଶିକ୍ଷା ପ୍ରଦାନରେ ବିଦ୍ୟାଳୟଗୁଡ଼ିକ ନିଜନିଜର ବିଶେଷତ୍ୱ ପ୍ରତିପାଦନ ପାଇଁ ଚେଷ୍ଟିତ ।

ଶିକ୍ଷା ହେଉଛି ସୁଯୋଗ ସୃଷ୍ଟିକରିବା, ସେହି ସୁଯୋଗଗୁଡ଼ିକ ବାବଦରେ ସଚେତନ ହେବା ଏବଂ ସେଗୁଡ଼ିକୁ ନିଜ ଉପଯୋଗୀ କରିବା । ଏହି ଆଦର୍ଶକୁ ଦୃଷ୍ଟିରେ ରଖି ବିଦ୍ୟାଳୟଗୁଡ଼ିକ ନିଜ ନିଜ ଶିକ୍ଷାଦାନ ପ୍ରଣାଳୀ, ପ୍ରଯୁକ୍ତିବିଦ୍ୟା ବ୍ୟବହାର, ଆଗ୍ରହ ଉଦ୍ଦୀପକ ପାଠ୍ୟକ୍ରମରେ ମଧ୍ୟ ଆବଶ୍ୟକ ପରିବର୍ତ୍ତନ ଆଣୁଛନ୍ତି । ଅନୁରୂପ ଭାବେ ବିଦ୍ୟାର୍ଥୀର 'ଘୋଷା' କ୍ଷମତା ଅପେକ୍ଷା 'ଆହରଣ' ଦକ୍ଷତା ନିର୍ଦ୍ଧାରଣ କରିବାକୁ ମୂଲ୍ୟାୟନ ପଦ୍ଧତିରେ ମଧ୍ୟ ପରିବର୍ତ୍ତନ ଆଣୁଛନ୍ତି ।

ମନେରଖିବାକୁ ହେବ ଯେ ଶିକ୍ଷା ବ୍ୟବସ୍ଥାର ପ୍ରସାର ସହିତ ବିଦ୍ୟାର୍ଥୀର ମଧ୍ୟ ବିବର୍ତ୍ତନ ହୋଇଛି । ଆଜିର ବିଦ୍ୟାର୍ଥୀ କେବଳ ଶିକ୍ଷକଙ୍କ ଜ୍ଞାନ କିମ୍ବା ନିର୍ଦ୍ଧାରିତ ପାଠ୍ୟପୁସ୍ତକ ଉପରେ ନିର୍ଭରଶୀଳ ନୁହେଁ । ସେହିପରି ବିଦ୍ୟାଳୟଗୁଡ଼ିକ ମଧ୍ୟ ଆଉ ଶିକ୍ଷାର ମନ୍ଦିର ହୋଇ ରହିନାହାନ୍ତି । କାରଣ ଇଣ୍ଟରନେଟ୍ ଯୋଗୁଁ ସେମାନଙ୍କୁ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡୁଛି । ଇଣ୍ଟରନେଟ୍‌ରେ ବିଦ୍ୟାର୍ଥୀଙ୍କ ପାଇଁ ପ୍ରଚୁର ସୂଚନା ରହିଛି । ଯଦିଓ ସେହି ସୂଚନାଗୁଡ଼ିକର ବ୍ୟାଖ୍ୟା କରିବାପାଇଁ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଭୂମିକା ରହିଛି, ତେବେ ସେମାନେ ଆଉ ସୂଚନା ବା ଜ୍ଞାନର ନିରଙ୍କୁଶ ଉତ୍ସ ହୋଇ ରହିନାହାନ୍ତି । ତେଣୁ ଶିକ୍ଷାଦାନ ପ୍ରକ୍ରିୟାରେ ମଧ୍ୟ ବିବର୍ତ୍ତନ ଆବଶ୍ୟକ । ବିଦ୍ୟାର୍ଥୀଙ୍କ ବାଲ୍ୟାବସ୍ଥାରୁ କୈଶୋରାବସ୍ଥାକୁ ଉନ୍ନୀତ ହେବା ପରିପ୍ରେକ୍ଷୀରେ ଶିକ୍ଷାଦାନ ଶୈଳୀରେ ମଧ୍ୟ ଉନ୍ନତି ଆବଶ୍ୟକ ।

କୈଶୋରାବସ୍ଥାର ଦୁଇଟି ପ୍ରାଥମିକ କାର୍ଯ୍ୟ ରହିଛି । ଗୋଟିଏ ହେଉଛି ଏକ ପୃଥକ୍ ବ୍ୟକ୍ତିତ୍ୱର ବିକାଶ ଓ ଦ୍ୱିତୀୟଟି ହେଉଛି

ସମ୍ପର୍କର ପ୍ରଗାଢ଼ତା । ପୃଥକ୍ ବ୍ୟକ୍ତିତ୍ୱ ଅର୍ଥ ନିଜସ୍ୱ ଅଧିକାର ଆଧାରିତ ଏକ ବ୍ୟକ୍ତିତ୍ୱ । ଜନ୍ମଠାରୁ କୈଶୋରାବସ୍ଥା ପର୍ଯ୍ୟନ୍ତ ବାଳକ ବା ବାଳିକାଟିଏ ନିଜ ବ୍ୟକ୍ତିତ୍ୱର ବିକାଶ ପାଇଁ ପିତାମାତା, ସାଙ୍ଗସାଥୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅନ୍ୟ ବୟସ୍କ ବ୍ୟକ୍ତି, ନିଜ ସାମାଜିକ, ଜାତିଗତ ବା ଧର୍ମୀୟ ଶ୍ରେଣୀ, ଲିଙ୍ଗଗତ ପରିଚୟ ଆଦି ଦ୍ୱାରା ପ୍ରଭାବିତ ହୋଇଥାଏ । କୈଶୋରାବସ୍ଥାରେ ଏହି ସମସ୍ତ ପ୍ରଭାବଗୁଡ଼ିକ ସମାହିତ ହୋଇ ଏକ ସ୍ୱଚ୍ଛ ସ୍ୱରୂପ ଧାରଣ କରେ । ଏଇଠୁ ହିଁ ସୃଷ୍ଟି ହୁଏ ଏକ ପୃଥକ୍ ବ୍ୟକ୍ତିତ୍ୱ ।

କୈଶୋରାବସ୍ଥା ସହିତ ଚେହେରା ଓ ଚରିତ୍ରର ସମ୍ପର୍କ ଅତି ନିବିଡ । ବିଭିନ୍ନ ଶାରିରୀକ ପରିବର୍ତ୍ତନ ସହ ବିଶେଷଭାବେ ଯୌନ ସମ୍ପର୍କିତ ପରିବର୍ତ୍ତନ, କିଶୋରୀମାନଙ୍କ ପାଇଁ ଏକ ନୂତନ ଧରଣର ଆହ୍ୱାନ ସୃଷ୍ଟି କରେ । ଭଲ ଆଉ ମନ୍ଦ ମଧ୍ୟରେ ପାର୍ଥକ୍ୟକୁ ଭଲଭାବେ ବୁଝି, ନିଜ ଭବିଷ୍ୟତ ଗଠନ ପାଇଁ ଉପଯୁକ୍ତ ନିଷ୍ପତ୍ତି ନେବାର ଆବଶ୍ୟକତା ସୃଷ୍ଟି କରେ ।

ପୃଥକ୍ ବ୍ୟକ୍ତିତ୍ୱର ପ୍ରଥମ ପ୍ରଶ୍ନ ହୁଏ 'ମୁଁ କିଏ ?' ତା ସହିତ ଯୋଡ଼ିହୋଇଯାଏ 'ମୋର କାର୍ଯ୍ୟ କ'ଣ ? ଓ ମୋର ଭବିଷ୍ୟତ କ'ଣ ?' ତେବେ ଏଭଳି ବ୍ୟକ୍ତିତ୍ୱଜନିତ ସଚେତନତା ସହିତ ଯୌନଗତ ସମ୍ବେଦନଶୀଳତା ଏକା ସମୟରେ ପରିପ୍ରକାଶ ହେବାଦ୍ୱାରା, କିଶୋର କିଶୋରୀମାନଙ୍କୁ ନାନାପ୍ରକାର ଭାବନାତ୍ମକ ଓ ଆବେଗିକ ସମସ୍ୟା ସମ୍ମୁଖୀନ ହେବାରେ ସହାୟକ ହୁଏ । ଆଦ୍ୟ କୈଶୋରାବସ୍ଥାରେ ସାଙ୍ଗ ଗୋଷ୍ଠୀର ମହତ୍ତ୍ୱ ଅଧିକ ଥାଏ । ଏହାର କାରଣ ହେଉଛି ବ୍ୟକ୍ତିତ୍ୱ ପୃଥକୀକରଣ । ଅର୍ଥାତ୍ ଏହି ସମୟରେ କିଶୋରକିଶୋରୀମାନେ ଶାରିରୀକ ଭାବେ ନିଜ ପିତାମାତାଙ୍କଠାରୁ ଦୂରେଇ ଯାଇ ନିଜସ୍ୱ ବ୍ୟକ୍ତିତ୍ୱ ବା ପରିଚୟ ସୃଷ୍ଟି କରନ୍ତି ।



> କୈଶୋରାବସ୍ଥା ହେଉଛି ସୃଜନଶୀଳତା, ଆଦର୍ଶବାଦ, ଆଶାବାଦ ଓ ଦୁଃସାହସର ସମୟ । ଏହି ବୟସ ପୁଣି ପରୀକ୍ଷା ନିରୀକ୍ଷା, ସାଙ୍ଗସାଥୀମାନଙ୍କର ବିଯୁକ୍ତାତ୍ମକ ପ୍ରଭାବ ଓ ଯୌନାଚାର ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଷ୍ପତ୍ତି ନେବାରେ ଅପରିପକ୍ୱତାର ସମୟ । ତେବେ କିଶୋରକିଶୋରୀମାନେ ଏଭଳି ଆହ୍ୱାନର ସମ୍ମୁଖୀନ ହେବାର ଦକ୍ଷତା ନିର୍ଭରକରେ ସେମାନଙ୍କ ପରିବେଶ ଉପରେ ।

ପୃଥିବୀ ଜନସଂଖ୍ୟାର ଏକ ପଞ୍ଚମାଂଶ ହେଉଛନ୍ତି କିଶୋର କିଶୋରୀ ( ୧୦ରୁ ୧୯ ବର୍ଷ ବୟସ୍କ) । ଭାରତରେ ଏମାନଙ୍କ ସଂଖ୍ୟା ହେଉଛି ପ୍ରାୟ ୪ ଭାଗରୁ ଭାଗେ । ଏମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତା ରହିଛି, ଯାହାକୁ ଅଣଦେଖା କରିହେବ ନାହିଁ । ଏମାନଙ୍କ ଆବଶ୍ୟକତା ପ୍ରତି ଧ୍ୟାନ ଦେବା ଅର୍ଥ ଦେଶର ସାମାଜିକ ଓ ଆର୍ଥିକ ବିକାଶ ପ୍ରତି ଧ୍ୟାନ ଦେବା । ଏହାସହିତ ସାମାଜିକ ସୌହାର୍ଦ୍ଦ୍ୟ, ଲିଙ୍ଗଗତ ନ୍ୟାୟ ଓ ଜନସଂଖ୍ୟା ସ୍ଥିରୀକରଣ ପ୍ରତି ମଧ୍ୟ ଧ୍ୟାନ ଦେବା ।

କୈଶୋରାବସ୍ଥା ହେଉଛି ସୃଜନଶୀଳତା, ଆଦର୍ଶବାଦ, ଆଶାବାଦ ଓ ଦୁଃସାହସର ସମୟ । ଏହି ବୟସ ପୁଣି ପରୀକ୍ଷା ନିରୀକ୍ଷା, ସାଙ୍ଗସାଥୀମାନଙ୍କର ବିଯୁକ୍ତାତ୍ମକ ପ୍ରଭାବ ଓ ଯୌନାଚାର ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଷ୍ପତ୍ତି ନେବାରେ ଅପରିପକ୍ୱତାର ସମୟ । ତେବେ କିଶୋରକିଶୋରୀମାନେ ଏଭଳି ଆହ୍ୱାନର ସମ୍ମୁଖୀନ ହେବାର ଦକ୍ଷତା ନିର୍ଭରକରେ ସେମାନଙ୍କ ପରିବେଶ ଉପରେ । ତେଣୁ କୈଶୋରାବସ୍ଥା ହେଉଛି ଜଣେ ବ୍ୟକ୍ତିର ଜୀବନରେ ଏକ ପ୍ରମୁଖ ମୋଡ଼ । ଏହି ସମୟ ହେଉଛି ଅଧିକ 'କ୍ଷମତା'ର ସମୟ, ଏହା ପୁଣି 'କ୍ଷୟପ୍ରାପ୍ତି'ର ସମୟ । ଘର ବାହାରେ ବିଦ୍ୟାଳୟ ହେଉଛି ଏପରି ଏକ ବ୍ୟବସ୍ଥା ଯେଉଁଠି ପିଲାମାନେ ନୂତନ ଜ୍ଞାନ ଆହରଣ କରି ଉତ୍ପାଦନକ୍ଷମ ଏବଂ ସମର୍ଥ ନାଗରିକ

ଭାବେ ବିକଶିତ ହୁଅନ୍ତି । ସ୍ୱାସ୍ଥ୍ୟ ପ୍ରୋତ୍ସାହନକାରୀ ବିଦ୍ୟାଳୟ ପୁଣି ଏପରିଏକ ବ୍ୟବସ୍ଥା ଯେଉଁଠାରେ ଶିକ୍ଷକଗୋଷ୍ଠୀ ଓ ସ୍ୱାସ୍ଥ୍ୟ କାର୍ଯ୍ୟକର୍ତ୍ତା ମିଳିତଭାବେ ଏକ ଆନନ୍ଦମୟ ବାତାବରଣ ସୃଷ୍ଟି କରନ୍ତି । ଯେଉଁଠାରେ ଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷା ଆହରଣ ଏବଂ ବ୍ୟକ୍ତିତ୍ୱ ବିକାଶ ସହଜ ହୋଇଥାଏ ।

ଅଧିକାଂଶ ବିଦ୍ୟାଳୟଗୁଡ଼ିକରେ ପରାମର୍ଶଦାତା ବା ସାମାଜିକ କାର୍ଯ୍ୟକର୍ତ୍ତା ନଥାନ୍ତି । ତଥାପି ଶିକ୍ଷାର୍ଥୀମାନଙ୍କର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାଗୁଡ଼ିକ ପ୍ରତି ଦୃଷ୍ଟି ଦେବାର ଦାୟିତ୍ୱ ବିଦ୍ୟାଳୟଗୁଡ଼ିକ ଉପରେ ନ୍ୟସ୍ତ କରାଯାଏ । ଏତଦ୍‌ବ୍ୟତୀତ ବିଦ୍ୟାଳୟ ପରିସର ମଧ୍ୟରେ ଶିକ୍ଷାର୍ଥୀଙ୍କ ଗୁଣ୍ଡାଗର୍ଦ୍ଦି ଏବଂ ହିଂସ୍ର ଆଚରଣ ପ୍ରତି ମଧ୍ୟ ଧ୍ୟାନ ଦେବା ଏକାନ୍ତ ଆବଶ୍ୟକ ।

ଗତ ଦଶନ୍ଧି ମଧ୍ୟରେ ବିଦ୍ୟାଳୟ ଗୁଡ଼ିକରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ହୋଇଛି । ଏହାଦ୍ୱାରା ବିଦ୍ୟାଳୟ ପରିସରରେ ହିଂସ୍ର ଆଚରଣ, ଯୌନ ବ୍ୟଭିଚାର, ଗୁଣ୍ଡାଗର୍ଦ୍ଦି, ଭେଦଭାବ ଆଦି ବିଷୟଗୁଡ଼ିକର ସମାଧାନ ପାଇଁ ଚେଷ୍ଟା କରାଯାଉଛି । ଆଧୁନିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର୍ଥୀଙ୍କ ଠାରେ ଏହିଭଳି ନକାରାତ୍ମକ ଗୁଣଗୁଡ଼ିକୁ ଚିହ୍ନଟ କରାଯାଇ ଉପଯୁକ୍ତ ପରାମର୍ଶ ମାଧ୍ୟମରେ ଶିକ୍ଷାର୍ଥୀଙ୍କ ବ୍ୟକ୍ତିତ୍ୱ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି ।

ଭାରତୀୟ ଭେଷଜ ଗବେଷଣା କେନ୍ଦ୍ର ଅନୁଯାୟୀ (୨୦୦୫) ଦେଶରେ ଶିଶୁ ଓ କୈଶୋର ମାନସିକ ସ୍ୱାସ୍ଥ୍ୟ ଅସାମଞ୍ଜସ୍ୟତା ହେଉଛି ୧୨ରୁ ୧୪ ପ୍ରତିଶତ । ୦ରୁ ୫ ବର୍ଷ ବୟସ୍କ ପିଲାଙ୍କ ମଧ୍ୟରୁ ପ୍ରାୟ ୩୩ ପ୍ରତିଶତ ପିଲାଙ୍କଠାରେ ହାଇପର କାଇନେଟିକ୍ ରୋଗ ରହିଥିବାବେଳେ, ୬ରୁ ୧୧ ବର୍ଷ ବୟସ୍କ ପିଲାଙ୍କଠାରେ ସାଧାରଣତଃ ହାଇପର କାଇନେଟିକ ସିଣ୍ଡ୍ରୋମ, ହିଷ୍ଟେରିକାଲ ନ୍ୟୁରୋସିସ୍ ଓ ବ୍ୟବହାରରେ ଅସାମଞ୍ଜସ୍ୟତା ଦେଖାଦିଏ । ସେହିଭଳି ୧୨ରୁ ୧୬ବର୍ଷ ବୟସ୍କ ପିଲାଙ୍କଠାରୁ ସାଇକୋସିସ୍, ହିଷ୍ଟେରିକାଲ ୟୁରୋସିସ୍ ଓ ବ୍ୟବହାରଗତ ଅସାମଞ୍ଜସ୍ୟତା ଦେଖାଦିଏ ।

ତେଣୁ ବିଦ୍ୟାର୍ଥୀମାନଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ପ୍ରତି ଧ୍ୟାନ ଦେବା ପାଇଁ ବିଦ୍ୟାଳୟ ପାଠ୍ୟକ୍ରମରେ ସ୍ୱାସ୍ଥ୍ୟ ବିଷୟ ସନ୍ନିବିଷ୍ଟ ହେବା ଅତ୍ୟନ୍ତ ଆବଶ୍ୟକ । ବିଦ୍ୟାଳୟ ଆଧାରିତ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦୁଇ ପ୍ରକାରର :-

**ଯୁବ ସଶକ୍ତିକରଣ ପାଇଁ ପ୍ରତ୍ୟେକ ଦେଶ, ସମାଜ ଓ ସମ୍ପ୍ରଦାୟ ଏକ ମଙ୍ଗଳମୟ ପରିବେଶ ସୃଷ୍ଟି କରିବା ଉଚିତ୍ । କିଶୋର-କିଶୋରୀମାନେ ଆହରଣ କରୁଥିବା ଜ୍ଞାନ, ଦୃଷ୍ଟିଭଙ୍ଗୀ, ମୂଲ୍ୟବୋଧ ଓ ଜୀବନକୌଶଳ ଆଦି ସେମାନଙ୍କ ବିଭିନ୍ନ ଉପକାରରେ ଆସିଥାଏ ।**

(କ) ପରିବେଶ କେନ୍ଦ୍ରିତ ଦୃଷ୍ଟିଭଙ୍ଗୀ – ଏଥିଅନୁଯାୟୀ ବିଦ୍ୟାଳୟର ଶୈକ୍ଷିକ ପରିବେଶର ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଏ । ମାନସିକ ସ୍ୱାସ୍ଥ୍ୟ ପରିବେଶରେ ବିଦ୍ୟାଳୟରେ ବିଦ୍ୟାର୍ଥୀ ବିତାଉଥିବା ସମୟର ପରିମାଣ, କ୍ରୀଡ଼ା ସୁଯୋଗ ଓ ବ୍ୟବସ୍ଥା, ବିଦ୍ୟାଳୟର ଗଠନ ଏବଂ ଶ୍ରେଣୀଗୃହ ସାଜସଜ୍ଜା ଆଦି ବିଷୟ ରହିଥାଏ । ଏଭଳି ପରିବେଶରେ ଶିକ୍ଷକ, ଅଭିଭାବକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗ ମନୋଭାବ ବୃଦ୍ଧି ହେବା ସହିତ ପରସ୍ପର ପ୍ରତି ସମ୍ମାନ ମଧ୍ୟ ରହିଥାଏ ।

(ଖ) ବିଦ୍ୟାର୍ଥୀ କେନ୍ଦ୍ରିତ ଦୃଷ୍ଟିଭଙ୍ଗୀ – ଏହାଦ୍ୱାରା ଗୋଟିଏ ପଟେ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ମାନସିକ ସମସ୍ୟା ପ୍ରତି ଧ୍ୟାନ ଦିଆଯାଉଥିବାବେଳେ, ଶ୍ରେଣୀ କକ୍ଷରେ ମଧ୍ୟ ସାମୁହିକ ଭାବେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ମୁକାବିଲା ପାଇଁ ଆବଶ୍ୟକ କୌଶଳ, ସାହାରା ଓ ଆତ୍ମସମ୍ମାନ ଆଦି ବିଷୟରେ ପରାମର୍ଶ ଦିଆଯାଏ ।

ଯୁବ ସଶକ୍ତିକରଣ ପାଇଁ ପ୍ରତ୍ୟେକ ଦେଶ, ସମାଜ ଓ ସମ୍ପ୍ରଦାୟ ଏକ ମଙ୍ଗଳମୟ ପରିବେଶ ସୃଷ୍ଟି କରିବା ଉଚିତ୍ । କିଶୋର-କିଶୋରୀମାନେ ଆହରଣ କରୁଥିବା ଜ୍ଞାନ, ଦୃଷ୍ଟିଭଙ୍ଗୀ, ମୂଲ୍ୟବୋଧ ଓ ଜୀବନକୌଶଳ ଆଦି ସେମାନଙ୍କ ବିଭିନ୍ନ ଉପକାରରେ ଆସିଥାଏ । ଜୀବନ କୌଶଳ ମାଧ୍ୟମରେ ସେମାନଙ୍କ ଉପଯୁକ୍ତ ନିଷ୍ପତ୍ତି ନେବାର ଦକ୍ଷତା, ଚିନ୍ତନ ପ୍ରକ୍ରିୟା, ସମସ୍ୟା ସମାଧାନ, ପାରସ୍ପରିକତା ଏବଂ ଉତ୍ପାଦକତା ଆଦି ବ୍ୟବସ୍ଥିତ ଓ ତ୍ୱରାନ୍ୱିତ ହୁଏ । ଏପରି ଜ୍ଞାନ ଓ କୌଶଳ ଦ୍ୱାରା ସୁସ୍ଥ ଜୀବନଯାପନ ପାଇଁ କୈଶୋରାବସ୍ଥାରୁ ହିଁ ପ୍ରେରଣା ମିଳେ । ପ୍ରଗତିଶୀଳ ବିଦ୍ୟାଳୟଗୁଡ଼ିକରେ ବିଦ୍ୟାର୍ଥୀଙ୍କ ସାମାଜିକ ଏବଂ ଆବେଗିକ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଏ । ପିଲାମାନଙ୍କୁ ଆବଶ୍ୟକ ସୁରକ୍ଷା ପ୍ରଦାନ ପୂର୍ବକ ସେମାନଙ୍କ ଶିକ୍ଷା ଆହରଣ, ବିକାଶ ଓ ମାନସିକ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବାରେ ବିଦ୍ୟାଳୟଗୁଡ଼ିକ ସୁରକ୍ଷା କବଚ ଭଳି କାର୍ଯ୍ୟ କରିପାରିବେ ।

**ଲେଖକ ହେଉଛନ୍ତି ଭାରତୀୟ ଶିଶୁ ଓ କୈଶୋର ମାନସିକ ସ୍ୱାସ୍ଥ୍ୟ ସଂଗଠନର ଅଧ୍ୟକ୍ଷ ଏବଂ ଭାରତୀୟ ବିଦ୍ୟାଳୟ ସ୍ୱାସ୍ଥ୍ୟ ଓ ମଙ୍ଗଳ ପତ୍ରିକାରେ ମୁଖ୍ୟ ସମ୍ପାଦକ ।**


# ଓଡ଼ିଶାରେ ଦୂରନ୍ତ ଶିକ୍ଷାବ୍ୟବସ୍ଥା ଓ ତାର ରୂପାୟନ

■ ଦାମୋଦର ପ୍ରଧାନୀ

> ସମଗ୍ର ବିଶ୍ୱରେ ଦୂରନ୍ତ ଶିକ୍ଷାର ବହୁଳ ପ୍ରସାର ଘଟୁଛି ଏବଂ ପ୍ରତ୍ୟେକ ଦେଶରେ ସାର୍ବଜନିକ ଶିକ୍ଷାବ୍ୟବସ୍ଥାର ପ୍ରସାର ଲାଭ ପାଇଁ ଦୂରନ୍ତ ଶିକ୍ଷାକୁ ଏକ ବଳିଷ୍ଠ ମାଧମ ଭାବରେ ଗ୍ରହଣ କରାଯାଉଛି । ଶିକ୍ଷାର ବିକାଶରେ ଦେଶର ବିକାଶ । ଶିକ୍ଷାର ବିକାଶ ଯେତେଦୂର ଅଗ୍ରସର, ଦେଶ ସମସ୍ତ କ୍ଷେତ୍ରରେ ସେତେ ପରିମାଣରେ ବିକଶିତ ହେବ ଏବଂ ସେଥିପାଇଁ ଦୂରନ୍ତ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ।

ବିଶ୍ୱର ଏକ ପ୍ରଭାବଶାଳୀ ସଂସ୍ଥା ଉଇକିପିଡିଆ ଦୂରନ୍ତ ଶିକ୍ଷାକୁ ବିଶ୍ଳେଷଣ କରିବାକୁ ଯାଇ ନିଜର ମତ ପ୍ରକାଶ କରିଛନ୍ତି ଯେ ଯେଉଁ ଶିକ୍ଷାଦାନ ପ୍ରକ୍ରିୟାରେ ଛାତ୍ର ଛାତ୍ରୀଗଣ ବିଦ୍ୟାଳୟ ମହାବିଦ୍ୟାଳୟ ଅଥବା ବିଶ୍ୱ ବିଦ୍ୟାଳୟରେ ସିଧାସଳଖ ଭାବରେ ଯୋଗଦାନ ନ କରି ମଧ୍ୟ ଶିକ୍ଷାପ୍ରାପ୍ତ ହୋଇଥାନ୍ତି, ତାହାକୁ ଦୂରନ୍ତ ଶିକ୍ଷା କୁହାଯାଏ । ଉକ୍ତ ସଂସ୍ଥା ଆହୁରି ପ୍ରକାଶ କରିଛନ୍ତି ଯେ ଯେଉଁଥିରେ ଶିକ୍ଷାଦାନ ପ୍ରକ୍ରିୟା ବେତାର ପ୍ରସାରଣ ଅଥବା ପତ୍ର ବିନିମୟ ଅଥବା ଦୂରଦର୍ଶନ ମାଧମରେ ପ୍ରସାରିତ ହୁଏ ସେଗୁଡିକ ମଧ୍ୟ ଦୂରନ୍ତ ଶିକ୍ଷାର ପରିସର ମଧ୍ୟକୁ ଆସିଯାଇଛନ୍ତି । ମୁକ୍ତବିଶ୍ୱବିଦ୍ୟାଳୟ ଇ-ଶିକ୍ଷାଦାନ, ଏମ୍-ଶିକ୍ଷାଦାନ ଆଦି ବ୍ୟବସ୍ଥା ଗୁଡ଼ିକ ମଧ୍ୟ ଦୂରନ୍ତ ଶିକ୍ଷା ଭାବରେ ପରିଗଣିତ ହେଉଛି । ନିମ୍ନ ପ୍ରଦତ୍ତ ଟେବୁଲ ଦୂରନ୍ତ ଶିକ୍ଷାର ବିଭିନ୍ନ ବିଭାଗର ଲୋକପ୍ରିୟତାର ବାସ୍ତବ ଅବଧାରଣା କରୁଛି ।

ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ସମଗ୍ର ବିଶ୍ୱରେ ଦୂରନ୍ତ ଶିକ୍ଷାର ବହୁଳ ପ୍ରସାର ଘଟୁଛି ଏବଂ ପ୍ରତ୍ୟେକ ଦେଶରେ ସାର୍ବଜନିକ ଶିକ୍ଷାବ୍ୟବସ୍ଥାର ପ୍ରସାର ଲାଭ ପାଇଁ ଦୂରନ୍ତ ଶିକ୍ଷାକୁ ଏକ ବଳିଷ୍ଠ ମାଧମ ଭାବରେ ଗ୍ରହଣ କରାଯାଉଛି । ଶିକ୍ଷାର ବିକାଶରେ ଦେଶର ବିକାଶ । ଶିକ୍ଷାର ବିକାଶ ଯେତେଦୂର ଅଗ୍ରସର, ଦେଶ ସମସ୍ତ କ୍ଷେତ୍ରରେ ସେତେ ପରିମାଣରେ ବିକଶିତ ହେବ ଏବଂ ସେଥିପାଇଁ ଦୂରନ୍ତ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା । ଭାରତର ଜାତୀୟ ସାକ୍ଷରତା ହାର ୭୪.୦୪ ପ୍ରତିଶତ ହୋଇଥିବାବେଳେ ଆମ ରାଜ୍ୟ ଓଡ଼ିଶାର ସାକ୍ଷରତାର ହାର ହେଉଛି ୭୩.୫ । ଜାତୀୟ ସାକ୍ଷରତା ହାର ଏବଂ ଆମ ରାଜ୍ୟର ସାକ୍ଷରତା ହାର ମଧ୍ୟରେ ଏକ ବୃହତ୍ ପାର୍ଥକ୍ୟ






Unfiled Notes Page 53

ନ ଥିବା ବେଳେ ଆମେ କିନ୍ତୁ ବର୍ତ୍ତମାନର ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଉପରେ ସନ୍ତୁଷ୍ଟ ହୋଇ ପାରୁନାହିଁ। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିବାକୁ ଗଲେ ଆମେ ସାକ୍ଷରତା ହାରରେ ଅନେକ ଦୂରରେ ରହିନାହୁଁ କିନ୍ତୁ ବାସ୍ତବତାକୁ ଦେଖିଲେ ନିଶ୍ଚୟ ପ୍ରତୀୟମାନ ହେବ ଯେ ଓଡ଼ିଶା ହେଉଛି ଦାରିଦ୍ର୍ୟ ଏବଂ ଦୈବିଦୁର୍ବିପାକର ଏକ ନିଚ୍ଛକ ଉଦାହରଣ ଏବଂ ଏଥିପାଇଁ ଶିକ୍ଷାକ୍ଷେତ୍ରରେ ଆମର ଅନଗ୍ରସରତା ବହୁ ପରିମାଣରେ ଦାୟୀ । ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ନିଶ୍ଚିତ ଭାବରେ ଶିକ୍ଷାକ୍ଷେତ୍ରରେ ଏକ ପ୍ରାଚୁର୍ଯ୍ୟପୂର୍ଣ୍ଣ ସହର ଭାବରେ ଉଭା ହୋଇଛି। କିନ୍ତୁ ବର୍ତ୍ତମାନ ପ୍ରଶ୍ନ ଉଠୁଛି ପ୍ରତିବର୍ଷ ଶିକ୍ଷା ସମାପ୍ତ କରି ବାହାରୁଥିବା ଲକ୍ଷାଧିକ ଡିଗ୍ରୀଧାରୀ ଇଂଜିନିୟର ବାସ୍ତବରେ ଆବଶ୍ୟକୀୟ ଜ୍ଞାନକୌଶଳ ଆହରଣ କରୁଛନ୍ତି ତ ? ସେମାନେ ମନମୁତାବକ କର୍ମସଂସ୍ଥାନ ଲାଭ କରିପାରୁଛନ୍ତି ତ? ଯୋଗ୍ୟ ଛାତ୍ରଛାତ୍ରୀଗଣ କର୍ମସଂସ୍ଥାନ ଲାଭ କରନ୍ତୁ ବା ନ କରନ୍ତୁ କିନ୍ତୁ ସେମାନେ ବହୁଳ ଭାବରେ ଶିକ୍ଷାଲାଭ କରିବା ହେଉଛି ଆମ ସରକାରଙ୍କର ଆଭିମୁଖ୍ୟ । ତେଣୁ ଯେଉଁ ଆଗ୍ରହୀ ଛାତ୍ରଛାତ୍ରୀଗଣ ଏପରି ବୈଷୟିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ସେମାନଙ୍କ ପାଇଁ ଦୂରନ୍ତ ଶିକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଅପରିହାର୍ଯ୍ୟ । ଏହି ଦୂରନ୍ତ ଶିକ୍ଷାଦାନ ବ୍ୟବସ୍ଥା ପ୍ରଦାନ ବିଷୟରେ ଆମର ଆଭିମୁଖ୍ୟ ତଥା ପ୍ରଚେଷ୍ଟା କେତେଦୂର ସଫଳ ହେଉଛି, ତାହା ଲକ୍ଷ୍ୟ କରିବାର ବିଷୟ।

ଆମ ରାଜ୍ୟ ଓଡ଼ିଶାରେ ଦୂରନ୍ତଶିକ୍ଷା ବ୍ୟବସ୍ଥାର ସ୍ଥିତି ସେତେଟା ଉତ୍ସାହପ୍ରଦ ନୁହେଁ। ଆମେ ଏହାର ପରିସଂଖ୍ୟାନ ଉପରେ ଦୃଷ୍ଟିଦେବା ପୂର୍ବରୁ ଆମ ଲୋକମାନଙ୍କର ଶିକ୍ଷାଗ୍ରହଣ ପ୍ରତି ଥିବା ମାନସିକତାକୁ ଅନୁଶୀଳନ କରିବାକୁ ପଡ଼ିବ । ଓଡ଼ିଶା ଭଳି ଏକ ଗରୀବ ଏବଂ ଅନଗ୍ରସର ରାଜ୍ୟରେ ଦୂରନ୍ତ ଶିକ୍ଷା ବ୍ୟବସ୍ଥା ଆମର ସାଧାରଣ ଲୋକଙ୍କ ପାଇଁ ଏକ ବିରାଟ ଅଟ୍ଟାଳିକା ସଦୃଶ ଛିଡ଼ା ହୋଇଛି । ଯେଉଁମାନଙ୍କର ସିଧାସଳଖ ଶିକ୍ଷାଗ୍ରହଣ କରିବାର ସୁବିଧା ଓ ସୁଯୋଗର ଅଭାବ ରହିଛି ସେମାନେ ବହୁଳ ଭାବରେ ଦୂରନ୍ତ ଶିକ୍ଷାକୁ ଆପଣାଇ ପାରିବେ। ଆମ ରାଜ୍ୟ ସରକାର ମଧ୍ୟ ଏହି ଶିକ୍ଷା ବ୍ୟବସ୍ଥାରେ ଥିବା ଭିତ୍ତିଭୂମିର ତ୍ରୁଟି ବିଚ୍ୟୁତିକୁ ସୁଧାରି ଏହି



ବ୍ୟବସ୍ଥାକୁ ଆହୁରି ପ୍ରଭାବଶାଳୀ କରିପାରିବେ । ଏହି ବ୍ୟବସ୍ଥାରେ ଆମକୁ ସଫଳ ହେବାକୁ ହେଲେ ଉପଯୁକ୍ତ ନୀତି ନିର୍ଦ୍ଧାରଣ ଓ ତାର ସଫଳ ରୂପାୟନ ଏକାନ୍ତ ଜରୁରୀ । ଆମରାଜ୍ୟ ଓଡ଼ିଶାରେ ବିଦ୍ୟାଳୟ, ମହାବିଦ୍ୟାଳୟ ଇତ୍ୟାଦିର ସ୍ୱଚ୍ଛତା ଏବଂ ସେଗୁଡିକରେ ଶିକ୍ଷକ ଅଭାବ ଆମର ଭିତ୍ତିଭୂମିକୁ ଦୁର୍ବଳ କରି ରଖିଛି ଯାହାଫଳରେ କି ଲୋକମାନଙ୍କ ମନରେ ବୌଦ୍ଧିକ ବିକାଶର ଚିନ୍ତାଧାରା ପୂର୍ଣ୍ଣତଃ ପରିସ୍ଫୁଟ ହୋଇପାରୁନାହିଁ । ଏହି ଭଳି ସ୍ଥିତିରେ ବହୁଳ ଭାବରେ ଉଦାସୀନ ଜନସାଧାରଣଙ୍କୁ ଡିଗ୍ରୀଧାରୀ କରାଇବାରେ ଦୂରନ୍ତ ଶିକ୍ଷା ବ୍ୟବସ୍ଥା ଏକ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଥାଏ । ଏପରିକି ପିତାମାତାମାନେ ତାଙ୍କର ଅର୍ଦ୍ଧଶିକ୍ଷିତ କନ୍ୟାମାନଙ୍କୁ ବିବାହ ପରେ ମଧ୍ୟ ଆବଶ୍ୟକୀୟ ଶିକ୍ଷା ପ୍ରଦାନ କରିବାରେ ସମର୍ଥ ହେଉଛନ୍ତି । ଦୂରନ୍ତ ଶିକ୍ଷା ପ୍ରଦାନ ବ୍ୟବସ୍ଥାକୁ ବିଭିନ୍ନ କମ୍ପାନିର ଡିଗ୍ରୀଧାରୀ କାର୍ଯ୍ୟରତ କର୍ମଚାରୀମାନେ ମଧ୍ୟ ସଦୁପଯୋଗ କରି ଉଚ୍ଚଶିକ୍ଷାର ପ୍ରଗତି ହାସଲ କରିଥାନ୍ତି ।

ଆମଦେଶ ଭାରତରେ ଇଣ୍ଟରନେଟ ପ୍ରୟୋଗର ହାର ହେଉଛି ପ୍ରାୟ ୧୯ ପ୍ରତିଶତ ଏବଂ ସ୍ମାର୍ଟ ଫୋନର ବ୍ୟବହାର ହେଉଛି ୩୩ ପ୍ରତିଶତ । କିନ୍ତୁ ଓଡ଼ିଶାରେ ଏହି ସବୁର ବ୍ୟବହାର ହାର ୧୦ ପ୍ରତିଶତରୁ ମଧ୍ୟ କମ୍ । ଓଡ଼ିଶା ଭଳି ବହୁଳ ଆଦିବାସୀ ଅଧ୍ୟୁଷିତ ରାଜ୍ୟରେ ଆଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଆଦୌ ସନ୍ତୋଷଜନକ ନୁହେଁ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ମାର୍ଟ ଫୋନ୍‌ର ବ୍ୟବହାର ଏବେ ବି ନଗଣ୍ୟ ଏବଂ ଏ କ୍ଷେତ୍ରରେ ଆଧୁନିକ ବୈଷୟିକ ଜ୍ଞାନର ପ୍ରଦର୍ଶନ କୌଣସି ଗୁରୁତ୍ୱ ବହନ କରୁନାହିଁ । ଆମର ପୁରୁଣାକାଳିଆ ଚିନ୍ତାଧାରାର ପରିସମାପ୍ତି ଘଟୁନାହିଁ ।

ଆମରାଜ୍ୟ ଓଡିଶାରେ ଥିବା ଦୂରନ୍ତ ଶିକ୍ଷା ନିର୍ଦ୍ଦେଶାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ କାର୍ଯ୍ୟକାରୀ ହେଉଛି ଏବଂ ରାଜ୍ୟରେ ଦୂରନ୍ତ ଶିକ୍ଷାର ପ୍ରସାରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ୧୯୬୨ ମସିହାରେ ଏହା ପ୍ରତିଷ୍ଠିତ ହୋଇଛି ଏବଂ ଅନେକ ଓଡ଼ିଆ ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କ ଆକାଂକ୍ଷା ପୂରଣ କରିବାରେ ସଫଳ ହୋଇଛି । 'ସମସ୍ତଙ୍କ ପାଇଁ ସବୁ ଜାଗାରେ ଏବଂ ସବୁ ସମୟରେ ଶିକ୍ଷା' ଏହି ସ୍ଲୋଗାନ ଆଜି ବାସ୍ତବତା ରୂପ ନେଇଛି । ଦୂରନ୍ତ ଶିକ୍ଷା ନିର୍ଦ୍ଦେଶାଳୟ ବର୍ତ୍ତମାନ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତଙ୍କ ପାଇଁ ଶିକ୍ଷା



Unfiled Notes Page 54

ଲକ୍ଷ୍ୟ ନେଇ କାର୍ଯ୍ୟରତ । ଯେପରିକି ମହାବିଦ୍ୟାଳୟର ଶିକ୍ଷକମାନଙ୍କ ପାଇଁ "Winter orientation refresher course", କମ୍ପ୍ୟୁଟର ମାଧ୍ୟମରେ ଜୋନାଲ ମୂଲ୍ୟାୟନ ସମ୍ବନ୍ଧରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଇତ୍ୟାଦି ଏହାଦ୍ୱାରା ପରିଚାଳିତ । ପ୍ରତିବର୍ଷ ଏହି ଶିକ୍ଷାଦାନ ବ୍ୟବସ୍ଥାରେ ଛାତ୍ର ଛାତ୍ରୀମାନଙ୍କ ପ୍ରବେଶ ବୃଦ୍ଧି ପାଇବାରେ ଲାଗିଛି ଏବଂ ୨୦୧୪-୧୫ ଶିକ୍ଷା ବର୍ଷ ବେଳକୁ ସେମାନଙ୍କର ସଂଖ୍ୟା ୧୦୦୭୬ରେ ପହଞ୍ଚିଛି। ଅନ୍ୟ କେତେକ ଗୁଡିଏ କାର୍ଯ୍ୟକ୍ରମ ମଧ୍ୟ ନିର୍ଦ୍ଦେଶାଳୟ ତରଫରୁ ହାତକୁ ନିଆଯାଇଛି ଏବଂ ଏଥିରେ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି । ସେଗୁଡିକ ମଧ୍ୟରେ ଅଛି, ମ୍ୟାନେଜମେଣ୍ଟ ସ୍ନାତ୍ତୋକତର ତଥା ସ୍ନାତକ ଶ୍ରେଣୀ । ମ୍ୟାନେଜମେଣ୍ଟ କାର୍ଯ୍ୟକ୍ରମରେ ରହିଛି MBA, IMBA, Financial Management, Marketing Management ଇତ୍ୟାଦି। ସ୍ନାତୋକତ୍ତର ଶିକ୍ଷା ମଧ୍ୟରେ ରହିଛି ଅର୍ଥନୀତି, ଇଂରାଜୀ, ଇତିହାସ ଇତ୍ୟାଦି ବିଭାଗ ଏବଂ ସ୍ନାତକ ଶିକ୍ଷା ମଧ୍ୟରେ ରହିଛି ଇତିହାସ ଅନର୍ସ, ରାଜନୀତି ବିଜ୍ଞାନ ଅନର୍ସ ଇତ୍ୟାଦି । ଏହିସବୁ ବିଷୟରେ ନାମଲେଖା ପାଇଁ ଯେଉଁ ଯୋଗ୍ୟତା ନିର୍ଦ୍ଧାରଣ କରାଯାଇଛି ସେ ସବୁ ସାଧାରଣ ଶିକ୍ଷା ବ୍ୟବସ୍ଥାରେ ଥିବା ଯୋଗ୍ୟତା ପାଇଁ ମଧ୍ୟ ସମାନ। ଏଥିରେ କୌଣସି ତାରତମ୍ୟ ରଖାଯାଇନି । ଏଥିରେ ଆଡ୍‌ମିଶନ ପାଇଁ ଅନଲାଇନ ପରୀକ୍ଷା ସହିତ ବ୍ୟକ୍ତିଗତ ସାକ୍ଷାତକାର ମଧ୍ୟ କରାଯାଇଥାଏ । ଆଡମିଶନ ପାଇଁ ବଛାବଛି ପ୍ରକ୍ରିୟା ଅତ୍ୟନ୍ତ ସ୍ୱଚ୍ଛ ଓ ଯୋଗ୍ୟତାଭିତ୍ତିକ କରାଯିବାର ଯଥେଷ୍ଟ ନଜିର ରହିଛି ।

ଆମ ଦେଶର କେତେଗୁଡିଏ ବିଶ୍ୱବିଦ୍ୟାଳୟ ଉଚ୍ଚତର ଶିକ୍ଷାର ବିକାଶ ପାଇଁ ଦୃଢ଼ ନିର୍ଣ୍ଣୟ ନେବା ସଙ୍ଗେ ସଙ୍ଗେ ଆବଶ୍ୟକୀୟ ପଦକ୍ଷେପମାନ ଗ୍ରହଣ କରିଛନ୍ତି । ଯେଉଁସବୁ ଆଗ୍ରହୀ ବିଦ୍ୟାର୍ଥୀଗଣ କୌଣସି କାରଣବଶତଃ ସାଧାରଣ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ସେମାନଙ୍କୁ ଶିକ୍ଷା ଆହରଣ ପାଇଁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରାଯାଉଛି । କିନ୍ତୁ ବିଶ୍ୱବିଦ୍ୟାଳୟ ଗୁଡିକର ଏହିଭଳି ଲକ୍ଷ୍ୟ ଏବଂ ତତ୍‌ଜନିତ ପ୍ରଚେଷ୍ଟା ବିଦ୍ୟାର୍ଥୀମାନଙ୍କର ଜ୍ଞାନ ଆହରଣରେ ବିଶେଷ ଭାବରେ ରୂପାନ୍ତରିତ ହୋଇପାରିନାହିଁ । ସଂପୃକ୍ତ ରାଜ୍ୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କ ମିଳିତ ସହଯୋଗରେ ସମନ୍ୱୟର ଅଭାବ ରହିଛି ।

**ଆମ ରାଜ୍ୟ ଓଡ଼ିଶାରେ ଦୂରନ୍ତଶିକ୍ଷା ବ୍ୟବସ୍ଥାର ସ୍ଥିତି ସେତେଟା ଉତ୍ସାହପ୍ରଦ ନୁହେଁ। ଆମେ ଏହାର ପରିସଂଖ୍ୟାନ ଉପରେ ଦୃଷ୍ଟିଦେବା ପୂର୍ବରୁ ଆମ ଲୋକମାନଙ୍କର ଶିକ୍ଷାଗ୍ରହଣ ପ୍ରତି ଥିବା ମାନସିକତାକୁ ଅନୁଶୀଳନ କରିବାକୁ ପଡ଼ିବ ।**

ଯାହାଫଳରେ କି ଅନ୍ତଃର୍ଭୁକ୍ତି ସଂପନ୍ନ କାର୍ଯ୍ୟଦକ୍ଷତାର ଅଭାବ ରହୁଛି। ବ୍ୟବସ୍ଥାରେ ମଧ୍ୟ କିଛିଟା ତ୍ରୁଟି ରହିବା ସ୍ୱାଭାବିକ । କିନ୍ତୁ ଶ୍ରେଣୀଗୃହରେ ଶିକ୍ଷାଦାନ ବ୍ୟବସ୍ଥାରେ ସୂକ୍ଷ୍ମତମ ଅଧ୍ୟାୟ ଯେ ଦୂରନ୍ତ ଶିକ୍ଷା ମାଧ୍ୟମରେ ହାସଲ ନ କରିହେବ, ତାହା କହିହେବ ନାହିଁ । ଶ୍ରେଣୀ ଗୃହରେ ଆଲୋଚନା ସାପେକ୍ଷ ଶିକ୍ଷାଦାନ ବ୍ୟବସ୍ଥା ଶିକ୍ଷା ଗ୍ରହଣ ପାଇଁ ଏକ ମାଧ୍ୟମ ମାତ୍ର । ଏହା ବ୍ୟତିରେକ ଦୂରନ୍ତ ଶିକ୍ଷା ପ୍ରଦାନ ମାଧ୍ୟମରେ ଶିକ୍ଷାକୁ ଆୟତ କରାଯାଇପାରେ ଏବଂ ଏଥିରେ ବିଶେଷ କିଛି ଅସୁବିଧା ନାହିଁ । ଏଥିପାଇଁ କେବଳ ତିନିଗୋଟି ବିଭାଗର ଆବଶ୍ୟକତା ରହିଛି । ତାହା ହେଲା ଶିକ୍ଷକ, ଛାତ୍ର ଓ ବିଶ୍ୱବିଦ୍ୟାଳୟ ।

କିଛି ଦଶନ୍ଧି ପୂର୍ବରୁ ଶିକ୍ଷାଦାନ ବ୍ୟବସ୍ଥା ଏକ ମହତ୍ ବୃତ୍ତି ରୂପେ ପରିଗଣିତ ହେଉଥିଲା ଏବଂ ଦେଶର ଶ୍ରେଷ୍ଠ ବୁଦ୍ଧିମାନ ବ୍ୟକ୍ତିତ୍ୱ ଏଥିରେ ପ୍ରବେଶ କରୁଥିଲେ । କିନ୍ତୁ ବର୍ତ୍ତମାନ ଏହାର ବିପରୀତ ବ୍ୟବସ୍ଥା ଚାଲୁରହିଛି । ଏହା ଆମଦେଶର ଏକ ଆଖିଦୃଷିଆ ଦୁର୍ବଳତାରେ ପରିଣତ ହୋଇଛି। କିନ୍ତୁ ବିଶ୍ୱର ଅନ୍ୟ କେତେକ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ବୃତ୍ତି ଶ୍ରେଷ୍ଠ ବୃତ୍ତି ଭାବରେ ପରିଗଣିତ ହେଉଛି ଏବଂ ଦେଶର ରାଷ୍ଟ୍ରମୂଖ୍ୟ ମଧ୍ୟ ଏହି ବୃତ୍ତିକୁ ଆପଣାଇ ନେଉଛନ୍ତି । ଏହି ପରିପ୍ରେକ୍ଷୀରେ ଦୂରନ୍ତ ଶିକ୍ଷା ଆମଦେଶ ତଥା ରାଜ୍ୟରେ ଗୁଣାତ୍ମକମାନ ଦୃଷ୍ଟିରୁ ଏକ ଅଳଙ୍କାରିକ ବ୍ୟବସ୍ଥା ମଧ୍ୟରେ ସୀମିତ ରହୁଛି । ଦୂରନ୍ତଶିକ୍ଷା ବର୍ତ୍ତମାନ ତାର ପାଠ୍ୟକ୍ରମରେ ଏକ ବାସ୍ତବଧର୍ମୀ ତଥା ଫଳପ୍ରଦ ଖସଡ଼ା ପ୍ରସ୍ତୁତି ଆବଶ୍ୟକ କରେ ଯାହାକି ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ପାରିନାହିଁ । କେତେକ ଦକ୍ଷ ଶିକ୍ଷକ ଦୂରନ୍ତ ଶିକ୍ଷା ବ୍ୟବସ୍ଥା ତାଙ୍କ ବୃତ୍ତି ପାଇଁ ବିପଦ ବୋଲି ଅନୁଭବ କରୁଛନ୍ତି ଏବଂ ସେଥିପାଇଁ ଏଥିରୁ ନିବୃତ୍ତ ରହିବା ପାଇଁ ଉଚିତ୍ ମନେ କରୁଛନ୍ତି । ଯେ ପର୍ଯ୍ୟନ୍ତ ଆମର ଦକ୍ଷ ପ୍ରଫେସରଗଣ ଦୂରନ୍ତ ଶିକ୍ଷାକୁ ଏକ ବୋଝ ଭାବରେ ଗ୍ରହଣ କରୁଥିବେ ସେ ପର୍ଯ୍ୟନ୍ତ ଦୂରନ୍ତ ଶିକ୍ଷା ବ୍ୟବସ୍ଥାରେ ଅବହେଳା ନିଶ୍ଚିତ ଭାବରେ ଜାରୀ ରହିବ ।

ଆମରାଜ୍ୟ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ପ୍ରଦାନ କରାଯାଉଛି । ଆମର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଉଚ୍ଚଶିକ୍ଷା ବ୍ୟବସ୍ଥା ଠାରୁ ଅଧିକ କ୍ରୀୟାଶୀଳ ହେଉଛି। ପ୍ରତ୍ୟେକ ପିତାମାତା ତାଙ୍କର ସନ୍ତାନଙ୍କୁ ଶ୍ରେଷ୍ଠ ବିଦ୍ୟାଳୟରେ ନାମଲେଖାଇବା ପାଇଁ ଇଚ୍ଛୁକ । ଗ୍ରାମାଞ୍ଚଳରେ ମଧ୍ୟ ସେହି ଏକା ଅବସ୍ଥା ।



Unfiled Notes Page 55



ତେବେ ସେମାନଙ୍କର ଭବିଷ୍ୟତର ସଫଳତା ଛାତ୍ରଟିର ମନୋଭାବ ଏବଂ ତାର ଦକ୍ଷତା ଉପରେ ନିର୍ଭର କରେ । ଯେଉଁ ଛାତ୍ରମାନେ ଡିଗ୍ରୀ କଲେଜରେ ନାମଲେଖାରେ ଅସମର୍ଥ ହେଉଛନ୍ତି ସେମାନଙ୍କ ମଧ୍ୟରୁ କେତେକ ଦୂରନ୍ତ ଶିକ୍ଷା ପାଇଁ ଆଗ୍ରହ ଦେଉଛନ୍ତି ଯୋଗ୍ୟ ଛାତ୍ରମାନଙ୍କ ମଧ୍ୟରୁ ଅଳ୍ପ ସଂଖ୍ୟକ ଦୂରନ୍ତ ଶିକ୍ଷା ପ୍ରତି ଆକର୍ଷିତ ହେଉଛନ୍ତି । ଯଦିଓ ସେମାନେ ଦୂରନ୍ତ ଶିକ୍ଷାରେ ପ୍ରବେଶ କରୁଛନ୍ତି, ଏକ ଅସୁରକ୍ଷିତ ଭାବନାରେ ସେମାନେ ଚିନ୍ତାଗ୍ରସ୍ତ ହୋଇ ପଡୁଛନ୍ତି । ସାଧାରଣ ଶିକ୍ଷା ବର୍ତ୍ତମାନ ଧିରେ ଧିରେ ଅପ୍ରାସଙ୍ଗିକ ହୋଇ ପଡୁଛି । ଆମର ପ୍ରଚଳିତ ବୈଷୟିକ ତଥା ପ୍ରଯୁକ୍ତି ବିଦ୍ୟା ହାସଲକାରୀ ଛାତ୍ରଛାତ୍ରୀଗଣ ଶିକ୍ଷାଳୟନର ବ୍ୟାପକତାର ଅଭାବ ଯୋଗୁଁ କର୍ମସଂସ୍ଥାନ ହାସଲ କରିବାରେ ପଛେଇଯାଉଛନ୍ତି । ଦୂରନ୍ତ ଶିକ୍ଷାର୍ଥୀଗଣ ସେମାନଙ୍କର ଶିକ୍ଷକ ତଥା ଶିକ୍ଷାବ୍ୟବସ୍ଥା ପ୍ରଣୟନକାରୀଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ଆଦାନ ପ୍ରଦାନରୁ ବଞ୍ଚିତ ହେଉଥିବାରୁ ନିଜକୁ ସମାଜଠାରୁ ଏକ ପୃଥକ ଗୋଷ୍ଠୀ ବୋଲି ଅନୁଭବ କରୁଛନ୍ତି ।

ଯେତେଦୂର ସମ୍ଭବ ଆମର ବିଶ୍ୱବିଦ୍ୟାଳୟ ଗୁଡିକରେ ଦୂରନ୍ତ ଶିକ୍ଷା ନେଇ ମୁଖ୍ୟତଃ ଦୁଇଟି ପ୍ରତିବନ୍ଧକ ରହିଆସୁଛି । ସେଗୁଡିକ ହେଲା ବୈଷୟିକ ଭିତ୍ତିଭୂମି ଏବଂ tele conferenceର ଅଭାବ ଓ ସ୍ମାର୍ଟ ଫୋନ୍‌ର ବହୁଳ ପ୍ରସାର ଫଳରେ ଏମ୍-ଶିକ୍ଷା ଏକ ଫେସନରେ ପରିଣତ ହୋଇଛି । ଭାରତୀୟ ମୋବାଇଲ କମ୍ପାନୀଗୁଡିକ ଏହାର ଉପଯୋଗୀତା ନେଇ ଗଣମାଧ୍ୟମରେ ବିଭିନ୍ନ ବିଜ୍ଞାପନ ପ୍ରଦର୍ଶନ କରାଉଛନ୍ତି । କିନ୍ତୁ ଆମ ଦେଶ ତଥା ରାଜ୍ୟର ଜନବହୁଳତା, ଦାରିଦ୍ର୍ୟ ଏବଂ ଅସଂଖ୍ୟ ନିମ୍ନ ଆୟକାରୀଙ୍କ ପାଇଁ ବୈଷୟିକ ଭିତ୍ତିଭୂମି ଯୋଗାଇଦେବା କେତେଦୂର ସମ୍ଭବ ? ଓଡ଼ିଶାରେ ଅଧିକାଂଶ ଦୂରନ୍ତ ଶିକ୍ଷା କେବଳ ପାଠ୍ୟପୁସ୍ତକକୁ ଅନୁସରଣ କରୁଛନ୍ତି । ଶିକ୍ଷ ପ୍ରତିଷ୍ଠା ତଥା ଏହାର କାର୍ଯ୍ୟକାରିତାରେ ଆବଶ୍ୟକୀୟ ହେଉଥିବା ଜ୍ଞାନକୌଶଳ ଆମର ପାଠ୍ୟକ୍ରମ ଖସଡାରେ ସ୍ଥାନ ମିଳିବା ଉଚିତ୍ ଯେଉଁଥିରେ ଅଧିକାଂଶ ଛାତ୍ର ତାଙ୍କର କର୍ମସଂସ୍ଥାନ ସଂପର୍କିତ ଶିକ୍ଷା ଆହରଣ କରିପାରିବେ । କିନ୍ତୁ ଆମର ରାଜ୍ୟର ବିଶ୍ୱବିଦ୍ୟାଳୟ ସମୂହ ଏ ଦିଗରେ ସେଭଳି ଅଭିଜ୍ଞତାର ଅଧିକାରୀ ନୁହଁନ୍ତି କି ସେମାନଙ୍କର ଆବଶ୍ୟକୀୟ ପାରଦର୍ଶିତା ମଧ୍ୟ ନାହିଁ ।

ଏଠାରେ ଏକ ଉଦାହରଣର ଅବଧାରଣା କରାଯାଇପାରେ । ଜଣେ ଭାରତୀୟ ଯୁବକ ସଲମାନ୍ "ଖାନ୍ ଏକାଡେମୀ" ପ୍ରତିଷ୍ଠା କରିଛନ୍ତି ଏବଂ ଅନ୍‌ଲାଇନ ଲର୍ଣ୍ଣି ମାଧ୍ୟମରେ ୧୯୦ଟି ଦେଶର ୩ କୋଟି ୩୫ଲକ୍ଷ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାପ୍ରଦାନ କରିପାରିଛନ୍ତି । ଏଥିରେ ଏନ୍‌ସିଇଆରଟି ପାଠ୍ୟକ୍ରମର ସାମଗ୍ରୀ ରହିଛି । ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ଭାରତୀୟ ଭାଷା ଗୁଡିକର ଶିକ୍ଷାଦାନ ବ୍ୟବସ୍ଥା ଏଥିରେ ରହିବ । ଏକାଡେମୀର ଏହି ବିଶ୍ୱସ୍ତରୀୟ ଶିକ୍ଷା ଯେ କୌଣସି ସ୍ଥାନରେ ରହି ଅଧ୍ୟୟନ କରିହେବ। ଦୂରନ୍ତଶିକ୍ଷାର ଏହା ଏକ ସଫଳତା। ତେଣୁ ଆମ ରାଜ୍ୟରେ ଦୂରନ୍ତ ଶିକ୍ଷାବ୍ୟବସ୍ଥାର ଅଧିକ ତଥା ତୁରନ୍ତ ପ୍ରସାର ପାଇଁ ଅନ୍‌ଲାଇନ ଶିକ୍ଷାର ପ୍ରଭୂତ ତଥା ସଫଳ ରୂପାୟନ ଏକାନ୍ତ ଜରୁରୀ । ଇଣ୍ଟରନେଟ୍ କନେକ୍ଟିଭିଟି ଏବଂ ପ୍ରଭାବଶାଳୀ ପାଠ୍ୟକ୍ରମ ଖସଡା ପ୍ରଣୟନ ଦୂରନ୍ତ ଶିକ୍ଷା ପ୍ରସାରରେ ନିଶ୍ଚିତ ଭାବରେ ସହାୟକ ଅଙ୍ଗ ଭାବରେ ପରିଗଣିତ ହେବ। ବୈଷୟିକ ଜ୍ଞାନକୌଶଳ ବର୍ତ୍ତମାନ ଦ୍ରୁତ ଗତିରେ ଧାବମାନ ଏବଂ ଏହା ଶସ୍ତା ଏବଂ ଜନପ୍ରିୟ ମଧ୍ୟ । ତେଣୁ ଆମରାଜ୍ୟ ଦୂରନ୍ତ ଶିକ୍ଷାର ପ୍ରସାର ଏବଂ ଏହାକୁ ଫଳପ୍ରସୂ କରିବା ନିମିତ୍ତ ଆଧୁନିକ ଜ୍ଞାନକୌଶଳକୁ ଯଥାଶୀଘ୍ର ଆପଣେଇ ନେବା ଶ୍ରେୟସ୍କର ।

ପୂର୍ବତନ ସ୍ୱତନ୍ତ୍ର ଶାସନ ସଚିବ, ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର ତଥା ଆଇଆଇପିଏ, ଓଡ଼ିଶା ଶାଖାର ସମ୍ପାଦକ

# ଓଡ଼ିଶାରେ ତଫସିଲଭୁକ୍ତ ଜାତି ଓ ଜନଜାତିଙ୍କ ଶିକ୍ଷା ସମସ୍ୟା- ଏକ ବିହଙ୍ଗାବଲୋକନ

■ ଡଃ ପଦ୍ମଚରଣ ଧଳ

> ଭାରତ ଭଳି ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ମୌଳିକ ଶିକ୍ଷା ସମସ୍ତଙ୍କ ପାଖରେ ଅପହଞ୍ଚ ହୋଇ ରହିଛି । ଶିକ୍ଷା କ୍ଷେତ୍ରରେ ଧନୀ ଓ ଗରିବ, ସହର ଓ ଗ୍ରାମୀଣ କ୍ଷେତ୍ର ମଧ୍ୟରେ ତଥା ରାଜ୍ୟମାନଙ୍କରେ ବିବିଧ ତାରତମ୍ୟ ପରିଲକ୍ଷିତ ହୋଇଛି । ସାମାଜିକ ପିରାମିଡର ସର୍ବୋପରେ ଥିବା ମୁଷ୍ଟିମେୟ ସ୍ୱଳ୍ପ ସଂଖ୍ୟକ ପିଲାମାନେ ଉନ୍ନତ ଶିକ୍ଷା ବ୍ୟବସ୍ଥାର ସୁଫଳ ଉଠାଉ ଥିବାବେଳେ ଏକ ବୃହତ୍ତର ଗୋଷ୍ଠୀ ମୌଳିକ ଶିକ୍ଷାରୁ ବଂଚିତ ।

ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ ଶିକ୍ଷା ଅପରିହାର୍ଯ୍ୟ । ଶିକ୍ଷା ସାମାଜିକ ଭିତ୍ତିଭୂମିର ଏକ ପ୍ରମୁଖ ଉପାଦାନ ଏବଂ ଅର୍ଥନୈତିକ ଓ ସାମାଜିକ ବିକାଶର ଏକ ମାନଦଣ୍ଡ । ସ୍ୱାଧୀନୋତ୍ତର ଭାରତରେ ଜାତୀୟ ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ଅର୍ଥନୈତିକ ଯୋଜନାମାନ ପ୍ରଣୟନ କରାଯାଇଛି ଏବଂ ଏହାର ସଫଳ ରୂପାୟନ ନିମିତ୍ତ ପ୍ରଚେଷ୍ଟା ଅବ୍ୟାହତ ରହିଛି । ଶିକ୍ଷା କେବଳ ସାକ୍ଷରତାରେ ସୀମିତ ନାହିଁ, ଏହା ଦକ୍ଷତାର ମାପକାଠି ସହିତ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନର ପ୍ରମୁଖ ଆୟୁଧ ପାଲଟିଛି । ବିଭିନ୍ନ ଯୋଜନା ସମୟରେ ଆମ ଦେଶରେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପ୍ରଭୂତ ଉନ୍ନତି ସାଧିତ ହୋଇଛି, ହେଲେ ଏହା ଯଥେଷ୍ଟ ନୁହେଁ। ଏବେ ମଧ୍ୟ ଦେଶର ବହୁ ଶିଶୁ ସେମାନଙ୍କର ମୌଳିକ ଶିକ୍ଷାଠାରୁ ବହୁତ ଦୂରରେ । ଭାରତ ଭଳି ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ମୌଳିକ ଶିକ୍ଷା ସମସ୍ତଙ୍କ ପାଖରେ ଅପହଞ୍ଚ ହୋଇ ରହିଛି । ଶିକ୍ଷା କ୍ଷେତ୍ରରେ ଧନୀ ଓ ଗରିବ, ସହର ଓ ଗ୍ରାମୀଣ କ୍ଷେତ୍ର ମଧ୍ୟରେ ତଥା ରାଜ୍ୟମାନଙ୍କରେ ବିବିଧ ତାରତମ୍ୟ ପରିଲକ୍ଷିତ ହୋଇଛି । ସାମାଜିକ ପିରାମିଡର ସର୍ବୋପରେ ଥିବା ମୁଷ୍ଟିମେୟ ସ୍ୱଳ୍ପ ସଂଖ୍ୟକ ପିଲାମାନେ ଉନ୍ନତ ଶିକ୍ଷା ବ୍ୟବସ୍ଥାର ସୁଫଳ ଉଠାଉ ଥିବାବେଳେ ଏକ ବୃହତ୍ତର ଗୋଷ୍ଠୀ ମୌଳିକ ଶିକ୍ଷାରୁ ବଂଚିତ। ଏହା କେବଳ ସେମାନଙ୍କୁ ମୌଳିକ ଅଧିକାରରୁ ବଂଚିତ କରି ନାହିଁ ପରଂନ୍ତୁ ସାମାଜିକ ଅସ୍ଥିରତା ବୃଦ୍ଧି କରିବାରେ ସହାୟକ ହେଉଛି । ସମସ୍ତଙ୍କ ପାଇଁ ଶିକ୍ଷାକୁ ଏକ ମୌଳିକ ଅଧିକାରରେ ପରିଣତ କରିବା ପାଇଁ କରାଯାଇଥିବା ଦୀର୍ଘ ଦିନର ଚେଷ୍ଟା ପୂର୍ଣ୍ଣତା ଲାଭ କରିଥିଲେ ମଧ୍ୟ ନାନା ପ୍ରକାର ତ୍ରୁଟି ବିଚ୍ୟୁତି ଓ ସମସ୍ୟା ଯୋଗୁଁ ଏହା କେତେକାଂଶରେ ପୂରଣ ହୋଇ ପାରିନାହିଁ । ପ୍ରଭୂତ ଅର୍ଥ ବ୍ୟୟ ସତ୍ତ୍ୱେ ପରିଚାଳନାଗତ ସମସ୍ୟା ଓ ଅଙ୍ଗୀକାରବୋଧର ଅଭାବ ହେତୁ ଏହି ଆଭିମୁଖ୍ୟ ସଫଳତା ଲାଭ କରି ପାରି ନାହିଁ ।

ବିକାଶଶୀଳ ରାଷ୍ଟ୍ର ଭାରତବର୍ଷରେ ଓଡ଼ିଶା ଏକ ଦରିଦ୍ର ରାଜ୍ୟ । ଏ ରାଜ୍ୟରେ ୩୦ଟି ଜିଲ୍ଲା ୫୮ଟି ଉପଖଣ୍ଡ, ୩୧୭ଟି ତହସିଲ, ୩୧୪ଟି ଗୋଷ୍ଠୀ ଉନ୍ନୟନ ବ୍ଲକ, ୧୦୭ଟି ସହରାଞ୍ଚଳ ଓ ୬୨୩୬ଟି ଗ୍ରାମପଞ୍ଚାୟତ ରହିଛି । ଏହି ରାଜ୍ୟର ପ୍ରାୟ ୮୩ ପ୍ରତିଶତ ଅଧିବାସୀ ୪୭୫୨୯ଟି ଗ୍ରାମରେ ବାସ କରନ୍ତି । ଏହି ତଥ୍ୟରୁ ସୂଚିତ ହୁଏ ଯେ ଓଡ଼ିଶା ଏକ ଗ୍ରାମବହୁଳ ରାଜ୍ୟ । ଏହି ରାଜ୍ୟର ଆଉ ଏକ ବିଶେଷତ୍ୱ ହେଲା ଦେଶର ସର୍ବାଧିକ ଅନୁସୂଚୀତ ଜାତି ଓ ଜନଜାତି ସଂପ୍ରଦାୟର ଲୋକ ଏଠାରେ ବାସ କରନ୍ତି । ଯୁଗଯୁଗ ଧରି ସାମାଜିକ ଓ ଅର୍ଥନୀତିକ ଅସମତା ଭୋଗ କରୁଥିବା ତଥା



ବର୍ଣ୍ଣ ବ୍ୟବସ୍ଥାର ଶେଷବର୍ଣ୍ଣ କିମ୍ବା ଅବର୍ଣ୍ଣ ବା ଅସବର୍ଣ୍ଣ ହୋଇଥିବା ଲୋକମାନଙ୍କୁ ଅନୁସୂଚିତ ବା ତଫସିଲଭୁକ୍ତ ଜାତି ଭାବେ ବିବେଚନା କରାଯାଏ । ଏମାନଙ୍କୁ ଭଗ୍ନ ବା ଅବନତ ମଣିଷ, ଦଳିତ ଶ୍ରେଣୀ, ଅସ୍ପୃଶ୍ୟ ଏବଂ ହରଜନ ବୋଲି ବର୍ଣ୍ଣନା କରାଯାଏ । ଏହି ଶ୍ରେଣୀର ବ୍ୟକ୍ତିବିଶେଷ, ସମାଜରେ ଥିବା ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ସହ ଏକ ନିର୍ଦ୍ଦିଷ୍ଟ ସମାଜରେ ଥିଲେ ମଧ୍ୟ ଆମର ସାମାଜିକ ବ୍ୟବସ୍ଥାରେ ଅନେକ ପ୍ରକାର ପ୍ରଭେଦୀକରଣ ଓ ଅକ୍ଷମତାର ଶିକାର ହୋଇଥାନ୍ତି । ୨୦୧୧ ମସିହା ଜନଗଣନା ଅନୁସାରେ ଏମାନଙ୍କ ସଂଖ୍ୟା ରାଜ୍ୟ ଜନସଂଖ୍ୟାର ୧୭.୩୩ ପ୍ରତିଶତ । ଏହି ସଂପ୍ରଦାୟର ୮୪ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରିଥାନ୍ତି । ଅନ୍ୟପକ୍ଷରେ ଘଞ୍ଚ ଅରଣ୍ୟାନୀ ମଧ୍ୟରେ, ପାହାଡ଼ ଉପରେ, ସଭ୍ୟ ସମାଜରୁ ଦୂରରେ ରହିଥିବା କେତେକ ସଂସ୍କୃତି ଏବେ ବି ଅପରିବର୍ତ୍ତିତ ଅଛି । ଯେଉଁମାନଙ୍କର ସଂସ୍କୃତିର ମୌଳିକ ବୈଶିଷ୍ଟ୍ୟ ଅକ୍ଷୁର୍ଣ୍ଣ ରହିଛି ସେମାନଙ୍କୁ ଆଦିମ ଅଧିବାସୀ, ବନବାସୀ, ଆଦିବାସୀ ଓ ଜନଜାତି କୁହାଯାଏ । ୨୦୧୧ ଜନଗଣନା ଅନୁସାରେ ଏମାନଙ୍କ ସଂଖ୍ୟା ରାଜ୍ୟ ଜନସଂଖ୍ୟାର ୨୨.୮୫ ପ୍ରତିଶତ ଏବଂ ସମଗ୍ର ଦେଶର ଜନସଂଖ୍ୟାର ୯.୭ ପ୍ରତିଶତ, ଆମ ରାଜ୍ୟରେ ୬୨ ପ୍ରକାର ଉପଜାତି ଅଛନ୍ତି । ଏମାନଙ୍କ ମଧ୍ୟରୁ ବଣଜଙ୍ଗଲ ମଧ୍ୟରେ ଆଦିମ ଅଧିବାସୀ ଭାବରେ ଜୀବନ ଯାପନ କରୁଥିବା ୧୩ ପ୍ରକାର ଉପଜାତି ଆଦିବାସୀ ବା ଜନଜାତି ଭାବେ ପରିଚିତ । ଓଡ଼ିଶାର ସବୁ ଜିଲ୍ଲା ଏହି ତଫସିଲଭୁକ୍ତ ଜାତି ଓ ଜନଜାତିଙ୍କର ବାସସ୍ଥାନ । ଜିଲ୍ଲା ଜନସଂଖ୍ୟାର ସର୍ବାଧିକ ଭାଗ ଆଦିବାସୀ (୫୭.୪ ପ୍ରତିଶତ) ମାଲକାନଗିରି ଜିଲ୍ଲାରେ ଅବସ୍ଥାନ କରୁଥିବା ବେଳେ ସର୍ବାଧିକ ଭାଗ ହରିଜନ (୨୬.୬ ପ୍ରତିଶତ) ସୋନପୁର ଜିଲ୍ଲାରେ ଅବସ୍ଥାନ କରନ୍ତି ।

ରାଜ୍ୟର ପୁନର୍ଗଠିତ ଆଠଟି କେବିକେ ଜିଲ୍ଲା ଦେଶର ସବୁଠାରୁ ଦରିଦ୍ରତମ ସ୍ଥାନ । ଏହି ଜିଲ୍ଲାଗୁଡ଼ିକରେ ୭୧.୪୦ ପ୍ରତିଶତ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ଅଛନ୍ତି । ଏହି ଜିଲ୍ଲାଗୁଡ଼ିକ ଆଦିବାସୀ ବହୁଳ । ଏହାର ମୋଟ୍ ଲୋକସଂଖ୍ୟାର ୧୬.୫ ପ୍ରତିଶତ ହେଉଛନ୍ତି ତଫସିଲଭୁକ୍ତ ଜାତି ଏବଂ ୩୭.୦୪ ପ୍ରତିଶତ ହେଉଛନ୍ତି ତଫସିଲଭୁକ୍ତ ଉପଜାତି । ଜନଜାତିମାନେ ପାରମ୍ପରିକ ଶୈଳୀରେ ଜୀବନ ଯାପନ କରୁଥିବା ହେତୁ ଶିକ୍ଷାର ଆବଶ୍ୟକତା ଉପଲବ୍ଧି କରିପାରନ୍ତି ନାହିଁ । ସେମାନଙ୍କର ନିଜସ୍ୱ ଭାଷା ଥିଲେ ମଧ୍ୟ ଲିପି ଉଦ୍ଭାବିତ ହୋଇ ନାହିଁ । ତେଣୁ ସରକାରୀ ସ୍ତରରେ ଶିକ୍ଷାର ପ୍ରସାର ପାଇଁ ଜନଜାତି ମାନଙ୍କୁ ଯେତେ ପ୍ରୋତ୍ସାହନ ଦେଲେ ମଧ୍ୟ ନିଜସ୍ୱ ଭାଷାରେ ଶିକ୍ଷାଦାନ ପଦ୍ଧତି ନଥିବାରୁ ତଥା ଜନଜାତି ରହୁଥିବା ଅଞ୍ଚଳରେ ଶିକ୍ଷକମାନେ ଅନୁପସ୍ଥିତ ରହୁଥିବାରୁ ଜନଜାତିମାନଙ୍କର ଶିକ୍ଷା ପ୍ରତି ଆଗ୍ରହ ବଢ଼ି ନାହିଁ । ଜନଜାତି ମାନଙ୍କ ପାଇଁ ବାସ୍ତବତା ଦୃଷ୍ଟିକୋଣରୁ ଗୋଟେ ପିଲା ଶିକ୍ଷା ଗ୍ରହଣ କରିବା ଅପେକ୍ଷା ସେହି ସମୟରେ ବାପମାଆଙ୍କୁ ବିଭିନ୍ନ କାର୍ଯ୍ୟରେ ସହଯୋଗ ଦେବା ଅଧିକ ଲାଭପ୍ରଦ ବୋଲି ଧରିନିଆଯାଏ । ସେମାନେ ଉଚ୍ଚାଭିଳାଷୀ ହୋଇନଥିବାରୁ ଶିକ୍ଷାର ମହତ୍ୱ ଉପଲବ୍ଧି କରିପାରନ୍ତି ନାହିଁ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେଶରେ ଏକ ପ୍ରଗତିଶୀଳ ଭିତ୍ତିଭୂମିର ବିକାଶ ପାଇଁ ବିଭିନ୍ନ ସରକାରମାନେ ସେମାନଙ୍କର ଅର୍ଥନୈତିକ ଯୋଜନା ମାଧ୍ୟମରେ ଅନୁସୂଚୀତ ଜାତି ଓ ଜନଜାତି ସଂପ୍ରଦାୟର ବ୍ୟକ୍ତିବିଶେଷଙ୍କ ଜୀବନଧାରଣର ମାନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ କରିଛନ୍ତି । ଭ୍ରାତୃତ୍ୱବୋଧ ଜରିଆରେ ସାମାଜିକ ବୈଷମ୍ୟ ଦୂର କରିବା ଲକ୍ଷ୍ୟରେ ଶିକ୍ଷାର ସାର୍ବଜନୀନକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲେ ସୁଦ୍ଧା ସାମାଜିକ ଭିତ୍ତିଭୂମିର ଆଞ୍ଚଳିକ ଅସମତା, ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ପ୍ରଶାସନିକ ସ୍ଥାଣୁତା ଏବଂ ସରକାରୀ ନିଷ୍କ୍ରିୟତା ଯୋଗୁଁ ଏ ଦିଗରେ ଆଶାନୁରୂପ ସଫଳତା ହାସଲ କରାଯାଇ ପାରିନାହିଁ । ସୂଚନାଯୋଗ୍ୟ ଯେ ସାମାଜିକ ଭିତ୍ତିଭୂମିର

ଦୁଇଟି ମୁଖ୍ୟ ଉପାଦାନ ହେଉଛି ଶିକ୍ଷା ଓ ସ୍ୱାସ୍ଥ୍ୟ । Centre for monitoring Indian Economy ଦ୍ୱାରା ଭାରତର ୧୫ଟି ବୃହତ୍ତର ରାଜ୍ୟକୁ ନେଇ ଭିତ୍ତିଭୂମିର ଅଭିବୃଦ୍ଧି ଉପରେ ହୋଇଥିବା ସର୍ବେକ୍ଷଣ ଅନୁଯାୟୀ ଓଡ଼ିଶା ୧୦୧.୪୫ ପଏଣ୍ଟ୍ ପାଇ ଦ୍ୱାଦଶ ସ୍ଥାନରେ ରହିଥିବାବେଳେ ପଞ୍ଜାବ ୧୭୧.୯୨ ପଏଣ୍ଟ ପାଇ ପ୍ରଥମ ଓ କେରଳ ୧୬୨.୪୨ ପଏଣ୍ଟ୍ ପାଇ ଦ୍ୱିତୀୟ ସ୍ଥାନରେ ଅଛି । କହିବା ପ୍ରାସଙ୍ଗିକ ମନେହୁଏ ଯେ ଆମର ପ୍ରାଥମିକ ଶିକ୍ଷା ଯେତିକି ପ୍ରୟୋଜନ, ଉଚ୍ଚଶିକ୍ଷାର ମଧ୍ୟ ସେତିକି ପ୍ରୟୋଜନ । ପ୍ରାଥମିକ ଶିକ୍ଷା ସଚେତନତା ବୃଦ୍ଧି କରିବାରେ ସାହାଯ୍ୟ କରେ, ମାଧ୍ୟମିକ ଶିକ୍ଷା ବୃତ୍ତି ନିରୂପଣ କରିବାରେ ସାହାଯ୍ୟ କରେ ଏବଂ ଉଚ୍ଚଶିକ୍ଷା ସମାଜର ଆଭିମୁଖ୍ୟ ନିୟନ୍ତ୍ରଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ । ସୁଦୃଢ଼ ସାମାଜିକ ଭିତ୍ତିଭୂମି ବିନା ସ୍ୱୟଂସଂପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା ନିରର୍ଥକ ମନେହୁଏ ।

ଶିକ୍ଷାର ବିକାଶ ପାଇଁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରୟାସ କରାଯାଉଥିବା ବେଳେ ଆମ ରାଜ୍ୟରେ ଆର୍ଥିକ ସଂସ୍କାର ଆଳରେ ଶିକ୍ଷା କ୍ଷେତ୍ରରେ ପ୍ରତିବର୍ଷ ବଜେଟ୍‌ରେ ବ୍ୟୟ ହ୍ରାସ ପାଇବାରେ ଲାଗିଛି । ହାରାହାରି ଜାତୀୟ ସ୍ତରରେ ୨୦୧୨-୧୩ରେ ମୋଟ୍ ବ୍ୟୟର ୧୬.୫ ପ୍ରତିଶତ ଶିକ୍ଷା ପାଇଁ ବ୍ୟୟ ହେଉଥିବା ବେଳେ ଓଡ଼ିଶାରେ ଏହା ୧୫.୭ ପ୍ରତିଶତ । ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଅନୁଶୀଳନ କଲେ ଜଣାଯାଏ ଯେ ସାମଗ୍ରିକ ଦୃଷ୍ଟିକୋଣରୁ ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଛି । ୧୯୫୧ ମସିହାରେ ରାଜ୍ୟ ଜନସଂଖ୍ୟାର ୧୫.୮ ପ୍ରତିଶତ ସାକ୍ଷର ଥିବାବେଳେ ୨୦୦୧ରେ ଏହା ୨୪.୩ ପ୍ରତିଶତ ଏବଂ ୨୦୧୧ରେ ଏହା ୭୩.୪୫ ପ୍ରତିଶତକୁ ବୃଦ୍ଧି ପାଇଛି । ସାକ୍ଷରତା ବୃଦ୍ଧି ଉଦ୍ଦେଶ୍ୟରେ ପ୍ରାଥମିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ହାରାହାରି ୨.୯ କି.ମି. ମଧ୍ୟରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯାଇଛି । ଗତ ଦଶନ୍ଧି ମଧ୍ୟରେ ସ୍କୁଲ୍‌କୁ ଯାଉନଥିବା (ଡ୍ରପ୍ ଆଉଟ୍) ପିଲାଙ୍କ ହାର କମିଯାଇଛି । ୨୦୦୦-୦୧ରେ ଏହା ୪୧.୮୦ ପ୍ରତିଶତ ଥିବାବେଳେ ୨୦୦୯-୧୦ରେ ଏହା ୨.୫୭ ପ୍ରତିଶତରେ ପହଞ୍ଚିଛି । ଅନୁସୂଚିତ ଜାତି ଓ ଜନଜାତି ମଧ୍ୟରେ ଏହି ହାର ଯଥାକ୍ରମେ ୪.୨୧ ଏବଂ ୬.୪୬ ପ୍ରତିଶତ । ଉଚ୍ଚ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ୨୦୦୯-୧୦ରେ ଶିକ୍ଷକ ଓ ଛାତ୍ର ଅନୁପାତ ୧:୩୭ ଥିବାବେଳେ ଜାତୀୟ ହାର ହେଉଛି ୧:୨୫ । ୨୦୦୦-୦୧ ଡ୍ରପ୍ ଆଉଟ୍ ହାର ୫୭ ଥିବାବେଳେ ୨୦୦୯-୧୦ରେ ଏହା ୮.୧୯ ପ୍ରତିଶତକୁ ହ୍ରାସ ପାଇଛି । ଅନୁସୂଚିତ ଜାତି, ଜନଜାତି ଓ ଛାତ୍ରୀମାନଙ୍କ କ୍ଷେତ୍ରରେ ତୁଳନାତ୍ମକ ଡ୍ରପ୍ ଆଉଟ୍ ହାର ସର୍ବାଧିକ । ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷଙ୍କ ତଥ୍ୟ ଅନୁଯାୟୀ ନବରଙ୍ଗପୁର ଜିଲ୍ଲାରେ ଏହି ହାର ସର୍ବାଧିକ ୧୩.୬୬ ପ୍ରତିଶତ ଥିବାବେଳେ ଜଗତସିଂହପୁର ଜିଲ୍ଲାରେ ଏହା ସର୍ବନିମ୍ନ ୪.୬୩ ପ୍ରତିଶତ । ଅନୁସୂଚିତ ବର୍ଗର ଜନଜାତି ଡ୍ରପ୍‌ଆଉଟ୍ ହାର ଭଦ୍ରକ ଜିଲ୍ଲାରେ ସର୍ବାଧିକ ୨୦.୪୬ ପ୍ରତିଶତ ଥିବା ବେଳେ ତଫିଲଭୁକ୍ତ ଜାତି କ୍ଷେତ୍ରରେ ଦେବଗଡ଼ ଜିଲ୍ଲାରେ ଏହା ସର୍ବାଧିକ ୧୫.୬୯ ପ୍ରତିଶତ । ସମୁଦାୟ ଡ୍ରପ୍ ଆଉଟ୍ ହାର ୨୦୦୧-୦୨ରେ ୬୯.୫ ପ୍ରତିଶତରୁ ହ୍ରାସ ପାଇ ୨୦୦୮-୦୯ରେ ଏହା ୫୯.୩ ପ୍ରତିଶତରେ ପହଞ୍ଚିଛି । ପିଲାମାନଙ୍କୁ ଆକୃଷ୍ଟ କରିବା ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଥିଲେ ସୁଦ୍ଧା ଡ୍ରପ୍ ଆଉଟ୍ ହାର ବୃଦ୍ଧି ପାଇବାରେ ଲାଗିଛି । ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟ ପିଲାମାନଙ୍କ ଡ୍ରପ୍ ଆଉଟ୍ ହାର ସର୍ବାଧିକ ।

ପ୍ରତ୍ୟେକ ଜନମଙ୍ଗଳ ରାଷ୍ଟ୍ରରେ ସମସ୍ତଙ୍କୁ ଶିକ୍ଷା ପ୍ରଦାନ କରିବା ସରକାରଙ୍କର ମୌଳିକ ଦାୟିତ୍ୱ । ଆମ ରାଜ୍ୟରେ ମୌଳିକ ଓ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବାରେ ସର୍ବଶିକ୍ଷା ଅଭିଯାନ ପ୍ରମୁଖ ଭୂମିକା ଗ୍ରହଣ କରିଛି । ବିଦ୍ୟାଳୟମାନଙ୍କରେ ଉପସ୍ଥାନ ବୃଦ୍ଧି, ଡ୍ରପ୍ ଆଉଟ୍ ସଂଖ୍ୟା ହ୍ରାସ ଏବଂ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟର ପିଲାମାନଙ୍କୁ ବିଦ୍ୟାଳୟକୁ ଆକୃଷ୍ଟ କରିବା ଦିଗରେ ଅସଫଳ ହୋଇଥିବା ମନେହୁଏ । ରାଜ୍ୟର ସାମଗ୍ରିକ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଏକ ବଳିଷ୍ଠ ଏବଂ ବହୁମୁଖୀ ଭିତ୍ତିଭୂମିର ଆବଶ୍ୟକତା ଯେତିକି ଗୁରୁତ୍ୱପୂର୍ଣ୍ଣ ସେମାନଙ୍କର ଜୀବନଶୈଳୀ, ରୁଚି, ସଂସ୍କୃତି ଓ ସାମାଜିକ ପରିବର୍ତ୍ତନକୁ ଅଧ୍ୟୟନ କରି ସେମାନଙ୍କୁ ଶିକ୍ଷିତ କରାଯିବା ସଙ୍ଗେ ସଙ୍ଗେ ଶିଳ୍ପୀକରଣ ଓ ବିସ୍ଥାପନ ଦ୍ୱାରା ପାରମ୍ପରିକ ବୃତ୍ତିରୁ ବିଚ୍ଛିନ୍ନ ହୋଇଥିବା ଜନଜାତିମାନଙ୍କୁ ନୂତନ ଜୀବିକା ଗ୍ରହଣରେ ଦକ୍ଷତା ଅର୍ଜନ କରିବା ପାଇଁ ସରକାରୀ ସ୍ତରରେ ବୈଷୟିକ ତାଲିମର ବନ୍ଦୋବସ୍ତ ମଧ୍ୟ ଅନୁରୂପ ତାତ୍ପର୍ଯ୍ୟପୂର୍ଣ୍ଣ । ଏଥିପାଇଁ ଏକ ସମନ୍ୱିତ ଅନ୍ତର୍ଭୁକ୍ତିକରଣ ତଫସିଲଭୁକ୍ତ ଜାତି ଓ ଜନଜାତି ଶିକ୍ଷା ବିକାଶ କାର୍ଯ୍ୟକ୍ରମର ପ୍ରଣୟନ ଏକାନ୍ତ ଜରୁରୀ ।

* ଲେଖକ ଅର୍ଥନୀତି ବିଭାଗ, ଖରସ୍ରୋତା ମହାବିଦ୍ୟାଳୟ, ସିଂହପୁର, ଯାଜପୁରଠାରେ ଜଣେ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ

# ଜାତୀୟ ସାକ୍ଷରତା ଅଭିଯାନ: ସାମଗ୍ରିକ ବିକାଶର ଏକ ବଳିଷ୍ଠ ମାଧ୍ୟମ

■ ଡଃ. ପରୀକ୍ଷିତ ସାହୁ

ସାକ୍ଷରତା ଅଭିଯାନର ଆଭିମୁଖ୍ୟ ହେଲା ସାକ୍ଷରତା। ଏହା କେବଳ ଅକ୍ଷର ଶିକ୍ଷାର ବହୁତ ଊର୍ଦ୍ଧ୍ୱରେ । ଏହା ମଣିଷକୁ ଏକ ନିର୍ଦ୍ଦିଷ୍ଟ ଭାବନା ମଧ୍ୟରେ ସୀମିତ ନରଖି ତା'ର ସୃଜନାତ୍ମକ ଚିନ୍ତାଧାରାକୁ ଜାଗ୍ରତ କରାଇଥାଏ। ଜୀବନର ବର୍ତ୍ତମାନର ସ୍ଥିତିକୁ ସୁଦୃଢ଼ କରିଥାଏ ଓ ଭବିଷ୍ୟତ ପାଇଁ ସୁରକ୍ଷାର ପନ୍ଥା ନିର୍ଦ୍ଧାରଣ କରିଥାଏ । ଏହାଦ୍ୱାରା ବ୍ୟକ୍ତି ସଚେତନ ହୁଏ, ଅଧିକାରକୁ ବୁଝେ, ନୂତନ କୌଶଳ ଆହରଣ କରେ ଓ ଆଧୁନିକତାକୁ ଗ୍ରହଣ କରିଥାଏ ।



ଶିକ୍ଷା ମଣିଷକୁ ପରିମାର୍ଜିତ କରେ ଓ ମାନବୀୟ ମୂଲ୍ୟବୋଧର ପରିପ୍ରକାଶ କରେ । ଅନ୍ଧାରରୁ ଆଲୋକ ଆଡକୁ ବାଟ ଦେଖାଏ । ବ୍ୟକ୍ତି ଓ ସମାଜକୁ ସାଂସ୍କାର ଦିଏ । ବ୍ୟକ୍ତିକୁ ଶୋଷଣରୁ ମୁକ୍ତି କରାଏ । ପ୍ରକୃତ ଶିକ୍ଷା ମଣିଷକୁ ବିଦ୍ୱାନ କରାଏ । ଶିକ୍ଷା, ଶିକ୍ଷିତ ଓ ସାକ୍ଷରତା ପରସ୍ପର ପ୍ରାୟତଃ ଛନ୍ଦାଛନ୍ଦି ହୋଇରହିଥାନ୍ତି । ଶିକ୍ଷା ପ୍ରଦାନ ନିମନ୍ତେ ସରକାର ବିଭିନ୍ନ ସ୍ତରରେ ଓ ବିଭିନ୍ନ ବୟସର ଲୋକମାନଙ୍କ ପାଇଁ ବ୍ୟବସ୍ଥା କରିଆସୁଛନ୍ତି । ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ସରକାରଙ୍କର ସହଯୋଗରେ ୬ରୁ ୧୪ବର୍ଷ ବୟସର ସମସ୍ତ ପିଲାମାନଙ୍କ ପାଇଁ ଶିକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଯଥା ଡିପିଇପି, କଳାପଟା ଅଭିଯାନ, ସର୍ବଶିକ୍ଷା ଅଭିଯାନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପ୍ରଚଳନ କରିଛନ୍ତି । ଏହାକୁ ଅଧିକ ବ୍ୟାପକ କରିବା ପାଇଁ ସଂପ୍ରତି ସରକାର ଶିକ୍ଷା ଅଧିକାର ଆଇନକୁ ପୂର୍ଣ୍ଣମାତ୍ରାରେ ମାନ୍ୟତା ପ୍ରଦାନ କରିଛନ୍ତି ।

ଆମ ଭାରତରେ ଅନେକ ଲୋକ ଅଛନ୍ତି ଯେଉଁମାନେ ଆଦୌ ଅକ୍ଷର ଶିଖିନାହାନ୍ତି । ସେମାନଙ୍କୁ ଆମେ ସାଧାରଣତଃ ନିରକ୍ଷର ବୋଲି କହିଥାଉ । ଏମାନଙ୍କ ବ୍ୟତୀତ ଆହୁରି କେତେକ ଲୋକ ଆମ ସମାଜରେ ଅଛନ୍ତି ଯେଉଁମାନଙ୍କ ମଧ୍ୟରୁ କିଏ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି ବା କିଏ ଅଧାରୁ ପାଠ ଛାଡିଛନ୍ତି । ଏମାନଙ୍କ ଭିତରୁ କାହାର ବୟସ ୧୫ ବର୍ଷରୁ ଅଧିକ ତ କାହାର ବୟସ ପ୍ରାୟତଃ ୩୫ରୁ ୪୦ବର୍ଷ । ତେଣୁ ଏହିଭଳି ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ସରକାର ଜାତୀୟ ସାକ୍ଷରତା ଅଭିଯାନ ମାଧ୍ୟମରେ ପ୍ରୌଢ଼ ଶିକ୍ଷାର ପ୍ରଚଳନ କରିଛନ୍ତି ।

ସାକ୍ଷରତା ଅଭିଯାନର ଆଭିମୁଖ୍ୟ ହେଲା ସାକ୍ଷରତା। ଏହା କେବଳ ଅକ୍ଷର ଶିକ୍ଷାର ବହୁତ ଊର୍ଦ୍ଧ୍ୱରେ । ଏହା ମଣିଷକୁ ଏକ ନିର୍ଦ୍ଦିଷ୍ଟ ଭାବନା ମଧ୍ୟରେ ସୀମିତ ନରଖି ତା'ର ସୃଜନାତ୍ମକ ଚିନ୍ତାଧାରାକୁ ଜାଗ୍ରତ କରାଇଥାଏ। ଜୀବନର ବର୍ତ୍ତମାନର ସ୍ଥିତିକୁ ସୁଦୃଢ଼ କରିଥାଏ ଓ ଭବିଷ୍ୟତ ପାଇଁ ସୁରକ୍ଷାର ପନ୍ଥା ନିର୍ଦ୍ଧାରଣ କରିଥାଏ । ଏହାଦ୍ୱାରା ବ୍ୟକ୍ତି ସଚେତନ ହୁଏ, ଅଧିକାରକୁ ବୁଝେ, ନୂତନ କୌଶଳ ଆହରଣ କରେ ଓ ଆଧୁନିକତାକୁ ଗ୍ରହଣ କରିଥାଏ । ଆମ ଦେଶରେ ଥିବା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ମାନଙ୍କରେ ସାକ୍ଷରତାର ହାର ଅନ୍ୟ ଅଞ୍ଚଳ ତୁଳନାରେ ମାତ୍ରାଧିକ ଭାବରେ ବହୁତ କମ୍ । ୨୦୧୧ ଜନଗଣନା ଅନୁସାରେ ଆମ ଦେଶରେ ସାକ୍ଷରତା ହାର ୭୪.୦୪% ଥିଲାବେଳେ, ଆଦିବାସୀ ସାକ୍ଷରତା ହାର ୪୭.୧୦% । ପୁନଶ୍ଚ ଆଦିବାସୀ ମହିଳାଙ୍କ ସାକ୍ଷରତା ହାର ଅନେକ ପଛରେ, ଯାହାକି ଶତକଡା ୧୮.୧୯% । ଯଦି ଆମେ ଓଡ଼ିଶା ସମ୍ପର୍କରେ ଆଲୋଚନା କରିବା, ତେବେ ଏଠାରେ ଆଦିବାସୀ ମହିଳା ସାକ୍ଷରତା ହାର ମାତ୍ର ୧୦.୬୧% । ଯଦିଓ ଏହା ଏକ ସାମଗ୍ରିକ ଅଙ୍କ ଓ ଅଧିକାଂଶ ଆଦିବାସୀ ଗ୍ରାମରେ ଗଣନା କଲେ ଏହାର ହାର ପ୍ରାୟତଃ ୦ରୁ ୫ ଶତକଡା ବୋଲି ଜଣାଯିବ । ଏହି ନିରକ୍ଷରତା ଆଦିବାସୀ ଲୋକମାନଙ୍କର ଜୀବନଧାରାକୁ ଅନେକାଂଶରେ ପ୍ରଭାବିତ କରୁଛି । ଏଥିସକାଶେ ସେମାନଙ୍କର ଗୁଣାତ୍ମକ ଜୀବନଧାରଣର ଶୈଳୀ ବାଧାପ୍ରାପ୍ତ ହେଉଛି। ସ୍ୱାସ୍ଥ୍ୟବସ୍ଥାର ଅବନତି ଘଟିବା ସଙ୍ଗେ ସଙ୍ଗେ ଜୀବନଜୀବିକା ବିପର୍ଯ୍ୟସ୍ତ ହେଉଛି । ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ସେମାନଙ୍କଠାରେ ଉପଯୁକ୍ତ ଦକ୍ଷତାର ଅଭାବ ପରିଲକ୍ଷିତ ହେଉଛି । ସାମାଜିକ, ଆର୍ଥିକ ଓ ରାଜନୈତିକ କ୍ଷେତ୍ରରେ ସେମାନଙ୍କର ଭାଗିଦାରି ହ୍ରାସ ପାଉଛି । ତେଣୁ ବିଶେଷକରି ଆମ ଦେଶରେ ଯେହେତୁ ସାକ୍ଷରତା ହାର ଆଦିବାସୀଙ୍କ କ୍ଷେତ୍ରରେ ଅନେକ କମ୍, ତେଣୁ ସେମାନଙ୍କୁ ସଶକ୍ତିକରଣ କରିବାକୁ ହେଲେ ସେମାନଙ୍କର ସାକ୍ଷରତା ହାର ବୃଦ୍ଧିକରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପଡିବ ।

ସାକ୍ଷରତା ଓ ଧନ୍ଦାମୂଳକ ଶିକ୍ଷା ଅନେକାଂଶରେ ପରସ୍ପର ପରିପୂରକ ଓ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି । ତେଣୁ ନୂତନ ଭାବେ ସାକ୍ଷର ହୋଇଥିବା ଲୋକଙ୍କର ଜୀବନଜୀବିକା ସହିତ ସଂଶ୍ଳିଷ୍ଟ ଥିବା ଅନେକ ଅସମାହିତ ପ୍ରଶ୍ନ ସବୁକୁ ସାକ୍ଷରତା, ସମାଧାନର ଖୋରାକ ଯୋଗାଇବାର ମାଧ୍ୟମ ହେବ ବୋଲି ଏହି ଅଭିଯାନର ଅଭିପ୍ରାୟ ରହିଛି । ସାକ୍ଷର ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଥିବା ପାରମ୍ପରିକ ଜ୍ଞାନକୌଶଳ ସହିତ ସାକ୍ଷରତା ଅଭିଯାନ ପ୍ରଣାଳୀର ସମନ୍ୱୟ ମଧ୍ୟ ହେବା ଉଚିତ ।

ସଂପ୍ରତି ଜାତୀୟ ସାକ୍ଷରତା ଅଭିଯାନ ୫ଟି ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଗୁରୁତ୍ୱ ଦେଇଆସୁଛି । ସେଥିମଧ୍ୟରୁ ନିର୍ବାଚନଜନିତ ସାକ୍ଷରତା, ବିତ୍ତୀୟ ସାକ୍ଷରତା, ଆଇନଗତ ସାକ୍ଷରତା, ବିପର୍ଯ୍ୟୟ ପରିଚାଳନାଗତ ସାକ୍ଷରତା ଏବଂ ସାକ୍ଷର ଭାରତ କାର୍ଯ୍ୟକ୍ରମ ଅନ୍ୟତମ । ଏହି ସାକ୍ଷର ଭାରତ କାର୍ଯ୍ୟକ୍ରମର ଲକ୍ଷ୍ୟଗୁଡ଼ିକ ହେଲା- ୧୫ବର୍ଷରୁ ଅଧିକ ବୟସ୍କ ନିରକ୍ଷର ମହିଳା ବା ପୁରୁଷଙ୍କ ମଧ୍ୟରୁ ଶତକଡା ୮୦ଭାଗ ଲୋକଙ୍କୁ ସାକ୍ଷର କରାଇବା । ୭ କୋଟି ନିରକ୍ଷର ଲୋକଙ୍କୁ ସାକ୍ଷର କରିବା ସହିତ ସେମାନଙ୍କ ମଧ୍ୟରୁ ୬ କୋଟି ମହିଳାଙ୍କୁ ସାକ୍ଷର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା । ମହିଳା ଓ ପୁରୁଷମାନଙ୍କ ମଧ୍ୟରେ ଥିବା ସାକ୍ଷରତା ହାରର ଅନ୍ତର ହ୍ରାସ କରାଇବା। ଆଞ୍ଚଳିକ ବୈଷମ୍ୟ ଦୂରକରିବା ସହିତ ୭ କୋଟି ନିରକ୍ଷରଙ୍କ ମଧ୍ୟରୁ ୧.୪୦କୋଟି ଅନୁସୂଚିତ ଜାତି, ୮୦ଲକ୍ଷ ଅନୁସୂଚିତ ଜନଜାତି ଓ ୧.୨୦ କୋଟି ମୁସଲମାନଙ୍କୁ ଏହି ଅଭିଯାନ ମାଧ୍ୟମରେ ଅଗ୍ରାଧିକାର ଭିତ୍ତିରେ ଶିକ୍ଷିତ କରାଇବା, ବୃତ୍ତିଗତ ଜ୍ଞାନକୌଶଳର ପ୍ରୟୋଗ କରି ନବସାକ୍ଷର ମାନଙ୍କର ଆର୍ଥିକ ସ୍ଥିତିର ସୁଧାରିକରଣ କରାଇବା ସହ ଏକ ସୁସ୍ଥ ଓ ଶିକ୍ଷିତ ସମାଜ ଗଠନ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ଉପରୋକ୍ତ ଲକ୍ଷ୍ୟ ସହିତ ଲୋକମାନଙ୍କ ମନରେ ଆଜୀବନଶିଖିବାର ଭାବନା ସୃଷ୍ଟିକରିବା ପାଇଁ ଏକ ମାଧ୍ୟମ ପ୍ରସ୍ତୁତ କରିବା ସହ ଦେଶରେ ଏକ ଅଧ୍ୟୟନଶୀଳ ସମାଜ ଗଠନ କରିବା ଏହି ଅଭିଯାନର ଆଉ ଏକ ଉଦ୍ଦେଶ୍ୟ ମଧ୍ୟ ।

ରାଷ୍ଟ୍ରୀୟ ସାକ୍ଷରତା ଅଭିଯାନ ମାଧ୍ୟମରେ ଏବେ ଆମ ଦେଶର ୨୫ଟି ରାଜ୍ୟରେ ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ରମାନ ପ୍ରତିଷ୍ଠା ହୋଇଛି। ଏଥିସକାଶେ କେନ୍ଦ୍ର ସରକାର କେତେକ ଅଣଆନୁଷ୍ଠାନିକ ସଂସ୍ଥାମାନଙ୍କ ଜରିଆରେ ମଧ୍ୟ କେତେକ ରାଜ୍ୟ ସାଧନ କେନ୍ଦ୍ର ପରିଚାଳନା କରୁଛନ୍ତି । ଏହି ରାଜ୍ୟ ସାଧନ କେନ୍ଦ୍ରର ମୂଳଲକ୍ଷ୍ୟ ଗୁଡ଼ିକ ହେଲା, ସାକ୍ଷରତା କାର୍ଯ୍ୟକ୍ରମ ପାଇଁ ବୈଷୟିକ ଓ ଶିକ୍ଷାଗତ ତାଲିମ ପ୍ରଦାନ କରିବା, ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି, ପ୍ରକାଶନ ଓ ମୁଦ୍ରଣ କରିବା, ଗବେଷଣା ଓ ମୂଲ୍ୟାୟନ ଆଦି କାର୍ଯ୍ୟ ସମ୍ପାଦନ କରିବା । ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ଏହି ଜନଶିକ୍ଷା ସାଧନ କେନ୍ଦ୍ରକୁ ୧୧ଟି ସାକ୍ଷର ଭାରତ ଜିଲ୍ଲାରେ କାର୍ଯ୍ୟ କରିବାକୁ ଦାୟିତ୍ୱ ଦିଆଯାଇଛି। ୨୦୧୧ ଜନଗଣନା ଅନୁସାରେ ସେହି ଜିଲ୍ଲାଗୁଡ଼ିକର ତାଲିକା ଓ ସାକ୍ଷରତା ହାର ନିମ୍ନରେ ଦର୍ଶାଯାଇଛି । ସେଗୁଡିକ ହେଲା- ଗଜପତି (୪୩.୫୯%), କନ୍ଧମାଳ (୫୨.୪୬%), ରାୟଗଡ଼ା (୩୯.୮୭%), ବଲାଙ୍ଗୀର (୫୩.୭୭%), ନୂଆପଡା (୪୫.୨୧%), କଳାହାଣ୍ଡି (୪୭.୨୭%), ନବରଙ୍ଗପୁର (୩୭.୨୨%), କୋରାପୁଟ



(୩୮.୯୫%), ମାଲକାନଗିରି (୩୮.୯୫%), ଅନୁଗୁଳ (୭୦.୪୪%) ଏବଂ ସମ୍ବଲପୁର (୬୮.୪୭%) । ଏହି କାର୍ଯ୍ୟକ୍ରମ ସାଧାରଣତଃ ଉପରୋକ୍ତ ଜିଲ୍ଲାମାନଙ୍କରେ ଥିବା ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ସଂପ୍ରଦାୟ ଓ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ । ଏମାନଙ୍କ ପାଇଁ ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର ବିଭିନ୍ନ କ୍ରିୟାକଳାପ ପରିଚାଳନା କରିଆସୁଛି ।ଏହି କେନ୍ଦ୍ର ମାଧ୍ୟମରେ ସାକ୍ଷରତା ସମ୍ପର୍କିତ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି, କାର୍ଯ୍ୟକ୍ରମ ଭିତ୍ତିକ ଲେଖା, ପୁସ୍ତିକା, ତଥ୍ୟଫର୍ଦ୍ଦ ଇତ୍ୟାଦିର ପ୍ରକାଶନ ଓ ପ୍ରସାରଣ, ସୃଜନାତ୍ମକ କାର୍ଯ୍ୟକ୍ରମ ତଥା ସାକ୍ଷରତା ସମ୍ବଳିତ ଗବେଷଣା ଓ ସମୀକ୍ଷା କାର୍ଯ୍ୟକାରୀ ହୋଇଆସୁଛି ।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାର୍ଥୀ ମାନଙ୍କର ଶିକ୍ଷା ଓ ୩୦୦ ଘଣ୍ଟାର ସମୟସୀମା ରଖାଯାଇଛି । ଶିକ୍ଷାର୍ଥୀମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନକରି ସେମାନଙ୍କର ଶିକ୍ଷଣ ସ୍ତରକୁ ଅନ୍ତତଃ ତୃତୀୟ ଶ୍ରେଣୀର ସ୍ତର ସହିତ ସମାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଆନୁଷ୍ଠାନିକ ଭାବେ ବିଦ୍ୟାଳୟର ଶିକ୍ଷା ସହିତ ଏହି ଶିକ୍ଷାକୁ ସମାନ ଦୃଷ୍ଟିକୋଣରୁ ମଧ୍ୟ ବିଚାର କରାଯାଉଛି । ଏହା ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷାସଂସ୍ଥା (NIOS)ଙ୍କ ସହଯୋଗରେ ପରିଚାଳନା କରିବାର ବ୍ୟବସ୍ଥା ଅଛି ।

**ସାକ୍ଷରତା ଓ ଧନ୍ଦାମୂଳକ ଶିକ୍ଷା ଅନେକାଂଶରେ ପରସ୍ପର ପରିପୂରକ ଓ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି । ତେଣୁ ନୂତନ ଭାବେ ସାକ୍ଷର ହୋଇଥିବା ଲୋକଙ୍କର ଜୀବନଜୀବିକା ସହିତ ସଂଶ୍ଳିଷ୍ଟ ଥିବା ଅନେକ ଅସମାହିତ ପ୍ରଶ୍ନ ସବୁକୁ ସାକ୍ଷରତା, ସମାଧାନର ଖୋରାକ ଯୋଗାଇବାର ମାଧ୍ୟମ ହେବ ବୋଲି ଏହି ଅଭିଯାନର ଅଭିପ୍ରାୟ ରହିଛି ।**

ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଏହି ଅଭିଯାନର ମଧ୍ୟ ଅନ୍ୟଏକ ଅଂଶ । ଏହା ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କ ପାଇଁ ଗ୍ରାମ ପଞ୍ଚାୟତ ସ୍ତରରେ ଲୋକ ଶିକ୍ଷା କେନ୍ଦ୍ରମାନ ସ୍ଥାପନ କରାଯିବାର ବ୍ୟବସ୍ଥା କରାଯାଇଛି। ଉକ୍ତ କେନ୍ଦ୍ରରେ ସହାୟକ ପୁସ୍ତିକା, ପତ୍ର ପତ୍ରିକା, ସୂଚନା ପତ୍ରିକା, ସମ୍ବାଦ ପତ୍ର ଉପଲବ୍ଧ କରାଇବାର ବ୍ୟବସ୍ଥା ମଧ୍ୟ ଅଛି। ପାଠାଗାର ସ୍ଥାପନ, ଆଲୋଚନା ଚକ୍ର ଓ କର୍ମଶାଳା ଆୟୋଜନ କରାଇବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏତଦ୍ ବ୍ୟତୀତ ଶିକ୍ଷା ବ୍ୟବସ୍ଥାକୁ ଆହୁରି ଅଧିକ ଆକର୍ଷକ, ମନୋମୁଗ୍ଧକର ଓ ରସାଳ କରାଇବା ନିମନ୍ତେ ବିଭିନ୍ନ ପ୍ରକାରର ଖେଳକୁଦ, ସଂଗୀତାଦି ମନୋରଞ୍ଜନ ଧର୍ମୀ  କାର୍ଯ୍ୟକ୍ରମ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଇବାର ପ୍ରଯତ୍ନ ମଧ୍ୟ କରାଯାଉଛି।

ପରିଶେଷରେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଏତିକି କୁହାଯାଇପାରେ ଯେ ଦେଶର ସାକ୍ଷରତା ହାର ବୃଦ୍ଧି ଓ ଦେଶର ଅଭିବୃଦ୍ଧି ତଥା ବିକାଶ କରିବା ଲାଗି ସରକାରଙ୍କର ଏହା ଏକ ସ୍ୱାଗତଯୋଗ୍ୟ ପ୍ରୟାସ। ଏହି ସାକ୍ଷରତା ଅଭିଯାନକୁ ଲୋକାଭୀମୁଖୀ ଓ ଫଳପ୍ରଦ କରିବା ପାଇଁ ପ୍ରତ୍ୟେକ ସ୍ତରରେ ଓ ପ୍ରତ୍ୟେକଙ୍କର ସମର୍ପଣର ଆବଶ୍ୟକତା ରହିଛି। କେବଳ ସରକାର ଚାହିଁଲେ ଦେଶରୁ ନିରକ୍ଷରତା ବ୍ୟାଧି ଦୂର ହୋଇପାରିବ ନାହିଁ। ଏଥି ସକାଶେ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଛି। ଓଡ଼ିଶା ବା ଭାରତ ବର୍ଷରେ ସାକ୍ଷରତାକୁ ଏକ କାର୍ଯ୍ୟକ୍ରମରେ ସୀମିତ ନରଖି ଏହାକୁ ସମସ୍ତଙ୍କର ଏକ ମୌଳିକ ଦାୟୀତ୍ୱବୋଧ ବୋଲି ବିଚାର  କରିବାକୁ ହେବ। ଏହାକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ପଡ଼ିବ। ସମସ୍ତଙ୍କର ଭାଗୀଦାରିକୁ ନିଶ୍ଚିତ କରି ସମସ୍ତଙ୍କୁ କେତେକ ନିର୍ଦ୍ଦିଷ୍ଟ ଦାୟିତ୍ୱ ବହନ କରିବାକୁ ହେବ।

* ଲେଖକ ଜଣେ ଶିକ୍ଷାବିତ୍ ।



Unfiled Notes Page 62

# ପାଠ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଜୀବନ-କଳାକୌଶଳ ବିକାଶ

■ ପ୍ରଫେସର ଅମୂଲ୍ୟ କୁମାର ପଣ୍ଡା

**ତେବେ ସମୟକ୍ରମେ ବିଭିନ୍ନ କାରଣରୁ ମୂଲ୍ୟବୋଧରେ ପରିବର୍ତ୍ତନ ଦେଖାଦେଇଛି; ଏଥିରେ ଅବକ୍ଷୟ ଦେଖାଦେଇଛି। ପ୍ରକୃତରେ ମୌଳିକ ମୂଲ୍ୟବୋଧରେ ଅବକ୍ଷୟ ଘଟେ ନାହିଁ, ଅବକ୍ଷୟ ଘଟିଛି ମୂଲ୍ୟବୋଧ ସମ୍ପର୍କରେ ଆମ ଅବବୋଧରେ। ଏହା ସମ୍ପ୍ରତି ଏତେ ଉତ୍କଟ ଯେ ଆମ ସମାଜ ଅବିଶ୍ୱସନୀୟ ଭାବେ ଭଙ୍ଗୁର ବୋଲି ମନେ ହେଉଛି; ବିଭିନ୍ନ ସାମାଜିକ ବ୍ୟବସ୍ଥା ସମେତ ସମାଜର ମୂଳଦୁଆ ଭୁଶୁଡ଼ିବାରେ ଲାଗିଛି। ସଂସ୍କୃତି ଓ ପରମ୍ପରା ଅନୁଯାୟୀ କାହିଁ କେତେ ଯୁଗ ଧରି ରହି ଆସିଥିବା 'ବସୁଧୈବ କୁଟୁମ୍ବକମ୍' ବାର୍ତ୍ତା ଆଜି ତା'ର ପ୍ରାସଙ୍ଗିକତା ହରାଇଲା ପରି ଲାଗୁଛି।**



ବୈଜ୍ଞାନିକମାନଙ୍କ ମତରେ ଧରାପୃଷ୍ଠରେ ମାନବ ଜାତି (human species)ର ଉଦ୍ଭବ ଘଟିଛି ପ୍ରାୟ ୧୫-୨୦ ଲକ୍ଷ ବର୍ଷ ପୂର୍ବେ। ଅନ୍ୟ ସବୁ ଜୀବଙ୍କ ପରି ମଣିଷ ମଧ୍ୟ ପ୍ରକୃତିମାତାର ନିର୍ଦ୍ଦେଶରେ ଚାଲିଥିବା ଜୈବିକ ବିବର୍ତ୍ତନ (organic evolution) ପ୍ରକ୍ରିୟାର ଏକ ସର୍ଜନା। ଉଦ୍ଭବ ପରଠାରୁ ବହୁ ବର୍ଷ ଧରି ଯାଯାବର-ଜୀବନ ଯାପନ କରୁଥିବା ମଣିଷ ପ୍ରାୟ ୧୦,୦୦୦-୧୨,୦୦୦ ବର୍ଷ ତଳେ କୃଷିକୁ ଆପଣାଇଥିଲା। ଏହା ପରେ ସମୟକ୍ରମେ ମାନବ ସମାଜର ମୂଳଦୁଆ ପଡ଼ିଥିଲା। ଆରମ୍ଭରେ ଏହା ଏକ ମୂଲ୍ୟବୋଧ-ନିରପେକ୍ଷ ଜନସମାଗମ ହିଁ ଥିଲା। ପରେ ଏହା ବହୁ ବ୍ୟବସ୍ଥାଯୁକ୍ତ ତଥା ମୂଲ୍ୟବୋଧ-ଭିତ୍ତିକ ଏକ ସଂସ୍ଥାର ରୂପ ନେଇଛି। ଜୀବନକୁ ଅଧିକ ସହଜ, ସରସ ଓ ସୁଖମୟ କରିବାର ଉଦ୍ୟମ ଜାରି ରଖିଥିବା ଅବସରରେ ମଣିଷ କେବଳ ନିଜ ବିଷୟରେ ଭାବିବା ବଦଳରେ ତା' ଚାରିପାଖର ଲୋକ, ଅନ୍ୟ ସବୁ ଜୀବ ଏବଂ ପ୍ରାକୃତିକ ଉପାଦାନ ଉପରେ ଅଧିକ ଦୃଷ୍ଟି ଦେବା ଆରମ୍ଭ କଲା। ନିଜର ହିତ ସହ ଅନ୍ୟର ହିତ ପାଇଁ କ'ଣ ସବୁ କରଣୀୟ ଓ କ'ଣ ଅକରଣୀୟ ତାହା ଜାଣିବା ଉଦ୍ୟମ କଲା; ଶିକ୍ଷିତ ଓ ସଭ୍ୟ ହେବାକୁ ଲାଗିଲା ଏବଂ ପ୍ରେୟଃ ଓ ଶ୍ରେୟଃ ଭିତରର ପାର୍ଥକ୍ୟ ହୃଦୟଙ୍ଗମ କଲା। ତଦନୁଯାୟୀ ସୁଶୃଙ୍ଖଳ ଜୀବନଶୈଳୀ ଓ ଜୀବନଚର୍ଯ୍ୟାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ନୀତିନିୟମମାନ ପ୍ରଣୟନ କଲା ଓ ପାଳିବାକୁ ଲାଗିଲା। ଧୀରେଧୀରେ ଏକ ସୁସ୍ଥ ସଭ୍ୟ ସମାଜ ଗଠନ ସମ୍ଭବ ହେଲା। ସ୍ନେହ, ପ୍ରେମ, ମମତା, ଅନୁରାଗ, ସାହଚର୍ଯ୍ୟ, ସହଯୋଗ, ଆନୁଗତ୍ୟ, ସମ୍ବେଦନା, ତ୍ୟାଗ, ସେବା, କର୍ତ୍ତବ୍ୟବୋଧ, ନିଷ୍ଠା ପରି ବିବିଧ ମାନବୀୟ ମୂଲ୍ୟବୋଧକୁ ଭିତ୍ତି କରି ଏକ ସାମାଜିକ ପ୍ରାଣୀ ଭାବେ ତା'ର ଜୀବନ ସଂଗ୍ରାମ ଚାଲୁରଖିଲା। ଜୀବତାତ୍ତ୍ୱିକ, ମନସ୍ତାତ୍ତ୍ୱିକ ଓ ସାମାଜିକ-ସାଂସ୍କୃତିକ ଦୃଷ୍ଟିକୋଣରୁ କ୍ରମଶଃ ମଣିଷ ଏକ ଜୈବ-ମନସ୍ତାତ୍ତ୍ୱିକ-ସାମାଜିକ ସାଂସ୍କୃତିକ ସଂସ୍ଥା (Bio-psychosocio-cultural system)ରେ ପରିଣତ ହୋଇଯାଇଛି।

ତେବେ ସମୟକ୍ରମେ ବିଭିନ୍ନ କାରଣରୁ ମୂଲ୍ୟବୋଧରେ ପରିବର୍ତ୍ତନ ଦେଖାଦେଇଛି; ଏଥିରେ ଅବକ୍ଷୟ ଦେଖାଦେଇଛି। ପ୍ରକୃତରେ ମୌଳିକ ମୂଲ୍ୟବୋଧରେ ଅବକ୍ଷୟ ଘଟେ ନାହିଁ,



Unfiled Notes Page 63

ଅବକ୍ଷୟ ଘଟିଛି ମୂଲ୍ୟବୋଧ ସମ୍ପର୍କରେ ଆମ ଅବବୋଧରେ। ଏହା ସମ୍ପ୍ରତି ଏତେ ଉତ୍କଟ ଯେ ଆମ ସମାଜ ଅବିଶ୍ୱସନୀୟ ଭାବେ ଭଙ୍ଗୁର ବୋଲି ମନେ ହେଉଛି; ବିଭିନ୍ନ ସାମାଜିକ ବ୍ୟବସ୍ଥା ସମେତ ସମାଜର ମୂଳଦୁଆ ଭୁଶୁଡ଼ିବାରେ ଲାଗିଛି। ସଂସ୍କୃତି ଓ ପରମ୍ପରା ଅନୁଯାୟୀ କାହିଁ କେତେ ଯୁଗ ଧରି ରହି ଆସିଥିବା 'ବସୁଧୈବ କୁଟୁମ୍ବକମ୍' ବାର୍ତ୍ତା ଆଜି ତା'ର ପ୍ରାସଙ୍ଗିକତା ହରାଇଲା ପରି ଲାଗୁଛି। ମଣିଷ ଅଧିକରୁ ଅଧିକ ସ୍ୱାର୍ଥପର ଓ ସଙ୍କୀର୍ଣ୍ଣ ହୋଇଯାଉଛି। ଟେକ୍ନୋଲଜିସର୍ବସ୍ୱ ଜୀବନଧାରା, ଆତଙ୍କବାଦ, ଯୁଦ୍ଧ, ଛିନ୍ନ ପାରସ୍ପରିକ ତଥା ସାମାଜିକ ସମ୍ପର୍କ ଆଦିର ପ୍ରାଦୁର୍ଭାବ ସ୍ପଷ୍ଟ ଜଣାଯାଉଛି। ଏହା ମାନବ ଜାତି ସମେତ ସମଗ୍ର ଜୀବମଣ୍ଡଳ ପାଇଁ ଘୋର ସଙ୍କଟର ବାର୍ତ୍ତା ବହନ କରୁଛି। ପ୍ରଦୂଷଣ, ବିଶ୍ୱତାପନ, ବିଶ୍ୱ ଜଳବାୟୁରେ ଅବାଞ୍ଛିତ ପରିବର୍ତ୍ତନ ତଥା କ୍ରମବର୍ଦ୍ଧିଷ୍ଣୁ ପ୍ରାକୃତିକ ବିପର୍ଯ୍ୟୟ (ଆଦ୍ୟ ଡିସେମ୍ବରରେ ଆମ ରାଜ୍ୟରେ ବସନ୍ତର ଆଗମନ ବା ତାମିଲନାଡୁରେ ବନ୍ୟାପ୍ଲାବନ ଏବଂ ପ୍ରଦୂଷଣ ଯୋଗୁଁ "ବେଜିଂ ବେହାଲ" ବା "ଦିଲ୍ଲୀରେ ୧୫ ଦିନ ପାଇଁ ସ୍କୁଲ୍ ବନ୍ଦ" ଆଦି) ଏହି ବିପଦର ବଳିଷ୍ଠ ସଙ୍କେତ ନୁହେଁ କି?

ଏହି ପୃଷ୍ଠଭୂମିରେ ସୁସ୍ଥ, ସୁଦୃଢ଼ ଓ ସୁଶୃଙ୍ଖଳିତ ସମାଜର ପୁନର୍ଗଠନ ଆମ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ମାନବୀୟ ମୂଲ୍ୟବୋଧ ପ୍ରତି ଆମର ଆସ୍ଥା ଓ ପ୍ରତିଶ୍ରୁତିବଦ୍ଧତା ପୁନର୍ବାର ପ୍ରକଟ କରି ଆମର ମାନସିକତା ଓ ଜୀବନଶୈଳୀରେ ବିପ୍ଳବାତ୍ମକ ପରିବର୍ତ୍ତନ ବିନା ନୂତନ ସମାଜର ସ୍ୱପ୍ନ ସାକାର ହେବ ନାହିଁ। କହିବା ବାହୁଲ୍ୟ ଯେ ଏଥିରେ ଶିକ୍ଷାର, ବିଶେଷକରି ମୂଲ୍ୟବୋଧ-ଭିତ୍ତିକ ଶିକ୍ଷାର ଭୂମିକା ରହିଛି। ତା' ସହ ପାଠ୍ୟକ୍ରମ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କର ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶର ମଧ୍ୟ ଯଥେଷ୍ଟ ମହତ୍ତ୍ୱ ରହିଛି। ଆଦ୍ୟ ଜୀବନରୁ ଆମ ଛାତ୍ରଛାତ୍ରୀ ନିଜର ସକାରାତ୍ମକ ସାମର୍ଥ୍ୟ ଏବଂ ନକାରାତ୍ମକ ଦୁର୍ବଳତା ପ୍ରତି ସଚେତନ ରହି ନିଜକୁ ଗଢ଼ିବାର ସଫଳ ଉଦ୍ୟମ କଲେ ସାମାଜିକ ଜୀବନରେ ଉନ୍ନତି ସମ୍ଭବ ହେବ। ମନେ ରଖିବା କଥା, ଶିକ୍ଷାଦାନ ପାଇଁ କେବଳ ଶିକ୍ଷକ ସମୁଦାୟ ଉତ୍ତରଦାୟୀ ବୋଲି ଧରିନେବା ସ୍ପୃହଣୀୟ ନୁହେଁ। ଏହି ମହତ୍ କାର୍ଯ୍ୟରେ ମାତାପିତା ଓ ପରିବାର ଏବଂ ସାମୁହିକ ଭାବେ ଶିକ୍ଷାବ୍ୟବସ୍ଥା, ସରକାର ତଥା ସମାଜର ଭୂମିକା ରହିଛି, ପ୍ରଭାବ ମଧ୍ୟ ରହିଛି। ଶିକ୍ଷକଙ୍କୁ 'କେନ୍ଦ୍ର ବିନ୍ଦୁ' ଭାବେ ବିଚାର କରିବା ଓ ସେମାନେ ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କରିବାରେ ଅନ୍ୟ ସମସ୍ତେ ସହାୟକ ହେବା - ଏହା ଫଳପ୍ରସୂ ଶିକ୍ଷାଦାନର ମୂଳମନ୍ତ୍ର ବୋଲି ସମସ୍ତଙ୍କର ହୃଦ୍‌ବୋଧ ହେବା ବାଞ୍ଛନୀୟ।

ପ୍ରଶ୍ନ ଉଠେ, 'ଶିକ୍ଷା' କହିଲେ ଆମେ କ'ଣ ବୁଝୁ ? ସାମ୍ପ୍ରତିକ ଚିନ୍ତାଧାରା ଓ ବ୍ୟବସ୍ଥାକୁ ଦେଖିଲେ ସ୍ୱତଃ ଜଣାଯାଏ ଯେ ଶିକ୍ଷା ହେଉଛି ଜୀବିକା ଉପାର୍ଜନର ଏକ ମାଧ୍ୟମ ମାତ୍ର ! ଶିକ୍ଷାର ଲକ୍ଷ୍ୟ ଏତିକିରେ ସୀମିତ ହୋଇ ରହିବା ବାସ୍ତବିକ୍ ଦୁର୍ଭାଗ୍ୟଜନକ। ଶିକ୍ଷାର ଲକ୍ଷ୍ୟ ବ୍ୟାପକ ଓ ଏହାର ପ୍ରଭାବ ସୁଦୂରପ୍ରସାରୀ। ଏହା ବ୍ୟକ୍ତିର ଶରୀର, ମେଧା, ମନ ଓ ହୃଦୟର ସମ୍ପୂର୍ଣ୍ଣ ବିକାଶ ପାଇଁ ଉଦ୍ଦିଷ୍ଟ। ଅର୍ଥାତ୍ ବ୍ୟକ୍ତିର ଆଙ୍ଗିକ, ଆବେଗିକ, ବିବେକଗତ ଓ ଆତ୍ମିକ ଉତ୍ତରଣ ହେଉଛି ଶିକ୍ଷାର ଲକ୍ଷ୍ୟ। ତା'ଛଡ଼ା ଶିକ୍ଷା ଜରିଆରେ ବ୍ୟକ୍ତିକୁ ନିଜର ଜୀବିକା ଅର୍ଜନ ପାଇଁ ସମର୍ଥ କରିବା ଆବଶ୍ୟକ; ଅର୍ଥାତ୍ କୌଣସି ନା କୌଣସି କ୍ଷେତ୍ରରେ ତାକୁ ଦକ୍ଷ କରାଇବାକୁ ପଡ଼ିବ। ଫଳରେ ସେ 'ଅନ୍ନଚିନ୍ତା' ପାଇଁ ବିଶେଷ ବେଶୀ ବ୍ୟଗ୍ର ନ ହୋଇ, ଏକ ସୁସ୍ଥ ଓ ସକାରାତ୍ମକ ମନୋଭାବାପନ୍ନ ମଣିଷ ଭାବେ ନିଜକୁ ଗଢ଼ି ପାରିବ। ଚରମ ଉପଭୋକ୍ତାବାଦର ପ୍ରଭାବ ହେଉ କି ଆରାମଦାୟକ, ବିଳାସପୂର୍ଣ୍ଣ ଜୀବନଶୈଳୀ ପାଇଁ ଆମର ଅହେତୁକ ଦୁର୍ବଳତା ହେଉ କି ଅନ୍ୟ ଯେ କୌଣସି କାରଣ - ଆମେ ଏବେ ଶିକ୍ଷାର ମୂଳ ଲକ୍ଷଠାରୁ ଦୂରେଇଯାଉଛୁ। ସମ୍ଭବତଃ ଆମେ ଭୁଲିଯାଇଛୁ ଯେ ଶିକ୍ଷିତ ହେବା ଏବଂ ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ଭିତରେ ଆକାଶପାତାଳ ପ୍ରଭେଦ ଅଛି; ଶିକ୍ଷିତ ହେବାର ଅର୍ଥ ମଣିଷ ହେବା ଓ ଶିକ୍ଷାଗତ ଯୋଗ୍ୟତା ହାସଲ କରିବାର ଅର୍ଥ ଆୟର ପନ୍ଥା ସୁନିଶ୍ଚିତ କରିବା। ଠିକ୍ ସେମିତି, 'ବୁଦ୍ଧଜୀବୀ'ର ସଂଜ୍ଞା ମଧ୍ୟ ଏବେ ଏକ ସଂକୀର୍ଣ୍ଣ ଦୃଷ୍ଟିକୋଣରୁ ବିଚାର କରାଯାଉଛି। ଅଭିଧାନ ଅନୁଯାୟୀ ଏହାର ଅର୍ଥ ହେଉଛି, 'ପ୍ରବୁଦ୍ଧ ବା ଜ୍ଞାନୀ ବ୍ୟକ୍ତି' ବା 'ବୁଦ୍ଧିସମ୍ପନ୍ନ ବ୍ୟକ୍ତି' ବା 'ବୁଦ୍ଧି ବଳରେ ଜୀବିକାନିର୍ବାହକାରୀ'। ସମ୍ପ୍ରତି 'ବୁଦ୍ଧିଜୀବୀ' କହିଲେ ବୁଦ୍ଧି ବିନିଯୋଗ କରି ନିଜର ଆୟ ସୁନିଶ୍ଚିତ କରୁଥିବା ବ୍ୟକ୍ତିଙ୍କୁ ହିଁ ବୁଝାଉଛି ବୋଲି ମନେହୁଏ। ପ୍ରକୃତରେ ପ୍ରବୁଦ୍ଧ ବା ଜ୍ଞାନୀ ବ୍ୟକ୍ତି ନିଜର ଓ ପରିବାରର ଭରଣପୋଷଣ ସୁନିଶ୍ଚିତ କରିବା ସହ ନିଜ ବୁଦ୍ଧିକୁ ସମାଜର ବୃହତ୍ତର କଲ୍ୟାଣ ନିମିତ୍ତ ନିୟୋଜିତ କରିବା ବିଧେୟ। କିନ୍ତୁ ଅଧିକାଂଶତଃ ବୁଦ୍ଧିଜୀବୀମାନଙ୍କ ଠାରେ ଜୀବିକା ଅର୍ଜନ ନାଁରେ ଆବଶ୍ୟକତାଠାରୁ ଅଧିକ ଧନସମ୍ପତ୍ତି ଠୁଳ କରିବାର ପ୍ରବଣତା ଦେଖାଦେଇଛି; ଏଥିପାଇଁ ଅନୈତିକ ଉପାୟ ଅବଲମ୍ବନ କରିବାର ଦୃଷ୍ଟାନ୍ତ ବିରଳ ନୁହେଁ। ଏହା ଚରିତ୍ରଗତ ସ୍ଖଳନର ଏକ ପ୍ରତିଫଳନ ହେବା ସହ ସାମାଜିକ ଅବକ୍ଷୟର ପ୍ରମୁଖ କାରଣ ହୋଇଯାଇଛି। ଏହି ଧାରାକୁ ରୋକାଯିବା ଦରକାର। ସେ ଦୃଷ୍ଟିରୁ ଉଚିତ ଶିକ୍ଷାଦାନ ଏବଂ ଶିକ୍ଷାର୍ଥୀଙ୍କ ପୂର୍ଣ୍ଣାଙ୍ଗ ବିକାଶ ଯେ ଆମ ପାଇଁ ଅପରିହାର୍ଯ୍ୟ, ଏଥିରେ ଦ୍ୱିରୁକ୍ତି ନାହିଁ।

'ବିଶ୍ୱସ୍ତରୀୟ ଚିନ୍ତନ, ସ୍ଥାନୀୟ କର୍ମସାଧନ' (`Think Globally, Act



Unfiled Notes Page 64

Locally') ନୀତିରେ ଏବେ ଆମ ରାଜ୍ୟ, ବିଶେଷକରି ଆମ ଛାତ୍ରଛାତ୍ରୀଙ୍କ ବିଷୟ ବିଚାର କରାଯାଉ। ପ୍ରତିଭା ଓ ମେଧା ଦୃଷ୍ଟିରୁ ଆମ ପିଲାମାନେ କିଛି କମ୍ ନୁହଁନ୍ତି; ସେମାନେ ଅନ୍ୟ ରାଜ୍ୟର ଛାତ୍ରଛାତ୍ରୀଙ୍କ ସହ 'ଟକ୍କର' ଦେଇପାରିବେ। କିନ୍ତୁ ସର୍ବଭାରତୀୟ ସ୍ତରରେ ପ୍ରଦର୍ଶନ ଦୃଷ୍ଟିରୁ ସେମାନେ କିଛିଟା ପଛୁଆ ରହିଯାଉଛନ୍ତି। ଅନେକ କ୍ଷେତ୍ରରେ ବ୍ୟକ୍ତିଗତ ପ୍ରଦର୍ଶନ ଉଚ୍ଚ କୋଟୀର ହେଉଥିବା ସ୍ଥଳେ ସାମଗ୍ରିକ ପ୍ରଦର୍ଶନ ସନ୍ତୋଷଜନକ ହୋଇ ପାରୁନାହିଁ। ତେଣୁ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଥିବା ଦୋଷତ୍ରୁଟିକୁ ସଂଶୋଧନ କରି ସଂସ୍କାରମୂଳକ ପଦକ୍ଷେପ ନେବା ଜରୁରୀ। ତେବେ ତା'ଠାରୁ ଅଧିକ, ମହତ୍ତ୍ୱପୂର୍ଣ୍ଣ ହେଉଛି ଆମ ଛାତ୍ରଛାତ୍ରୀଙ୍କୁ ଶିକ୍ଷିତ କରାଇବା ଏବଂ 'ଜୀବନ-କଳାକୌଶଳ' (Life Skills) ମାଧ୍ୟମରେ ସେମାନଙ୍କ ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶ କରାଇବା। ସେମାନେ ସଚେତନ, ଯୋଗ୍ୟ ଓ ଦାୟିତ୍ୱସମ୍ପନ୍ନ ହେଲେ ପରିବାର ସୁଧୁରିବ, ରାଜ୍ୟ ସୁଧୁରିବ; ଅନ୍ୟ ରାଜ୍ୟ ପାଇଁ, ଦେଶ ପାଇଁ, ବିଶ୍ୱ ପାଇଁ ଆମେ ଦୃଷ୍ଟାନ୍ତ ସୃଷ୍ଟି କରିପାରିବା। ଏହା ଅତ୍ୟନ୍ତ ସମୟସାପେକ୍ଷ ଓ କଷ୍ଟସାପେକ୍ଷ, ହେଲେ ଅସମ୍ଭବ ନୁହେଁ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ 'ଜୀବନ-କଳାକୌଶଳ'ର ସଂଜ୍ଞା ନିମ୍ନମତେ ନିରୂପଣ କରିଛନ୍ତି : "ଦୈନନ୍ଦିନ ଜୀବନର ସମସ୍ୟା ତଥା ଆହ୍ୱାନ ସହ ନିଜକୁ ଖାପଖୁଆଇବା ଓ ଏ'ଗୁଡ଼ିକର ସଫଳ ମୁକାବିଲା କରିବାରେ ବ୍ୟକ୍ତିଠାରେ ସକାରାତ୍ମକ ଆଚରଣ ତଥା ସାମର୍ଥ୍ୟର ବିକାଶ ହେଉଛି ଜୀବନ-କଳାକୌଶଳ।'' ଏକ ସକାରାତ୍ମକ ମନୋଭାବ ପୋଷଣପୂର୍ବକ ଆତ୍ମସଚେତନତା ବୃଦ୍ଧି, ସୁସ୍ଥ ପାରସ୍ପରିକ ତଥା ସାମାଜିକ ସମ୍ପର୍କ ସ୍ଥାପନ, ସମସ୍ୟା ସମାଧାନ, ନିମଜ୍ଜିତ ଗଭୀର ଚିନ୍ତନ, ସର୍ଜନାତ୍ମକ ଚିନ୍ତନ, ନିଷ୍ପତ୍ତି ନେବାର ସାମର୍ଥ୍ୟ, ଫଳପ୍ରସୂ ଯୋଗାଯୋଗ ତଥା ଭାବ ବିନିମୟ, ଚାପ ଓ ଆବେଗର ସମ୍ମୁଖୀନ ହେବା ଦକ୍ଷତା, ଅନ୍ୟର ସମସ୍ୟାକୁ ନିଜର ବୋଲି ଭାବି ତା' ପ୍ରତି ସମ୍ବେଦନଶୀଳ ମନୋଭାବ ରଖିବା (empathy) ଆଦି ହେଉଛି ଏହିପରି କିଛି ସାମର୍ଥ୍ୟ ଓ କଳାକୌଶଳ। ସ୍ୱାଧୀନ ଭାବେ ଠିକ୍ ନିଷ୍ପତ୍ତି ନେବାରେ ଏବଂ ଜୀବନରେ ଉତ୍କର୍ଷ ହାସଲ କରିବାରେ ଏହା ତାକୁ ସକ୍ରିୟଭାବେ ସାହାଯ୍ୟ କରିଥାଏ। ଫଳରେ ବ୍ୟକ୍ତିର ଆତ୍ମସମ୍ମାନବୋଧ ତଥା କର୍ତ୍ତବ୍ୟବୋଧ ଏବଂ ସହିଷ୍ଣୁତା ବଢ଼ିବା ସହ ତା' ମନରେ ମାନବୀୟ ମୂଲ୍ୟବୋଧ ପ୍ରତି ବିଶ୍ୱାସ ଜନ୍ମେ ଏବଂ ତା'ର ଜୀବନର ଗୁଣାତ୍ମକ ମାନ ବୃଦ୍ଧିର ପନ୍ଥା ସୁଗମ ହୋଇଥାଏ। ସୁତରାଂ ବ୍ୟକ୍ତିର ଜୀବନରେ କଳାକୌଶଳର ନିର୍ଣ୍ଣାୟକ ଭୂମିକା ରହିଛି। ଏହା ଜୀବିକା ଅର୍ଜନ ପାଇଁ ଆବଶ୍ୟକ ହେଉଥିବା କଳାକୌଶଳଠାରୁ ଭିନ୍ନ ଓ ସ୍ୱତନ୍ତ୍ର। ସଂସ୍କୃତି, ଭୌଗୋଳିକ ପରିସ୍ଥିତି ଆଦି ଉପରେ ନିର୍ଭର କରି ଏଥିରେ କିଛି ବିବିଧତା ଦେଖା ଦେଇପାରେ; ତେବେ ଉପରେ ସୂଚିତ କଳାକୌଶଳକୁ ପ୍ରମୁଖ କଳାକୌଶଳ (Core Skills) ଭାବେ ଗ୍ରହଣ କରାଯାଏ।

ଶିକ୍ଷା ଓ ନିରବଚ୍ଛିନ୍ନ ଅଭ୍ୟାସ ବଳରେ ଏହି ପ୍ରମୁଖ କଳାକୌଶଳକୁ ହାସଲ କରିହେବ। ଏହାକୁ ପାଠ୍ୟକ୍ରମର ଏକ ବାଧ୍ୟତାମୂଳକ ଅଂଶବିଶେଷ ଭାବେ ଗ୍ରହଣ କଲେ ଏ' ଉଦ୍ୟମ ସହଜରେ ସଫଳ ହେବ। ତେବେ କେଉଁ ସ୍ତରରେ ଏହାର ପ୍ରଚଳନ ବିଦ୍ୟାର୍ଥୀମାନଙ୍କ ପାଇଁ ସବୁଠାରୁ ବେଶୀ ଫଳପ୍ରସୂ ହେବ ? ବିଭିନ୍ନ ଅନୁସନ୍ଧାନ ଓ ଗବେଷଣା, ସମୀକ୍ଷା ଓ ସର୍ବେକ୍ଷଣ, ଆଲୋଚନା ଓ ବିଶ୍ଲେଷଣ ଏବଂ ସାମଗ୍ରିକ ଅନୁଭବ ଓ ଅନୁଭୂତିରୁ ସ୍ପଷ୍ଟ ଜଣାଯାଏ ଯେ ଜଣେ ବିଦ୍ୟାର୍ଥୀର ଶୈକ୍ଷିକ ଜୀବନରେ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଶେଷ ଗୁରୁତ୍ୱ ବହନ କରେ। ଠିକ୍ ସେମିତି, ତା' ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ ତଥା ଗତିପଥ ନିୟନ୍ତ୍ରଣରେ ଏହି ଅବସ୍ଥା (କୈଶୋର)ର ବିଶେଷ ମହତ୍ତ୍ୱ ରହିଛି। ସ୍କୁଲ୍ ଶିକ୍ଷା ଏବଂ ପରବର୍ତ୍ତୀ ଜୀବନର ପ୍ରବେଶ ଦ୍ୱାର ଭାବେ ବିବେଚିତ କଲେଜ ଶିକ୍ଷା ଭିତରେ ଉଚ୍ଚ ମାଧ୍ୟମିକ ଶିକ୍ଷା ଏକ ସେତୁ ସଦୃଶ। ଏହି ସ୍ତରର ଛାତ୍ରଛାତ୍ରୀ କିଶୋରକିଶୋରୀ। କିଶୋରାବସ୍ଥା ଯେ କୌଣସି ବ୍ୟକ୍ତିର ଜୀବନର ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କାଳଖଣ୍ଡ ଭାବେ ବିବେଚିତ। ଏହି ବୟସର ଛାତ୍ରଛାତ୍ରୀ ନା 'ପିଲା' ନା 'ବଡ଼' - ଏକ ମଝିମଝିଆ ବୟସର। କୈଶୋରରେ ସେମାନେ ପ୍ରଚଣ୍ଡ ଚାପର ସମ୍ମୁଖୀନ ହୋଇଥାନ୍ତି, ଯଥା - ପିତାମାତା ଓ ଅଭିଭାବକଙ୍କ ପ୍ରତ୍ୟାଶାର ଚାପ, ନିଜର ପ୍ରତ୍ୟାଶାର ଚାପ, ଶିକ୍ଷକଙ୍କ ଚାପ, ସାଙ୍ଗସାଥୀଙ୍କ ଚାପ ଇତ୍ୟାଦି। ସେମାନଙ୍କ ପାଇଁ ଏହା ଏକ ଚରମ ମନସ୍ତାତ୍ତ୍ୱିକ ଉଦ୍‌ବେଳନର ସମୟ, ଅନେକ ସ୍ୱପ୍ନ ଦେଖିବାର ସମୟ, ସ୍ୱପ୍ନସବୁ ଦିବାସ୍ୱପ୍ନ ବା ଦୁଃସ୍ୱପ୍ନରେ ପରିଣତ ହୋଇଯିବା ଆଶଙ୍କାର ସମୟ, ଠିକ୍ କ'ଣ ଭୁଲ କ'ଣ ନିରୂପଣ କରି ନ ପାରିବାର ଅସହାୟତାର ସମୟ, ନୀତି-ଅନୀତିର ପାର୍ଥକ୍ୟ ବୁଝି ନ ପାରିବାର ଦୁର୍ବଳତାର ସମୟ - ଏକ ଘଡ଼ିସନ୍ଧି ଅବସ୍ଥା। ଏହା ମଧ୍ୟ ନିଜର ସ୍ୱତନ୍ତ୍ର ଏକ ପରିଚୟ ସୃଷ୍ଟି କରିବା ପାଇଁ ଅଦମ୍ୟ ଉତ୍ସାହ ଓ ଉଦ୍ୟମର ସମୟ। ଏହି ଉଦ୍‌ବେଳନର ମୂଳରେ ରହିଛି ଅତି କ୍ଷିପ୍ରଭାବେ ଘଟୁଥିବା ବହୁ ଶାରୀରବିଜ୍ଞାନଭିତ୍ତିକ (physiological) ଓ ଜୈବରାସାୟନିକ (biochemical) ପ୍ରକ୍ରିୟା ଯାହାର ପ୍ରଭାବରେ ସେମାନଙ୍କ ଶରୀରରେ ଅନେକ ପରିବର୍ତ୍ତନ ଦେଖାଦିଏ ଓ ମନରେ ନୂଆନୂଆ ଅନୁଭବ ସୃଷ୍ଟି ହୁଏ। ଉଭୟ କୈଶୋର ଏବଂ ସେହି ଅବସ୍ଥାରେ କିଶୋରକିଶୋରୀମାନେ ପାଉଥିବା ଉଚ୍ଚ ମାଧ୍ୟମିକ ସ୍ତରର ଶିକ୍ଷାର ଗୁରୁତ୍ୱ ଦୃଷ୍ଟିରୁ



Unfiled Notes Page 65

ସେମାନଙ୍କ ପାଠ୍ୟକ୍ରମରେ ଜୀବନ-କଳାକୌଶଳ ସମ୍ପର୍କିତ ଶିକ୍ଷା ଅନ୍ତର୍ଭୁକ୍ତ କରିବା ସପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସମେତ ବହୁ ସଂସ୍ଥା ଏବଂ ବହୁ ବିଶାରଦ ମତ ଦିଅନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା କଥା କିଞ୍ଚିତ ଆଲୋଚନା କରାଯାଉ, ବିଶେଷତଃ ଏହି ସ୍ତରରେ 'ଜୀବନ-କଳାକୌଶଳ ବିକାଶ' ବିଷୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ସମ୍ପର୍କରେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୨୦୧୪ର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବାର୍ଷିକ ଯୁକ୍ତ ଦୁଇ ପରୀକ୍ଷା ଖାତା ମୂଲ୍ୟାୟନରେ ବ୍ୟାପକ ତ୍ରୁଟିବିଚ୍ୟୁତି ଘଟିଛି ବୋଲି ଅଭିଯୋଗ କରାଯାଇଥିଲା। ଏହାର ସତ୍ୟାସତ୍ୟ ନିରୂପଣପୂର୍ବକ ପାଠ୍ୟକ୍ରମ, ପରୀକ୍ଷା ତଥା ମୂଲ୍ୟାୟନ ପଦ୍ଧତି, ରେଗୁଲେଶନ୍ ଓ ଅନ୍ୟାନ୍ୟ ପରୀକ୍ଷା ସଂସ୍କାର ଆଦି ଉପରେ ପରାମର୍ଶ ଦେବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ସେପ୍ଟେମ୍ବର, ୨୦୧୪ରେ ଏକ 'ଫ୍ୟାକ୍ଟ ଫାଇଣ୍ଡିଂ କମିଟି' ଗଠନ କରାଯାଇଥିଲା। (ଲେଖକ ଏ' କମିଟିର ଅଧ୍ୟକ୍ଷ, ଦୁଇ ଜଣ ସେବା ନିବୃତ୍ତ କଲେଜ ପ୍ରିନ୍ସିପାଲ୍ ସଦସ୍ୟ ଓ ବିଭାଗୀୟ ଯୁଗ୍ମସଚିବ ଆବାହକ - ସଦସ୍ୟ ଥିଲେ।) ବ୍ୟାପକ ବିଚାରବିମର୍ଶ ତଥା କେତେକ ବରିଷ୍ଠ ଶିକ୍ଷାବିତ୍‌ଙ୍କ ସହ ପରାମର୍ଶ ପରେ କମିଟି ପ୍ରୋକ୍ତ ପ୍ରସଙ୍ଗ ଉପରେ ଗଠନମୂଳକ ଓ ସଂସ୍କାରାତ୍ମକ ପରାମର୍ଶ ସମ୍ବଳିତ ଏକ ରିପୋର୍ଟ ୦୭.୦୩.୨୦୧୫ରେ ଦାଖଲ କରିଥିଲା। ଏହି ରିପୋର୍ଟ୍‌ର କିଛି ଅଂଶ ଉପରେ ଦୃଷ୍ଟି ଦେବା ପ୍ରାସଙ୍ଗିକ ମନେ ହୁଏ। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଥିବା ପାଠ୍ୟକ୍ରମର ବିଷୟବସ୍ତୁ ଏବଂ ବିଦ୍ୟାର୍ଥୀମାନଙ୍କର ଶିକ୍ଷାଲାଭ ପରବର୍ତ୍ତୀ ଜୀବନର ବାସ୍ତବିକତା ଭିତରେ ରହି ଯାଉଥିବା ବିଶାଳ ବ୍ୟବଧାନକୁ ଲକ୍ଷ୍ୟ କରି କମିଟି ପାଠ୍ୟକ୍ରମରେ ବାଞ୍ଛିତ ପରିବର୍ତ୍ତନ କରିବା ସହ ଛାତ୍ରଛାତ୍ରୀଙ୍କ ଜୀବନ-କଳାକୌଶଳ ଉପରେ ଶିକ୍ଷା ଦେବାର ଆବଶ୍ୟକତାକୁ ବିଶେଷ ଗୁରୁତ୍ୱ ଦେଇଥିଲା। ରାଜ୍ୟ, ଦେଶ ଓ ବିଶ୍ୱର ସମସାମୟିକ ଗୁରୁତ୍ୱପୂର୍ଣ୍ଣ କିଛି ପ୍ରସଙ୍ଗ ଉପରେ ଆମ ଛାତ୍ରଛାତ୍ରୀଙ୍କ ସଚେତନତା ବଢ଼ାଇବା ସହ ସେମାନେ ଜୀବନ-କଳାକୌଶଳରେ ଦକ୍ଷତା ହାସଲ କରିବା ଜରୁରୀ। ସେ ଦୃଷ୍ଟିରୁ ଏକ ନୂଆ ସବ୍‌ଜେକ୍ଟ - 'ଲାଇଫ୍ ସ୍କିଲ୍ ଡେଭେଲପମେଣ୍ଟ୍' ପ୍ରଚଳନ ନିତାନ୍ତ ଆବଶ୍ୟକ ବୋଲି ମତ ଦେବା ସହ ୧୦୦ ନମ୍ବର ବିଶିଷ୍ଟ ତଥା ପରୀକ୍ଷା ବ୍ୟବସ୍ଥା ଥିବା ଏହି ବିଷୟ ସବୁ ବିଭାଗର ବିଦ୍ୟାର୍ଥୀଙ୍କ ପାଇଁ ଏକ ବାଧ୍ୟତାମୂଳକ ପେପର୍ ଭାବେ ପ୍ରଚଳନ କରିବାକୁ କମିଟି ପରାମର୍ଶ ଦେଇଥିଲା। ଏହାର ଉଦ୍ଦେଶ୍ୟ ଥିଲା, ବିଦ୍ୟାର୍ଥୀମାନେ ସର୍ବଭାରତୀୟ ସ୍ତରରେ ପ୍ରତିଭା ଅନୁଯାୟୀ ନିଜର ପ୍ରଦର୍ଶନରେ ଉନ୍ନତି ଆଣିବା ସହ ନିଜକୁ ଜଣେ ଜଣେ ସୁନାଗରିକ ଭାବେ ଗଢ଼ିବାରେ ଆଗ୍ରହୀ ହେବେ। ଏହି ସବ୍‌ଜେକ୍ଟ ପଢ଼ାଇବା ପାଇଁ ଅତିରିକ୍ତ ଅଧ୍ୟାପକ/ଅଧ୍ୟାପିକା ନିଯୁକ୍ତ କରିବାର ଆବଶ୍ୟକତା ନାହିଁ। କିପରି ଏବେ କର୍ମରତ ଅଧ୍ୟାପକଗୋଷ୍ଠୀ ଏହା ପଢ଼ାଇବାକୁ ସମର୍ଥ ହେବେ, ତା'ର ସ୍ପଷ୍ଟ ସୂଚନା ମଧ୍ୟ ରିପୋର୍ଟ୍‌ରେ ଥିଲା। ଏଥିପାଇଁ କେତେଜଣ ମାନବ ସମ୍ବଳ ବିକାଶ ବିଶାରଦଙ୍କ ସହାୟତାରେ ପ୍ରସ୍ତୁତ ଏକ 'ମଡେଲ ସିଲାବସ୍' ରିପୋର୍ଟ ସହ ଦାଖଲ କରାଯାଇଥିଲା, ଯେଉଁଥିରେ କେତୋଟି ଜେନେରାଲ୍ ତଥା ପ୍ରାକ୍ଟିକାଲ୍/ଏକ୍ଟିଭିଟି କ୍ଲାସ୍ ଦରକାର, ମୋଟ କେତୋଟି ଓ ସପ୍ତାହରେ କେତୋଟି ଲେଖାଏଁ କ୍ଲାସ୍ ଦରକାର, ତାହା ମଧ୍ୟ ଉଲ୍ଲେଖ କରାଯାଇଥିଲା।

ନଭେମ୍ବର, ୨୦୧୫ରେ 'ବଦଳିବ +୨ ପାଠ୍ୟକ୍ରମ' ଶୀର୍ଷକ ସମ୍ବାଦ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏଥିରୁ ଜଣାଯାଏ, ପରିଷଦ କର୍ତ୍ତୃପକ୍ଷ ୨୦୧୬-୧୭ ଶିକ୍ଷାବର୍ଷରୁ ସବୁ ବିଭାଗରେ ସିବିଏସ୍‌ସି ଢାଞ୍ଚାରେ ନୂଆ ପାଠ୍ୟକ୍ରମ ଲାଗୁ କରାଯିବାର ନିଷ୍ପତ୍ତି ନେଇଛନ୍ତି। ଏହା ଏକ ବିଳମ୍ବିତ ପ୍ରୟାସ ହୋଇଥିଲେ ମଧ୍ୟ କିଛିଟା ସାନ୍ତ୍ୱନାଦାୟକ, ତେଣୁ ସ୍ୱାଗତଯୋଗ୍ୟ। କିନ୍ତୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି 'ଲାଇଫ୍ ସ୍କିଲ୍ ଡେଭେଲପ୍‌ମେଣ୍ଟ'ର ପ୍ରଚଳନ ବିଷୟରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ସେହିପରି ପରୀକ୍ଷା ସଂସ୍କାର ଓ ଅନ୍ୟ ସବୁ ବିଷୟରେ ଦିଆ ଯାଇଥିବା ପରାମର୍ଶ ମଧ୍ୟ ସରକାରୀ ଅନୁମୋଦନ ଅପେକ୍ଷାରେ ରହିଛି ।

ଏଠାରେ ଅନ୍ୟ ଏକ ବିଶେଷ ପ୍ରସଙ୍ଗର ଅବତାରଣା କରାଯାଇପାରେ। ଶିକ୍ଷାନୁଷ୍ଠାନମାନଙ୍କରେ ସମ୍ମାନଜନକ ଭିତ୍ତିଭୂମିକୁ ନିଶ୍ଚିତ କରିବା ଏବଂ ପର୍ଯ୍ୟାପ୍ତସଂଖ୍ୟକ ଅଧ୍ୟାପକ/ଅଧ୍ୟାପିକା ମୁତୟନ କରିବା ତଥା ସେମାନଙ୍କୁ କର୍ତ୍ତବ୍ୟ ସମ୍ପାଦନ ପାଇଁ ପ୍ରୋତ୍ସାହନ ଦେବା ହେଉଛି ସରକାରଙ୍କର ସର୍ବପ୍ରଥମ କର୍ତ୍ତବ୍ୟ। ସେହିପରି ଶିକ୍ଷାଦାନକୁ ବୃତ୍ତିଭାବେ ଗ୍ରହଣ କରିଥିବା ଶିକ୍ଷକ ସମୁଦାୟ, ଫ୍ରାନ୍ସ ବଂଶୋଦ୍ଭବ ଆମେରିକୀୟ ଶିକ୍ଷାବିତ୍ ତଥା ଐତିହାସିକ ଜାକ୍ ବାର୍ଜୁନ (Jacques Barzun) ଭିନ୍ନ ଏକ ପରିପ୍ରେକ୍ଷୀରେ ଦେଇଥିବା ମନ୍ତବ୍ୟକୁ ମର୍ମେମର୍ମେ ଅନୁଭବ କରିବା ବାଞ୍ଛନୀୟ। ଏହି ଉକ୍ତିଟି ହେଉଛି, "Teaching is not a lost art, but the regard for it is a lost tradition." ଏହି ବୃତ୍ତି ପ୍ରତି ସମ୍ମାନ କାହିଁକି କମିଯାଉଛି, ଏହାର ବିଶ୍ଳେଷଣ ଶିକ୍ଷକଗୋଷ୍ଠୀ ଛଡ଼ା ଆଉ କିଏ ଠିକ୍ ଭାବେ କରିପାରିବ ?

ଲେଖକ ପ୍ରାକ୍ତନ ଅଧ୍ୟକ୍ଷ, ରେଭେନ୍ସା କଲେଜ, କଟକ



Unfiled Notes Page 66

# ସହଜ : ଓଡ଼ିଶାରେ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଏକ ପ୍ରୟାସ

■ ଡଃ ନନ୍ଦିତା ମଞ୍ଜରୀ ରଥ

> ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ 'ସହଜ' ଏକ ସମୟପୋଯୋଗୀ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ, ପ୍ରଧାନଶିକ୍ଷକ, ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ଆଞ୍ଚଳିକ ସାଧନକର୍ମୀ ତଥା ଜିଲ୍ଲାସ୍ତରର ଶିକ୍ଷା ଅଧିକାରୀ ଓ ରାଜ୍ୟ ସ୍ତରର ଶିକ୍ଷା ଅଧିକାରୀମାନଙ୍କ ଆନ୍ତରିକତା, କର୍ମ ତତ୍ପରତା ତଥା ମନୋନିବେଶ ଉପରେ ନିର୍ଭର କରେ ।

ରାଜ୍ୟରେ ଶିଶୁମାନଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମକୁ ଓଡ଼ିଶା ସରକାର ୨୭ ସେପ୍ଟେମ୍ବର ୨୦୧୦ରୁ ପ୍ରଣୟନ କରିଛନ୍ତି । ଏହି ଅଧିନିୟମକୁ ପ୍ରଣୟନ କରିବାରେ ଓଡ଼ିଶା ଭାରତର ଦ୍ୱିତୀୟ ରାଜ୍ୟ । ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ବିଭିନ୍ନ ସମୟରେ ଅନେକ ପଦକ୍ଷେପ ନିଆଯାଇଛି ।

ପିଲାମାନଙ୍କୁ ବିଦ୍ୟାଳୟକୁ ଆକର୍ଷିତ କରିବା ପାଇଁ 'ଆମ ବିଦ୍ୟାଳୟ' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ବିଦ୍ୟାଳୟକୁ ଅର୍ଥ ଯୋଗାଇ ଦିଆଯାଇଛି । ଏଥିସହିତ ପ୍ରତ୍ୟେକ ବିଦ୍ୟାଳୟକୁ ଭୌତିକ, ଶୈକ୍ଷିକ, ଗୋଷ୍ଠୀ ସମ୍ପୃକ୍ତି ଆଦି ଦିଗର ସ୍ଥିତି ଆକଳନ ପାଇଁ ୩୩ଗୋଟି ଶ୍ରେଣୀଭିତ୍ତିକ ଉପାଦାନ (Element) ସ୍ଥିର କରାଯାଇଛି । ଶିକ୍ଷକମାନଙ୍କର ଶିକ୍ଷାଦାନ ଶୈଳୀରେ ଉନ୍ନତି ଆଣିବା ପାଇଁ ପାଠ୍ୟ ପୁସ୍ତକରେ ଥିବା ଧାରଣା ଉପଧାରଣାଗୁଡ଼ିକୁ ଚିହ୍ନଟ କରାଯାଇଛି ଓ ସେହି ଉପଧାରଣାକୁ ଆଧାର କରି ଶିକ୍ଷକମାନେ କିପରି ଶ୍ରେଣୀଗୃହରେ ଉତ୍ତମ ଶିକ୍ଷାଦାନ କରିପାରିବେ ସେଥିପାଇଁ ବିଭିନ୍ନ ଉପାଦେୟ ସହାୟକ ପୁସ୍ତକ ଯଥା 'ସମାଧାନ', 'ସାଧନ', 'ସଂଯୋଗ' ଇତ୍ୟାଦି ଶିକ୍ଷକମାନଙ୍କୁ ଯୋଗାଇ ଦିଆଯାଇଛି । ଏହି ପୁସ୍ତକଗୁଡ଼ିକ ଶ୍ରେଣୀଗୃହରେ ଠିକ୍ ବ୍ୟବହାର ପାଇଁ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।

ସଂଖ୍ୟାଲଘୁ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କର ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ସମସ୍ତ ଝିଅମାନଙ୍କୁ ମାଗଣା ପୁସ୍ତକ ପୋଷାକ ଯୋଗାଇଦେବା ସହ ପିତାମାତାଙ୍କୁ ସଚେତନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

ଆଦିବାସୀ, ହରିଜନ ଛାତ୍ରଛାତ୍ରୀମାନଙ୍କ ପାଇଁ 'ସୃଜନ' କାର୍ଯ୍ୟକ୍ରମ ଓ ବହୁଭାଷୀ ଶିକ୍ଷା (MLE) ପ୍ରଚଳନ କରାଯାଇଛି । ପିଲାମାନଙ୍କର ଚିନ୍ତନ ଶକ୍ତିର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଯଥା: ଗଳ୍ପ କଥନ ପର୍ବ, ଆଞ୍ଚଳିକ କ୍ରୀଡ଼ା ପ୍ରତିଯୋଗିତା, ଗଣିତମେଳା, ବିଜ୍ଞାନ ପ୍ରକଳ୍ପ, ଗ୍ରୀଷ୍ମକାଳୀନ ଶିବିର (Summer camp) ଇତ୍ୟାଦିର ଆୟୋଜନ କରିବା ସହ ଲୋକକଥା (Folk lore)କୁ ସଂଗ୍ରହ କରି ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ବିକାଶ ପାଇଁ ପ୍ରଯତ୍ନ କରାଯାଇଛି ।

ଭିନ୍ନକ୍ଷମ ପିଲାମାନଙ୍କୁ ବିଦ୍ୟାଳୟକୁ ଆକର୍ଷିତ କରିବା ପାଇଁ ସମସ୍ତ ବିଦ୍ୟାଳୟରେ ଅନ୍ତର୍ନିବେଶୀ ଶିକ୍ଷା (Inclusive Education) ପ୍ରଚଳନ କରାଯାଇଛି ଓ ସେଥିପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା କରାଯାଇଛି । ବିଦ୍ୟାଳୟରେ ସେମାନଙ୍କ ଯାତାୟାତର ସୁବିଧା ପାଇଁ ରାମ୍ପର ବ୍ୟବସ୍ଥା କରାଯାଇଛି । ଉପସ୍ଥାନ ହାର ବୃଦ୍ଧି କରିବା ପାଇଁ ସହାୟକ ଉପକରଣ, ସହାୟକ ଭତ୍ତା,



Unfiled Notes Page 67

ବ୍ରେଲ ପୁସ୍ତକ ଭଳି ବିଭିନ୍ନ ପ୍ରକାର ସୁବିଧା ଯୋଗାଇ ଦିଆଯାଇଛି । ତଥାପି ଓଡ଼ିଶାରେ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଶିକ୍ଷଣ ଉପଲବ୍ଧି ସ୍ତର ସନ୍ତୋଷଜନକ ନୁହେଁ ।

ASER ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ପଞ୍ଚମ ଶ୍ରେଣୀ ପିଲାମାନଙ୍କର ଶିକ୍ଷଣ ଉପଲବ୍ଧି ହାର ନିମ୍ନରେ ଦିଆଗଲା । ଏଠାରେ ଉଲ୍ଲେଖନୀୟ ଯେ ଅସର୍ (ASER) ରିପୋର୍ଟ ଗୃହ ଭିତ୍ତିକ ସର୍ଭେ ଉପରେ ଆଧାରିତ ହୋଇଥାଏ ।

ଆମ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ପିଲାମାନଙ୍କ ଶିକ୍ଷଣ ଉପଲବ୍ଧି ସ୍ତର ଜାଣିବାପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ତରଫରୁ ୨୦୧୩ ମସିହା ମାର୍ଚ୍ଚ ମାସରେ ଏକ ସର୍ଭେ କରାଯାଇଥିଲା । ଏଥିପାଇଁ ଦ୍ୱିତୀୟ ଓ ଚତୁର୍ଥ ଶ୍ରେଣୀ ପିଲାମାନଙ୍କର ଭାଷା ଓ ଗଣିତ ବିଷୟରେ ଏକ ପ୍ରାରମ୍ଭିକ ଆକଳନ (Baseline Test) ନଅ ଶହ ପ୍ରାଥମିକ ବିଦ୍ୟାଳୟକୁ ନେଇ କରାଯାଇଥିଲା । ଏହି ଆକଳନ ଫଳାଫଳର ବିଶ୍ଳେଷଣରୁ ପିଲାମାନେ ଭାଷା ଅପେକ୍ଷା ଗଣିତ ବିଷୟରେ ଭଲ କରିଛନ୍ତି ବୋଲି ଜଣାପଡିଲା । ଚତୁର୍ଥଶ୍ରେଣୀ ପିଲାମାନଙ୍କ ଅପେକ୍ଷା ଦ୍ୱିତୀୟ ଶ୍ରେଣୀର ପିଲାମାନେ ଭାଷା ଓ ଗଣିତରେ ଭଲ କରିଥିଲାବେଳେ ଅଧିକାଂଶ ପିଲା ନିଜ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଦକ୍ଷତା ହାସଲ କରି ନାହାନ୍ତି ।

ଏହି ବିଶ୍ଳେଷଣକୁ ଆଧାର କରି ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ପିଲାମାନଙ୍କ ପାଇଁ ଏକ ପୁନର୍ବଳନ କାର୍ଯ୍ୟକ୍ରମ କରାଯାଇଛି । ଏହାର ନାମ 'ସହଜ' । ଦ୍ୱିତୀୟ ଶ୍ରେଣୀରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ସବୁଶ୍ରେଣୀ ପାଇଁ ଏହି କାର୍ଯ୍ୟକ୍ରମ (ଜୁଲାଇ ୧ରୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ) ଦୁଇମାସ ପାଇଁ ୨୦୧୩ ମସିହାରେ କରାଯାଇଥିଲା ।

ପ୍ରାରମ୍ଭିକ ଆକଳନ ଫଳାଫଳକୁ ଆଧାର କରି ପିଲାମାନଙ୍କୁ କ, ଖ, ଗ - ତିନୋଟି ଦଳରେ ବିଭକ୍ତି କରାଯାଇଥିଲା । (କ-୬ ନମ୍ବରରୁ ଅଧିକ, ଖ-୫ ନମ୍ବରରୁ ଅଧିକ, ଗ-୫ ନମ୍ବରରୁ କମ୍) । ୬ ନମ୍ବରରୁ ଅଧିକ ନମ୍ବର ରଖିଥିବା ପିଲାମାନଙ୍କୁ 'ସ୍ୱଶିକ୍ଷଣ' ଦଳ ଏବଂ ଖ ଓ ଗ ଦଳକୁ 'ପୁନର୍ବଳନ' ଦଳ କୁହାଯାଉଥିଲା । ଏହି କାର୍ଯ୍ୟକ୍ରମ ପ୍ରତ୍ୟହ ୩ ଘଣ୍ଟା ପାଇଁ କରାଯାଇଥିଲା । ମୋଟ୍ ୩ ଘଣ୍ଟାରୁ ପ୍ରତ୍ୟହ ୨ ଘଣ୍ଟା ଭାଷା ଉପରେ ଗୁରୁତ୍ୱ ଦିଆଯାଉଥିଲାବେଳେ ଶେଷ ଗୋଟିଏ ଘଣ୍ଟା ଗଣିତ ଉପରେ ଗୁରୁତ୍ୱ ଦିଆଯାଉଥିଲା । ସୃଜନାତ୍ମକ ଲିଖନ, ସୁନ୍ଦର ହସ୍ତାକ୍ଷର ଲିଖନ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲାବେଳେ ପ୍ରତି ଶନିବାର ଦିନ ସେହି ସପ୍ତାହରେ ଯାହା ପଢ଼ାଯାଉଥିଲା ତାହା କେତେଦୂର ପିଲାମାନେ ବୁଝିପାରିଛନ୍ତି ତାହା ଜାଣିବା ପାଇଁ ସାପ୍ତାହିକ ଆକଳନ (Weekly Test) କରାଯାଇଥିଲା । ଏହି ନିରୀକ୍ଷଣ ଅନୁଯାୟୀ ଅଗ୍ରଗତି କରିପାରୁନଥିବା ପିଲାମାନଙ୍କୁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଶୈକ୍ଷିକ ସହାୟତା ଯୋଗାଇ

**ସାରଣୀ : ୧ ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରୁଥିବା କେତେ ପ୍ରତିଶତ ପିଲା ଦ୍ୱିତୀୟ ଶ୍ରେଣୀର ପାଠକୁ ପଢ଼ିପାରନ୍ତି ?**

| ବର୍ଷ | ଜାତୀୟ | ରାଜ୍ୟ (ଓଡିଶା) |
|---|---|---|
| ୨୦୦୬ | ୫୩.୧ | ୫୫.୪ |
| ୨୦୦୭ | ୫୮.୯ | ୪୯.୮ |
| ୨୦୦୮ | ୫୬.୩ | ୫୯.୭ |
| ୨୦୦୯ | ୫୨.୯ | ୫୬.୩ |
| ୨୦୧୦ | ୫୩.୭ | ୪୬.୦ |
| ୨୦୧୧ | ୪୮.୩ | ୩୯.୧ |
| ୨୦୧୨ | ୪୬.୯ | ୪୭.୧ |
| ୨୦୧୩ | ୪୭.୦ | ୪୪.୯ |
| ୨୦୧୪ | ୪୮.୧ | ୫୧.୯ |

**ଉତ୍ସ :- ଅସର୍ ରିପୋର୍ଟ**

ଦେଉଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଠିକ୍ ଭାବେ ପରିଚାଳନା କରିବା ପାଇଁ ଶିକ୍ଷକମାନେ ଦୈନିକ ପାଠ ଯୋଜନା ପ୍ରସ୍ତୁତ କରୁଥିଲେ । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ତରଫରୁ ୨୦୧୩ ମସିହାରେ ପ୍ରତ୍ୟେକ ବିଦ୍ୟାଳୟକୁ 'ସହଜ' ନାମକ ଏକ ପୁସ୍ତିକା ଯୋଗାଇ ଦିଆଯାଇଛି । ପିଲାମାନଙ୍କର ପଠନ ଦକ୍ଷତାର ବିକାଶ ପାଇଁ ପାଠାଗାରରେ ସମ୍ବାଦପତ୍ର ପଠନ, ମ୍ୟାଗାଜିନ ପଠନ, ଡାଏରୀ ପଠନ, ବହି ବା ପାଠ୍ୟପୁସ୍ତକ ପଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି 'ସହଜ' କାର୍ଯ୍ୟକ୍ରମ ଦ୍ୱାରା ଧୀର ବେଗରେ ଶିଖୁଥିବା ପିଲାମାନଙ୍କର ଯଥେଷ୍ଟ ଉନ୍ନତି ହୋଇଛି । ଜିଲ୍ଲାଓ୍ୱାରୀ ପ୍ରାରମ୍ଭିକ ଆକଳନ ଓ ଚୂଡାନ୍ତ ଆକଳନର ଏକ ତୁଳନାତ୍ମକ ଚିତ୍ର ନିମ୍ନ ସାରଣୀରେ ଦିଆଗଲା ।

**ସାରଣୀ :- ୨ ସହଜ କାର୍ଯ୍ୟକ୍ରମ : ଜିଲ୍ଲାଓ୍ୱାରୀ ପ୍ରାରମ୍ଭିକ ଆକଳନ ଓ ଚୂଡାନ୍ତ ଆକଳନର ତୁଳନାତ୍ମକ ଚିତ୍ର (୨୦୧୩-୧୪ ବର୍ଷ)**

| କ୍ରମିକ ନମ୍ବର | ଜିଲ୍ଲା | ଭାଷା | | | | ଗଣିତ | | | |
|---|---|---|---|---|---|---|---|---|---|
| | | ୧-୪ ନମ୍ବର ରଖିଥିବା ପିଲାଙ୍କ ହାର | | ୭-୧୦ ନମ୍ବର ରଖିଥିବା ପିଲାଙ୍କ ହାର | | ୧-୪ ନମ୍ବର ରଖିଥିବା ପିଲାଙ୍କ ହାର | | ୭-୧୦ ନମ୍ବର ରଖିଥିବା ପିଲାଙ୍କ ହାର | |
| | | ପ୍ରାରମ୍ଭିକ ଆକଳନ | ଚୂଡାନ୍ତ ଆକଳନ | ପ୍ରାରମ୍ଭିକ ଆକଳନ | ଚୂଡାନ୍ତ ଆକଳନ | ପ୍ରାରମ୍ଭିକ ଆକଳନ | ଚୂଡାନ୍ତ ଆକଳନ | ପ୍ରାରମ୍ଭିକ ଆକଳନ | ଚୂଡାନ୍ତ ଆକଳନ |
| ୧. | ଅନୁଗୁଳ | ୪୯.୭୮ | ୨୧.୪୭ | ୨୬.୧୩ | ୫୨.୧୪ | ୪୮.୪୬ | ୧୯.୬୧ | ୨୭.୨୮ | ୫୫.୧୮ |
| ୨. | ବଲାଙ୍ଗିର | ୬୪.୦୭ | ୫୩.୩୭ | ୧୪.୧୨ | ୨୨.୯୨ | ୬୪.୫୧ | ୫୨.୦୮ | ୧୪.୧୫ | ୨୩.୭୯ |
| ୩ | ବାଲେଶ୍ୱର | ୩୬.୦୯ | ୧୧.୦୩ | ୩୩.୮୭ | ୬୪.୦୧ | ୩୭.୬୧ | ୮.୮୧ | ୩୨.୮୨ | ୬୭.୨୧ |
| ୪ | ବରଗଡ | ୫୨.୬୩ | ୨୭.୬୭ | ୨୪.୩୫ | ୪୫.୦୫ | ୫୨.୦୩ | ୨୪.୫୩ | ୨୩.୪୨ | ୫୧.୦୬ |
| ୫ | ଭଦ୍ରକ | ୪୨.୫୧ | ୧୭.୦୮ | ୨୮.୯୩ | ୫୭.୨୯ | ୪୨.୫୯ | ୧୫.୧୮ | ୨୮.୭୩ | ୬୧.୦୧ |
| ୬ | ବୌଦ୍ଧ | ୬୫.୭୫ | ୩୩.୦୫ | ୧୪.୩୧ | ୩୮.୦୪ | ୬୭.୮୧ | ୩୪.୦୦ | ୧୩.୦୩ | ୩୭.୫୯ |
| ୭ | କଟକ | ୪୧.୦୪ | ୧୭.୫୨ | ୩୪.୯୮ | ୬୦.୬୫ | ୪୭.୦୩ | ୧୬.୭୩ | ୨୯.୭୯ | ୬୧.୪୩ |
| ୮ | ଦେଓଗଡ | ୪୫.୭୯ | ୩୯.୦୮ | ୩୦.୮୧ | ୩୬.୮୬ | ୪୧.୩୮ | ୪୦.୦୫ | ୩୩.୫୨ | ୩୬.୨୮ |
| ୯ | ଢେଙ୍କାନାଳ | ୪୮.୧୯ | ୨୮.୧୮ | ୨୨.୩୩ | ୩୮.୦୦ | ୪୭.୦୭ | ୨୩.୯୪ | ୨୮.୦୦ | ୫୧.୭୭ |
| ୧୦ | ଗଜପତି | ୫୩.୦୨ | ୩୦.୪୯ | ୧୮.୨୮ | ୩୪.୨୮ | ୪୮.୧୯ | ୨୮.୧୮ | ୨୨.୩୩ | ୩୮.୦୦ |
| ୧୧ | ଗଞ୍ଜାମ | ୩୩.୫୩ | ୧୭.୭୪ | ୪୦.୫୮ | ୫୫.୭୪ | ୪୦.୫୭ | ୧୬.୨୪ | ୩୪.୦୧ | ୫୮.୦୭ |
| ୧୨ | ଜଗତସିଂପୁର | ୩୬.୦୪ | ୧୦.୪୭ | ୩୬.୯୭ | ୬୭.୨୯ | ୩୭.୧୩ | ୦୯.୨୩ | ୩୫.୭୮ | ୭୦.୬୩ |
| ୧୩ | ଯାଜପୁର | ୩୫.୧୩ | ୧୫.୩୧ | ୩୪.୦୨ | ୫୯.୯୮ | ୩୫.୦୬ | ୧୪.୯୭ | ୩୪.୯୨ | ୬୧.୫୯ |
| ୧୪ | ଝାରସୁଗୁଡା | ୫୩.୩୪ | ୨୪.୩୧ | ୨୩.୫୬ | ୪୮.୫୯ | ୫୪.୪୨ | ୨୧.୦୬ | ୨୨.୪୯ | ୫୨.୨୩ |
| ୧୫ | କଳାହାଣ୍ଡି | ୬୧.୯୨ | ୪୩.୫୨ | ୧୫.୨୨ | ୨୬.୮୨ | ୫୯.୮୧ | ୩୮.୯୮ | ୧୬.୧୨ | ୩୦.୭୭ |
| ୧୬ | କନ୍ଧମାଳ | ୫୧.୦୨ | ୧୮.୦୮ | ୧୯.୨୩ | ୪୬.୨୩ | ୫୧.୩୩ | ୧୯.୩୪ | ୧୯.୧୬ | ୪୬.୦୩ |
| ୧୭ | କେନ୍ଦ୍ରପଡା | ୩୩.୯୫ | ୧୨.୯୪ | ୩୮.୦୫ | ୬୧.୪୩ | ୩୩.୯୨ | ୧୨.୫୩ | ୩୭.୪୩ | ୬୩.୭୭ |
| ୧୮ | କେଉଁଝର | ୫୨.୬୩ | ୨୭.୬୭ | ୨୪.୩୫ | ୪୫.୦୫ | ୫୩.୦୪ | ୨୭.୨୪ | ୨୨.୭୪ | ୪୬.୭୧ |
| ୧୯ | ଖୋର୍ଦ୍ଧା | ୪୦.୦୨ | ୧୬.୮୧ | ୩୪.୫୧ | ୬୩.୦୫ | ୪୨.୧୫ | ୧୬.୪୭ | ୩୧.୯୨ | ୬୩.୦୮ |
| ୨୦ | କୋରାପୁଟ | ୫୧.୮୯ | ୩୫.୪୮ | ୧୯.୦୭ | ୩୦.୪୩ | ୫୧.୯୨ | ୩୪.୩୧ | ୧୯.୪୧ | ୩୨.୨୨ |
| ୨୧ | ମାଲକାନଗିର | ୫୧.୪୯ | ୨୪.୩୨ | ୨୬.୦୯ | ୪୨.୫୫ | ୫୦.୩୯ | ୨୧.୫୬ | ୨୭.୧୪ | ୪୫.୮୬ |
| ୨୨ | ମୟୂରଭଞ୍ଜ | ୪୩.୧୮ | ୨୩.୩୪ | ୨୭.୮୪ | ୪୫.୨୧ | ୪୩.୮୬ | ୨୧.୨୮ | ୨୭.୩୭ | ୪୮.୦୪ |
| 23 | ନବରଙ୍ଗପୁର | ୬୨.୮୨ | ୩୪.୮୮ | ୧୧.୪୨ | ୨୮.୪୫ | ୬୧.୯୨ | ୩୨.୧୪ | ୧୧.୯୬ | ୩୨.୧୫ |
| 24 | ନୟାଗଡ | ୩୮.୨୫ | ୧୬.୯୭ | ୩୭.୨୨ | ୬୦.୦୭ | ୪୦.୫୭ | ୧୮.୦୧ | ୩୪.୦୧ | ୫୯.୮୬ |
| ୨୫ | ନୂଆପଡା | ୬୧.୩୭ | ୩୮.୬୮ | ୧୪.୩୯ | ୩୦.୧୯ | ୫୫.୩୮ | ୩୪.୫୫ | ୧୭.୩୨ | ୩୪.୦୭ |
| ୨୬ | ପୁରୀ | ୩୯.୯୮ | ୧୬.୭୪ | ୩୫.୭୧ | ୬୨.୭୯ | ୧୯.୩୪ | ୧୭.୫୯ | ୪୬.୦୩ | ୬୧.୨୫ |
| ୨୭ | ରାୟଗଡା | ୬୦.୮୪ | ୨୯.୯୫ | ୧୪.୭୧ | ୩୬.୫୭ | ୫୫.୬୪ | ୨୭.୦୯ | ୧୭.୦୧ | ୪୦.୪୯ |
| ୨୮ | ସମ୍ବଲପୁର | ୪୮.୫୯ | ୨୩.୪୬ | ୨୪.୪୪ | ୪୭.୬୮ | ୪୯.୨୫ | ୨୭.୫୬ | ୨୩.୦୯ | ୪୨.୬୫ |
| ୨୯ | ସୁବର୍ଣ୍ଣପୁର | ୫୪.୮୮ | ୪୨.୧୯ | ୨୨.୧୮ | ୩୩.୮୫ | ୫୫.୨୭ | ୪୩.୬୯ | ୨୨.୫୧ | ୩୧.୬୬ |
| ୩୦ | ସୁନ୍ଦରଗଡ | ୪୮.୨୧ | ୨୮.୮୨ | ୨୪.୬୭ | ୪୦.୮୩ | ୪୭.୯୩ | ୨୬.୪୩ | ୨୪.୮୪ | ୪୪.୧୪ |

**ଉତ୍ସ: ଓପେପା, ଶିକ୍ଷା ସୌଧ, ଭୁବନେଶ୍ୱର**



ଉପରୋକ୍ତ ସାରଣୀରୁ ଜଣାଯାଏ ଯେ ୧ରୁ ୪ ନମ୍ବର ରଖିଥିବା ପିଲାଙ୍କ ସଂଖ୍ୟା ଆଶାନୁରୂପକ ଭାବେ ହ୍ରାସ ପାଇଥିଲା ବେଳେ ୭ରୁ ୧୦ ନମ୍ବର ରଖିଥିବା ପିଲାଙ୍କ ସଂଖ୍ୟା ସନ୍ତୋଷଜନକ ଭାବେ ବୃଦ୍ଧି ପାଇଛି ।

ପରବର୍ତ୍ତୀ ପର୍ଯ୍ୟାୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ତରଫରୁ ଏହି କାର୍ଯ୍ୟକ୍ରମକୁ ସାଧାରଣ ପାଠ୍ୟକ୍ରମ ସହ ସମନ୍ୱିତ କରାଯାଇଅଛି । ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ ପ୍ରତି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଶନିବାର ଦିନ ୩ ଘଣ୍ଟା (ବ୍ୟାୟାମ ପିରିୟଡ ପରେ) ପୁନର୍ବଳନ କାର୍ଯ୍ୟ କରାଯାଉଛି । ଏହି ୩ ଘଣ୍ଟା ମଧ୍ୟରେ ପ୍ରତି ଶ୍ରେଣୀରେ ସେହି ସପ୍ତାହରେ ପଢ଼ାଯାଉଥିବା ପାଠ ସହିତ ସର୍ବନିମ୍ନ ଦକ୍ଷତାଗୁଡ଼ିକ ବିଷୟରେ ଆଲୋଚନା କରାଯାଉଛି । ଯେଉଁ ବିଦ୍ୟାଳୟରେ ୫ରୁ ଅଧିକ ଶିକ୍ଷକ ଅଛନ୍ତି ସେମାନେ ଶନିବାର ଦିନ ପୁନର୍ବଳନ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ବୁଧବାର ଦିନ ତୃତୀୟ ଓ ଚତୁର୍ଥ ପିରିୟଡରେ ପ୍ରତି ଶ୍ରେଣୀରେ ଧୀର ବେଗରେ ଶିଖୁଥିବା ପିଲାମାନଙ୍କୁ ଚୂଡାନ୍ତ ଆକଳନର ଫଳାଫଳ ଅନୁଯାୟୀ ଗୋଟିଏ ଶ୍ରେଣୀରେ ବସାଇ ପୁନର୍ବଳନ କାର୍ଯ୍ୟ କରିବାର ବ୍ୟବସ୍ଥା କରାଯାଇଛି ।

**ରାଜ୍ୟରେ ଶିଶୁମାନଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମକୁ ଓଡ଼ିଶା ସରକାର ୨୭ ସେପ୍ଟେମ୍ବର ୨୦୧୦ରୁ ପ୍ରଣୟନ କରିଛନ୍ତି । ଏହି ଅଧିନିୟମକୁ ପ୍ରଣୟନ କରିବାରେ ଓଡ଼ିଶା ଭାରତର ଦ୍ୱିତୀୟ ରାଜ୍ୟ ।**

ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆଞ୍ଚଳିକ ସାଧନକର୍ମୀ, ମଣ୍ଡଳ ସାଧନକର୍ମୀ, ଜିଲ୍ଲା ଶିକ୍ଷାଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ବ୍ଲକ ଶିକ୍ଷା ଅଧିକାରୀ ତଥା ରାଜ୍ୟର ଗଣଶିକ୍ଷା ବିଭାଗର ଅଧିକାରୀମାନଙ୍କ ଦ୍ୱାରା ତଦାରଖ କରାଯାଇ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି ।

ଚଳିତବର୍ଷ ରାଜ୍ୟ ସରକାରଙ୍କ ତରଫରୁ 'ସହଜ' ମାର୍ଗ ଦର୍ଶିକା ପ୍ରତ୍ୟେକ ଜିଲ୍ଲାକୁ ଯୋଗାଇ ଦିଆଯାଇଛି । ପ୍ରତି ବିଦ୍ୟାଳୟରେ ସମାପ୍ତିସୂଚକ ମୂଲ୍ୟାୟନ-୨ (Summative-II) ଓ ଗଠନ ମୂଳକ ମୂଲ୍ୟାୟନ-୧ (Formative-1)କୁ ତୁଳନା କରି ପିଲାମାନଙ୍କର ଶୈକ୍ଷିକ ଉନ୍ନତି କେତେ ପରିମାଣରେ ହେଲା, ତାହା ଅନୁଧ୍ୟାନ କରିବା ସହ ପିଲାମାନେ କିପରି ତାଙ୍କ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସର୍ବନିମ୍ନ ଦକ୍ଷତା ଗୁଡ଼ିକୁ ହାସଲ କରିବେ ସେଥିପାଇଁ ଯତ୍ନବାନ ହେବେ - ଏହି ସମ୍ବନ୍ଧରେ 'ସହଜ' ମାର୍ଗଦର୍ଶିକା ପୁସ୍ତକରେ (୨୦୧୫-୧୬) ବିସ୍ତୃତ ଭାବରେ ଆଲୋଚନା କରାଯାଇଛି ।

ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ 'ସହଜ' ଏକ ସମୟପୋଯୋଗୀ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ, ପ୍ରଧାନଶିକ୍ଷକ / ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ଆଞ୍ଚଳିକ ସାଧନକର୍ମୀ ତଥା ଜିଲ୍ଲାସ୍ତରର ଶିକ୍ଷା ଅଧିକାରୀ ଓ ରାଜ୍ୟ ସ୍ତରର ଶିକ୍ଷା ଅଧିକାରୀମାନଙ୍କ ଆନ୍ତରିକତା, କର୍ମ ତତ୍ପରତା ତଥା ମନୋନିବେଶ ଉପରେ ନିର୍ଭର କରେ । ଏହି କାର୍ଯ୍ୟକ୍ରମ ପ୍ରବର୍ତ୍ତନ ଫଳରେ ରାଜ୍ୟରେ ଧୀର ବେଗରେ ପଢୁଥିବା ପିଲାମାନଙ୍କର ବିଶେଷ ଉନ୍ନତି ହେବା ସଙ୍ଗେ ସଙ୍ଗେ ସମସ୍ତ ପିଲାମାନଙ୍କର ଶିକ୍ଷଣ ଉପଲବ୍ଧି ସ୍ତର ଆଶାନୁରୂପେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

ପେଡାଗୋଜି କୋଡିନେଟର, ସର୍ବଶିକ୍ଷା ଅଭିଯାନ, ଢେଙ୍କାନାଳ



Unfiled Notes Page 70

# ନାରୀଶିକ୍ଷା : ଦେଶ ଗଢ଼ିବାର ଅବ୍ୟର୍ଥ ଅସ୍ତ୍ର

■ ବାସୁଦେବ ସାହୁ

**ଜାତିସଂଘଦ୍ୱାରା ପ୍ରକାଶିତ ରିପୋର୍ଟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନଧାରଣର ରୁଚିପୂର୍ଣ୍ଣ ମାନ ଭିତ୍ତିରେ ମାନକ ବିକାଶ ସ୍ତର କ୍ଷେତ୍ରରେ ପୃଥିବୀର ୧୮୭ ଦେଶ ମଧ୍ୟରେ ଭାରତର ସ୍ଥାନ ୧୩୬ ଅଛି । ଶିକ୍ଷାସ୍ୱାସ୍ଥ୍ୟର ମାନ ଏବେ ମଧ୍ୟ ଆନ୍ତର୍ଜାତୀୟ କ୍ଷେତ୍ରରେ ଖୁବ୍ ତଳେ । ଏହାର କାରଣ ଆମ ଦେଶରେ ଅର୍ଥନୈତିକ, ସାମାଜିକ କ୍ଷେତ୍ରରେ ଥିବା ଅନେକ ପ୍ରତିବନ୍ଧକ ଦୂର ହୋଇପାରିନି । ନାରୀମାନଙ୍କ ବିକାଶ କ୍ଷେତ୍ରରେ ପ୍ରତିବନ୍ଧ ଅଧିକ ।**



ନାରୀଶିକ୍ଷା ଯେକୌଣସି ଦେଶର ସାମୂହିକ ଉନ୍ନତି ପାଇଁ ଏକାନ୍ତ ପ୍ରୟୋଜନ । ନାରୀଶିକ୍ଷାର ଆବଶ୍ୟକତା ଦର୍ଶାଇବାକୁ ଯାଇ ଚତୁର୍ଥ ଶିକ୍ଷା କମିସନ (୧୯୬୪-୬୬) ଉଲ୍ଲେଖ କରିଛନ୍ତି -

"ମାନବିକ ସମ୍ବଳର ପୂର୍ଣ୍ଣବିକାଶ, ପରିବାରର ଉନ୍ନତି ଓ ଶିଶୁମାନଙ୍କ ଚରିତ୍ର ଗଠନ ପାଇଁ ନାରୀ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଧୁନିକ ଜଗତରେ ନାରୀର ଭୂମିକା କେବଳ ଗୃହ ମଧ୍ୟରେ ସୀମିତ ନୁହେଁ, ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ ନାରୀ ପୁରୁଷ ସହ ସମାନ ଦାୟିତ୍ୱ ଗ୍ରହଣ କରୁଛି ଏବଂ ନିଜ ପାଇଁ ବାହ୍ୟ ଜଗତରେ ଏକ ଧନ୍ଦା ବାଛି ନେଉଛି । ଆମର ଶିକ୍ଷା ଏହି ଦିଗରେ ଗତିକରିବ ।" ଏହି ଦିଗରେ ଆମର ଶିକ୍ଷା ଏଯାବତ୍ ଗତି କରୁଛି ଏବଂ କରିବ ମଧ୍ୟ । ତେବେ ନାରୀ ଶିକ୍ଷା କ୍ଷେତ୍ରରେ ଅର୍ଥାତ୍ ପ୍ରାଥମିକ ସ୍ତରରୁ ଉଚ୍ଚ ବିଦ୍ୟାଳୟ ଶିକ୍ଷା ଶେଷ ପର୍ଯ୍ୟନ୍ତ ଶିକ୍ଷା କ୍ଷେତ୍ରରେ କେତେକ ସମସ୍ୟା ସମାଧାନ ସହ ଭବିଷ୍ୟତ ନିର୍ଦ୍ଧାରଣ ପାଇଁ ସୁଚିନ୍ତିତ ପଦକ୍ଷେପର ଆବଶ୍ୟକତା ରହିଛି ।

**ନାରୀଶିକ୍ଷାର ଅଗ୍ରଗତି :**

ଆମ ଦେଶରେ ସ୍ତ୍ରୀସାକ୍ଷରତା ୧୯୬୧ରେ ୧୫ ଶତାଂଶ ଥିଲା । ତାହା ବଢ଼ି ୧୯୯୧ରେ ୩୯ ଶତାଂଶରେ ପହଞ୍ଚିଥିଲା । ୨୦୧୧ରେ ତାହା ବଢ଼ି ୬୫ ପ୍ରତିଶତ ହେଲା । ମୋଟ ସାକ୍ଷରତା ହାର ୭୩ ପ୍ରତିଶତ ।

୧୯୬୦୬୧ରେ ୬ରୁ ୧୧ ବର୍ଷ ବୟସର ବାଳିକାଙ୍କ ମଧ୍ୟରୁ ଶତକଡ଼ା ୩୯ ଭାଗ ସ୍କୁଲ୍‌ରେ ନାମ ଲେଖାଇଥିଲେ । ତାହା ବଢ଼ି ୧୯୮୩-୮୪ରେ ୭୧ ଶତାଂଶ ହୋଇଥିଲା । ୨୦୧୨/୧୩ ବେଳକୁ ୯୩ ପ୍ରତିଶତ ହୋଇଥିଲା ।

୧୯୬୦-୬୧ରେ ବାଳିକା ହାଇସ୍କୁଲ ମାତ୍ର ୩୪ଟି ଥିଲା । ୧୯୮୩-୮୪ ବେଳକୁ ତାହା ୨୯୨ ହୋଇଥିଲା । ୨୦୧୨-୧୩ରେ ମୋଟ ୯୩୫୦ ହାଇସ୍କୁଲ୍ ମଧ୍ୟରୁ ବାଳିକା ହାଇସ୍କୁଲ ୮୫୬ ଥିଲା । ୧୯୭୮-୭୯ରେ ଆମ ରାଜ୍ୟରେ ୧୪-୧୭ ବର୍ଷର ଝିଅଙ୍କ ମଧ୍ୟରୁ ମାତ୍ର ୮ ଭାଗ ସ୍କୁଲ୍‌କୁ ଯାଉଥିଲେ । ପ୍ରାଥମିକ ସ୍କୁଲ୍‌ରେ ୨୦୦୨-୦୩ରେ ୨୪ ଲକ୍ଷ ପଢୁଥିବା ସ୍ଥଳେ ୨୦୧୨-୧୩ରେ ୩୧ ଲକ୍ଷ ପଢୁଥିଲେ ।



Unfiled Notes Page 71



ପୁଅ ଝିଅ ମିଶି ୬୪ ଲକ୍ଷ ଥିଲା । ଏଥିରୁ ସ୍ପଷ୍ଟ ହୁଏ , ପ୍ରାୟ ସମାନ ସଂଖ୍ୟକ ପୁଅଝିଅ ଏବେ ପ୍ରାଥମିକ ସ୍ତରରେ ପାଠ ପଢୁଛନ୍ତି । ଓଡ଼ିଶାରେ ୧୧୭୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବର୍ତ୍ତମାନ ଅଛି । ୧୯୪୭ରେ ମାତ୍ର ୧୨ଟି କଲେଜ ଥିଲା । ୨୦୧୩ରେ ୯୭ଟି ସରକାରୀ କଲେଜ, ୫୮୩ଟି ସରକାରୀ ସାହାଯ୍ୟ ପ୍ରାପ୍ତ କଲେଜ, ୨୦୦ଟି ବ୍ଲକ୍ ଗ୍ରାଣ୍ଟ କଲେଜ ଓ ୧୦୦୧ଟି ବେସରକାରୀ ଅଣସାହାଯ୍ୟପ୍ରାପ୍ତ କଲେଜ ଅଛି । ବି.ଏ., ଏମ୍.ଏ. ପଢ଼ା ହେଉଥିବା ଶିକ୍ଷାନୁଷ୍ଠାନ ଅର୍ଥାତ୍ କଲେଜର ମୋଟ ସଂଖ୍ୟା ହେଉଛି ୧୯୬୮ । ୧୯୪୭ରେ ଗୋଟିଏ ବିଶ୍ୱବିଦ୍ୟାଳୟ ଥିଲା । ସମ୍ପ୍ରତି ବିଶ୍ୱବିଦ୍ୟାଳୟ ସଂଖ୍ୟା। ୧୨ ।

ଇଞ୍ଜିନିୟରିଂ ସ୍କୁଲ୍ ସଂଖ୍ୟା। ୯୨ (ସରକାରୀ ୧୩ଟି) । ଓଡ଼ିଶାରେ ସରକାରୀ ଇଞ୍ଜିନିୟରିଂ କଲେଜ ୮ଟି, ଘରୋଇ ଇଞ୍ଜିନିୟରିଂ କଲେଜ ୧୪୧ଟି, ଏମ୍.ବି.ଏ. ସରକାରୀ କଲେଜ ୭ଟି, ଘରୋଇ ଏମ୍‌ବିଏ କଲେଜ୍ ୭୭ଟି ଅଛି । ୬୩୫ଟି ଆଇଟିଆଇ, ଆଇଟିଟିସି ଅନୁଷ୍ଠାନ ଅଛି । ଏସବୁ ଟେକ୍ନିକାଲ ସ୍କୁଲ, କଲେଜ ଓ ମେନେଜମେଣ୍ଟ ପ୍ରତିଷ୍ଠାନରେ ପ୍ରତ୍ୟେକ ବର୍ଷ ପ୍ରାୟ ଲକ୍ଷାଧିକ ପୁଅଝିଅ ନାମ ଲେଖାଉଛନ୍ତି । ସେହିଭଳି ମେଡିକାଲ କଲେଜରେ ପ୍ରତିବର୍ଷ ପ୍ରାୟ ୧୦୦୦ ପିଲା ନାମ ଲେଖାଉଛନ୍ତି । ଏହା ବ୍ୟତୀତ ଫର୍ମାସି ଓ ନର୍ସିଙ୍ଗ୍‌ରେ ପ୍ରାୟ ଅଢ଼େଇ ହଜାର ପିଲା ପଢୁଛନ୍ତି । ଏମାନଙ୍କ ମଧ୍ୟରୁ ଅର୍ଦ୍ଧେକ ହେବେ ବାଳିକା । ତେଣୁ ୧୯୯୧ ପରଠାରୁ ଜଗତୀକରଣ, ଉଦାରୀକରଣ ପରେ କଲେଜ ଓ ଛାତ୍ରଛାତ୍ରୀ ସଂଖ୍ୟା ଦ୍ରୁତ ବଢ଼ିଯାଇଛି । ବିଦ୍ୟାଳୟ ଓ କଲେଜ ସ୍ତରରେ ଛାତ୍ରଛାତ୍ରୀ ସଂଖ୍ୟା ଆଶାତୀତ ଭାବେ ବଢ଼ିଥିଲେହେଁ ଶିକ୍ଷାର ଗୁଣାତ୍ମମାନ ଆଶାନୁରୂପ ବୃଦ୍ଧି ପାଇ ନାହିଁ । ବିଭିନ୍ନ ବିଷୟରେ ଉଚ୍ଚଶିକ୍ଷା ପ୍ରାପ୍ତ ଛାତ୍ରଛାତ୍ରୀ କର୍ମକୁଶଳତା ବା ପ୍ରକୃତ ଯୋଗ୍ୟତା ଅଭାବ ଯୋଗୁଁ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ଓ ଶାସନ, ପରିଚାଳନା କ୍ଷେତ୍ରରେ ନିଯୁକ୍ତି ପାଇ ପାରୁନାହାନ୍ତି । ଆମ ଅର୍ଥନୀତିର ବିକାଶ ଏପରି ହୋଇଛି ଏବଂ ବିଦେଶୀ କମ୍ପାନୀଙ୍କ ନିଯୁକ୍ତିର ମାନକ ଏପରି ହୋଇଛି ଯେ, ସାଧାରଣ ଭାବରେ ପାଶ୍ କରିଥିବା ବାଳକ ବାଳିକା ନିଯୁକ୍ତି ପାଇପାରୁ ନାହାନ୍ତି । ଉତ୍ପାଦନ ପ୍ରଣାଳୀ ଏତେ ଯାନ୍ତ୍ରିକ ଓ ଉଚ୍ଚ ପ୍ରଯୁକ୍ତିବିଦ୍ୟାଭିତ୍ତିକ ହୋଇଛି ଯେ, କମ୍ ନିଯୁକ୍ତିରେ ପ୍ରଚୁର ଉତ୍ପାଦନ କରାଯାଉଛି । ଆମର ମୋଟ ଜାତୀୟ ଆୟର ଅଭିବୃଦ୍ଧି ହାର ଚୀନ୍, ଦକ୍ଷିଣ କୋରିଆ ଓ ବ୍ରାଜିଲକୁ ଛାଡ଼ି ଦେଲେ ଅନ୍ୟ ଦେଶଠାରୁ ଉଚ୍ଚତର (୭-୯ ପ୍ରତିଶତ) । ଅନଗ୍ରସର ଓଡ଼ିଶା ରାଜ୍ୟରେ ଅଳ୍ପ କେତେ ବର୍ଷ ହେଲା ବାର୍ଷିକ ଅଭିବୃଦ୍ଧି ହାର ବେଶ୍ ପ୍ରଶଂସନୀୟ ଯାହା ୭ ପ୍ରତିଶତରୁ ଅଧିକ । ତଥାପି ଛାତ୍ରଛାତ୍ରୀମାନେ ଜ୍ଞାନ ଅର୍ଜନ କଲାପରେ ନିଯୁକ୍ତି ନ ପାଇବାରୁ ହତାଶ ହେଉଛନ୍ତି । ବାଳିକାମାନେ ଅଧିକାଂଶ କ୍ଷେତ୍ରରେ ବାଳକମାନଙ୍କଠାରୁ ପରୀକ୍ଷାରେ ଅଧିକ ଭଲ କରିଛନ୍ତି । ତଥାପି ବହୁ ସଂଖ୍ୟକ ଯୁବତୀ ବେକାର ଅଛନ୍ତି । ଓଡ଼ିଶା ଅର୍ଥନୀତିର ପରିବେଶ ଓ ଓଡ଼ିଆ ପିଲାର ବ୍ୟବସାୟୀ ଓ ଉଦ୍ୟୋଗୀ ମନୋବୃତ୍ତିର ଅଭାବ ଯୋଗୁଁ ଆତ୍ମନିଯୁକ୍ତି ମଧ୍ୟ ଆଶାନୁରୂପ ବଢୁ ନାହିଁ । ଉପଯୁକ୍ତ ବୟସସୀମା ମଧ୍ୟରେ ଥିବା ବାଳକ ବାଳିକାଙ୍କ ମଧ୍ୟରୁ ୧୯୮୩-୮୪ରେ ଉଚ୍ଚ ମାଧ୍ୟମିକ ଓ କଲେଜ ଶିକ୍ଷାରେ ଯଥାକ୍ରମେ ୨୨ ଶତାଂଶ ଓ ୨.୬ ଶତାଂଶ ପାଠ ପଢୁଥିଲେ । ଏବେ ଅବଶ୍ୟ ଏହି ଅନୁପାତ ବଢ଼ିଛି । ଭାରତରେ ୨୦୨୦ ବେଳକୁ ଲୋକସଂଖ୍ୟାର ହାରାହାରି ବୟସ ୨୯ ହେବ । ଚୀନରେ ୩୭ ହେବ । ଭାରତ

**ପାଠପଢ଼ା ପରେ ନିଶ୍ଚିତ ନିଯୁକ୍ତି ସୁଯୋଗ ଆମ ରାଜ୍ୟରେ ଖୁବ୍ କମ୍ । କେତେକ କ୍ଷେତ୍ରରେ ଘରୋଇ ଶିଳ୍ପ ଓ ବ୍ୟବସାୟ ମାଲିକ ପୁରୁଷ ପିଲାଙ୍କଠାରୁ ଝିଅ ପିଲା କମ୍ ପରିଶ୍ରମୀ ଭାବି ଉପଯୁକ୍ତ ଜ୍ଞାନ ଥିଲେବି ଝିଅଙ୍କଠାରୁ ପୁଅଙ୍କୁ ଅଧିକ ପସନ୍ଦ କରନ୍ତି । ପ୍ରାର୍ଥୀର ସାଧୁତା ଓ ମନଯୋଗିତା ବୁଝନ୍ତି ନାହିଁ ।**



ହେବ ସର୍ବପ୍ରଧାନ ଯୁବାଜନଦେଶ । ତେଣୁ ବାଳକ ବାଳିକା ସଂଖ୍ୟା ବହୁତ ହେବ । ଏମାନଙ୍କୁ ଶିକ୍ଷା ଯୋଗାଇବା ଏକ ଆହ୍ୱାନ ।

ଜାତିସଂଘଦ୍ୱାରା ପ୍ରକାଶିତ ରିପୋର୍ଟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନଧାରଣର ରୁଚିପୂର୍ଣ୍ଣ ମାନ ଭିତ୍ତିରେ ମାନକ ବିକାଶ ସ୍ତର କ୍ଷେତ୍ରରେ ପୃଥିବୀର ୧୮୭ ଦେଶ ମଧ୍ୟରେ ଭାରତର ସ୍ଥାନ ୧୩୬ ଅଛି । ଶିକ୍ଷାସ୍ୱାସ୍ଥ୍ୟର ମାନ ଏବେ ମଧ୍ୟ ଆନ୍ତର୍ଜାତୀୟ କ୍ଷେତ୍ରରେ ଖୁବ୍ ତଳେ । ଏହାର କାରଣ ଆମ ଦେଶରେ ଅର୍ଥନୈତିକ, ସାମାଜିକ କ୍ଷେତ୍ରରେ ଥିବା ଅନେକ ପ୍ରତିବନ୍ଧକ ଦୂର ହୋଇପାରିନି । ନାରୀମାନଙ୍କ ବିକାଶ କ୍ଷେତ୍ରରେ ପ୍ରତିବନ୍ଧ ଅଧିକ ।

(୧) ପ୍ରଥମ ପ୍ରତିବନ୍ଧକ ହେଉଛି ଅଭାବୀ ଘରର ପୁଅଝିଅମାନେ ଘର ଓ ଘର ବାହାର କାମରେ ବାପମାଆଙ୍କୁ ସାହାଯ୍ୟ କରୁଥିବାରୁ ୧୦ ବର୍ଷ ପରେ ପଢ଼ା ଛାଡ଼ିଦେଉଛନ୍ତି । ତେଣୁ ପାଠପଢ଼ା ଛଡ଼ାହାର ଅଧିକ । ନିମ୍ନ ପ୍ରାଥମିକ ପଢ଼ା ବନ୍ଦ ହାର ୩ ପ୍ରତିଶତ ଥିଲାବେଳେ ହାଇସ୍କୁଲ୍‌ରେ ପୁଅ କ୍ଷେତ୍ରରେ ୨୧ ପ୍ରତିଶତ ଓ ଝିଅ କ୍ଷେତ୍ରରେ ୧୬ ପ୍ରତିଶତ ।

(୨) ଅଳ୍ପ ବୟସରେ ଝିଅମାନଙ୍କୁ ବିବାହ କରିଦେବା ବାଳିକା ଶିକ୍ଷାରେ ବାଧକ ହେଉଛି ।

(୩) ପାଠ୍ୟବିଷୟ ଚୟନ କରିବା ପାଇଁ ପିଲାଙ୍କ ନିକଟରେ ସାଧାରଣ କଲେଜ ବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶେଷ ସୁଯୋଗ ନ ଥାଏ ।

(୪) ପାଠପଢ଼ା ପରେ ନିଶ୍ଚିତ ନିଯୁକ୍ତି ସୁଯୋଗ ଆମ ରାଜ୍ୟରେ ଖୁବ୍ କମ୍ । କେତେକ କ୍ଷେତ୍ରରେ ଘରୋଇ ଶିଳ୍ପ ଓ ବ୍ୟବସାୟ ମାଲିକ ପୁରୁଷ ପିଲାଙ୍କଠାରୁ ଝିଅ ପିଲା କମ୍ ପରିଶ୍ରମୀ ଭାବି ଉପଯୁକ୍ତ ଜ୍ଞାନ ଥିଲେବି ଝିଅଙ୍କଠାରୁ ପୁଅଙ୍କୁ ଅଧିକ ପସନ୍ଦ କରନ୍ତି । ପ୍ରାର୍ଥୀର ସାଧୁତା ଓ ମନଯୋଗିତା ବୁଝନ୍ତି ନାହିଁ ।

(୫) ଘରୋଇ କରଣ ପରେ ଉଚ୍ଚ ବୈଷୟିକ ଓ କାରିଗରୀ ଶିକ୍ଷା ଏତେ ବ୍ୟୟବହୁଳ ହୋଇଗଲାଣି ଯେ ମଧ୍ୟବିତ୍ତ ପରିବାରର ମଧ୍ୟମ ସ୍ତର ମେଧା ଝିଅକୁ ଘରୋଇ ପ୍ରତିଷ୍ଠାନରେ ପଢ଼ାଇବାକୁ ଚାହାନ୍ତି ନାହିଁ । ବାଳିକା ଓ ଯୁବତୀମାନଙ୍କୁ ପ୍ରୋତ୍ସାହନ ଓ ସାହାଯ୍ୟ ଦେବାକୁ ପର୍ଯ୍ୟାପ୍ତ ବ୍ୟବସ୍ଥା ହୋଇନି ।

ଏ ସମସ୍ତ ଅସୁବିଧା ଦୂର କଲେ ବାଳିକାମାନେ ଉଚ୍ଚ ମାଧ୍ୟମିକ କଲେଜ ଓ ଇଞ୍ଜିନିୟରିଂ ଆଦି ଅନୁଷ୍ଠାନରେ ଅଧିକ ସଂଖ୍ୟକ ପଢ଼ିବେ । ସେଥିପାଇଁ ସରକାରଙ୍କୁ ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ସାହାଯ୍ୟ ଓ ଉତ୍ସାହ ଦେବାକୁ ପଡ଼ିବ ।

ସମାଜର ଦୃଷ୍ଟିକୋଣ ଓ ମନୋବୃତ୍ତି ଝିଅମାନଙ୍କ ପ୍ରତି ପ୍ରଗତିଶୀଳ ଓ ସମ୍ବେଦନଶୀଳ ହେବା ଉଚିତ ।

ଝିଅମାନଙ୍କର କେତେକ କ୍ଷେତ୍ରରେ ଅନ୍ତର୍ନିହିତ ଶକ୍ତି ଅଧିକ ଯଥା, ସଙ୍ଗୀତ, ନୃତ୍ୟ, ନାଟକ ଓ ଚିତ୍ରକଳା, ସ୍ଥାପତ୍ୟ ସମାଜସେବା, ଲୋକସମ୍ପର୍କ ଓ ପର୍ଯ୍ୟଟନ । ଶିକ୍ଷାନୁଷ୍ଠାନ ମାନଙ୍କରେ ଏ ସମ୍ପର୍କିତ ପାଠ୍ୟକ୍ରମର ବିସ୍ତାର ଓ ଏଥିପାଇଁ ସ୍ୱତନ୍ତ୍ର ଅନୁଷ୍ଠାନ ସ୍ଥାପନ ପୂର୍ବକ ଝିଅମାନଙ୍କ ପାଇଁ ଶିକ୍ଷାବୃତ୍ତିର ବ୍ୟବସ୍ଥା କରିବା ଉଚିତ ।

**ନାରୀ ଶିକ୍ଷା କ୍ଷେତ୍ରରେ ଅର୍ଥାତ୍ ପ୍ରାଥମିକ ସ୍ତରରୁ ଉଚ୍ଚ ବିଦ୍ୟାଳୟ ଶିକ୍ଷା ଶେଷ ପର୍ଯ୍ୟନ୍ତ ଶିକ୍ଷା କ୍ଷେତ୍ରରେ କେତେକ ସମସ୍ୟା ସମାଧାନ ସହ ଭବିଷ୍ୟତ ନିର୍ଦ୍ଧାରଣ ପାଇଁ ସୁଚିନ୍ତିତ ପଦକ୍ଷେପର ଆବଶ୍ୟକତା ରହିଛି ।**

ଲେଖକ ଜଣେ ଶିକ୍ଷାବିତ୍ ଓ ସ୍ତମ୍ଭକାର ।



Unfiled Notes Page 73

# ଆପଣ ଜାଣିଛନ୍ତି କି ?

ସମସ୍ତଙ୍କ ପାଇଁ ଶିକ୍ଷା (EFA) ଏବଂ ଶିକ୍ଷାବିକାଶ ସୂଚକାଙ୍କ (EDI) ଏକ ସମନ୍ୱିତ ସୂଚକାଙ୍କ। UNESCO ଦ୍ୱାରା ପ୍ରତିବର୍ଷ ପ୍ରକାଶିତ ହେଉଥିବା ଏହି ସୂଚକାଙ୍କ ମାଧ୍ୟମରେ ବାଳକ, ବାଳିକା ଓ ବୟସ୍କଙ୍କ ପାଇଁ ସର୍ବନିମ୍ନ ଶିକ୍ଷା ସମ୍ପର୍କରେ ଆକଳନ କରାଯାଏ। ସମସ୍ତଙ୍କ ପାଇଁ ଶିକ୍ଷା (EFA) ପାଇଁ ନିର୍ଦ୍ଧାରିତ ୬ଟି ଲକ୍ଷ ମଧ୍ୟରୁ, ଶିକ୍ଷା ବିକାଶ ସୂଚକାଙ୍କ (EDI) ପାଇଁ ୪ଟି ଲକ୍ଷ ରହିଛି। ସେଗୁଡ଼ିକ ହେଉଛି, (୧) ସାର୍ବଜନୀନ ପ୍ରାଥମିକ ଶିକ୍ଷା (UPE), (୨) ପ୍ରୌଢ଼ ସାକ୍ଷରତା, (୩) ଗୁଣାତ୍ମକ ଶିକ୍ଷା ଏବଂ (୪) ଲିଙ୍ଗଗତ ସମତୁଲତା। ସାମଗ୍ରିକ ସୂଚକାଙ୍କରେ ଏହି ଚାରୋଟିଯାକ ଲକ୍ଷ୍ୟ ଉପରେ ସାମନ ଗୁରୁତ୍ୱ ଦିଆଯାଏ।

ପ୍ରତ୍ୟେକ ଲକ୍ଷ ପାଇଁ ପୁଣି ଗୋଟିଏ ଲେଖାଏଁ ଛଦ୍ମ (Proxy) ପରିମାପକ ଥାଏ। ସାର୍ବଜନୀନ ପ୍ରାଥମିକ ଶିକ୍ଷା ପାଇଁ, ଏକ ପରିମାପକ ହେଉଛି Adjusted Net Enrolment Ratio ବା ANER । ଏହା ଦ୍ୱାରା ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇଥିବା ପ୍ରାଥମିକ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଜଣାପଡ଼େ। ଏହି ବ୍ୟବସ୍ଥାରେ ୦ରୁ ୧୦୦ ପର୍ଯ୍ୟନ୍ତ ମୂଲ୍ୟାଙ୍କନ ହୋଇଥାଏ। ଶତପ୍ରତିଶତ ANER ଅର୍ଥ, ସମସ୍ତ ଯୋଗ୍ୟ ପିଲା ବିଦ୍ୟାଳୟରେ ନାମ ଲେଖାଇଛନ୍ତି।

ପ୍ରୌଢ଼ ସାକ୍ଷରତା ପାଇଁ ୧୫ବର୍ଷ କିମ୍ବା ତଦୁର୍ଦ୍ଧ ବୟସ୍କ ବ୍ୟକ୍ତିଙ୍କ ସାକ୍ଷରତାକୁ ଏକ ପ୍ରକ୍ସି ଭାବେ ବ୍ୟବହାର କରାଯାଏ। ସେହିଭଳି ଗୁଣାତ୍ମକ ଶିକ୍ଷା ପାଇଁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପହଞ୍ଚି ପାରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟାକୁ ଏକ ପରିମାପକ ଭାବେ ବ୍ୟବହାର କରାଯାଏ। ଶେଷରେ, ଲିଙ୍ଗଗତ ସମତୁଲତା ମାପିବା ପାଇଁ, ପ୍ରାଥମିକ, ମାଧ୍ୟମିକ ଓ ପ୍ରୌଢ଼ ଶିକ୍ଷା କ୍ଷେତ୍ରରୁ ଏକ ହାରାହାରି ହିସାବ ପ୍ରସ୍ତୁତ କରାଯାଏ।

ଶିକ୍ଷା ବିକାଶ ସୂଚକାଙ୍କ (EDI) କୁ ୦ରୁ ୧୦୦ ମଧ୍ୟରେ ଏକ ପ୍ରତିଶତ ହିସାବରେ ବ୍ୟକ୍ତ କରାଯାଏ। ଅନୁପାତ ଆକାରରେ ଏହାକୁ ୦ରୁ ୧ ମଧ୍ୟରେ ବ୍ୟକ୍ତ କରାଯାଏ। ତେଣୁ, କୌଣସି ଦେଶର EDI ହେଉଛି ଏହି ଚାରୋଟି ଛଦ୍ମ ପରିମାପକ ଗୁଡ଼ିକର ଏକ ଗାଣିତିକ ହାରାହାରି ହିସାବ। ଯେଉଁ ଦେଶର EDI ଯେତେ ଅଧିକ, ସେହି ଦେଶ, ସମସ୍ତଙ୍କ ପାଇଁ ଶିକ୍ଷା (UPE) ର ସେତିକି ନିକଟତର ବୋଲି ବିବେଚନା କରାଯାଏ।

# ସାରାଂଶ

'ସାରାଂଶ' ହେଉଛି ଏଭଳି ଏକ ଅନ୍-ଲାଇନ୍ ପ୍ଲାଟଫର୍ମ, ଯେଉଁଠାରେ, ବିଦ୍ୟାର୍ଥୀଙ୍କର କାର୍ଯ୍ୟଦକ୍ଷତା ଓ ପ୍ରଗତିର ସମୀକ୍ଷା କରାଯାଏ। ଏହି ଡିଜିଟାଲ ପୋର୍ଟାଲ ମାଧ୍ୟମରେ, ଶିକ୍ଷକ ଓ ଅଭିଭାବକମାନେ ପରସ୍ପର ସହିତ ଆଲୋଚନା କରିଥାନ୍ତି। ବିଦ୍ୟାର୍ଥୀଙ୍କ ନିର୍ଦ୍ଦିଷ୍ଟ ତଥ୍ୟ ଆଧାରରେ ହୋଇଥିବା ଏହି ଆଲୋଚନା ଦ୍ୱାରା, ଅଭିଭାବକମାନେ ସେମାନଙ୍କ ସନ୍ତାନମାନଙ୍କ ଶିକ୍ଷା-ସମ୍ବନ୍ଧୀୟ ଦକ୍ଷତା ଓ ଦୁର୍ବଳତା ଚିହ୍ନଟ କରିବାକୁ ସମର୍ଥ ହୁଅନ୍ତି। ଏହାଦ୍ୱାରା, ସେମାନଙ୍କ ଭବିଷ୍ୟତ ପାଇଁ ଅଭିଭାବକମାନେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ସୁଯୋଗ ପାଆନ୍ତି।

ଡିଜିଟାଲ ଭାରତ କାର୍ଯ୍ୟକ୍ରମ ଅଧୀନରେ, କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟ ଦ୍ୱାରା ଏହି ଯୋଜନା ନିକଟ ଅତୀତରେ ଆରମ୍ଭ ହୋଇଛି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ, CBSE ସହ ଅନୁବନ୍ଧିତ ବିଦ୍ୟାଳୟ ଗୁଡ଼ିକରେ ସୂଚନା ପ୍ରଯୁକ୍ତି ବିଦ୍ୟା ଜରିଆରେ ସ୍ୱଚ୍ଛତା ଆଣିବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହି ପ୍ଲାଟଫର୍ମ ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତା ଏବଂ ଛାତ୍ରଛାତ୍ରୀଙ୍କ ଶ୍ରେଣୀ-ଉପସ୍ଥାନ ସମ୍ପର୍କରେ ମଧ୍ୟ ଅଭିଭାବକ ମାନଙ୍କୁ ଅବଗତ କରାଯାଏ। ପ୍ରତ୍ୟେକଶ୍ରେଣୀ ଏବଂ ବିଷୟ ପାଇଁ e-book ମଧ୍ୟ ଏହା ମାଧ୍ୟମରେ ଉପଲବ୍ଧ। ଏହାଦ୍ୱାରା, ଶିକ୍ଷକ/ଶିକ୍ଷୟତ୍ରୀମାନେ ଛାତ୍ର/ଛାତ୍ରୀଙ୍କ ବିଭିନ୍ନ ଦୁର୍ବଳତା ଦୂର କରିବାକୁ ସକ୍ଷମ ହୋଇପାରିବେ। ଏହି ପୋର୍ଟାଲରେ ସମସ୍ତ ବିଦ୍ୟାଳୟର ଗତ ତିନିବର୍ଷର ତଥ୍ୟ ରହିଛି। ଏହାଦ୍ୱାରା, ଛାତ୍ରଛାତ୍ରୀଙ୍କ ଶିକ୍ଷା ସମ୍ପର୍କିତ ବିଷୟ ଉପରେ ବର୍ଷକୁ ବର୍ଷ ତୁଳନାତ୍ମକ ଅଧ୍ୟୟନ ମଧ୍ୟ କରାଯାଇପାରିବ।

# ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଗବେଷଣା

ପ୍ରଯୁକ୍ତି ବିଦ୍ୟା ଓ ଯାନ୍ତ୍ରିକ କ୍ଷେତ୍ରରେ ବିଭିନ୍ନ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ IIT ଏବଂ IISc ମିଳିତଭାବେ "IMPRINT India" ନାମକ ଏକ ପାଠ୍ୟକ୍ରମ ଆରମ୍ଭ କରିଛନ୍ତି। ଦଶଟି କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ଗବେଷଣା ସକାଶେ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ହେଉଛି ଏହାର ଲକ୍ଷ୍ୟ।

ଏହି ପ୍ରୟାସର ଉଦ୍ଦେଶ୍ୟଗୁଡ଼ିକ ହେଉଛି :- (୧) ସାମାଜିକ ଦୃଷ୍ଟିକୋଣରୁ ବିଭିନ୍ନ କ୍ଷେତ୍ର ଚିହ୍ନଟିକରଣ (୨)ଚିହ୍ନଟ ହୋଇଥିବା କ୍ଷେତ୍ର ଗୁଡ଼ିକରେ ସିଧାସଳଖ ବୈଜ୍ଞାନିକ ଅନୁସନ୍ଧାନ, (୩) ଏପରି ଗବେଷଣା ପାଇଁ ଆର୍ଥିକ ସହାୟତା ଏବଂ (୪) ସହରୀ ଓ ଗ୍ରାମୀଣ ଅଞ୍ଚଳର ଜୀବନ-ଜୀବିକା ଉପରେ ଗବେଷଣା ଲବ୍ଧ ଫଳାଫଳର ପ୍ରଭାବ ଆକଳନ।

ମୋଟାମୋଟି ଭାବେ Imprint India ଦ୍ୱାରା ୧୦ଟି କ୍ଷେତ୍ର ଉପରେ ଧ୍ୟାନ ଦିଆଯିବ। ପ୍ରତ୍ୟେକ କ୍ଷେତ୍ର ପାଇଁ ନିମ୍ନ ମତେ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଦାୟିତ୍ୱ ଦିଆଯାଇଛି।

| | |
|---|---|
| (କ) ସ୍ୱାସ୍ଥ୍ୟ ସେବା : | IIT ଖଡ଼ଗପୁର |
| (ଖ) କମ୍ପ୍ୟୁଟର ବିଜ୍ଞାନ ଓ ସୂଚନା ପ୍ରଯୁକ୍ତି ବିଦ୍ୟା : | IIT ଖଡ଼ଗପୁର |
| (ଗ) ପ୍ରଗତିଶୀଳ ସାମଗ୍ରୀ : | IIT କାନ୍‌ପୁର |
| (ଘ) ଜଳସମ୍ପଦ ଓ ନଦୀ : | IIT କାନ୍‌ପୁର |
| (ଙ) ଧାରଣକ୍ଷମ ସହରୀ ଢାଞ୍ଚା : | IIT ରୁର୍‌କି |
| (ଚ) ପ୍ରତିରକ୍ଷା : | IIT ମାଡ୍ରାସ |
| (ଛ) ବିନିର୍ମାଣ : | IIT ମାଡ୍ରାସ୍ |
| (ଜ) ନାନୋ ଟେକ୍‌ନୋଲୋଜି ହାର୍ଡୱାର : | IIT ବମ୍ବେ |
| (ଝ) ପରିବେଶ ବିଜ୍ଞାନ ଓ ଜଳବାୟୁ ପରିବହନ : | IISc ବାଙ୍ଗାଲୋର ଏବଂ |
| (ଞ) ଶକ୍ତି ସୁରକ୍ଷା : | IIT ବମ୍ବେ |

# ନୂତନ ପୋଲିଓ ଟୀକା

ସମଗ୍ର ବିଶ୍ୱରୁ ପୋଲିଓକୁ ମୂଳପୋଛ କରିବା ପାଇଁ ଉଦ୍ଦିଷ୍ଟ ରଣନୀତି ଅଧୀନରେ ନିଜର ପ୍ରତିବଦ୍ଧତା ସ୍ୱରୂପ, ଭାରତ ଏକ ନୂତନ ପୋଲିଓ ଟୀକା ଉପଲବ୍ଧ କରାଇଛି। Injectible Inactivated Polio Vaccine ବା IPV ଇଞ୍ଜେକ୍ସନ ଦ୍ୱାରା ଦିଆଯାଏ। ତେଣୁ ଖାଇବା ପୋଲିଓ ଟୀକା ସହିତ, IPV ଜରିଆରେ ପିଲାମାନଙ୍କୁ ପୋଲିଓରୁ ମୁକ୍ତ ରଖିବାପାଇଁ ଦୁଇସ୍ତରର ସୁରକ୍ଷା ପ୍ରଦାନ କରାଯାଇପାରିବ। ଏହାଦ୍ୱାରା ଦେଶ ସମ୍ପୂର୍ଣ୍ଣ ପୋଲିଓ-ମୁକ୍ତ ହେବାର ସୁ'ଳ ପାଇବ। ପ୍ରଥମ ପର୍ଯ୍ୟାୟରେ ଆସାମ, ଗୁଜୁରାଟ, ପଞ୍ଜାବ, ବିହାର, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶ ଭଳି ୬ଟି ରାଜ୍ୟରେ ଏହି ଟୀକାକରଣ ହେବ। ଏକବର୍ଷରୁ କମ୍ ବୟସ୍କ ପିଲାମାନଙ୍କୁ ଏହି IPV ଇଞ୍ଜେକ୍ସନ ଦିଆଯିବାକୁ ଥିବାବେଳେ, ଖାଇବା ପୋଲିଓ ଟୀକାର ତୃତୀୟ ପାନ, ଚିରାଚରିତ ଟୀକାକରଣ କାର୍ଯ୍ୟକ୍ରମ ମାଧ୍ୟମରେ ମାଗଣାରେ ଦିଆଯିବ।

YOJANA (Odia) : Monthly January 2016 RNI No. 57203/93
ISSN 0971-8346 Total Number of Pages (74) ₹ 20.00 Annual Subscription : Rupees One Hundred Only

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

### ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

### "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ - ୧୦ ଟଙ୍କା, ବାର୍ଷିକ - ୧୦୦ ଟଙ୍କା, ଦ୍ୱିବାର୍ଷିକ - ୧୮୦ ଟଙ୍କା, ତ୍ରୈବାର୍ଷିକ - ୨୫୦ ଟଙ୍କା, ପଡୋଶୀ ଦେଶ : ବାର୍ଷିକ - ୫୩୦ ଟଙ୍କା, ଇଉରୋପ ଓ ଅନ୍ୟାନ୍ୟ ଦେଶ : ବାର୍ଷିକ - ୭୩୦ ଟଙ୍କା ।

### ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Additional Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at: J K Offset Printers (P) Ltd, B-278, Okhla Phase -I, New Delhi -110020
Editor : Dr Girish Chandra Dash